RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-36 WEDNESDAY 30 JULY 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୩୬ ବୁଧବାର ୩୦ ଜୁଲାଇ ୨୦୨୫ ପୃଷ୍ଠା-୧୨ ଟ.୬.୦୦




ରୋମାନିଆରେ ଫୁଟବଲ୍ ଖେଳିବେ ହର୍ଷିକା

ପୃଷ୍ଠା ୧୨ ଦେଖନ୍ତୁ...

# ପହିଲାରୁ ୨୦୦ ଦେଶକୁ 'ଟ୍ରମ୍ପ ଶୁଳ୍କ'

■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅଗଷ୍ଟ ପହିଲାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ପ୍ରାୟ ୨୦୦ ଦେଶ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି । ସେହି ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛନ୍ତି ଯେଉଁମାନଙ୍କର ଆମେରିକା ସହିତ ପୃଥକ ବାଣିଜ୍ୟ ଚୁକ୍ତି ନାହିଁ। ଏପରି ଦେଶଗୁଡ଼ିକ ଉପରେ ୧୫ରୁ ୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଯୋଜନା ରହିଛି । ଆମେରିକା ସହ ପୃଥକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ନ କରୁଥିବା ଅଧିକାଂଶ ବାଣିଜ୍ୟିକ ଅଂଶୀଦାରଙ୍କୁ ଶୀଘ୍ର ଆମେରିକାକୁ ରପ୍ତାନି ଉପରେ ୧୫%ରୁ ୨୦% ଶୁଳ୍କ ଲାଗୁ କରାଯିବ । ଏହା



ଏପ୍ରିଲରେ ଟ୍ରମ୍ପ୍ ଲଗାଇଥିବା ୧୦% ଶୁଳ୍କ ଅପେକ୍ଷା ବହୁତ ଅଧିକ । ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ପ୍ରଶାସନ ଖୁବ୍‌ଶୀଘ୍ର ପ୍ରାୟ ୨୦୦ ଦେଶକୁ ତାଙ୍କର ନୂତନ "ବିଶ୍ୱ ଶୁଳ୍କ" ହାର ବିଷୟରେ ସୂଚିତ କରିବ । ତେବେ ଭାରତ ସହ ବାଣିଜ୍ୟ ଶୁଳ୍କ କେତେ ରହିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ପ୍ରାୟ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଶୁଳ୍କ ଲାଗୁ କରି ଦଶନ୍ଧି ଧରି ଚାଲିଥିବା ଆମେରିକାର ବାଣିଜ୍ୟ ନିଅଣ୍ଟକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଶୁକ୍ରବାରଠାରୁ ବ୍ରାଜିଲ ସମେତ କିଛି ଦେଶ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କରିଛନ୍ତି ।

# ବ୍ୟାଙ୍କରେ ୬୭ ହଜାର କୋଟି; ନାହାନ୍ତି ଦାବିଦାର

■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ସମ୍ପ୍ରତି ଦେଶର ବିଭିନ୍ନ ବ୍ୟାଙ୍କଗୁଡିକରେ ବଢ଼ିବାରେ ଲାଗିଛି ଦାବିଦାର ନ ଥିବା ଜମା ଅର୍ଥ ପରିମାଣ । ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ବ୍ୟାଙ୍କରେ ପଡିରହିଥିବା ୬୭ ହଜାର କୋଟି ମୂଲ୍ୟର ଜମା ଅର୍ଥର କୌଣସି ଦାବିଦାର ନାହାନ୍ତି । ସବୁଠାରୁ କୌତୂହଳର ବିଷୟ ହେଉଛି ଯେ ଏହି ଜମା ଅର୍ଥରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସର୍ବାଧିକ ୨୯ ପ୍ରତିଶତ ଅଂଶ ରହିଛି । ନିକଟରେ ସଂସଦରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜୁନ୍ ୩୦





ସୁଦ୍ଧା ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ୫୮,୩୩୦.୨୬ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମାରାଶି ଥିଲା, ଯେତେବେଳେ କି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୮୬୭୩.୭୨ କୋଟି ଟଙ୍କାର ଅଘୋଷିତ ଜମା ଅର୍ଥ ପଡିରହିଥିଲା । କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏସ୍‌ବିଆଇ ୧୯୩୨୯.୯୨ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମା ସହିତ ତାଲିକାର ଶୀର୍ଷରେ ଅଛି। ଏହା ପଛକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ୬୯୧୦.୬୭ କୋଟି ପୃଷ୍ଠା-୭

## ଅଠାକାଠିରେ ସରକାର

### ଚାଉଳ ଉଠାଇବାକୁ ଏଫ୍‌ସିଆଇ କୁନ୍ଥକୁନ୍ଥ

# କେଉଁଠି ରଖିବେ ୧୨ଲକ୍ଷ ଟନ୍

■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ସବୁଦିଗରୁ ଓଡ଼ିଶା ଲାଭବାନ ହେବ ବୋଲି ବିଜେପି ନେତାମାନେ ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଡବଲ ଇଞ୍ଜିନ୍ ସରକାର ଓଡ଼ିଶାକୁ ଡବଲ ଲାଭ ମିଳିବା ତ ଦୂରର କଥା, ଓଲଟି ଓଡ଼ିଶା ଅଧିକ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି, ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ରାଶି କମିଛି । ଆନ୍ଧ୍ର, ବିହାର ପରି ରାଜ୍ୟକୁ କେନ୍ଦ୍ର ସରକାର ଅଧିକ ଆର୍ଥିକ ସହାୟତା ଦେଇଥିବାବେଳେ ଓଡ଼ିଶାର ଭାଗ କମିଛି। ବିଡ଼ମ୍ବନା ହେଉଛି ଓଡ଼ିଶା ଅଧିକ ସହାୟତା ଓ ବିଶେଷ ସହାୟତା ପାଇବା ତ ଦୂରର କଥା, ଓଲଟି ନିଜ ହକ୍‌ରୁ ବଞ୍ଚିତ ହୋଇଛି । ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ (ଭାରତୀୟ ଖାଦ୍ୟ ନିଗମ)ର ମନମାନି ଏହାର ସଦ୍ୟତମ ଉଦାହରଣ । ରାଜ୍ୟ

**ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ଶୁଣିଲେନି, ଏବେ ଦାବିକଲେ ଉପମୁଖ୍ୟମନ୍ତ୍ରୀ**

**ପୂର୍ବରୁ ମଧ ଅନୁରୂପ ଦାବି କରିଥିଲେ ତତ୍କାଳୀନ ବିଜେଡି ସରକାର**

ସରକାରଙ୍କ କ୍ରମାଗତ ଦାବି ସାତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଗତ ବିଜେଡି ସରକାର ସମୟରେ ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଇବାକୁ କୁନ୍ଥକୁନ୍ଥ ହେଉଥିଲା। ଏନେଇ ବିଜେଡି ସଡ଼କଠାରୁ ସଂସଦ ଯାଏଁ ନିଜର ପ୍ରତିବାଦ ଜାରି ରଖିଥିଲା। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବରଂ ପରିସ୍ଥିତି ଅଧିକ ଖରାପ ହୋଇଛି। ଖରିଫ ଓ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇନାହିଁ। ଯାହା ଫଳରେ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି ।

ରାଜ୍ୟ ବିଜେପି ସରକାର ପାଇଁ ଏଫ୍‌ସିଆଇର ମନମାନି ଅଜାଗା ଘା'ରେ ପରିଣତ ହୋଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣମନ୍ତ୍ରୀ ରାଜ୍ୟରୁ ଚାଉଳ ଉଠାଇବାକୁ ଅନୁରୋଧ କରିଥିଲେ ହେଁ କେନ୍ଦ୍ର ସରକାର ବା ଏଫ୍‌ସିଆଇ ଏ ସମ୍ପର୍କରେ ନିରବ ରହିଛି। ଏବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧିବଦ୍ଧ ଭାବେ ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ଫେରାଦ ହୋଇଛନ୍ତି। କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସେ ସାକ୍ଷାତ କରି ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ପୃଷ୍ଠା-୭

# ସଂସଦରେ 'ସିନ୍ଦୂର' ଝଡ଼





**ମଧ୍ୟସ୍ଥତା କରିନାହିଁ ଆମେରିକା: ପ୍ରଧାନମନ୍ତ୍ରୀ**

**ଟ୍ରମ୍ପଙ୍କୁ ମିଛୁଆ କୁହନ୍ତୁ ମୋଦୀ: ରାହୁଲ**

■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦେଇଛି ଭାରତ। ଭାରତ ଏଭଳି ଜବାବ ଦେଇଛି ଯେ ଆତଙ୍କବାଦର ମାଷ୍ଟରମାଇଣ୍ଡ ଶାନ୍ତିରେ ଶୋଇପାରିବେ ନାହିଁ। ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ଉପରେ ଲୋକସଭାରେ ୧୬ ଘଣ୍ଟିଆ ଆଲୋଚନାର ଉତ୍ତର ଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ କହିଲେ ଯେ ଅପରେସନ ସିନ୍ଦୂରକୁ ଅଟକାଇବା ଲାଗି ବିଶ୍ୱର କୌଣସି ନେତା ଆମ ଉପରେ ଚାପ ପକାଇନଥିଲେ। ଅସ୍ତ୍ରବିରତି ଲାଗି ଆମେରିକା ମଧ୍ୟସ୍ଥତା କରିନାହିଁ। ଏହାକୁ ନେଇ ଆସୁଥିବା ରିପୋର୍ଟକୁ ଖଣ୍ଡନ କରି ସେ କହିଲେ ଯେ ଆମେରିକାର ଉପରାଷ୍ଟ୍ରପତି ଭାନ୍ସଙ୍କୁ ଆମେ ଜଣାଇଦେଇଥିଲୁ ଯେ ଭାରତ ଉପରେ ପାକିସ୍ତାନ ଆକ୍ରଣ କଲେ ଆମେ ଏହାର ଭୟଙ୍କର ଜବାବ ଦେବୁ ।

ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ପ୍ରଶଂସା କରି ସେ କହିଲେ ଯେ ପାକିସ୍ତାନକୁ ଉଚିତ ଶିକ୍ଷା ଦିଆଯାଇଛି । ଆମର ସେନା ପୃଷ୍ଠା-୭

## ଶ୍ରୀମନ୍ଦିର ଭିତରୁ ଧରାପଡ଼ିଲେ ଯୁବକ

# ଚଷମାରେ ଗୁପ୍ତ କ୍ୟାମେରା

■ **ପୁରୀ, ୨୯।୭ (ସମିସ):** ଶ୍ରୀମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହିଭଳି କିଛି ଘଟଣା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି । ହେଲେ ବାସ୍ତବତା କିନ୍ତୁ ଭିନ୍ନ। ମଙ୍ଗଳବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ





■ **ଅଣ୍ଡରଟେକିଂ ଲେଖିବା ପରେ ଛାଡ଼ିଲା ପୁଲିସ**

■ **ମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ: ମନ୍ତ୍ରୀ**

କରୁଛି। ସମ୍ପୃକ୍ତ ଯୁବକ ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି ।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି । ଏ ନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ବିଶେଷକରି ମନ୍ଦିର ଭିତରର ଫଟୋ ଏବଂ ଭିଡିଓ ପୃଷ୍ଠା-୭

# ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ

**ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆଣୁଥିଲେ ୩ ଯୁବକ**

**୩ଟି ବ୍ୟାଗରେ ଭର୍ତ୍ତି କରି ମାରିଜୁଆନା ଆଣୁଥିଲେ**

**ପୂର୍ବରୁ ବିମାନବନ୍ଦରରୁ ୩ଥର ଧରାପଡ଼ିଥିଲା ମାରିଜୁଆନା**

■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ବଢ଼ୁଛି ବିଦେଶୀ ନିଶା ମାରିଜୁଆନା(ବିଦେଶୀ ଗଞ୍ଜେଇ)ର ଚାହିଦା। ବାରମ୍ବାର ବିମାନବନ୍ଦରରୁ ଜବତ ହେବା ତାହା ଦର୍ଶାଉଛି। ଆଜି ପୁଣି ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଛି। ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମସ ବିଭାଗ ମାରିଜୁଆନା ଜବତ କରିଛି। ମାରିଜୁଆନା ଚାଲାଣ କରୁଥିବା



୩ଜଣ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ତିନି ଅଟକ ଅଭିଯୁକ୍ତ ହେଲେ ମହମ୍ମଦ ଜାମ୍, ମୋହିତ ଓ ବାମତି। ଏମାନେ ସମସ୍ତେ ଉତ୍ତରପ୍ରଦେଶ ଫତେପୁର ସିକ୍ରି ଅଞ୍ଚଳର ବୋଲି ଜଣାପଡ଼ିଛି। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ବୋଲି କୁହଯାଉଛି । ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡ୍‌ର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମସ ବିଭାଗ। ପୃଷ୍ଠା-୭

## ବିନା ହେଲ୍‌ମେଟ୍‌ରେ ମନ୍ତ୍ରୀ ମହାଲିଙ୍ଗଙ୍କ ବାଇକ୍ ଶୋଭାଯାତ୍ରା

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଡିଜିଙ୍କୁ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୯।୭ (ସମିସ):** ଅନ୍ୟମାନଙ୍କୁ ଆଇନ ପାଠ ପଢ଼ାଉଥିବା ସ୍ୱାସ୍ଥ୍ୟ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବିରୋଧରେ ହେବ ଆଇନଗତ କାର୍ଯ୍ୟାନୁଷ୍ଠାନ । ଆଇନକାନୁନ ରକ୍ଷା ଓ ସମ୍ବିଧାନର ସୁରକ୍ଷା ନିମନ୍ତେ ଶପଥ ନେଇଥିବା ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ନିଜେ ନିୟମ ଭାଙ୍ଗି ବିନା ହେଲମେଟରେ ବାଇକ୍ ଚଳାଉଥିବାରୁ ତାଙ୍କ ବିରୋଧରେ ଆଇନ ଅନୁସାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ମହାନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛି ଗୃହ ବିଭାଗ ।

ଶହଶହ ଯୁବକଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗାଡ଼ିରେ ଗେରୁଆ ପତାକା ବାନ୍ଧି ଏକ ବାଇକ୍ ଶୋଭାଯାତ୍ରା କରିଥିବା ଭିଡ଼ିଓ ସାମାଜିକ



ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏହି ଭିଡ଼ିଓକୁ କିଛି 'ଏକ୍ସ' ୟୁଜର ନିଜ ହ୍ୟାଣ୍ଡଲରେ ପୋଷ୍ଟ କରିଥିଲେ ଓ ଚନ୍ଦ୍ରଶେଖର ନାମକ ଜଣେ ୟୁଜର ଏହାକୁ ଗୃହ ବିଭାଗ, ରାଜ୍ୟ ପରିବହନ ପ୍ରାଧିକରଣଙ୍କୁ ଟ୍ୟାଗ କରିଥିଲେ। ଟ୍ରାଫିକ ନିୟମ ଭାଙ୍ଗି ବିନା ହେଲ୍‌ମେଟ୍‌ରେ ବାଇକ୍ ଚଳାଉଥିବା ଯୋଗୁଁ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ। ଏହାପରେ ଗୃହ ବିଭାଗ ତତ୍ପରତା ପ୍ରଦର୍ଶନ କରି ରାଜ୍ୟ ପୁଲିସ ମୁଖ୍ୟଙ୍କୁ ଏ ସଂକ୍ରାନ୍ତରେ ଆଇନଅନୁସାରେ ପଦକ୍ଷେପ ନିମନ୍ତେ ଆଜି ସନ୍ଧ୍ୟାରେ ନିର୍ଦ୍ଦେଶ ଦେଇଛି । ପୃଷ୍ଠା-୭




**କେନ୍ଦୁଡିପିରେ କଙ୍ଗାରୁକୋର୍ଟ**

# ଜମିବାଡ଼ି ବିବାଦକୁ ନେଇ ଗାଁରୁ ବାସନ୍ଦ

ନୟାଗଡ଼,୨୯।୭(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ କେନ୍ଦୁଡିପି ଗାଁରେ ଜଣେ ବ୍ୟକ୍ତିଙ୍କୁ କଙ୍ଗାରୁକୋର୍ଟ କରି ବାସନ୍ଦ ରଖାଯାଇଥିବା ଅଭିଯୋଗ ହୋଇଛି। ଗତ ଜୁନ ମାସ ୨୮ ତାରିଖରେ ଏନେଇ ଇଟାମାଟି ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଜଣାପଡ଼ିଛି। ଏନେଇ ପୀଡ଼ିତ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କରିଥିବା ସୂଚନା ମିଳିଛି। ଉକ୍ତ ଗାଁର ଅର୍ଜୁନ ଓରଫ ସୁବାସ ପ୍ରଧାନଙ୍କ ନାମରେ ଥିବା ୩୩ ଡିସିମିଲ ଜମିକୁ ଗ୍ରାମବାସୀଙ୍କ ନାଁରେ କରିବାକୁ ସଭାପତି ଓ ସମ୍ପାଦକ ଜବରଦସ୍ତ ଦାବି କରିଥିଲେ। ଖାତା ନଂ ୪୪୨/୧୮ରେ ରହିଥିବା ୪ଟି ପ୍ଲଟରେ ରହିଥିବା ୩୩ ଡିସିମିଲ ଜମିକୁ ଗ୍ରାମବାସୀଙ୍କ ନାମରେ କରିବାକୁ ଗତ ଜୁନ ୨୩ ତାରିଖରେ ଅନୁଷ୍ଠିତ ବୈଠକରେ ତାଙ୍କୁ ଜବରଦସ୍ତ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଜମିକୁ ସେ ଦୀର୍ଘଦିନ ଧରି ଭୋଗ ଦଖଲ କରି ଆସୁଛନ୍ତି। ଗାଁ ସଭାପତି ଓ ସମ୍ପାଦକଙ୍କ କଥାରେ ସୁବାସ ରାଜି ନହେବାରୁ ତାଙ୍କୁ ବାସନ୍ଦ ଓ ଏକ ଘରକିଆ କରାଯାଇଛି। ଏନେଇ ପୁଲିସରେ ଅଭିଯୋଗ ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୁବାସ ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଅଭିଯୋଗ ପଠାଇଥିବା ସୂଚନା ମିଳିଛି।

**ପାରାଡିପି କୃଷି ସମବାୟ ସମିତିକୁ କାର୍ଯ୍ୟକ୍ଷମ ଦାବି**

# ଡିଆର୍‌ସିଏସ୍ ଅଫିସ୍ ଘେରିଲେ ଚାଷୀ

ନୟାଗଡ଼,୨୯।୭(ସମିସ)



ନୟାଗଡ଼ ଜିଲ୍ଲା ସମବାୟ ସମିତି ସମୂହ ଉପନିବନ୍ଧକ (ଡିଆର୍‌ସିଏସ୍)ଙ୍କ କାର୍ଯ୍ୟାଳୟ ଆଗରେ ଆଜି ପାରାଡିପି ଅଞ୍ଚଳର ଶତାଧିକ ଚାଷୀ ଧାରଣା ଦେଇ ଘେରଉ କରିଛନ୍ତି। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ପାରାଡିପି ପଞ୍ଚାୟତର ଅନେକ ଗ୍ରାମକୁ ନେଇ ୧୯୭୦ ମସିହାରେ ପାରାଡିପି କୃଷି ସମବାୟ ସମିତି କାର୍ଯ୍ୟକ୍ଷମ ହୋଇଥିଲା। ଏହାକୁ ଦୀର୍ଘଦିନ ତଳେ ବନ୍ଦ କରି ଦିଆଯାଇଥିଲା। ସରକାରଙ୍କ ଅନୁମୋଦନ କ୍ରମେ ଏହି ସମବାୟ ସମିତିକୁ ମହିପୁର ସମବାୟ ସମିତି ସହ ମିଶ୍ରଣ କରାଗଲା। ଜାକେଡ଼ା ଗ୍ରାମ ପଞ୍ଚାୟତ ଓ ପାରାଡିପି ଗ୍ରାମପଞ୍ଚାୟତ କିଛି ଗ୍ରାମ ମହିପୁରଠାରୁ ବହୁତ ଦୂର ହୋଇଥିବାରୁ ପାରଡିପିଠାରେ ନୂତନ ସମବାୟ ସମିତି ଗଠନ କରିବା ପାଇଁ ଯୋଜନା ହୋଇଥିଲା। ଯାହାକୁ ନେଇ ୨୦୨୩ ମସିହା ମେ' ୩ ତାରିଖରେ ନୂତନ ସମବାୟ ସମିତି ରେଜିଷ୍ଟ୍ରେସନ କରାଯାଇଥିଲା। ଏହି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରାଇବା ପାଇଁ ୨ ବର୍ଷ ତଳୁ ସ୍ଥାନୀୟ ବାସିନ୍ଦା ଦାବି କରି ଆସୁଥିଲେ ମଧ୍ୟ ସମବାୟ ବିଭାଗ ଏହାକୁ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ସମବାୟ ନିବନ୍ଧକଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୧୭ ତାରିଖରେ ରାଜ୍ୟ ସମବାୟ ନିବନ୍ଧକ ନୟାଗଡ଼ ଉପନିବନ୍ଧକଙ୍କୁ ସମବାୟ ସମିତି କାର୍ଯ୍ୟକ୍ଷମ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଥାପି ପାରାଡିପି ସମବାୟ ସମିତି କାର୍ଯ୍ୟକ୍ଷମ କରାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଆଜି ଶତାଧିକ ମହିଳା ଓ ପୁରୁଷ ଚାଷୀ ନୟାଗଡ଼ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଦୀର୍ଘ ସମୟ ଧରି ଡିଆର୍‌ସିସି ଅନନ୍ତ ନାୟକ ଏବଂ ଏଆରସିଏସ୍ ପ୍ରାର୍ଥନା ପ୍ରିୟଦର୍ଶିନୀ ଚାଷୀ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ବୁଝାଶୁଝା ପରେ ଲିଖିତ ପ୍ରତିଶ୍ରୁତି ଦେବାକୁ ଚାଷୀମାନେ ଦାବି କରିଥିଲେ। ଏଆରସିଏସ୍‌ଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

**● ଜମିବାଡ଼ି ବିବାଦକୁ ନେଇ ମାଫିଆଗିରି**

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା

ନୟାଗଡ଼,୨୯।୭(ସମିସ): ନୟାଗଡ଼ ଜିଲ୍ଲା ରଣପୁର ତହସିଲ ଅଧୀନସ୍ଥ ଲଡୁକେଶ୍ୱରପୁର ଗ୍ରାମର ସ୍ୱର୍ଗତ ଖଳି ପଟ୍ଟନାୟକଙ୍କ ଝିଅ ସ୍ନେହାଞ୍ଜଳି ମହାପାତ୍ର



ଫତେଗଡ଼ ଥାନା ଅଧୀନସ୍ଥ ମାଣିବନ୍ଧ ଗ୍ରାମର ପ୍ରଭାତ ମହାପାତ୍ରଙ୍କୁ ବିବାହ କରିଛନ୍ତି। ନିଜ ପିତାଙ୍କ ନାମରେ ରହିଥିବା ୫ ଏକର ୧୨ ଡେସିମିଲ ଜମିର ସେ ସ୍ୱତ୍ତାଧିକାରୀ ହୋଇଥିବା ବେଳେ ଲଡୁକେଶ୍ୱରପୁର ଗ୍ରାମର କିଛି ବ୍ୟକ୍ତି ତାକୁ ଜବରଦଖଲ କରି ରଖିଛନ୍ତି। ସ୍ଥାନୀୟ ପୁଲିସ, ତହସିଲ ପ୍ରଶାସନ ଉପରେ ଭରସା ତୁଟିବା ପରେ ଆଜି ସ୍ନେହାଞ୍ଜଳି ନିଜ ପରିବାର ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଲଡୁକେଶ୍ୱରପୁର ଗ୍ରାମର ଚିତ୍ତରଞ୍ଜନ ପଟ୍ଟନାୟକ ଓ କୁଳମଣି ପଟ୍ଟନାୟକ ତାଙ୍କ ଜମିକୁ ଜବରଦଖଲ କରିଥିବା ବେଳେ ପୁଲିସ ପ୍ରଶାସନ ତାଙ୍କୁ ସହଯୋଗ କରିବା ବଦଳରେ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ଜବରଦଖଲକାରୀମାନେ କିଛି ମାଫିଆଙ୍କୁ ଧରି ତାଙ୍କ ସମ୍ପତ୍ତି ହଡ଼ପ କରିବା ପାଇଁ ଉଦ୍ୟମ ଚଳାଇଥିବା ବେଳେ ପୁଲିସ ସେମାନଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଛି। ଆଜି ସ୍ନେହାଞ୍ଜଳି ନିଜ ପରିବାର ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ନ୍ୟାୟ ଦାବି କରିଛନ୍ତି। ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା କରିବା ପରେ ସ୍ନେହାଞ୍ଜଳି ଧାରଣାରୁ ଉଠିଥିବା ସୂଚନା ମିଳିଛି।

**■ ଶିମିଳିସାହିବାଲଣ୍ଡା ରାସ୍ତା ଅଧପନ୍ତରିଆ।**

# ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ଘେରିଲେ ଅଞ୍ଚଳବାସୀ

ନୟାଗଡ଼,୨୯।୭(ସମିସ): ପାରାଡିପି ଅଞ୍ଚଳର ଶହ ଶହ ଲୋକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ୨ କାର୍ଯ୍ୟାଳୟ ଘେରଉ କରିବା ସହ ଅଧିକାରୀଙ୍କ ଅପାରଗତାକୁ ପଦାରେ ପକାଇଛନ୍ତି। ତାହା ସହିତ ଠିକାଦାର ବିରୋରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆର୍‌ଡି ବିଭାଗ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ରହିଥିବା ଭିତିରିଆ ସମନ୍ୱୟ ପାଇଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ଶିମିଳିସାହିଠାରୁ ବାଲଣ୍ଡା ପର୍ଯ୍ୟନ୍ତ ୬ କିଲୋମିଟର୍ ରାସ୍ତା ଦୀର୍ଘ ଦିନ ହେଲା କାମ ହେଉଥିଲେ ମଧ୍ୟ ତାହା ଶେଷ ହେବାର ନାଁ ଧରୁନି। ଯାହାଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୧୪ଖଣ୍ଡ ଗାଁର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ୨୦୨୨ ମସିହାରେ



ଏହି ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା ଏବଂ ୨୦୨୩ ମସିହାରେ ଏହାର କାମ ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲା। ୨୦୨୪ ସୁଦ୍ଧା ସାରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହାସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଠିକାଦାର କେବଳ ମାଟି ପକାଇ କାମ ବନ୍ଦ ରଖିଛି। ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ଆଜି ଶତାଧିକ ଅଞ୍ଚଳବାସୀ ଅଫିସ୍ ଘେରଉ କରିଥିଲେ। ଜିଲ୍ଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ, ବିଭାଗୀୟ ଅଧିକାରୀ ଓ ଆନ୍ଦୋଳନକାରୀ ମଧ୍ୟରେ ଆଲୋଚନା କରାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ୨୦୨୬ ମସିହା ଫେବୃୟାରୀ ମାସ ସୁଦ୍ଧା କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ଭୁବନେଶ୍ୱର ରେଳଷ୍ଟେସନରୁ ନାବାଳିକା ଉଦ୍ଧାର

ଓଡ଼ଗାଁ,୨୯।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଓଡ଼ଗାଁ ଏନ୍‌ଏସି ଅଞ୍ଚଳର ଜଣେ ନାବାଳିକାଙ୍କୁ ଭୁବନେଶ୍ୱର ଖାରବେଳ ନଗର ପୁଲିସ ଭୁବନେଶ୍ୱର ରେଳ ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରୁ ସୋମବାର ରାତି ୯ ସମୟରେ ଉଦ୍ଧାର କରି ଓଡ଼ଗାଁ ଥାନାକୁ ଜଣାଇଥିଲେ। ଆଜି ଅପହରଣକାରୀ ଯୁବକକୁ ଖାରବେଳ ନଗର ପୁଲିସ ଓଡ଼ଗାଁ ପୋଲିସକୁ ଉଭୟଙ୍କୁ ହସ୍ତାନ୍ତର କରିଛନ୍ତି। ନାବାଳିକାଙ୍କ ଅଭିଭାବକ ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୨୧/୨୫ ମାମଲା ରୁଜୁ କରି ଅପହରଣକାରୀ ଯୁବକ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ପଞ୍ଚଭୁତି ଗ୍ରାମର ପ୍ରସାନ୍ତ କୁମାର ପଣ୍ଡାଙ୍କ ପୁଅ ଶୁଭମ୍ ପଣ୍ଡା (୧୮)କୁ ଗିରଫ କରିଥିଲେ। ଶୁଭମ୍ ପଣ୍ଡାଙ୍କ ପରିବାର ଓଡ଼ଗାଁ ଏନ୍‌ଏସିର ବିଜୟମଣ୍ଡପ ସାହିରେ ରହୁଥିବା ଜଣାପଡିଛି। ସୋମବାର ସନ୍ଧ୍ୟା ୬.୩୧ ମିନିଟ୍ ସମୟରେ ଏକ ଫୋନକଲ ଆସିଲା। ୩ ଲକ୍ଷ ଟଙ୍କା ଦେଲେ ତୁମ ଝିଅକୁ ଫେରାଇବି। ନଚେତ୍ ତୁମ ଝିଅର ଅଶ୍ଳୀଳ ଫଟୋ ଭାଇରାଲ କରିବି ବୋଲି ଧମକ ଦେଇଥିଲା। ନାବାଳିକାଙ୍କ ଅଭିଭାବକ ଏନେଇ ୧୧୨କୁ ଫୋନ କରିଥିଲେ। ଖାରବେଳ ନଗର ଥାନା ପିସିଆର୍ ନମ୍ବର ୩ ଭୁବନେଶ୍ୱର ରେଳଷ୍ଟେସନରୁ ଅଭିଯୁକ୍ତ ଶୁଭମ୍ ପଣ୍ଡା ସହିତ ପୀଡ଼ିତାକୁ ହେପାଜତକୁ ଆଣିଥିଲେ। ତଦନ୍ତ ପରେ ପ୍ରକୃତ ଘଟଣାର ପର୍ଦ୍ଦାଫାଶ ହେବ।

**● ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କ ଦୁର୍ଦ୍ଦଶା**

# ୩୮ ବର୍ଷ ଚାକିରି ପରେ ଶୂନ୍ୟ ହସ୍ତରେ ଅବସର

କଣ୍ଟିଲୋ,୨୯।୭(ସମିସ): ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନିୟୋଜିତ ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କୁ ସରକାର ଅବହେଳା କରୁଥିବା ଅଭିଯୋଗ ହେଉଛି। ସରକାରୀ ସ୍କୁଲ ଶିକ୍ଷକ ମାନେ ଅବସର ପରେ ଗ୍ରାଚ୍ୟୁଇଟି ସହ ପେନସନ ଉପଭୋଗ କରୁଥିବା ବେଳେ ସମାନ କାର୍ଯ୍ୟ କରୁଥିବା ବ୍ଲକ ଗ୍ରାଣ୍ଟ କର୍ମଚାରୀ ସ୍ୱଳ୍ପ ଦରମା ରେ ଜୀବନ ସାରା ସେବା ଯୋଗାଇବା ସହିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢି ତୋଳିବାରେ ସହାୟକ ହେଉଥିବା ଏହି କର୍ମଚାରୀଙ୍କୁ ଅବସର ପରେ ନା ମିଳୁଛି ପେନସନ ନା କିଛି ଆର୍ଥିକ ସହାୟତା। ଅବସର ପରେ ଶୂନ୍ୟ ହସ୍ତରେ ଫେରିଥାନ୍ତି। ଅବସର ପରେ କେମିତି ଚଳିବେ ଏହି ଚିନ୍ତାରେ ଏବେ ସେମାନେ। ଖଣ୍ଡପଡା ବ୍ଲକ ବଡ଼ବାଣପୁରରେ ଥିବା ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ ବସନ୍ତ କୁମାର ବିଦ୍ୟାପୀଠରୁ ୨ ବର୍ଷ ମଧ୍ୟରେ ପ୍ରଧାନଶିକ୍ଷକ ଓ ୨ ଜଣ ଶିକ୍ଷକଙ୍କ ସମେତ କିରାଣି ଓ ଜଣେ ପିଅନ ଅବସର ପରେ ପେନସନ ଆଶାରେ ଦିନ ଗଣିବା ସହ ଭବିଷ୍ୟତ ଚିନ୍ତାରେ କାଳାତିପାତ କରୁଛନ୍ତି। ଅବସର ବୟସ ଅବଧି ବୃଦ୍ଧି କରାଯିବା ତଥା ପେନସନ ପ୍ରଦାନ ଦାବି ମାମଲା ଏବେ ହାଇକୋର୍ଟରେ। ସରକାର ମଧ୍ୟ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ନେଇ ଘୋଷଣା କରିଥିଲେ ହେଁ ପଦକ୍ଷେପ ନିଆଯାଇନଥିବାରୁ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି ସାରା ରାଜ୍ୟର ବ୍ଲକ ଗ୍ରାଣ୍ଟ କର୍ମଚାରୀ। ଏନେଇ ସରକାର ଗୁରୁତ୍ୱ ପ୍ରଦାନ କରି ଶିକ୍ଷକଙ୍କ ସମସ୍ୟା ସମାଧାନ କରିବାକୁ ଦାବୀ କରିଛନ୍ତି ଅବସର ପ୍ରଧାନ ଶିକ୍ଷକ ସନାତନ ମହାନ୍ତି, ଗଣେଶ୍ୱର ରାଉତ, ତ୍ରିଲୋଚନ ପ୍ରଧାନ, ମହେନ୍ଦ୍ର ପ୍ରଧାନଙ୍କ ଭଳି ବହୁ କର୍ମଚାରୀ।

# ବୃଦ୍ଧାଙ୍କୁ ଆକ୍ରମଣ କରି ଅଭିଯୁକ୍ତ ଜେଲ ଗଲା

ଦଶପଲ୍ଲା,୨୯।୭(ସମିସ): ଦଶପଲ୍ଲା ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମରେ ଗତକାଲି ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବୃଦ୍ଧା ସତ୍ୟଭାମା ଜେନା ଏବେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିନାୟକ ନାୟକକୁ ଆଜି ଦଶପଲ୍ଲା ପୁଲିସ ଗିରଫ କରିବା ପରେ ଜାମିନ ନାମଞ୍ଜୁର ମତେ ସ୍ଥାନୀୟ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପର ପକ୍ଷେ ଏହି ଘଟଣାକୁ ନେଇ ଗ୍ରାମରେ ସାମୂହିକ ଭାବନାରେ ଆଘାତ ପହଞ୍ଚିଥିବାରୁ ବିଚାର ବିମର୍ଶ, ଗ୍ରାମସଭା ସହିତରେ ଚାପା ଉତ୍ତେଜନା ଲାଗି ରହିଛି। କିଛି ମୁରବୀ ଶ୍ରେଣୀୟ ଗ୍ରାମବାସୀ ଏହାର ଆପୋଷ ସମାଧାନ ଚାହୁଁଥିବା ବେଳେ କିଛି ଅସାମାଜିକ ଗୋଷ୍ଠୀ ରାଜନୈତିକ ଫାଇଦା ନିମନ୍ତେ ଘଟଣାକୁ କଙ୍ଗାରୁ କୋର୍ଟର ରୂପ ଦେବା ନିମନ୍ତେ ବ୍ୟର୍ଥ ଉଦ୍ୟମ କରିଥିଲେ। ତେବେ ଦୋଷୀକୁ ଦଣ୍ଡ ଦେବା ନିମନ୍ତେ ସବୁ ମହଲରୁ ଦାବି ହେବା ସହିତ ଏହି ଅଞ୍ଚଳରୁ ନିଶା ଓ ମାଦକ ଦ୍ରବ୍ୟର ଅବାଧ କାରବାରକୁ ରୋକିବା ନିମନ୍ତେ ପୁଲିସ ଅଧିକାରୀ, ଜିଲ୍ଲା ପ୍ରଶାସନ ଓ ଗଣମାଧ୍ୟମର ସହଯୋଗ ଲୋଡ଼ାଯାଇଛି।

# ଛାତ୍ରୀଙ୍କୁ ମାଡ଼ ମାରି ଶିକ୍ଷକ ନିଲମ୍ବିତ

ଖଣ୍ଡପଡ଼ା,୨୯।୭(ସମିସ): ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଜଣେ ୭ମ ଶ୍ରେଣୀର ଛାତ୍ରୀଙ୍କୁ ଶିକ୍ଷକ ରବିନାରାୟଣ ଗୋଛି ଗତ ୧୮ ତାରିଖରେ ଶ୍ରେଣୀ ଗୃହରେ ପାଠ ପଢାଉଥିବା ବେଳେ ମାଡ ମାରିଥିଲେ। ଫଳରେ ଛାତ୍ରୀ ଜଣକ ସଂଜ୍ଞାହୀନ ହୋଇ ପଡିଥିଲେ। ଛାତ୍ରୀଙ୍କ ପରିବାରବର୍ଗ ଘଟଣା ସଂପର୍କରେ ଅବଗତ ହେବା ପରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏ ସଂପର୍କରେ ନୟାଗଡ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୟାଗଡ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ସମେତ ଚାଇଲଡ ଲାଇନ କର୍ତ୍ତୃପକ୍ଷ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣା ସଂପର୍କରେ ଖୋଲତାଡ କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀଙ୍କୁ ଘଟଣା ସଂପର୍କରେ ପଚାରି ବୁଝିଥିଲେ। ଛାତ୍ରୀଙ୍କ ପରିବାରବର୍ଗଙ୍କ ଲିଖିତ ଅଭିଯୋଗ ଆଧାରରେ ଘଟଣାର ସତ୍ୟତା ଥିବା ନେଇ ପ୍ରଶାସନ ଅବଗତ ହେବା ପରେ ନୟାଗଡ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀ ଗୋଛିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଉଥିବା ଏ ସଂପର୍କିତ ଚିଠାରୁ ଜଣାପଡିଛି। ଶିକ୍ଷକ ଶ୍ରୀ ଗୋଛୀ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ସମୟରେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି କାର୍ଯ୍ୟ କରିବେ ବୋଲି ଏ ସଂପର୍କିତ ନିର୍ଦ୍ଦେଶନାମା ପତ୍ରରୁ ଜଣାପଡିଛି। ଏହି ଘଟଣା ଖଣ୍ଡପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସୁନାମଧନ୍ୟ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଗରିମାରେ କଳଙ୍କ ଲାଗିଛି।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

ଓଡ଼ଗାଁ,୨୯।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସିର କଦଳୀ ବନ୍ଧ ନିକଟସ୍ଥ ରଗଡ଼ି ସାହି ଗାଁର ପ୍ରମୋଦ ବିଶୋଇଙ୍କ ପୁଅ କୃଷ୍ଣଚନ୍ଦ୍ର ବିଶୋଇ(୨୦) ହାତୀ ଆକ୍ରମଣରେ ଗୁରୁତର ହୋଇ ପଡିଛନ୍ତି। ତାଙ୍କୁ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ଖବର ଅନୁସାରେ, କୃଷ୍ଣ ବିଶୋଇ ସକାଳେ ଚାଷବାସ କାର୍ଯ୍ୟ ସାରି ଘରେ ଥିବା ଗାଈବଳଦଙ୍କୁ ଚରେଇବା ପାଇଁ ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସନ୍ଧ୍ୟା ୫ ବେଳେ ଗାଈକୁ ନେଇ ଘରକୁ ଫେରୁଥିବା ବେଳେ ହଠାତ୍ ଜଙ୍ଗଲ ମଧ୍ୟରୁ ଏକ ହାତୀ ଆସି କୃଷ୍ଣଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣ ବେଳେ ଦନ୍ତାହାତୀର ଦାନ୍ତ କୃଷ୍ଣର କୋଳ ସନ୍ଧାରେ ଗଳି ଯାଇଥିଲା। ଏହି ସମୟରେ ସାଥୀମାନେ ନିଜକୁ ସୁରକ୍ଷିତ ରଖି ପାଟିତୁଣ୍ଡ କରିବା ବେଳେ ପାଟିଶୁଣି ସ୍ଥାନୀୟ ଲୋକେ ପହଞ୍ଚି ସହଯୋଗ କରିବାରୁ ହାତୀ କୃଷ୍ଣକୁ ଛାଡି ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା। ପରେ କୃଷ୍ଣକୁ ଓଡ଼ଗାଁ ଡାକ୍ତରଖାନା ଅଣାଯାଇଥିଲା। ଦୁର୍ଘଟଣା ସଂପର୍କରେ ଖବର ପାଇ ଓଡ଼ଗାଁ ବନାଞ୍ଚଳର କର୍ମଚାରୀ ଡାକ୍ତରଖାନାରେ ପହଞ୍ଚି କୃଷ୍ଣର ଚିକିତ୍ସାରେ ସହଯୋଗ କରିଥିଲେ।

**ବ୍ୟବସାୟୀଙ୍କ ଅଭିନବ ପ୍ରୟାସ**

# କୁକୁଡ଼ା ମାଂସ କିଣିଲେ ପିଆଜ ଓ ମସଲା ମାଗଣା

ଭାପୁର,୨୯।୭(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ବାର୍ଡ ଫ୍ଲୁ ହୋଇଥିବା ଆଶଙ୍କା ସୃଷ୍ଟି ହୋଇଛି। ଶ୍ରାବଣ ମାସରେ କାଉଡିଆ ଭାବେ ଅନେକ ଯୁବକ ଯୁବତୀ ପାଣି ଭାର ନେଉଥିବା ବେଳେ ସେମାନଙ୍କ ଘରେ ମାସ ସାରା ଆମିଷ ହେଉନଥିବା ବେଳେ ବାର୍ଡ ଫ୍ଲୁ ଯୋଗୁଁ କୁକୁଡ଼ା ବେପାର ମାନ୍ଦା ରହିଛି। ଏ ପରିପ୍ରେକ୍ଷୀରେ କୁକୁଡା ବିକ୍ରି କରିବା ପାଇଁ ବେପାରୀମାନେ କୁକୁଡା ମାଂସ ସାଙ୍ଗେ ପିଆଜ, ହଳଦୀ, ଚିକେନ ମସଲା ଓ ଗରମ ମସଲା ଫ୍ରି'ରେ ଦେଉଥିବା ଦେଖିବାକୁ ମିଳିଛି। ଏପରି ଅଭିନବ ଭାବେ ବେପାର ହେଉଛି ଭାପୁର ବ୍ଲକ ବିଜିପୁର, ରାକମା ପଞ୍ଚାୟତ ଅଞ୍ଚଳରେ। କୁକୁଡା ମାଂସ ବିକ୍ରି କରିବା ପାଇଁ ଅଟୋରେ ମାଇକ ଲଗାଇ କେଜି ୧୨୦ ଟଙ୍କା ବୋଲି ଘୋଷଣା କରିବା ସହ ମାଗଣାରେ ପିଆଜ, ହଳଦୀ, ଚିକେନ ମସଲା ଓ ଗରମ ମସଲା ଫ୍ରି'ରେ ଦେବା ପାଇଁ ପ୍ରଚାର ଚାଲିଛି।

**● ବ୍ଲକ୍ ଧାଇଁ ଧାଇଁ ନୟାନ୍ତ**

# ଅଭୟାରଣ୍ୟ ଭିତରେ ଦୁର୍ବିସହ ଜୀବନ




ଗଣିଆ,୨୯।୭(ସମିସ): ବ୍ଲକ ଅଫିସ ଧାଇଁ ଧାଇଁ ଚପଲ ସରିଗଲାଣି। କିନ୍ତୁ ମିଳୁନି ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା। ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ରହିଥିବା ସେନେପେରୀ ଗ୍ରାମର ଗୁରୁଦେବ ନାୟକ ଏବଂ ତାଙ୍କ ପତ୍ନୀ ଭଗବତୀ ନାୟକଙ୍କୁ ନେଇ ତାଙ୍କ ପରିବାର। ପୁଅଟିଏ ଥିଲା ଯେ ତାକୁ ଗୁଣି ଗାରେଡ଼ି କରି ମାରିଦେଲେ। ଏବେ ବୁଢ଼ାବୁଢ଼ୀ ନିଃସନ୍ତାନ। ଅସହାୟ ଜୀବନ ଅତିବାହିତ କରୁଛନ୍ତି। ଭଙ୍ଗା ଦଦରା କୁଡ଼ିଆରେ ବିତୁଛି ଦମ୍ପତିଙ୍କ ଜୀବନ। ଦିନରେ ସୂର୍ଯ୍ୟଙ୍କ କିରଣ ଏବଂ ରାତିରେ ଚନ୍ଦ୍ରାଲୋକ ପଡୁଛି ଘର ଭିତରେ। ଦୀର୍ଘଦିନ ହେବ ଚାଳ ଛପର ନହୋଇ ଘର ଭିତରେ ବର୍ଷା ହେଲେ ଗଦଗଦ ହୋଇ ପାଣି ବର୍ଷୁଛି। ଅତ୍ୟନ୍ତ ବିପଦପୂର୍ଣ୍ଣ ଘରେ ବାସ କରୁଛନ୍ତି। ସରକାର ସମସ୍ତଙ୍କୁ ପକ୍କା ଘର ଦେଇ ନିଜ ସଫଳତାର ଡିଣ୍ଡିମ ପିଟୁଥିବା ବେଳେ ଏହି ଦମ୍ପତିଙ୍କ ଘରକୁ ଦେଖିଲେ ସରକାରଙ୍କର ଏହି ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥିଲା ବାଲାଙ୍କୁ ଘର ମିଳୁଥିବା ବେଳେ ଗୁରୁଦେବଙ୍କୁ ଘରଟିଏ କାହିଁକି ମିଳୁନାହିଁ ତାହା ଏବେ ଆଲୋଚ୍ୟର ବିଷୟ ପାଲଟିଛି। ଏହି ଘର ଖଣ୍ଡିକ କେତେବେଳେ ଯେ ଭୁଶୁଡି କିଛି ବି ଅଘଟଣ ନଘଟିବ କହିହେବ ନାହିଁ। ବୟସର ଅପରାହ୍ନରେ ପହଞ୍ଚି ଥିଲେ ମଧ୍ୟ ବାଡି ଖଣ୍ଡିଏ ଧରି ନଇଁ ନଇଁ ନିଜ ରୋଗିଣା ସ୍ତ୍ରୀକୁ ଧରି ପଡି ରହିଛନ୍ତି। ଆଉ ଗୋଟିଏ କଥା ଦୀର୍ଘ ୫ ମାସ ହେବ ୮୦ ବର୍ଷ ପରେ ବର୍ଦ୍ଧିତ ଭତ୍ତା ପାଇବାକୁ ବ୍ଲକ କାର୍ଯ୍ୟାଳୟ ଧାଇଁ ଧାଇଁ ନିରାଶ ହୋଇପଡିଛନ୍ତି। ଭତ୍ତା ଟଙ୍କାକୁ ଆଶା କରି ବଞ୍ଚୁଥିବାରୁ ୩୫୦୦ ଟଙ୍କା ଭତ୍ତା ମିଳିଯାଆନ୍ତା ତେବେ ନିଜର ଗୁଜୁରାଣ ମେଣ୍ଟାଇବାରେ କିଛି ବି ଅସୁବିଧା ହୁଅନ୍ତା ନାହିଁ। ତାଙ୍କ ଗ୍ରାମ ଠାରୁ ଗଣିଆ ବ୍ଲକ ୩୦ କିଲୋମିଟର ଦୂର ଜଙ୍ଗଲ ଭିତରେ ଥିବାରୁ ଥରେ ଅଟୋଭଡା କରି ଆସିଲେ ୫ ଶହ ଟଙ୍କା ଖର୍ଚ୍ଚ ହେଉଛି। ଉକ୍ତ ଗ୍ରାମକୁ ମୋବାଇଲ ଟାୱାର ନଥିବା ବେଳେ ରାସ୍ତା ନଥିବାରୁ ଯୋଗାଯୋଗ ହୋଇପାରୁନଥିବାରୁ କେହି ବି ଆଉ ଆଖିରେ ଚାହୁଁ ନାହାନ୍ତି। ଦମ୍ପତ୍ତିଙ୍କର ବୃଦ୍ଧା ବୟସରେ କେହି ସାହାରା ନଥିବା ବେଳେ ଅସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ତାଙ୍କୁ ବର୍ଦ୍ଧକ ଭତ୍ତା ପ୍ରଦାନ କରିବା ସହିତ ଆବାସ ଯୋଜନାରେ ଘର ଖଣ୍ଡିଏ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

**ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ ଦାବି**

# ଜୋର୍ ଧରିଲା ଆଲୋଚନା; ହେବ ଆନ୍ଦୋଳନ

ନୟାଗଡ଼,୨୯।୭(ସମିସ)




ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ ଦାବି ନେଇ ଜୋର ଧରିଲା ଆଲୋଚନା। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ହେବ ଜୋରଦାର ଆନ୍ଦୋଳନ। ଜୟ ନୟାଗଡ଼ ଫାଉଣ୍ଡେସନ୍ ଆନୁକୁଲ୍ୟରେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏନେଇ ମତ ପ୍ରକାଶ ପାଇଛି। ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ହୋଇଥିବା ଆଲୋଚନାରେ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଶେଖ୍ ଅବ୍ଦୁଲ୍ ଆହାଦ୍, ବରିଷ୍ଠ ସାମ୍ବାଦିକ ଏସ୍‌କେ ମନାନ, କଂଗ୍ରେସ ନେତା ମନୋଜ ସାହୁ, ବ୍ୟଙ୍ଗକବି ରବୀନ୍ଦ୍ର ରାଉତ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ଆଇନଜୀବୀ ପ୍ରତାପ ନନ୍ଦ, କବି ନିର୍ମଳ ଚନ୍ଦ୍ର ଶୂରଦେଓ, ସମାଜସେବୀ ଶ୍ରୀଧର ପ୍ରଧାନ, ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସମ୍ପାଦକ ଅନୀଲ କୁମାର ପଣ୍ଡା, ସାମ୍ବାଦିକ ରାମକୃଷ୍ଣ ରଥ, ନବକିଶୋର ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମେଡିକାଲ କଲେଜ ଦାବିକୁ ଜୋରଦାର କରିବା ପାଇଁ ସ୍ୱରକୁ ଜୋର କରିବାକୁ ହେବ। ଏଥିପାଇଁ ବିଭିନ୍ନ ବର୍ଗର ଲୋକଙ୍କୁ ଯୋଡ଼ିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଛି। ଏନେଇ ଖୁବଶୀଘ୍ର ଜିଲ୍ଲା ସ୍ତରୀୟ ବୈଠକ ଆୟୋଜନ କରାଯିବ। ନୟାଗଡ଼ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ୮ଟି ବ୍ଲକରୁ ସଂଗଠନ, ସାମ୍ବାଦିକ, ଆଇନଜୀବୀ ଓ ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ସଂଗଠନକୁ ସାମିଲ କରି ଏବ ବୈଠକ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହି ବୈଠକରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବାକୁ ପ୍ରସ୍ତାବ ରହିଛି। କମିଟି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବ। ଜୟ ନୟାଗଡ଼ ଫାଉଣ୍ଡେସନ୍ ତରଫରୁ ଚାଲିଥିବା ଦସ୍ତଖତ ଅଭିଯାନକୁ ତ୍ୱରାନ୍ୱିତ କରି ଏକ ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବ। ଏହା ସହିତ ସୋସିଆଲ ମିଡିଆରେ ଦାବିକୁ ଉପସ୍ଥାପନ କରାଯିବାକୁ ସ୍ଥିର କରାଯାଇଛି। ତା' ପରେ ବି ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଜୋରଦାର ଆନ୍ଦୋଳନ କରିବାକୁ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ବହୁ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଜିଲ୍ଲାବାସୀ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ବୌଦ୍ଧ, କନ୍ଧମାଳ, କଟକ ଜିଲ୍ଲାର କିଛି ଅଧିବାସୀ ମଧ୍ୟ ନିର୍ଭର କରୁଛନ୍ତି। ଜିଲ୍ଲାର ୮ ବ୍ଲକର ଲୋକ ଚିକିତ୍ସା ସୁବିଧା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ନିର୍ମାଣକୁ ଗୁରୁତ୍ୱ ଦେବାକୁ ସରକାରଙ୍କୁ ବାଧ୍ୟ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ମତ ପ୍ରକାଶ ପାଇଛି। ଆଜି ଏହି କାର୍ଯ୍ୟକ୍ରମରେ ସଂଗଠନ ସଂଯୋଜକ ଶ୍ରିତମ କୁମାର ପ୍ରଧାନ, ଅମ୍ଳାନ ଅଂଶୁମାନ ସାହୁ, ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ସୋସିଆଲ ମିଡ଼ିଆ ସଂଯୋଜକ ଅରବିନ୍ଦ ପାଢ଼ୀ, ଦିବ୍ୟରଞ୍ଜନ ସାହୁ, ଶାଶ୍ୱତ ରଞ୍ଜନ ପ୍ରଧାନ, ଅନୁରାଗ ସ୍ୱାଇଁ, ରାକେଶ ସିଠ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସୁନାଚେନ୍ ଲୁଟ୍ ଘଟଣାରେ ଅଭିଯୁକ୍ତ ଗିରଫ

ଜଟଣୀ,୨୯।୭(ସମିସ): ଜଟଣୀ ଥାନା ଅନ୍ତର୍ଗତ ଟ୍ରାଫିକ୍ କଲୋନୀ ଅଞ୍ଚଳରୁ ସୋମବାର ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ଘଟଣାରେ ପୁଲିସ ମଙ୍ଗଳବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଡେଲାଙ୍ଗର ଜଟଣୀ ହାଟବଜାର ଅଞ୍ଚଳରେ ରହୁଥିବା ସୀମାଞ୍ଚଳ ବାରିକ ଓରଫ କୋହିନା (୩୨)। ତା' ନିକଟରୁ ଛିଣ୍ଡା ସୁନାଚେନ୍ ଜବତ କରିଛି ପୁଲିସ।
ସୂଚନାଯୋଗ୍ୟ ଯେ, ସୋମବାର ସକାଳେ ଅଭିଯୋଗକାରୀ ରବୀନ୍ଦ୍ର ସାହୁଙ୍କ ମା' ସାରଦାମଣି ସାହୁ ଟ୍ରାଫିକ୍ କଲୋନୀସ୍ଥିତ ନିଜ କ୍ୱାର୍ଟର୍ସ ସାମ୍ନାରୁ ଫୁଲ ତୋଳୁଥିଲେ। ଏହି ସମୟରେ ଅଭିଯୁକ୍ତ କୋହିନା ଓ ତା'ର ସହଯୋଗୀ ମିଶି ଏକ ବାଇକ୍‌ରେ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ଫଳରେ ମହିଳା ଜଣକ ତଳେ ପଡ଼ିଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବାବେଳେ ମଙ୍ଗଳବାର ଲୋକ କଲୋନୀ ସାଇମନ୍ଦିର ନିକଟରୁ ଅଭିଯୁକ୍ତକୁ ଗିରଫ କରିଥିଲା। ଯାଞ୍ଚବେଳେ ତା' ନିକଟରୁ ଛିଣ୍ଡା ସୁନାଚେନ୍ ଜବତ କରିଥିଲା ପୁଲିସ। ଅନ୍ୟପଟେ କୋହିନାର ସହଯୋଗୀ ଫେରାର୍ ଥିବାବେଳେ ପୁଲିସ ତାଙ୍କୁ ଖୋଜୁଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ଦାମୋଦରଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

ନିରାକାରପୁର,୨୯।୭(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ରାଇଗୁରୁପୁର ଗ୍ରାମର ସ୍ୱର୍ଗତ ଦାମୋଦର ଷଡ଼ଙ୍ଗୀଙ୍କ ଅବର୍ତ୍ତମାନରେ ଏ ଅଞ୍ଚଳ ଜଣେ ଭଲ ଲୋକଙ୍କୁ ହରାଇଲା ବୋଲି ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ସ୍ମୃତିଚାରଣ କରିଥିଲେ। ନିକଟସ୍ଥ ବେଦ ବିଦ୍ୟାଳୟର ପ୍ରତିଷ୍ଠାତା ଡ. କୃପାସିନ୍ଧୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଦ, ଗୀତା ଉପନିଷଦ ପାଠ ସହ ମଙ୍ଗଳାଚରଣ କରାଯାଇଥିଲା। ଏଥି ନିମନ୍ତେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ କବି କାଶୀନାଥ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ସାରଥୀ ଜେନା, ତପନ ମହାପାତ୍ର, ବିଜୟ ସାହୁ, ବ୍ରଜବନ୍ଧୁ କର, ବିକ୍ରମ ମହାରଣା, ରାମଚନ୍ଦ୍ର ତ୍ରିପାଠୀ, ହରମୋହନ ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଭୂଷଣ୍ଡପୁରରେ ପ୍ରକୃତି ସଂରକ୍ଷଣ ଦିବସ



ଭୂଷଣ୍ଡପୁର,୨୯।୭(ସମିସ): ଟାଙ୍ଗୀ ବ୍ଲକ୍ ବାଲିପାଟପୁର, ଭୂଷଣ୍ଡପୁର ପଞ୍ଚାୟତରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ବୃକ୍ଷଦାନ ଓ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଛି। ପ୍ରକୃତିକୁ ସୁରକ୍ଷିତ ରଖିବା ପାଇଁ ବୃକ୍ଷର ଆବଶ୍ୟକତା ଉପରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୌରଭ ଦାସ ମହାପାତ୍ର ଯୋଗଦେଇ ବକ୍ତବ୍ୟ ଦେବା ସହ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ପରିବେଶ ସୁରକ୍ଷା ପାଇଁ ଗୋଟିଏ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବାସୁଦେବ ମହାରଣା, ପ୍ରଦୀପ ସାହୁ, କଇନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷକଙ୍କ ବକେୟା ଦରମା ମିଳୁନଥିବା ଅଭିଯୋଗ

ବେଗୁନିଆ,୨୯।୭(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଖଣତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗଣେଶ୍ୱର ଦେଉରୀଙ୍କ ବକେୟା ଦରମା ନ ମିଳିବାରୁ ଜିଲ୍ଲା ଓ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ରେଜିଷ୍ଟ୍ରି ଡାକ ଯୋଗେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ୨୦୨୪ ନଭେମ୍ବର ୨୬ ତାରିଖରେ ୮ ଜଣ ଶିକ୍ଷକଙ୍କ ମଧ୍ୟରୁ ଶ୍ରୀ ଦେଉରୀଙ୍କୁ ସିଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ପଠାଇବା ପାଇଁ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହା ତ୍ରୁଟିପୂର୍ଣ୍ଣ ନିର୍ଦ୍ଦେଶନାମା ହୋଇଥିବା ହେତୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରିଲିଭ୍ କରି ନ ପାରିବାରୁ ଉଭୟଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ଏହି ସମୟରେ ଡିସେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ଟ୍ରେନିଂ ଯାଇଥିବାବେଳେ ପ୍ରଧାନଶିକ୍ଷକ ନ ଜଣାଇ ରିଲିଭ୍ କରିଦେଇଥିଲେ। ଫଳରେ ଶିକ୍ଷକ ଶ୍ରୀ ଦେଉରୀ ମାନସିକସ୍ତରରେ ଆଘାତ ପାଇ ଛୁଟିରେ ରହିଥିବାରୁ ବକେୟା ଦରମା ସହ ଏକ ମାସର ପ୍ରଦାନ କରି ନ ଥିବାରୁ ବାରମ୍ବାର ଅଭିଯୋଗ କରିଥିଲେ। ପରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ପରେ କାରଣ ଦର୍ଶାଅ ନୋଟିସ ଉପସ୍ଥାପନ କରିଥିବାବେଳେ କାହିଁକି ବକେୟା ଦରମା ପ୍ରଦାନ କରାଯାଇ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ଏପରିକି ସେହି ୮ ଜଣ ଶିକ୍ଷକଙ୍କ ଡେପୁଟେସନକୁ ବାତିଲ୍ ହୋଇଥିବାବେଳେ ଶିକ୍ଷକ ଶ୍ରୀ ଦେଉରୀଙ୍କ ପତ୍ନୀ ଜିନୁ ଜିଲ୍ଲା ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ରେଜିଷ୍ଟ୍ରି ଚିଠି ଯୋଗେ ଅଭିଯୋଗ ପ୍ରେରଣ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

### ଧାନ ଓ ଯଅରେ ପ୍ରସ୍ତୁତ ଜଗନ୍ନାଥ ରାଖି ପ୍ରତି ବଢ଼ୁଛି ଆଦର

# ୧୦ ପରିବାର ପାଇଁ ଦୀପଶିଖା ପାଲଟିଛନ୍ତି ଅନିମା

ଖୋର୍ଦ୍ଧା,୨୯।୭(ସମିସ)



ଦୃଢ଼ ମନୋବଳ ଏବଂ ଇଚ୍ଛାଶକ୍ତି ଥିଲେ ସଫଳତା ଆପେ ମିଳିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଖୋର୍ଦ୍ଧା ବ୍ଲକ୍ ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଆମ୍ବ ମୌଜାର ବାଲିଗାଡ଼ିଆ ଗ୍ରାମର ଅନିମା ସାମନ୍ତରାୟ। ନିଜସ୍ୱ ଉଦ୍ୟମ ଓ ନିଷ୍ଠା ବଳରେ ଜଣେ ସଫଳ ମହିଳା ଭାବେ ନିଜର ପରିଚୟ ସେ ସୃଷ୍ଟି କରିପାରିଛନ୍ତି। ଅନିମା ସାମନ୍ତରାୟ ସରକାରୀ ଏମ୍‌ସିଏମ୍ (ହସ୍ତକଳା)ର ପ୍ରଶିକ୍ଷିକା ରହିଛନ୍ତି। ଅନିମା ସ୍ଥାନୀୟ ଅଞ୍ଚଳରେ କିପରି ଆଗ୍ରହୀ ମା'ମାନେ ମଧ୍ୟ ଜଣେ ଜଣେ ସଫଳ ମହିଳା ଭାବେ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ଉଦ୍ୟମ ଚଳାଇଛନ୍ତି। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପରିବାର ପାଇଁ ଅନିମା ପାଲଟିଛନ୍ତି ଦୀପଶିଖା। ତାଙ୍କ ହାତତିଆରି ବିଭିନ୍ନ ହସ୍ତକଳା ସାମଗ୍ରୀ ଓ ରାଖି ଆଜି ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ଯାହା ଫଳରେ ସେ ସ୍ୱାବଲମ୍ବୀ ହୋଇ ରୋଜଗାର ଏବଂ ସମ୍ମାନ ପାଇବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପ୍ରୋତ୍ସାହିତ କରୁଛନ୍ତି। ପ୍ରକାଶ ଥାଉକି, କିଛି ନୂଆ କରିବା ପାଇଁ ଯୋଜନା ତଥା ଆଗକୁ ବଢ଼ିବାର ଜିଜ୍ଞାସା ଅନିମା ଓ ତାଙ୍କ ସହଯୋଗୀଙ୍କ ପାଇଁ ସଫଳତା ଆଣିଦେଇଛି। ଅନିମାଙ୍କ ପରାମର୍ଶ କ୍ରମେ ଜଙ୍କିଆ ପଞ୍ଚାୟତର ୧୦ଜଣ ମହିଳା ସଦସ୍ୟା ଏକତ୍ରିତ ହୋଇ ଗଠନ କରିଛନ୍ତି ମା' ବୃନ୍ଦାବତୀ ମହିଳା ଗ୍ରୁପ୍। ଗ୍ରୁପର ସଭ୍ୟାମାନେ ରାଖି ପ୍ରସ୍ତୁତି କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଘରେ ବସି ଏହି କୁଟୀରଶିଳ୍ପ ମାଧ୍ୟମରେ ରୋଜଗାର କରିପାରୁଛନ୍ତି। ଚଳିତ ବର୍ଷ ବଜାରରୁ କଞ୍ଚାମାଲ୍ କିଣି ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ରାଖି ପ୍ରସ୍ତୁତ କରୁଛନ୍ତି। ଯଅ, ଧାନ, ମାଳି, କାଇଁଚ, ଶଙ୍ଖରେ ତିଆରି ହେଉଛି ବିଭିନ୍ନ ଡିଜାଇନ୍‌ର ରାଖି। ବିଶେଷତଃ ଧାନ ଓ ଯଅରେ ପ୍ରସ୍ତୁତ ଜଗନ୍ନାଥ ରାଖି ପ୍ରତି ଭଣ୍ଡାର ମାଲିକ ଓ ଗ୍ରାହକଙ୍କ ଆଗ୍ରହ ବଢ଼ୁଥିବା ଦେଖାଯାଇଛି। ସୂତା, ରଙ୍ଗ, ମାଳି ଓ କାଇଁଚରେ ପ୍ରସ୍ତୁତ ରାଖିଗୁଡ଼ିକ ଅତ୍ୟନ୍ତ ମନୋଲୋଭା ଏବଂ ଆକର୍ଷଣୀୟ ହୋଇଛି। ଆଗକୁ ରାଖି ପୂର୍ଣ୍ଣମୀ ଆସୁଥିବାବେଳେ ଏହି ସମୟରେ ରାଖି ବିକ୍ରିକରି ଭଲ ଦି ପଇସା ରୋଜଗାର କରିବାକୁ ଲକ୍ଷ୍ୟ ରଖିଛନ୍ତି ମା' ବୃନ୍ଦାବତୀ ଗୋଷ୍ଠୀର ମହିଳାମାନେ। ବିଭିନ୍ନ ରାଖି ଭଣ୍ଡାରରୁ ଜଗନ୍ନାଥ ରାଖି ପାଇଁ ଅଗ୍ରୀମ ରଖାଯାଇଥିବା ଅନିମା କହିଛନ୍ତି।

- ନିଜସ୍ୱ ଉଦ୍ୟମରେ ହୋଇଛନ୍ତି ସ୍ୱାବଲମ୍ବୀ
- ବିନା ମୂଲ୍ୟରେ ତାଲିମ ଦେଇ ଗାଁର ଝିଅ ଓ ବୋହୂଙ୍କୁ ଦେଖାଇଛନ୍ତି ରୋଜଗାରର ବାଟ

ଏବେ ସୁଦ୍ଧା ପ୍ରାୟ ୧୦ ହଜାରରୁ ଅଧିକ ରାଖି ପ୍ରସ୍ତୁତ ହୋଇସାରିଲାଣି। ଇତି ମଧ୍ୟରେ କିଛି ହୋଲ୍‌ସେଲର ଆସି ରାଖି ନେଇଥିବାବେଳେ



ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ ହଜାର ଟଙ୍କାର ରାଖି ବିକ୍ରି ସରିଛି ବୋଲି ପ୍ରଶିକ୍ଷିକା ଅନିମା କୁହନ୍ତି। ସ୍ଥାନୀୟ ବଜାରରେ ଏକ ଦୋକାନ ଖୋଲିବା ସହ ଆଖପାଖ ଅଞ୍ଚଳରେ ମହିଳା ଗୋଷ୍ଠୀଙ୍କ ଦ୍ୱାରା ଏହି ରାଖିଗୁଡ଼ିକ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏପରିକି ଅନ୍‌ଲାଇନ୍ ମାଧ୍ୟମରେ ରାଖି ବିକ୍ରି ପାଇଁ ଯୋଜନା ଚାଲିଛି। ଅନିମା କୁହନ୍ତି, ରାଖି ପ୍ରସ୍ତୁତି ଲାଗି ମୋବାଇଲ୍ ୟୁଟ୍ୟୁବ୍ ପ୍ରେରଣା ଯୋଗାଇଥିଲା। ନିଜସ୍ୱ ଉଦ୍ୟମରେ ସଦସ୍ୟାଙ୍କୁ ଏନେଇ ପ୍ରଶିକ୍ଷଣ ଦେଇଛି। ପରେ ସମସ୍ତେ ମିଶିକି ଆରମ୍ଭ କରିଛୁ ରାଖି। କଉଡ଼ି ଓ ଶାମୁକା ପୁରୀ ଅଞ୍ଚଳରୁ, ମାଳି, ଜଙ୍ଗୁରା, ଗୋଟାପତି ଭୁବନେଶ୍ୱରରୁ, ଉଲ୍, ଚୁମୁକି, ଭେଲ୍‌ଭେଟ୍ କପଡ଼ା, ପେପର ପ୍ରଭୃତି କଟକ ଅଞ୍ଚଳରୁ ଆଣି ଘରେ କାଟି ରାଖି ପ୍ରସ୍ତୁତ କରୁଛୁ। ପ୍ରାୟ ୫୦ହଜାର ଟଙ୍କାର ମାଲ୍ ଆଣିଛନ୍ତି। ଚଳିତ ବର୍ଷ ରାଖି ଭଲ ବିକ୍ରି ହେବ ବୋଲି ଆଶା କରିଛୁ। ପ୍ରସ୍ତୁତକାରୀ ମହିଳାମାନେ କୁହନ୍ତି, ଅନିମାଙ୍କ ଯୋଗୁଁ ଆମେ ମହିଳାମାନେ ରାଖି ପ୍ରସ୍ତୁତି କରୁଛୁ। ଘର କାମଧନ୍ଦା ସାରି ଆମେ ଦିନ ୧ଟାରୁ ୩ଟା ମଧ୍ୟରେ ରାଖି କାମ କରୁଛୁ। ଏବେ ବଳକା ସମୟକୁ କାମରେ ଲଗାଇ ଦି ପଇସା ରୋଜଗାର କରୁଛୁ। ଫଳରେ ଘର ଚଳାଇବାକୁ ସ୍ୱାମୀଙ୍କୁ ସହଯୋଗ କରୁଛୁ। ରାଖି ୫ ଟଙ୍କାରୁ ଆରମ୍ଭ କରି ପ୍ରାୟ ୫୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିବା ଲାଗି ଯୋଜନା କରିଛୁ। ଏହି ମହିଳା ଗୋଷ୍ଠୀକୁ ସରକାରୀ ସୁବିଧା ଯୋଗାଇଦେଲେ ବହୁ ହସ୍ତକଳା କାର୍ଯ୍ୟ ସେମାନେ କରିପାରନ୍ତେ ବୋଲି ପ୍ରକାଶ କରିଛନ୍ତି।

## ନିଜ ଦେହରେ ନିଆଁ ଲଗାଇଦେଲେ ମହିଳା

**ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି**



ଜଟଣୀ,୨୯।୭(ସମିସ): ଜଟଣୀ ଥାନା ଅନ୍ତର୍ଗତ କୁସୁମାଟି ତାରିଣୀନଗର ଅଞ୍ଚଳରେ ପାରିବାରିକ କଳହକୁ କେନ୍ଦ୍ରକରି ମଙ୍ଗଳବାର ଜଣେ ମହିଳା ନିଜ ଦେହରେ କିରାସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିଛନ୍ତି। ତେବେ ମହିଳାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ଜଣାପଡ଼ିଛି। ଘଟଣାନୁଯାୟୀ, ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ମହିଳା ଓ ତାଙ୍କ ଝିଅ ସହ କୌଣସି ଏକ କାରଣକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଯାହାକୁ ନେଇ ମହିଳା ଜଣକ ରାଗିଯାଇ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟ ନେଇ ନିଜ ଦେହରେ କିରାସିନି ଢାଳି ନିଜ ରୁମ୍ ଭିତରେ ପଶି ଭିତରପଟୁ କବାଟ ବନ୍ଦ କରି ଦେଇଥିଲେ। ପରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହା ଦେଖି ପରିବାର ଲୋକ ଚିତ୍କାର କରିବାରୁ ପାଖ ପଡ଼ୋଶୀ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମହିଳାଙ୍କୁ ଘର ଭିତରୁ ଉଦ୍ଧାର କରି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ଉଦ୍ୟମରେ ଚାରାରୋପଣ



ଟାଙ୍ଗୀ,୨୯।୭(ସମିସ): କନ୍ଧ ନୟାଗଡ଼ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସର ଓ ଶନିମନ୍ଦିରଠାରୁ ରଣପୁର ରୋଡ୍‌ରୁ ଚାନ୍ଦପୁରକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ତରଫରୁ ଚାରାରୋପଣ କରାଯାଇଛି। ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ ରଞ୍ଜନ ମାର୍ଥା, ରଣପୁର ବ୍ଲକ୍ ଅଧ୍ୟକ୍ଷା ନିର୍ମଳା ବେହେରା, କନ୍ଧ ନୟାଗଡ଼ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧିଙ୍କ ସମେତ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଉପସଭାପତି ମାନସ ପଟ୍ଟନାୟକ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଦାମୋଦର ସାହୁ, ଆଇନ ପରାମର୍ଶଦାତା ସନ୍ଦୀପନି ମିଶ୍ର, ଶ୍ୟାମ ସୁନ୍ଦର ପଟ୍ଟନାୟକ, ସଂଯୋଜକ ରଜନୀକାନ୍ତ ମିଶ୍ର, ଉମେଶ ଚନ୍ଦ୍ର ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଶ୍ରଦ୍ଧାଞ୍ଜଳି ସାହୁ, ଅଜୟ ମହାନ୍ତି ପ୍ରମୁଖ ଅଁଳା, ଡାଳିମ୍ବ, ପିଜୁଳି, ଲେମ୍ବୁ, ରାଜ ବଢ଼ିଆଳ, ସପେଟା, ଝାଉଁ, ବଉଳ ଇତ୍ୟାଦି ୧୧୨ଟି ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଦ୍ୟାଳୟର ଗୁରୁଜୀ, ଗୁରୁମା' ସହଯୋଗ କରିଥିଲେ।

## ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

ବାଣପୁର,୨୯।୭(ସମିସ): ଗୋଦାବରୀଶ ମହାବିଦ୍ୟାଳୟରେ ଏକାଦଶ ଶ୍ରେଣୀର କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ନୂତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପ, ଚନ୍ଦନ ଦେଇ ମହାବିଦ୍ୟାଳୟର ଅଡିଟୋରିୟମ୍ ହଲ୍‌କୁ ପାଛୋଟି ନେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତା, ଯୁକ୍ତ ୨ ଅଧ୍ୟକ୍ଷ ଲକ୍ଷ୍ମୀପ୍ରସାଦ ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମା, ଅଧ୍ୟାପକ ଆଦିତ୍ୟ ସାରଥି ବେଦମତ୍ତା, ଅଧ୍ୟାପିକା ଡ. ସୁଜାତା ମିଶ୍ର, ଲକ୍ଷ୍ମୀପ୍ରିୟା ପଲେଇ, ଡ. ଋତୁପର୍ଣ୍ଣା ମିଶ୍ର, ଉତ୍କଳିକା ପାଢ଼ୀ, ସଂଘମିତ୍ରା ଘଟୁଆରୀ, ଅଧ୍ୟାପକ ଗୋଲକ ବେହେରା, ଜୟନ୍ତ ବିହାରୀ, ସୁବ୍ରତ ତ୍ରିପାଠୀ, ଅଜୟ ଦାଶ ଓ ଅରବିନ୍ଦ ନାୟକ ପ୍ରମୁଖ ଯୋଗଦେଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଛାତ୍ରଛାତ୍ରୀଙ୍କୁ ଶ୍ରେଣୀଗୃହ, ସାଧାରଣ ପ୍ରକୋଷ୍ଠ, ପାଠାଗାର, ପରୀକ୍ଷାଗାର, ଯୁକ୍ତ ୨ କାର୍ଯ୍ୟାଳୟ, ପାଠ୍ୟଖସଡ଼ା, ରୁଟିନ୍, ମହାବିଦ୍ୟାଳୟର ଶୃଙ୍ଖଳା, ନୀତିନିୟମ, ଆଣ୍ଟିରାଗିଙ୍ଗ୍, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ସମୟାନୁବର୍ତ୍ତିତା ଆଦି ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମନୋଜ ପରିମାଣିକ, ମୁକେଶ ମହାପାତ୍ର, ବିଭୁଦେନ୍ଦୁ ବିଧାର, ଗୋପୀନାଥ ସାହୁ ଓ ରଞ୍ଜନ ବାରିକ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରିପଲ୍ 'ଏ' ଖୋର୍ଦ୍ଧାରେ ଷ୍ଟେମ୍-ଡିଏଲ୍‌ଡି କର୍ମଶାଳା




ଖୋର୍ଦ୍ଧା,୨୯।୭(ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ୍ 'ଏ'ରେ ସିବିଏସ୍‌ଇ ଭୁବନେଶ୍ୱରର ସିଓଇ ବିଭାଗ ଦ୍ୱାରା ଆୟୋଜିତ ଷ୍ଟେମ୍-ଡିଏଲ୍‌ଡି କର୍ମଶାଳା କରାଯାଇଥିଲା। ଏହା ବିଜ୍ଞାନ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ଗଣିତ ବିଭାଗର ଶିକ୍ଷକମାନଙ୍କର ନୂତନ ପ୍ରଣାଳୀରେ ବିଦ୍ୟାଦାନ କରିବାକୁ ନେଇ ଏକ ପ୍ରତିଯୋଗିତା ଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି ଓ ନିମନ୍ତ୍ରିତ ଅତିଥି ମଣ୍ଡଳୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ରୟାଲ୍ ପବ୍ଲିକ୍ ସ୍କୁଲ ଭୁବନେଶ୍ୱରର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଡିଷ୍ଟ୍ରିକ୍ଟ କୋର୍ଡିନେଟର୍ ଭାବରେ କାର୍ଯ୍ୟକ୍ରମଟିକୁ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମୁଦାୟ ୮ଟି ସିବିଏସ୍‌ଇ ବିଦ୍ୟାଳୟର ୧୬ଜଣ ଶିକ୍ଷକଶିକ୍ଷୟିତ୍ରୀ ନିଜର ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ଷ୍ଟେମ୍‌ର ଉପାଦେୟତା ପ୍ରଦର୍ଶନ କରିଥିଲେ। ଡ. ସୁଜାତା ଚକ୍ରବର୍ତ୍ତୀ ଏବଂ ସୁବାସ ଚନ୍ଦ୍ର ରାଉତ ବିଚାରକ ମଣ୍ଡଳୀ ରୂପେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ୫ଜଣ ପ୍ରତିଯୋଗୀ ବିଜୟଲାଭ କରିଥିଲେ ହେଁ ବକ୍ସି ଜଗବନ୍ଧୁ, ଭୁବନେଶ୍ୱର ବିଦ୍ୟାଳୟର ୨ଜଣ ପ୍ରତିଯୋଗୀ ଜାତୀୟସ୍ତରକୁ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରିପଲ୍-ଏ'ର ଇଂରାଜୀ ବିଭାଗର ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦେବୀ ପରିଚାଳନା କରିଥିବାବେଳେ ଇଂରାଜୀ ବିଭାଗର ଶିକ୍ଷକ ସତ୍ୟଜିତ୍ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ



ବେଗୁନିଆ,୨୮।୭(ସମିସ): ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ସାହୁ ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଅମ୍ରିତ ଋତୁରାଜଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀର ଉଭୟ ବ୍ଲକ୍‌ର ବିକାଶ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ଜିଲ୍ଲା ପ୍ରଶାସନର ସହଯୋଗ ନିହାତି ଜରୁରୀ ହୋଇଥିବାରୁ ବିଧାୟକ ଶ୍ରୀ ସାହୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବେଗୁନିଆ ଓ ବୋଲଗଡ଼ ବ୍ଲକ୍‌ର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ।

### ପେଟ୍ରୋଲ୍ ପମ୍ପରେ ସରକାରୀ ନିୟମକୁ ଉଲ୍ଲଂଘନ; ପ୍ରଶାସନ ନୀରବଦ୍ରଷ୍ଟା

# ସରକାରଙ୍କ ନୂଆ ନିୟମରେ ଲୋକେ ହନ୍ତସନ୍ତ

ବାଲୁଗାଁ,୨୯।୭(ସମିସ): ସରକାରଙ୍କ ନିୟମ ମୁତାବକ ଗ୍ରାହକମାନଙ୍କୁ ସମସ୍ତ ସୁବିଧାସୁଯୋଗ ଯୋଗାଇ ପେଟ୍ରୋଲ୍ ପମ୍ପ ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ବାଲୁଗାଁ, ବାଣପୁର, ଆଙ୍ଗୁଲା ଓ ନାଚୁଣୀ ଆଦି ଅଞ୍ଚଳରେ ଅବସ୍ଥିତ ପ୍ରାୟତଃ ପେଟ୍ରୋଲ୍ ପମ୍ପରେ ଗ୍ରାହକମାନଙ୍କ ନିମନ୍ତେ ସମସ୍ତ ସୁବିଧାସୁଯୋଗ ଯଥା ଶୌଚାଳୟ, ଥଣ୍ଡା ପାନୀୟଜଳ ଓ ପ୍ରେସର ମେସିନ ଆଦି ସମସ୍ତ ସୁବିଧା ଯୋଗାଇଦେବାର ସୁବ୍ୟବସ୍ଥା ଉପଲବ୍ଧ କରାଯାଉ ନ ଥିବା ଦେଖିବାକୁ ମିଳୁଛି। ମନମୁଖି ଭାବେ ସରକାରୀ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ନେଇ ଗ୍ରାହକ ମହଲରେ ଅଭିଯୋଗ ହେଉଛି। ଅନ୍ୟପକ୍ଷେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମଦାହ କରିବା ଘଟଣା ପରେ ପେଟ୍ରୋଲ୍ ପମ୍ପଗୁଡ଼ିକରେ ବର୍ତ୍ତମାନ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ନ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଜନସାଧାରଣ ଏଥିପାଇଁ ବହୁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। କୌଣସି କାରଣବସତଃ ପେଟ୍ରୋଲ ପମ୍ପଠାରୁ ଦୂର ସ୍ଥାନରେ ଗାଡ଼ିରୁ ପେଟ୍ରୋଲ ଶେଷ ହୋଇଯିବା



ପରେ ବୋତଲ ଧରି ପେଟ୍ରୋଲ ପମ୍ପକୁ ଗ୍ରାହକ ଆସି ନିରାଶ ହୋଇ ଫେରି ବାଧ ହୋଇ ବହୁ ହଇରାଣ ହରକତ ହୋଇ ଗାଡ଼ିକୁ ଠେଲି ଠେଲି ଆଣି ପେଟ୍ରୋଲ ପକାଉଥିବା ଦେଖାଯାଇଛି। କାଚ ବୋତଲ ସେଭଳି ଉପଲବ୍ଧ ହେଉ ନ ଥିବାରୁ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ଆଣିବାକୁ ଯାଇ ନ ମିଳିବାରେ ନିରାଶ ହୋଇ ଫେରି ଲୋକେ ହନ୍ତସନ୍ତ ହେଉଥିବାରୁ ଏନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତତ୍ ସହିତ ବର୍ଷ ବର୍ଷ ଧରି ପେଟ୍ରୋଲ୍ ପମ୍ପମାନଙ୍କରେ ବ୍ୟାପକ ଅପମିଶ୍ରଣ ଓ ମାପ ଓଜନରେ ଠକେଇ ହେଉଥିବା ନେଇ ଗାଡ଼ି ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଡିପୋରୁ ପେଟ୍ରୋଲ ବୋଝେଇ କରି ତେଲ ଟ୍ୟାଙ୍କର ବାହାରିବା ପରେ ବାଟରେ ଅପମିଶ୍ରଣ କରି ଆସୁଥିବା ସହ ତେଲ ଟାଙ୍କିରେ ମଧ୍ୟ ଅପମିଶ୍ରଣ କରାଯାଉଥିବା ସହ ମାପ ଓଜନରେ ମଧ୍ୟ ଠକେଇ କରି କମ୍ ପରିମାଣର ତେଲ ଦେଇ ଗ୍ରାହକମାନଙ୍କୁ ଶୋଷଣ କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଏହି ଅପମିଶ୍ରଣ ଓ କମ୍ ପରିମାଣର ତେଲ ପାଇ ଗାଡ଼ି ଚାଳକମାନେ ବାଟରେ ନାହିଁ ନ ଥିବା ହଟହଟା ହେଉଛନ୍ତି। ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏହି ପମ୍ପଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପେଟ୍ରୋଲ୍ ପମ୍ପଗୁଡ଼ିକ ଉପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେଇ ତଦନ୍ତ କରିବା ସହ ଗ୍ରାହକମାନଙ୍କୁ ସମସ୍ତ ସୁବିଧାସୁଯୋଗ ଉନ୍ନତ ମାନର ପେଟ୍ରୋଲ ଯୋଗାଇଦେବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ନିମନ୍ତେ ଜନସାଧାରଣରେ ଦୃଢ଼ ଦାବି ହେଉଛି। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରେ ଫୋନ୍ ଉଠାଇ ନ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ନିରାକାରପୁର,୨୯।୭(ସମିସ): ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ଅନୁବନ୍ଧିତ ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ ମହାବିଦ୍ୟାଳୟର ଅଧ୍ୟାପକ ଜିତେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କଣାସ ମହାବିଦ୍ୟାଳୟର ଅଧ୍ୟାପକ ଉମାକାନ୍ତ ସାମନ୍ତସିଂହାର, ବିଦ୍ୟାଳୟର ସମ୍ପାଦକ ଅଜୟ କୁମାର ପାଇକରାୟ ଓ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଶ୍ୱନାଥ ଷଡ଼ଙ୍ଗୀ ଏଥିରେ ଯୋଗଦେଇ ଆନୁଷ୍ଠାନିକ ଭାବେ ବିଜ୍ଞାନ ମେଳା ଉଦ୍‌ଘାଟନ କରିଥିଲେ। ଏଥିରେ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଭାଇ-ଭଉଣୀମାନେ ଅଂଶଗ୍ରହଣ କରି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଅଧ୍ୟାପକମାନେ ପ୍ରକଳ୍ପଗୁଡ଼ିକ ପର୍ଯ୍ୟବେକ୍ଷଣ କରି ମୂଲ୍ୟାଙ୍କନ କରି ଶିଶୁ ଭାଇ-ଭଉଣୀମାନଙ୍କର ସ୍ଥାନ ନିରୂପଣ କରିଥିଲେ। ପରେ ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା' ଏବଂ ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିଥିଲେ। ଶିଶୁ ବର୍ଗ ବିଭାଗରେ ଚନ୍ଦ୍ରାଂଶୁ ବେହେରା (ଚତୁର୍ଥ) ପ୍ରଥମ ସ୍ଥାନ, ପିୟୂଷମୟୀ ବାରିକ (ପଞ୍ଚମ) ଦ୍ୱିତୀୟ



ସ୍ଥାନ, ସାଇ ଶୁଭମ୍ ପାତ୍ର (ପଞ୍ଚମ) ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବାଲ୍ ବର୍ଗରେ ସୌରଭ ସାହୁ (ଅଷ୍ଟମ) ପ୍ରଥମ ସ୍ଥାନ, ଆଦିତ୍ୟ ରାଉତରାୟ (ସପ୍ତମ) ଦ୍ୱିତୀୟ ସ୍ଥାନ ଓ ପ୍ରତିକ୍ଷା ପାତ୍ର (ଷଷ୍ଠ) ତୃତୀୟ ସ୍ଥାନ ଅଧିକାର କରିଥିବାର ଜଣାପଡ଼ିଛି।







## ଏସ୍‌ସିବିରେ ଯକୃତ ପ୍ରତିରୋପଣ ବନ୍ଦ

# ଚାପରେ କର୍ତ୍ତୃପକ୍ଷ, ବଦଳିଲେ ନୋଡାଲ ଅଫିସର

**କଟକ, ୨୯।୭(ସମିସ)**

ବଡ ମେଡିକାଲର ଯକୃତ ପ୍ରତିରୋପଣ ୟୁନିଟରେ ତାଲା ଝୁଲି ରହିବା ଘଟଣା ପଛରେ ପ୍ରଶାସନିକ ଅପାରଗତା ଏବଂ ରାଜନୈତିକ ଚକ୍ରାନ୍ତ ଥିବା କୁହାଗଲାଣି। ପ୍ରତିରୋପଣ ୟୁନିଟକୁ ଅକାମୀ କରିଦେବା କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନିଆଯାଉଥିଲା। ଏପରିକି ୟୁନିଟରୁ ମେସିନ ସ୍ଥାନାନ୍ତର କରିବାକୁ ଖୋଦ୍ ଅଧୀକ୍ଷକ ଚିଠି ଜରିଆରେ ନିର୍ଦ୍ଦେଶ ଦେଇଥିଲେ। ଘଟଣାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହେବା ପରେ ଏସ୍‌ସିବି କର୍ତ୍ତୃପକ୍ଷ ଚାପରେ ପଡ଼ି ତରବରିଆ ଭାବେ ନୋଡାଲ ଅଫିସର ନିଯୁକ୍ତ କରିଛନ୍ତି। ୪ ଦିନ ପୂର୍ବେ ଆସୋସିଏଟ ପ୍ରଫେସର ଡାକ୍ତର ଲକ୍ଷ୍ମୀନାରାୟଣ ମହାନ୍ତିଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଛି। ଏ ବାବଦରେ ଡାକ୍ତର ମହାନ୍ତିଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

**ଡାକ୍ତର ଏଲ୍‌ଏନ୍ ମହାନ୍ତିଙ୍କୁ ନୂଆ ଦାୟିତ୍ୱ**

**ସନ୍ଦେହରେ ପ୍ରଫେସର ମନୋଜ ପଟ୍ଟନାୟକଙ୍କ ଇସ୍ତଫା**

**ପ୍ରତିରୋପଣ ସଫଳ କରିଥିବା ଡାକ୍ତର ରାଜେଶ ଦୋରାଙ୍କ ବଦଳିକୁ ନେଇ ପ୍ରଶ୍ନ**

ଯକୃତ ପ୍ରତିରୋପଣ ବନ୍ଦ କରାଯିବା ଓ ଅପେକ୍ଷାରତ ରୋଗୀଙ୍କ ମୃତ୍ୟୁ ଘଟିବା ପ୍ରସଙ୍ଗରେ ଦିନକୁ ଦିନ ନୂତନ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ସଫଳପୂର୍ବକ ଯକୃତ ପ୍ରତିରୋପଣ କରାଇବା ନିମନ୍ତେ ୪ଜଣିଆ ସ୍ୱତନ୍ତ୍ର କମିଟି ପୂର୍ବରୁ ଗଠନ ହୋଇଥିଲା। ଯେଉଁଥିରେ ପ୍ରଫେସର ଡାକ୍ତର ରାଜେଶ ଦୋରା ନୋଡାଲ ଅଫିସର ଥିବା ବେଳେ ପ୍ରଫେସର ଡାକ୍ତର ପ୍ରମୋଦ ପଲାଇ, ପ୍ରଫେସର ଡାକ୍ତର କୌମୁଦି ପଟ୍ଟନାୟକ, ଆସୋସିଏଟ ପ୍ରଫେସର ଡାକ୍ତର ଲକ୍ଷ୍ମୀନାରାୟଣ ମହାନ୍ତି ରହିଥିଲେ। ଏହି କମିଟିର ତତ୍ତ୍ୱାବଧାନରେ ବଡ ମେଡିକାଲରେ ଦୁଇଟି ପ୍ରତିରୋପଣ ସଫଳ ହୋଇଥିଲା। ହେଲେ କିଛି ମାସ ପୂର୍ବେ ପ୍ରଫେସର ଦୋରାଙ୍କୁ ହଠାତ୍ ଫୁଲବାଣୀ ବଦଳି କରି ଦିଆଯାଇଥିଲା। ଏଠାରେ ପ୍ରତିରୋପଣ ଧିମେଇବା ଓ ପ୍ରତିରୋପଣ ପଞ୍ଜୀକରଣ ବନ୍ଦ ହେବା ସ୍ଥିତି ଉପୁଜିବାରୁ ତାଙ୍କ ସ୍ଥାନରେ ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ମନୋଜ ପଟ୍ଟନାୟକଙ୍କୁ ନୋଡାଲ ଅଫିସର ଦାୟିତ୍ୱ ମିଳିଥିଲା। ପ୍ରାୟ ଶହେ କୋଟିର ପ୍ରକଳ୍ପ ଯକୃତ ପ୍ରତିରୋପଣକୁ ଆଗେଇ ନେଉଥିବା ପ୍ରଫେସର ଦୋରାଙ୍କୁ କାହିଁକି ବଦଳି କରାଯାଇଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ନିଜ ନାମ ଗୋପନ ରଖି ମେଡିକାଲର ଜଣେ ବରିଷ୍ଠ ଡାକ୍ତର କହିଛନ୍ତି ଯେ ପ୍ରଫେସର ପଟ୍ଟନାୟକ ନୋଡାଲ ଅଫିସର ରହିଥିଲେ; କିନ୍ତୁ ଯେବେ ଅଧୀକ୍ଷକ ପଦରେ ପ୍ରଫେସର ଗୌତମ ଶତପଥୀ ଅବସ୍ଥାପିତ ହେଲେ, ତାହାପରେ ସେ ନିଜ ଦାୟିତ୍ୱରୁ ଇସ୍ତଫା ଦେଇଦେଲେ। କେଉଁ କାରଣରୁ ଇସ୍ତଫା ଦେଇଥିଲେ ତାହା ଏବେ ବି ସନ୍ଦେହ ଘେରରେ। ଦୁଇ ମାସ ଧରି ନୋଡାଲ ଅଫିସର ପଦ ଫାଙ୍କା ପଡ଼ିଥିଲା। ଏବେ ଆସୋସିଏଟ ପ୍ରଫେସର ଡାକ୍ତର ଲକ୍ଷ୍ମୀନାରାୟଣ ମହାନ୍ତିଙ୍କୁ ନୋଡାଲ ଅଫିସର ଦାୟିତ୍ୱ ମିଳିଛି। ଯକୃତ ପ୍ରତିରୋପଣ ପୁର୍ନବାର ଆରମ୍ଭ କରିବା କ୍ଷେତ୍ରରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଆନ୍ତରିକତା ନାହିଁ ବୋଲି ବରିଷ୍ଠ ଡାକ୍ତର ଜଣକ କହିଛନ୍ତି।

### ଲମ୍ବି ଚାଲିଛି ମୃତ୍ୟୁ ତାଲିକା

ଜଣକ ପରେ ଜଣେ ଯକୃତ ରୋଗୀଙ୍କ ମୃତ୍ୟୁ ଘଟି ଚାଲିଛି। ପ୍ରତିରୋପଣ ବନ୍ଦ ହୋଇ ରହିବା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ମିଳିଥିବା ସୂଚନା ମୁତାବକ, ଯକୃତ ପ୍ରତିରୋପଣ ତାଲିକାରେ ଥିବା ୨୧ବର୍ଷୀୟ ଯଶୋବନ୍ତ ପରିଡ଼ା, ୫୭ବର୍ଷୀୟ ସୁଷମା ବେହେରା, ୩୮ ବର୍ଷୀୟ ଭୁବନେଶ୍ୱର କିଶାନ, ୬୧ବର୍ଷୀୟ ମହମ୍ମଦ ଲିଆକତ ଅଲ୍ଲୀ, ୪୫ବର୍ଷୀୟ ମନୋଜ ପାଲଟା ସିଂହ, ୪୮ ବର୍ଷୀୟ ସୁଶାନ୍ତ କୁମାର ପଣ୍ଡା ମୃତ୍ୟୁ ବରଣ କରି ସାରିଲେଣି। ସେହିପରି ଗତ ଫେବୃୟାରୀ ମାସରେ ଆଗ୍ରାହାଟ ଅଞ୍ଚଳର ବ୍ରହ୍ମାନନ୍ଦ ବେହେରା ମଧ୍ୟ ପ୍ରତିରୋପଣ ଅପେକ୍ଷାରେ ରହି ପ୍ରାଣ ହରାଇଛନ୍ତି। ତାଙ୍କ ପତ୍ନୀ ସ୍ମିତାଞ୍ଜଳି ବେହେରା ଯକୃତ ଦାନ ନିମନ୍ତେ ଇଚ୍ଛାପତ୍ର ଦାଖଲ କରିଥିଲେ। ତାଲିକାର ଆଗରେ ରହିଥିବା ବିଘ୍ନରାଜ ପଟ୍ଟନାୟକ ଓ ନିହାର ସ୍ୱାଇଁ ମଧ୍ୟ ଆରପାରିକୁ ଚାଲିଗଲେଣି। ମୃତ୍ୟୁ ତାଲିକା ଲମ୍ବି ଚାଲିଥିଲେ ସୁଦ୍ଧା ଏ ବାବଦରେ କୌଣସି ପଦକ୍ଷେପ ନିଆ ନଯିବା ଦୁଃଖଦାୟକ। ମୃତ ବ୍ରହ୍ମାନନ୍ଦଙ୍କ ପୁତୁରା ବିଶ୍ୱରଞ୍ଜନ କହିଛନ୍ତି ଯେ, ବଡ ମେଡିକାଲ ଉପରେ ଆଉ ଭରସା ନାହିଁ। ସୁସ୍ଥ ହେବାର ଆଶା ରଖି ଏସ୍‌ସିବି ଗଲେ ସେଠାରେ ମୃତ୍ୟୁକୁ ସମ୍ମୁଖୀନ କରିବାକୁ ପଡୁଛି।

## 'ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ' ଉନ୍ମୋଚିତ



**କଟକ, ୨୯।୭(ସମିସ):** ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତିଙ୍କ ରଚିତ 'ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ' ପୁସ୍ତକର ଦ୍ୱିତୀୟ ସଂସ୍କରଣ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଶତାବ୍ଦୀ ଭବନଠାରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ପୁସ୍ତକକୁ ଉନ୍ମୋଚନ କରି କହିଲେ ଯେ ଦର୍ଶନଶାସ୍ତ୍ର ଆମକୁ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ଉତ୍‌ଥାପନ କରିବା ପାଇଁ ଶିକ୍ଷା ଦେଇଥାଏ। ସୁସାହିତ୍ୟିକ ଡକ୍ଟର ନଟବର ଶତପଥୀ ଓ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ପୁସ୍ତକର ତାତ୍ତ୍ୱିକ ସମୀକ୍ଷା କରିଥିଲେ। ଦର୍ଶନଶିକ୍ଷାର ପ୍ରସାର ଦିଗରେ ନିଃସ୍ୱାର୍ଥ ଅବଦାନ ପାଇଁ 'ନୀଳଚକ୍ର'ର ସଭାନେତ୍ରୀ ନମିତା ପଣ୍ଡା ଓ ସମାଜସେବୀ ସ୍ୱର୍ଗତ ଫିରଦୌଷ ଅଲି (ମରଣୋତ୍ତର)ଙ୍କୁ ସମ୍ମାନିତ କରାଯାଇଥିଲା। ବଶିଷ୍ଠ ବିଚାର ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ସଭାପତିତ୍ୱ କରିଥିଲେ। ଦେଶର ଲବ୍ଧପ୍ରତିଷ୍ଠ ଦର୍ଶନଶାସ୍ତ୍ରବିତ୍‌ମାନଙ୍କ ପାଖରୁ ଆସିଥିବା ଶୁଭେଚ୍ଛା ବାର୍ତ୍ତାକୁ ଅଧ୍ୟାପକ ବିଜୟ କୁମାର ନାୟକ ପାଠ କରିଥିଲେ। ଡକ୍ଟର ଶଚୀନ୍ଦ୍ର ରାଉଳ ପ୍ରାରମ୍ଭିକ ସୂଚନା, ଡକ୍ଟର ଗୌରୀଶଙ୍କର ସାହୁ ଅତିଥି ପରିଚୟ ଓ ପ୍ରଫେସର ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବ୍ୟଙ୍ଗକାର ରାଧାଶ୍ୟାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବଶିଷ୍ଠ ବିଚାର ମଞ୍ଚର ସଂଯୋଜକ ଦୀପକ କୁମାର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୋଗଗୁରୁ ଭୋଳାନାଥ ନାୟକ ଶାନ୍ତିମନ୍ତ୍ର ପାଠ କରିଥିଲେ।

## ଜୁଆ ଆଡ୍ଡାରେ ଚଢଉ; ୩ ଗିରଫ

**କଟକ, ୨୯।୭(ସମିସ):** ବେଆଇନ୍ ଭାବେ ଚାଲିଥିବା ଏକ ଜୁଆଆଡ୍ଡାରେ ଲାଲବାଗ ଥାନା ପୁଲିସ ଆଜି ଚଢଉ କରିଛି। ସେଠାରୁ ଆଡ୍ଡାର ମୁଖ୍ୟ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ଗାଡି, ଟଙ୍କା, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ପୁଲିସ ସୂଚନା ଅନୁସାରେ, ଗତ କିଛି ଦିନ ହେବ ସ୍ଥାନୀୟ ଚୂନଭାଟି ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜୁଆ ଖେଳ ଚାଲୁଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ ଜୁଆଆଡ୍ଡା ଉପରେ ନଜର ରଖିଥିଲା। ଆଜି ସନ୍ଧ୍ୟାରେ ସେଠାରେ ଏକାଧିକ ବ୍ୟକ୍ତି ଏକତ୍ର ହୋଇ ଜୁଆ ଖେଳୁଥିବା ନେଇ ସୂଚନା ମିଳିବା ପରେ ପୁଲିସ ଅତର୍କିତ ଚଢଉ କରିଥିଲା। ଏହି ସମୟରେ ପୁଲିସକୁ ଦେଖି ଜୁଆ ଖେଳୁଥିବା ୫ରୁ ଅଧିକ ଦୌଡି ପଳାଇଥିଲେ। ୩ ଜଣଙ୍କୁ ପୁଲିସ କାବୁ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରେ ଜୁଆଆଡ୍ଡା ଚଳାଉଥିବା ବାଙ୍କା ବଜାରର ପପୁ ଓରଫ ରିୟାଜ ବକ୍ସ, ମେରିଆ ବଜାରର ବିଶ୍ୱନାଥ ବିଶ୍ୱାଳ ଓ ଉପର ତେଲେଙ୍ଗା ବଜାରର ସରୋଜ କୁମାର ନାୟକ ଗିରଫ ହୋଇଛନ୍ତି। ଘଟଣାସ୍ଥଳରୁ ୯ ହଜାର ଟଙ୍କା, ସ୍କୁଟି, ୩ଟା ମୋବାଇଲ, ତାସକାର୍ଡ, ବୋର୍ଡ ଓ ଜୁଆଖେଳରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ପପୁ ଜଣେ ଅଭ୍ୟାସଗତ ଜୁଆଡି। ପୂର୍ବରୁ ସେ ବିଭିନ୍ନ ସ୍ଥାନରେ ଜୁଆଆଡ୍ଡା କରି ପୁଲିସ ହାତରେ ଧରାପଡ଼ି ଜେଲ ମଧ୍ୟ ଯାଇଛି। ହେଲେ ଜାମିନରେ ଆସିବା ପରେ ପୁଣିଥରେ ଅନ୍ୟ କେଉଁସ୍ଥାନରେ ଜୁଆଆଡ୍ଡା ଖୋଲୁଥିଲା। ରାତି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ସୂଚନା ଦେଇଛନ୍ତି।

### ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

## ଅଭିଯୁକ୍ତ ସ୍ୱାମୀ ଗିରଫ

**କଟକ, ୨୯।୭(ସମିସ):** ମହାନଦୀର ଗଡ଼ଗଡ଼ିଆ ଘାଟରୁ ଜଣେ ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ବିଡାନାସୀ ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସେ ହେଉଛି ବିକାଶ ନାୟକ(୨୪)। ମହିଳାଙ୍କ ବାପ ଘର ଲୋକଙ୍କ ହତ୍ୟା ଅଭିଯୋଗ ଆଧାରରେ ପୁଲିସ ଗିରଫଦାରୀ କରିଛି।

ପୁଲିସ ସୂଚନା ଅନୁସାରେ, ଶ୍ରାବଣ ମାସ ପାଇଁ ଗଡ଼ଗଡ଼ିଆ ଘାଟରେ ଅଗ୍ନିଶମ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ଖୋଲାଯାଇଛି। ଗତ ସୋମବାର ସକାଳେ ଅଗ୍ନିଶମ କର୍ମଚାରୀମାନେ ମହାନଦୀରେ ପଇଁତରା ମାରୁଥିଲେ। ଏତିକିବେଳେ ଜଣେ ମହିଳାଙ୍କ ଶବ ଭାସିଯାଉଥିବା ଦେଖି ତାକୁ ଉଦ୍ଧାର କରିଥିଲେ। କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପହଞ୍ଚି ମୃତଦେହକୁ ନେଇ ଏସସିବି ମେଡିକାଲରେ ବ୍ୟବଚ୍ଛେଦ କରିବା ପରେ ଶବ ସଂରକ୍ଷଣ ଗୃହରେ ରଖିଥିଲା। ପରେ ମୃତ ମହିଳାଙ୍କ ପରିଚୟ ମିଳିଥିଲା। ଗଞ୍ଜାମ ଜିଲ୍ଲାର ମହିଳା ଜଣକ ତିନି ମାସ ତଳେ ବିକାଶକୁ ବିବାହ କରିଥିଲେ। ବିବାହ ପରେ ଦମ୍ପତି ପ୍ରଥମେ ଫେଜ-୨ ଥାନା ଅନ୍ତର୍ଗତ ଧବଳେଶ୍ୱର ଗଡ଼ା ବସ୍ତିରେ ରହୁଥିଲେ। ପରେ ଜୁଲାଇ ପ୍ରଥମ ସପ୍ତାହରେ ସେମାନେ ବିଡାନାସୀ ନୂଆସାହିରେ ଘର ଭଡା ନେଇ ରହିଥିଲେ। ତେବେ ନବ ଦମ୍ପତିଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଥିଲା। ବିବାହ ପରଠାରୁ ନିୟମିତ ପାଟିତୁଣ୍ଡ ହେଉଥିଲା। ଏହା ଭିତରେ ଗଲା ୧୭ ତାରିଖରୁ ପତ୍ନୀ ନିଖୋଜ ହୋଇଗଲେ। ଭଉଣୀ ସହ ଯୋଗାଯୋଗ ନ ହେବାରୁ ପରିବାର ଲୋକେ ବିକାଶକୁ ପଚାରିବାରୁ ସେ ସଠିକ କିଛି କହିପାରି ନ ଥିଲା। ଏହାର ୪ ଦିନ ପରେ ଗଡ଼ଗଡ଼ିଆ ଘାଟରୁ ଶବ ମିଳିଥିଲା। ଏହାପରେ ମୃତ ମହିଳାଙ୍କ ଭାଇ ଗଣେଶ ନାୟକ ବିଡାନାସୀ ଥାନାରେ ଭିଣୋଇ ବିକାଶ ବିରୋଧରେ ହତ୍ୟା ଅଭିଯୋଗ ନେଇ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଗଣେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୱାକର୍ସ କ୍ଲବ ପକ୍ଷରୁ ଚାରାରୋପଣ




**କଟକ, ୨୯।୭(ସମିସ):** ୱାକର୍ସ କ୍ଲବ କଟକ ପକ୍ଷରୁ ରାଷ୍ଟ୍ରଭାଷା, ଗାନ୍ଧୀ ଭବନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଏବଂ ପରେ କ୍ଲବର ସଦସ୍ୟଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ଶ୍ରୀନିବାସ ପାତ୍ର, ଶ୍ୟାମସୁନ୍ଦର ସାହୁ, ଶଶୀଭୂଷଣ ସ୍ୱାଇଁ, ଫନୀନ୍ଦ୍ର ମଲ୍ଲିକ, ମହେଶ୍ୱର ମହାନ୍ତି, ବନମାଳୀ ଶୁକ୍ଳ, ଡ. ଓଁକାର ରାଉତ, ରାକେଶ ଶତପଥୀ, କୃତିବାସ ପଣ୍ଡା, ପ୍ରଶାନ୍ତ କାନୁନଗୋ, ପ୍ରଫୁଲ୍ଲ ସାହୁ, ଗୌତମ କର, ବିଜୟଲକ୍ଷ୍ମୀ କର, ସରୋଜ ମହାନ୍ତି, ଡ. ବନ୍ଦନା ପାଠକ, ବାବୁଲିଧର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ୬ ଦିନିଆ ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ'




**କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଆୟୁର୍ବେଦର ପ୍ରଚାର ପାଇଁ ଆହ୍ୱାନ**

**କଟକ, ୨୯।୭(ସମିସ):** ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ। ତେବେ ଯୋଗ ପରି ଏହାକୁ ସାମଗ୍ରିକ ଭାବରେ ବିଶ୍ୱ ସମୁଦାୟ ପକ୍ଷରୁ ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ। ଖାଲି ସେତିକି ନୁହେଁ, କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିଶ୍ୱବିଖ୍ୟାତ ଚରକ ସଂହିତାର ପ୍ରଚାର ପ୍ରସାର ମଧ୍ୟ ସମ୍ଭବ ହୋଇପାରିବ। ସୋମବାର ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଛଅ ଦିନିଆ ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ'ର ଉଦଘାଟନୀ ଉତ୍ସବରେ ଆଭାସୀ ମାଧ୍ୟମରେ କିଛି ଏହିପରି କହିଥିଲେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର। ମଙ୍ଗଳବାର ଏହାର ଦ୍ୱିତୀୟ ଦିନରେ ଅଂଶଗ୍ରହଣକାରୀ ବିଦ୍ୟାର୍ଥୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅତିଥି ବକ୍ତାମାନେ ଚରକ ସଂହିତା ସମ୍ପର୍କରେ ବିସ୍ତୃତ ଭାବରେ ଚର୍ଚ୍ଚା କରିଥିଲେ। ଛଅ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଚରକ ସଂହିତା ଉପରେ ସ୍ୱତନ୍ତ୍ର ଭାବରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣା ସାରା ଦୁନିଆଁ କିଭଳି ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛି, ସେ ସମ୍ପର୍କରେ କହିଥିଲେ। ଉଦଘାଟନୀ ଉତ୍ସବରେ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ତିନିଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। 'ଚରକାୟତନ' ସମ୍ମିଳନୀରେ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ବିଦ୍ୟାର୍ଥୀ ଭାଗ ନେଇଛନ୍ତି। ଆସନ୍ତା ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟୁର୍ବେଦ ବିଦ୍ୟାର୍ଥୀ ଓ ଏ ଦିଗରେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ ଗୁରୁତ୍ୱ ସହକାରେ ଚରକ ସଂହିତାର ତଥ୍ୟ ସମ୍ବଳିତ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା 'ଚରକାୟତନ' ଆୟୋଜିତ ହେଉଥିବା ବେଳେ ଏଥିରେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ସହ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ୍, ନ୍ୟାସନାଲ କମିଶନ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ସ (ଏନସିଆଇଏସ୍‌ଏମ୍)ର ଅଧ୍ୟକ୍ଷ ଡ. ବି. ଏଲ୍. ମେହରା, ସେଣ୍ଟ୍ରାଲ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍ (ସିସିଆରଏସ୍)ର ଡାଇରେକ୍ଟର ଜେନେରାଲ୍ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀ ଶ୍ରୀ ତତ୍ତ୍ୱର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀଙ୍କ ସମେତ ବହୁ ବିଜ୍ଞ ଅତିଥି ଯୋଗଦେଇଛନ୍ତି। ସମ୍ମିଳନୀଟିର ସଫଳ ସମାପନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କର ନିରବଚ୍ଛିନ୍ନ ପ୍ରୟାସକୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସାଧୁବାଦ ଦେଇଛନ୍ତି।

### ଶିଳ୍ପ ମନ୍ତ୍ରୀଙ୍କ ସହ ଓଡ଼ିଶା ଶିଳ୍ପ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା

## ଜଗତପୁରରେ କଠିନ ବର୍ଜ୍ୟ ପରିଚାଳନା କେନ୍ଦ୍ର ସ୍ଥାପନ ଦାବି



**କଟକ, ୨୯।୭(ସମିସ):** ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଭେଟି ବିଭିନ୍ନ ସମସ୍ୟା ପ୍ରସଂଗରେ ଆଲୋଚନା କରିଛନ୍ତି। ଅଧ୍ୟକ୍ଷ ଅବନୀ କାନୁନଗୋଙ୍କ ନେତୃତ୍ୱରେ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ଜଗତପୁର ଇଡକୋ ଅଫିସରେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ବିଶେଷକରି ଜଗତପୁରସ୍ଥିତ ଶିଳ୍ପ କାରଖାନାମାନଙ୍କରୁ ବାହାରୁଥିବା କଠିନ ବର୍ଜ୍ୟ ପରିଚାଳନା ପାଇଁ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ଦାବି ଜଣାଇଛି ସଂଘ। ସର୍ବପୁରାତନ ଜଗତପୁର ଶିଳ୍ପାଞ୍ଚଳରେ କର୍ମରତ ଉଭୟ ମହିଳା ଏବଂ ପୁରୁଷ କର୍ମଚାରୀଙ୍କ ପାଇଁ ୱାର୍କିଂ ହଷ୍ଟେଲ ନିର୍ମାଣ, ଶିଳ୍ପାଞ୍ଚଳରେ ଆବଶ୍ୟକ ସର୍ବନିମ୍ନ ଭିତ୍ତିଭୂମି ତଥା ରାସ୍ତା, ଡ୍ରେନ, ଆଲୋକ ଏବଂ ଜଳ ଯୋଗାଣକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସେହିପରି ୧୦୦ କେଭି ପର୍ଯ୍ୟନ୍ତ ବିଜୁଳି ସଂଯୋଗ ପାଇଁ ଦରକାର ଥିବା ଟ୍ରାନ୍ସଫର୍ମରକୁ ଇଡକୋ ପକ୍ଷରୁ ଯୋଗାଇଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସମଗ୍ର ଶିଳ୍ପାଞ୍ଚଳର ପାଚେରି କରାଯାଇ ପ୍ରବେଶ ଏବଂ ପ୍ରସ୍ଥାନ ଗେଟରେ ସିସିଟିଭି ଲଗାଯିବା ସହ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ପାଇଁ ଦାବି କରାଯାଇଛି। ଓଡ଼ିଶା ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ, ଉପସଭାପତି ବିନୋଦ ଭୂତ, ସମ୍ପାଦକ ଦେବେନ୍ଦ୍ର ଶର୍ମା, ସହ ସମ୍ପାଦକ ସିଦ୍ଧାର୍ଥ କାନୁନଗୋ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଆକ୍ସନ୍ ମୋଡ୍‌ରେ କମିଶନରେଟ୍ ପୁଲିସ**

# ଶିକ୍ଷାନୁଷ୍ଠାନ ନିକଟରେ ମନା ନିଶା ସାମଗ୍ରୀ

**କଟକ, ୨୯।୭(ସମିସ)**

ଶିକ୍ଷାନୁଷ୍ଠାନ ନିକଟରେ ଥିବା ପାନ ଦୋକାନରେ ଟବାକୋଜାତୀୟ ସାମଗ୍ରୀ ମନା। ଏଥିପାଇଁ କମିଶନରେଟ୍ ପୁଲିସ ଓ କଟକ ଜିଲ୍ଲା ପୁଲିସ ମିଳିତ ଭାବେ ଆଜି ଚଢ଼ଉ ପ୍ରକ୍ରିୟା ଜୋରଦାର ଆରମ୍ଭ କରିଛନ୍ତି। ଏପରିକି ଟବାକୋଜାତୀୟ ସାମଗ୍ରୀ ଦୋକାନରେ ବିକ୍ରି ହେଲେ ସେଠାରୁ ଦୋକାନକୁ ଉଚ୍ଛେଦ କରାଯିବ ବୋଲି ପୁଲିସ ଚେତାବନୀ ଦେଇଛି। ଏହିକ୍ରମରେ ଆଜି କଟକ ସହରରେ ୬ଟି ଶିକ୍ଷାନୁଷ୍ଠାନ ନିକଟରେ ଚଢ଼ଉ କରାଯାଇଥିଲା। ସମଗ୍ର ଜିଲ୍ଲାରେ ଆଜି ୨୧ଟି ଦୋକାନ ଉପରେ ଚଢ଼ଉ କରାଯାଇଥିବା ବେଳେ ୧୮ଟି ଦୋକାନରୁ ମାଳ ମାଳ ଗୁଟ୍‌ଖା, ଜର୍ଦ୍ଦା, ସିଗାରେଟ୍‌କୁ ଜବତ କରାଯାଇଛି। ଶିକ୍ଷାନୁଷ୍ଠାନ ନିକଟରେ କୌଣସି ପ୍ରକାର ଟବାକୋଜାତୀୟ ସାମଗ୍ରୀ ବିକ୍ରି କିମ୍ବା ପ୍ରଚାର ପ୍ରସାର କରାଯାଇପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଏବଂ ଜିଲ୍ଲା ଏସପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାନୁଷ୍ଠାନଗୁଡ଼ିକ ନିକଟରୁ ନିଶା ସାମଗ୍ରୀ ହଟାଯିବା ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶିକ୍ଷାନୁଷ୍ଠାନ ନିକଟରେ ଥିବା ପାନ ଦୋକାନୀ ଯଦି ଟବାକୋଜାତୀୟ ସାମଗ୍ରୀ ବିକ୍ରୟ ନକରିବେ, ତେବେ ତାଙ୍କୁ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ବୋଲି କୁହାଯାଇଛି।

ଏ ସମ୍ପର୍କରେ ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି ଯେ, କୌଣସି ଶିକ୍ଷାନୁଷ୍ଠାନ ନିକଟ ବା ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ନିଶା ସାମଗ୍ରୀ ତଥା ଟବାକୋଜାତୀୟ ସାମଗ୍ରୀ ବିକ୍ରି କରାଯିବା ଉପରେ କଟକଣା ଜାରି ହୋଇଛି। କୌଣସି ବିଜ୍ଞାପନ ଏଜେନ୍ସି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ କିମ୍ବା ଘରୋଇ ଶିକ୍ଷାନୁଷ୍ଠାନ ବାହାରେ ନିକୋଟିନ୍ ସମ୍ପର୍କିତ



ପ୍ରଚାର/ପ୍ରସାର କରି ପାରିବେ ନାହିଁ। ଏହି ଚଢ଼ଉ ଏବେ କଡାକଡି କରାଯାଇଥିବା ବେଳେ ନିୟମ ଉଲ୍ଲଂଘନ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି।

ସରକାରୀ ନିୟମ ଅନୁସାରେ, କୌଣସି ଶିକ୍ଷାନୁଷ୍ଠାନର ପ୍ରାଚୀର ପାଖରୁ ୧୦୦ ୟାର୍ଡ ପରିସୀମା ଭିତରେ ଟବାକୋଜାତୀୟ ସାମଗ୍ରୀ ଆଦୌ ବିକ୍ରୀ କରାଯାଇ ପାରିବ ନାହିଁ। ସେଥିପାଇଁ ସିଗାରେଟ୍ ଏବଂ ଅନ୍ୟ ଟବାକୋ ପ୍ରଡକ୍ଟ ଆଇନ-୨୦୦୩ ପ୍ରଚଳନ ହୋଇଥିଲା। ସେହି ଆଇନ ଅନୁସାରେ, ପୁଲିସ ସବ୍-ଇନସପେକ୍ଟର ବା ତା'ଠାରୁ ଅଧିକ ର୍‌ୟାଙ୍କରେ ଥିବା ଅଫିସର, ରାଜ୍ୟ ଖାଦ୍ୟ କିମ୍ବା ଡ୍ରଗ୍ସ ଆଡ୍‌ମିନ୍‌ଷ୍ଟ୍ରେସନର ଅଫିସରମାନେ ଏହି ବିକ୍ରି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଶିକ୍ଷାନୁଷ୍ଠାନ ବାଉଣ୍ଡରୀ ଠାରୁ ୧୦୦ ମିଟର ପରିସରରେ ଟବାକୋ ସାମଗ୍ରୀ ବିକ୍ରି କରିଲେ, ଜରିମାନା ସହିତ ଗିରଫ କରାଯିବାର ଦଣ୍ଡବିଧାନ ରହିଛି। ଯେଉଁମାନେ ସେହି ୧୦୦ ମିଟର ପରିସର ଭିତରେ ଟବାକୋ ସାମଗ୍ରୀର ପ୍ରଚାର କରିବେ ସେମାନଙ୍କୁ ୨ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ବା ୫ହଜାରରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ପକ୍ଷରୁ ନିଶାମୁକ୍ତ କ୍ୟାମ୍ପସ୍ ପା ଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଇଛି। ଗ୍ଲୋବାଲ୍ ୟୁଥ ଟବାକୋ ସର୍ଭେ-୨୦୧୯ ରିପୋର୍ଟରେ ସହାରାଞ୍ଚଳରେ ପ୍ରତିବର୍ଷ ଚିନ୍ତାଜନକ ଭାବେ ନୂଆ ପିଲା ନିଶା ସେବନ କରୁଛନ୍ତି। ଯେଉଁମାନେ ଏହି ନିଶା ସହ ଅଭ୍ୟସ୍ତ ସେଥିରୁ ୫୫ ପ୍ରତିଶତ ୨୦ ବର୍ଷରୁ କମ ପିଲା(ବିଦ୍ୟାର୍ଥୀ) ରହିଛନ୍ତି। ଗ୍ଲୋବାଲ ୟୁଥ୍ ଟବାକୋ ସର୍ଭେ-୨୦୧୯ ରିପୋର୍ଟ ଅନୁସାରେ ୮.୫ ପ୍ରତିଶତ ସ୍କୁଲ ଛାତ୍ର/ଛାତ୍ରୀ ନିୟମିତ ନିଶାସେବନ କରୁଛନ୍ତି। ଏଭଳି ଉଦ୍‌ବେଗଜନକ ପରିସ୍ଥିତିରେ କମିଶନରେଟ୍ ପୁଲିସ ଓ ଜିଲ୍ଲା ପୁଲିସ ଆକ୍ସନମୋଡ୍‌କୁ ଆସିଛି। ସେହିପରି ସିଡିଏ, ବକ୍ସିବଜାର, ବାଲିଯାତ୍ରା ଉପର ପଡ଼ିଆ, ଏସ୍‌ସିବି ମେଡିକାଲ ପରିସର, ରେଳ ଷ୍ଟେସନ୍, ଓଏମପି, ଲିଙ୍କରୋଡ୍, ବାଦାମବାଡ଼ି, ମଙ୍ଗଳାବାଗ ଭଳି ଅଞ୍ଚଳରେ ଥିବା ପାନ ଦୋକାନ ଗୁଡ଼ିକରେ ଗଞ୍ଜେଇ ସିଗାରେଟ୍ ଖୋଲାଖୋଲି ବିକ୍ରୟ ହେଉଛି। ଏସବୁ ଉପରେ ଚଢ଼ଉ କରିବାକୁ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଆସନ୍ତା ସପ୍ତାହରୁ ଏହି ଚଢ଼ଉ କରାଯିବ ବୋଲି ଜଣାପଡ଼ିଛି।

**● ୨୧ଟି ଦୋକାନରେ ଚଢ଼ଉ; ୧୮ ଦୋକାନରୁ ନିଶା ସାମଗ୍ରୀ ନଷ୍ଟ**
**● ପାନ ଦୋକାନୀଙ୍କୁ ଚେତାବନୀ; ନ ମାନିଲେ ହେବେ ଗିରଫ**

# ମୋହନପଡାରେ ବ୍ୟାପୁଛି ଚିକନଗୁନିଆ; ୬ ଆକ୍ରାନ୍ତ ଚିହ୍ନଟ



> ମେସିନ୍ ଖରାପ ଯୋଗୁଁ ଜୟପୁରରେ ହେଉନି ପରୀକ୍ଷା
> ଭୁବନେଶ୍ୱର ଉପରେ ନିର୍ଭର କୋରାପୁଟ ରୋଗୀ

କୋରାପୁଟ,୨୯।୭(ସମିସ): ଗତ କିଛି ଦିନ ହେଲା ସଦର ବ୍ଲକ୍ ପଦ୍ମପୁର ଗ୍ରାମପଞ୍ଚାୟତର ମୋହନପଡ଼ା ଗ୍ରାମରେ ଅଧିକାଂଶ ଲୋକ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ଚିକନଗୁନିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ମୋହନପଡ଼ାରେ ପ୍ରାୟ ୩୦୦ ପରିବାରର ୧୦୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ବସବାସ କରନ୍ତି। ଗତ ୧୪ ତାରିଖରୁ ଲୋକେ ଜ୍ୱରରେ ଆକ୍ରାନ୍ତ ହୋଇ ଆସୁଛନ୍ତି। ଗ୍ରାମର ଗୋଟିଏ ୱାର୍ଡରେ ୫୯ ଓ ଅନ୍ୟ ୱାର୍ଡରେ ୬୦ ଜଣଙ୍କୁ ଜ୍ୱର ହୋଇଥିଲା, ବର୍ତ୍ତମାନ ଅନେକ ସୁସ୍ଥ ହୋଇ ସାରିଛନ୍ତି; କିନ୍ତୁ ଆଉ କେତେକଙ୍କ ଜ୍ୱର କମି ନାହିଁ। ଖବର ପାଇ ୧୯ ତାରିଖରୁ ମେଡିକାଲ ଟିମ୍ ପହଞ୍ଚି ଜ୍ୱରରେ ଆକ୍ରାନ୍ତ ୨୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ଭୁବନେଶ୍ୱର ପଠାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଚିକନଗୁନିଆ ପଜେଟିଭ୍ ରିପୋର୍ଟ ଆସିଛି। ମୋହନପଡାରେ ବର୍ଷା ଦିନେ ଗ୍ରାମର ନାଳ ଓ ଦାଣ୍ଡ ଗୁଡିକ ସଫା ନଥିବା ଓ ମଶା କାମୁଡ଼ିବା ଯୋଗୁଁ ଏହି ରୋଗ ବ୍ୟାପୁଥିବା ଜଣାଯାଇଛି। ଗ୍ରାମର ଗୋଟିଏ ଅଙ୍ଗନବାଡିକୁ ଗ୍ରାମ କଲ୍ୟାଣ ସମିତିକୁ ବାର୍ଷିକ ୧୦ ହଜାର ଟଙ୍କା ମିଳୁଥିବା ଯୋଗୁଁ ଏହା ଏତେ ବଡ ଗାଁକୁ ସଫେଇ କରିବା ମୁସ୍କିଲ ରହୁଥିବା ଗ୍ରାମବାସୀ କହିଛନ୍ତି। ଏବେ ବର୍ଷା ଯୋଗୁଁ ମଶା ଧୂଆଁ ଓ ମଶା ତେଲ ଗାଁରେ ପକାଇବା ସମ୍ଭବପର ହୋଇ ପାରୁନି। ମଶା କାମୁଡ଼ିବା ଦ୍ୱାରା ଏହି ରୋଗ ବ୍ୟାପୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମେସିନ ଖରାପ ଯୋଗୁଁ ଚିକନଗୁନିଆ ପରୀକ୍ଷା ଜୟପୁରରେ ହେଉନଥିବା ବେଳେ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଉଛି। ପରୀକ୍ଷା ରିପୋର୍ଟ ଆସିବାପରେ ବିଳମ୍ବ ହେଉଥିବାରୁ ଶୀଘ୍ର ଚିକିତ୍ସା କରାଯାଇ ପାରୁନି; ଯାହା ଫଳରେ ଲୋକେ ଗୁରୁତର ହେଉଛନ୍ତି ବୋଲି ଡାକ୍ତରୀ ଟିମ୍ କହିଛନ୍ତି। ତେଣୁ ଜୟପୁରରେ ମେସିନ କାର୍ଯ୍ୟକ୍ଷମ କରାଇ ପରୀକ୍ଷା କରାଯିବାକୁ ଦାବି ହେଉଛି। ମଙ୍ଗଳବାର ଡାକ୍ତର ଅବିନାଶ ଚିନାରାଙ୍କ ନେତୃତ୍ୱରେ ମହିଳା ସ୍ୱାସ୍ଥ୍ୟ କର୍ମୀ ସ୍ମିତା ନାୟକ, ସ୍ୱାସ୍ଥ୍ୟ କର୍ମୀ ସୁଜିତ ସାହୁ, ବେବି ସ୍ୱାଇଁ ପ୍ରମୁଖ ଗ୍ରାମରେ ଉପସ୍ଥିତ ରହି ଚିକିତ୍ସା ଜାରି ରଖିଥିବା ଦେଖିବାକୁ ମିଳିଛି। ଚିକେନଗୁନିଆ ପରୀକ୍ଷା ମେସିନ ଖରାପ ସମ୍ପର୍କରେ ବୁଝିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରବିନ୍ଦ୍ର କୁମାର ମିଶ୍ରଙ୍କ ସହ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲା କିନ୍ତୁ ଯୋଗାଯୋଗ ସମ୍ଭବ ହୋଇପାରି ନଥିବାରୁ କୌଣସି ଉତ୍ତର ମିଳିପାରି ନାହିଁ।

● ପୁରାତନ ବସ୍‌ଷ୍ଟାଣ୍ଡରେ ମରାମତି ନାମରେ ଦୋକାନ ଗୃହ ନିର୍ମାଣ

# ଅଟୋ ଚାଳକଙ୍କ ବିରୋଧ; ଦୋକାନୀକୁ ପୌର କର୍ମଚାରୀଙ୍କ ତାଗିଦ୍

ଜୟପୁର,୨୯।୭ (ସମିସ): ଜୟପୁର ସହରର ପୁରାତନ ସରକାରୀ ବସଷ୍ଟାଣ୍ଡରେ ଜମି ତଥା ଦୋକାନଗୃହର ମାଲିକାନାରେ ରହିଥିବା ରାଜ୍ୟ ସଡକ ପରିବହନ ନିଗମ(ଓଏସଆରଟିସି) ଅଧିନ ରହିଛି। କିନ୍ତୁ ଜୈନିକ ଦୋକାନୀ ଓଏସ୍ଆରଟିସି ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ଦୋକାନର ମରାମତି ନେଇ ଅନୁମତି ନେଇଥିବା ବେଳେ ଦୋକାନର ମୁହଁ ମୁଖ୍ୟରାସ୍ତା ପଟକୁ ରଖିବାକୁ ପ୍ରୟାସ ଆରମ୍ଭ ନେଇ ନିର୍ମାଣ କରୁଛନ୍ତି। ପୁରାତନ ସରକାରୀ ବସ୍‌ଷ୍ଟାଣ୍ଡର ମୁଖ୍ୟ ଫାଟକ ପାଶ୍ୱର୍ରେ ଗତ ୫୦ବର୍ଷ ପୂର୍ବରୁ ରିକ୍ସାଷ୍ଟାଣ୍ଡ ରହିଥିବା ବେଳେ ବର୍ତ୍ତମାନ ଗତ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ପ୍ରାୟ ୧୦ରୁ ୨୦ ଅଟୋ ଷ୍ଟାଣ୍ଡ ଭାବେ ବ୍ୟବହାର କରୁଥିବା ଯୋଗୁଁ ସେମାନଙ୍କୁ ଉଠିବାକୁ ବେଆଇନ ନିର୍ମାଣ କରୁଥିବା ଦୋକାନୀ ମାଲିକ ଧମକ ଚମକ ଦେଉଛନ୍ତି। ଏନେଇ ଜୟପୁର ନିଗମର ଜିଲ୍ଲା ମ୍ୟାନେଜର ଇଶ୍ୱର ମହାପାତ୍ରଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ଉଚ୍ଚ କର୍ତ୍ତୃପକ୍ଷ ମରାମତି ପାଇଁ ଅନୁମତି ଦେଉଥିବା ନେଇ ସ୍ଥାନୀୟ ଓଏସଆରଟିସି କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି । ଉକ୍ତ ଦୋକାନୀ ମରାମତି ନାମରେ ନିର୍ମାଣ କରିଥିବା ବେଳେ ଏହାର ମୁଖଭାଗ ମୁଖ୍ୟରାସ୍ତା ପଟକୁ ପରିବର୍ତ୍ତନ ଆରମ୍ଭ କରିଦେଇଛନ୍ତି। ଶେଷରେ ଅଟୋ ଚାଳକମାନେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତିଙ୍କୁ ଅଭିଯୋଗ କରିଥିଲେ। ଏନେଇ ଓଏସ୍ଆରଟିସି ସ୍ଥାନୀୟ ଜିଲ୍ଲା ମ୍ୟାନେଜର ଶ୍ରୀ ମହାପାତ୍ରଙ୍କ ସହ ଅଧକ୍ଷ ଶ୍ରୀ ମହାନ୍ତି ଫୋନ ଯୋଗେ ଆଲୋଚନା କରିଥିଲେ। ଓଏସ୍ଆରଟିସି ବିଭାଗର ଉଦାସିନତା ଯୋଗୁଁ ଶେଷରେ ପୌରସଂସ୍ଥାର ଅମିନ ଶୁଭସ୍ମିତା ଜେନା ଏବଂ କର୍ମଚରୀ ସତ୍ୟନାରାୟଣ ପାତ୍ର ଆଜି ପୂର୍ବାହ୍ନରେ ଉକ୍ତ ବିବାଦୀୟ ଦୋକାନ ଗୃହ ନିକଟରେ ପହଞ୍ଚି ମୁଖ୍ୟରାସ୍ତା ସମ୍ମୁଖ ଭାଗକୁ ଦୋକାନର ମୁଖ୍ୟଭାଗ ନିର୍ମାଣ କରିବାକୁ ବନ୍ଦ କରିବାକୁ ତାଗିଦ୍ କରିଥିଲେ। ଅନ୍ୟପକ୍ଷର ସ୍ଥାନୀୟ ଓଏସ୍ଆରଟିସି କର୍ତ୍ତୃପକ୍ଷ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ମରାମତି କରୁଥିବା ଆଳ ଦେଖାଇ ଘଟଣାସ୍ଥଳକୁ ଯାଉନାହାଁନ୍ତି କିମ୍ବା ଉକ୍ତ ଦୋକାନ ମାଲିକଙ୍କୁ ଏହିପରି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ନେଇ ତାଗିଦ କରୁନାହାଁନ୍ତି। ତେଣୁ ଏପରି ବିଭାଗର ଉଦାସିନତାକୁ ନେଇ ଅଟୋ ଚାଳକ ଓ ଜନସାଧାରଣଙ୍କ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଓଏସ୍ଆରଟିସି ଜିଲ୍ଲା ମ୍ୟାନେଜର ଶ୍ରୀ ମହାପାତ୍ରଙ୍କ ପଚାରିବାରେ ଏପରି ବିବାଦକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ସମସ୍ୟାର ସମାଧାନ ନେଇ ଆଲୋଚନା କରାଯିବ ବୋଲି କହିଛନ୍ତି। ଏହି ବିବାଦୀୟ ଦୋକାନ ଗୃହ ନିର୍ମାଣକୁ ନେଇ ସକାଳରେ ଗତ ଜୁନ ୬ ତାରିଖରେ ଖବର ପ୍ରକାଶ ପାଇଥିଲା। ଜିଲ୍ଲା ମ୍ୟାନେଜର ଶ୍ରୀ ମହାପାତ୍ରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଯୋଗୁଁ ବର୍ତ୍ତମାନ ଏହା ଏକ ବଡ ବିବାଦ ସୃଷ୍ଟି କରିବା ସହ ଦୋକାନୀ ଏବଂ ଅଟୋ ଚାଳକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟିହେବାର ଆଶଙ୍କା ଦେଖାଦେଇଛି।

● ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

# ରାୟଗଡ଼ା ଜିଲ୍ଲାରୁ ଜଣେ ଶିକ୍ଷକଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚ

ରାୟଗଡ଼ା,୨୯।୭(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଗ୍ରାମର ଜଣେ ଶିକ୍ଷକଙ୍କୁ ଉଠାଇନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଗତ ଦିନରେ ହେବାକୁ ଥିବା ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷା ବାତିଲ କରାଯାଇଥିଲା। ତେବେ ଏହି ମାମଲାର କ୍ରାଇମ ବ୍ରାଞ୍ଚ ତଦନ୍ତ ସ୍ୱରୂପ ରାୟଗଡ଼ା ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ ସଭାପତି ତଥା ଡ଼ଙ୍ଗରବୋରି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବିଜୟ ମିଶ୍ରଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲେ। ତେଣୁ ମଙ୍ଗଳବାର ସ୍ଥାନୀୟ ପୋଲିସ ସାହାଯ୍ୟରେ କ୍ରାଇମବ୍ରାଞ୍ଚ ବିଜୟଙ୍କୁ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର



ଡାବୁଗାଁ,୨୯।୭(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ମଙ୍ଗଳବାର ଅପରାହ୍ନରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ୍‌ସଦର ମହକୁମା ସ୍ଥିତ ଶିବ ମନ୍ଦିରଠାରେ ବ୍ଲକ୍ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ମିଳିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ୟୁନିଫାଏଡ ଉପସ୍ଥାନ ପଦ୍ଧତିକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତମଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ୟୁନିଫାଏଡ ଉପସ୍ଥାନ ପଦ୍ଧତି ଦ୍ୱାରା ଉପସ୍ଥାନ ତୁରନ୍ତ ସ୍ଥଗିତ କରାଯିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା, ଠିକା ନିଯୁକ୍ତି ବନ୍ଦ କରିବା, ଏଚ୍ଆର୍ଏମ୍ଏସ୍‌ରେ ଛୁଟିନେବା ସହ ଲିଖିତ ଆକାରରେ ଛୁଟି ନେବାକୁ ମଧ୍ୟ ଅନୁମତି ପ୍ରଦାନ, ଏକ୍ସ-କ୍ୟାଡର ଉଚ୍ଛେଦ କରି ସମସ୍ତ ଶିକ୍ଷକଙ୍କୁ ଗୋଟିଏ କ୍ୟାଡର କରାଯିବା ଓ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇଦେବା ଆଦି ଦାବି ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

● ଝଡିଗୁଡା ଅଙ୍ଗନବାଡିରେ ତାଲା ପକାଇବା ଘଟଣା

# ଶୁଖିଲା ଖାଦ୍ୟ ବଣ୍ଟନ ପରେ ତାଲା ଖୋଲିଲେ ଗ୍ରାମବାସୀ




ବୈପାରିଗୁଡା,୨୯।୭(ସମିସ): ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚିପାକୁର ପଞ୍ଚାୟତର ଝଡିଗୁଡା ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ଅଭିଯୋଗକୁ ନେଇ ଗତକାଲି କେନ୍ଦ୍ରରେ ତାଲା ଠୁକିଥିଲେ ଗାଁ ଲୋକେ। ଏନେଇ 'ସକାଳ' ଖବର କାଗଜରେ ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ। ସିଡିପିଓ ସବିତା ବ୍ରହ୍ମାଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସମନ୍ୱିତ ଶିଶୁ ବିକାଶ ଯୋଜନା କ୍ଷେତ୍ର ପରିଦର୍ଶିକା ଏ ଘଟଣାରେ ହସ୍ତକ୍ଷେପ କରିଛନ୍ତି। ଝଡ଼ିଗୁଡା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। କ୍ଷେତ୍ର ପରିଦର୍ଶିକାଙ୍କ ଉପସ୍ଥିତିରେ ଅଙ୍ଗନବାଡ଼ି କର୍ମୀଙ୍କ ଲିଖିତ ପ୍ରତିଶ୍ରୁତି ଦେବା ସହ ୨ ଜଣ ଗର୍ଭବତୀ, ୩ ଜଣ ପ୍ରସୂତୀ ମା ଏବଂ ଅନ୍ୟ୧୩ ଜଣଙ୍କୁ ଶୁଖିଲା ଖାଦ୍ୟ ହିତାଧିକାରୀଙ୍କୁ ୩ ମାସର ଛତୁଆ, ଅଣ୍ଡା, ଲଡୁ ଆଦି ବିଭିନ୍ନ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଛି। ଏହାପରେ ଗାଁ ଲୋକେ ଅଙ୍ଗନବାଡି କେନ୍ଦ୍ରରୁ ତାଲା ଖୋଲିଥିବା ଜଣାପଡିଛି।

# ଏକାଧିକଙ୍କ ବଦଳି ଓ ନିଯୁକ୍ତି ଆଦେଶ ବାତିଲ କଲେ ନୂତନ ଜିଲ୍ଲାପାଳ

ରାୟଗଡ଼ା,୨୯/୭(ସମିସ): ରାୟଗଡ଼ା ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଦ୍ୱାରା ପ୍ରଶାସନିକ ଜରୁରୀକାଳୀନ ପରିସ୍ଥିତିରେ ଜିଲ୍ଲାର ରାଜସ୍ୱ ନିରୀକ୍ଷକ, ସେକ୍ସନ ଅଧିକାରୀ,ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ ଆଦେଶ ନଂ ୧୮୫୮/୨୨/୭/୨୦୨୫ କ୍ରମିକ ସଂଖ୍ୟା ୧୯୦୪/୧୯୦୬/୧୯୦୮/୧୯୧୦ ଏବଂ ୧୯୧୨/୨୫/୭/୨୦୨୫ ପ୍ରକାରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟକୁ ବଦଳି ଏବଂ ନିଯୁକ୍ତି ନିର୍ଦ୍ଦେଶ ଦେଇଥିଲେ। ତାହାକୁ ଜିଲ୍ଲାପାଳଙ୍କ ପ୍ରତିଷ୍ଠାନ ବିଭାଗ ପତ୍ର ସଂଖ୍ୟା ୧୯୨୩/୨୮/୭/୨୦୨୫ ପ୍ରକାରେ ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ବାତିଲ କରିବା ସହ ସେହି ସମୟରେ ଯେଉଁ କର୍ମଚାରୀମାନେ ଅବ୍ୟାହତି ପାଇଥିଲେ ସେମାନଙ୍କୁ ପୂର୍ବ ପଦବୀରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବିଭାଗ ପଦୋନ୍ନତି କମିଟି ଅଧୀନରେ ପଦୋନ୍ନତି କ୍ଷେତ୍ରରେ ସେ ବର୍ତ୍ତମାନ ପାଇଁ ତାଙ୍କର ମୂଳ ପଦବୀରେ ରହିବେ ବୋଲି ନୂତନ ଜିଲ୍ଲାପାଳ ଆଦେଶ ପତ୍ରରେ ଉଲ୍ଲେଖ କରିଛନ୍ତି। ତତ୍କାଳିନ ଜିଲ୍ଲାପାଳଙ୍କ ଦ୍ୱାରା ଗତ ୨୪ ତାରିଖରେ ଅନୁଷ୍ଠିତ ପଦୋନ୍ନତି କମିଟି ଅଧିନରେ ମନୋଜ କୁମାର ପାତ୍ର, ସନ୍ତୋଷ ନିମାଲା, ମନୋଜ ସନୋପତି, ଭାରତୀ କୁସୁଲିଆ, ମନୋରଂଜନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ପ୍ରଧାନ, ରାକେଶ କୁମାର ସାହୁ, ଲତା ପଟ୍ଟନାୟକ, ପ୍ରଭାକର ବଦାନା, ଭାଗିରଥୀ ଗମାଙ୍ଗ, ବିଜୟିତା ପାଢୀ ଓ ନୀଳକଣ୍ଠ ମିଶ୍ର ୧୨ ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ବଦଳି ଓ ନିଯୁକ୍ତି ହୋଇଥିବା ବେଳେ ରାମଚନ୍ଦ୍ର ରଥ, ଏସ୍ ପ୍ରତିମା, ଭି.ଶ୍ରୀନିବାସ ରାଓ, ନାରାୟଣ ଦଳପତି ୪ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ସେକ୍ସନ ଅଫିସର ପଦକୁ ପଦନ୍ନୋତି କରାଯାଇ ବଦଳି ଓ ନିଯୁକ୍ତି ଦିଆଯାଇଥିଲା। ସେହିପରି ସ୍ନେହଲତା ପଟ୍ଟନାୟକ, ତିଲୋତମା ଶବର, ଲାଲୁ ଲିମା, ଗୁରଜାପୁ ଦିବାକର, ସୁବାଷ ଚନ୍ଦ୍ର ବାଉରୀ, ପ୍ରଦୀପ ଚନ୍ଦ୍ର ବେନିଆ, ସଂଜୟ ଲିମା ଓ ଦାମିନୀ କରକରିଆ ୮ ଜଣ କନିଷ୍ଠ ରାଜସ୍ୱ ସହାୟକଙ୍କୁ ବରିଷ୍ଠ ରାଜସ୍ୱ ସହାୟକ ଭାବେ ପଦନ୍ନୋତି ଦିଆଯାଇ ବଦଳି ଓ ନିଯୁକ୍ତି ଦିଆଯାଇଥିବା ବେଳେ ଶିବାଜୀ ପଟ୍ଟନାୟକ, ବବିତା ପଣ୍ଡା, କାଳି ଚରଣ ରଥ ଓ ତ୍ରିନାଥ ମହାନ୍ତି ୪ଜଣ ସେକ୍ସନ ଅଫିସରଙ୍କୁ ବଦଳି କରାଯାଇଥିଲା। ଏବେ ଆଶୁତୋଷ କୁଲକର୍ଣ୍ଣି ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଦାୟିତ୍ୱ ଗ୍ରହଣର ୩ଦିନ ପୂର୍ବରୁ ହୋଇଥିବା ବଦଳି ଓ ନିଯୁକ୍ତି ଆଦେଶକୁ ବାତିଲ କରିଛନ୍ତି। ଯାହାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି।

# ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ; ୨୫ ହଜାର ଜରିମାନା ଆଦାୟ



ବାଲିମେଳା,୨୯।୭(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଆଜି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା। ମଧ୍ୟାହ୍ନ ସମୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ଏକ ଟିମ୍ ସହରର ମାର୍କେଟ ଠାରୁ ଆରମ୍ଭ କରି କାଳିଛକ ସମେତ ବିଭିନ୍ନ ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ କିଛି ହୋଟେଲ ଏବଂ ରାସନ ଦୋକାନ ଗୁଡିକର ପରିବେଶ ଠିକ୍ ନଥିବା ଦେଖି ବିଗିଡିଥିଲେ ଖାଦ୍ୟ ସୁରକ୍ଷା ବିଭାଗ ଟିମ। ୩ଟି ଦୋକାନ ସିଲ କରାଯାଇଥିବାବେଳେ କିଛି ଦୋକାନୀଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଥିଲା। ପାଖାପାଖି ୨୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ ସୂଚନା ଦେଇଛନ୍ତି। ଏଥିସହ ଉକ୍ତ ବ୍ୟବସାୟୀମାନଙ୍କୁ ଫୁଟ୍ ଲାଇସେନ୍ସ ସାର୍ଟିଫିକେଟ ଆବେଦନ ନିମନ୍ତେ ତାଗିଦ ମଧ୍ୟ କରାଯାଇଥିଲା। ଆଜିର ଏହି ଚଢ଼ଉରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ସେଠୀ ତାଙ୍କ ଟିମ ଉପସ୍ଥିତ ଥିବାବେଳେ ସ୍ଥାନୀୟ ପୋଲିସ ସହଯୋଗ କରିଥିଲେ।

# ମାଝୀ ଧନୁଆ ବିଦ୍ୟାଳୟରେ ସୁରକ୍ଷା ସପ୍ତାହ ପାଳିତ



କୋଷାଗୁମୁଡା,୨୯।୭(ସମିସ): ଆଜି ସୁରକ୍ଷା ସପ୍ତାହ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଦ୍ରୀ ନାରାୟଣ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସଭାପତି, ମୋ ବିଦ୍ୟାଳୟ ସଭାପତି, ସରପଞ୍ଚ, ଅଗ୍ନି ନିର୍ବପକ ଷ୍ଟେସନ୍ ମାଷ୍ଟର ପ୍ରସାଦ ବେହେରା ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ନିଆଁକୁ ଆୟତ୍ତ କରିବାର ବିଭିନ୍ନ କୌଶଳ, ଲାଇଫ ଜ୍ୟାକେଟ ମାଧ୍ୟମରେ ପାଣିରେ ବୁଡ଼ି ଯାଉଥିବା ଲୋକଙ୍କୁ କିପରି ରକ୍ଷା କରାଯାଇପାରିବ ତାହା ବୁଝାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ତିନୋଟି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ବିଷ୍ଣୁ ଚଣ୍ଡାଳ ପ୍ରଥମ, ଅଜୟ ଚଣ୍ଡାଳ ଦ୍ୱିତୀୟ, ସନ୍ତୋସୀ ବିଶୋଇ ତୃତୀୟ ହୋଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

# ମାଲକାନଗିରିକୁ ୪ ସ୍ୱର୍ଣ୍ଣ



ମାଲକାନଗିରି,୨୯।୭(ସମିସ): ଆଜି ଭୁବନେଶ୍ୱର ସ୍ଥିତ ଲୋକସଭା ଭବନରେ ଯୋଜନା ଓ ସଂଯୋଜନା ବିଭାଗ ଓ ନୀତି ଆୟୋଗର ମିଳିତ ଆନୁକୁଲ୍ୟରେ ଆୟୋଜିତ ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ମାଲକାନଗିରି ଜିଲ୍ଲାକୁ ୪ ଟି ସ୍ୱର୍ଣ୍ଣ ପଦକ ମିଳିଛି। ନୀତିଆୟୋଗ ଅଧୀନରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମରେ ୬ ଗୋଟି ବର୍ଗରେ ଜିଲ୍ଲାକୁ ସ୍ୱର୍ଣ୍ଣ ପଦକ ମିଳିଛି। ମାଲକାନଗିରିକୁ ଜିଲ୍ଲାସ୍ତରରେ ଗୋଟିଏ ସ୍ୱର୍ଣ୍ଣ ଓ ଆକାଂକ୍ଷୀ ବ୍ଲକ୍ ଭାବେ ଚିତ୍ରକୋଣ୍ଡା, ଖଇରପୁଟ ଓ ମାଥିଲି ବ୍ଲକ୍‌କୁ ତିନି ଗୋଟି ସ୍ୱର୍ଣ୍ଣ ପଦକ ମିଳିଛି। ସମଗ୍ର ଦେଶରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏଭଳି ବିରଳ କୃତିତ୍ୱ ହାସଲ କରିବାରେ ମାଲକାନଗିରି ଏକମାତ୍ର ଜିଲ୍ଲା ଅଟେ। ଆକାଂକ୍ଷୀ ଜିଲ୍ଲା ଅଧୀନରେ ଗର୍ଭବତୀ ମାଆମାନଙ୍କର ପ୍ରଥମ ଟୀକାକରଣ ପଞ୍ଜୀକରଣ, ସମ୍ପୂର୍ଣ୍ଣତା ପୋଷଣ ଅଭିଯାନ, ୯ ରୁ ୧୧ ବର୍ଷର ଶିଶୁଙ୍କ ଟୀକାକରଣ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ମାଧ୍ୟମିକ ବିଦ୍ୟାଳୟରେ ଶତପ୍ରତିଶତ ବିଦ୍ୟୁତ୍ ସଂଯୋଗୀକରଣ ଓ ବିଦ୍ୟାଳୟରେ ଶତ ପ୍ରତିଶତ ପାଠ୍ୟ ପୁସ୍ତକ ବଣ୍ଟନରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ସେହିପରି ଆକାଂକ୍ଷୀ ବ୍ଲକ୍ ଅଧୀନରେ ଗର୍ଭବତୀ ମା'ମାନଙ୍କର ପ୍ରଥମ ଟୀକାକରଣ ପଞ୍ଜୀକରଣ, ମଧୁମେହ ରୋଗୀ ଚିହ୍ନଟ, ଯକ୍ଷ୍ମା ରୋଗୀ ଚିହ୍ନଟ ପ୍ରକ୍ରିୟା, ସମ୍ପୂର୍ଣ୍ଣତା ପୋଷଣ ଅଭିଯାନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୂର୍ଣ୍ଣ ଚଳନ ରାଶି ପ୍ରଦାନରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ପୂର୍ବତନ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସମୟର ଜିଲ୍ଲାପାଳ ସଚିନ୍ ପାୱାରଙ୍କୁ ଏଥି ନିମନ୍ତେ ମାନପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ପୂର୍ବତନ ଜିଲ୍ଲାପାଳ ଶ୍ରୀ ପାଟିଲ ଏହି ସଫଳତା ସମଗ୍ର ଜିଲ୍ଲାର। ସମସ୍ତଙ୍କ ମିଳିତ ପ୍ରୟାସରେ ଆଜି ଏତେ ବଡ଼ ସଫଳତା ଆମେ ହାସଲ କରି ପାରିଛୁ ବୋଲି କହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଜିଲ୍ଲା ପକ୍ଷରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଅନୁରୂପ ଭାବେ ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାରୀ, ଖଇରପୁଟ ବିଡିଓ ଉମା ଶଙ୍କର କୋୟା, ମାଥିଲି ବିଡିଓ ପ୍ରମୋଦ କୁମାର ବେହେରା ବ୍ଲକ୍ ପାଇଁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଏହି ଅବସରରେ ଡିପିଏମ୍ୟୁ ଡିଡି ଗୋଲକ ଚନ୍ଦ୍ର ଦଳେଇ ଓ ପିରାମଲ୍ ଫାଉଣ୍ଡେସନର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ରାଜା ରାମ ମଲ୍ଲିକ ଉପସ୍ଥିତ ଥିଲେ।

## କୋରାପୁଟକୁ ଆକାଂକ୍ଷା ଜିଲ୍ଲା ରୌପ୍ୟ ପଦକ



କୋରାପୁଟ,୨୯।୭(ସମିସ): ବିଭିନ୍ନ ଉନ୍ନୟନ ଯୋଜନାର ଉଲ୍ଲେଖନୀୟ ସଫଳତା ପାଇଁ କୋରାପୁଟ ଜିଲ୍ଲାକୁ ମିଳିଛି ଆକାଂକ୍ଷା ଜିଲ୍ଲା ରୌପ୍ୟ ପଦକ। ମଙ୍ଗଳବାର ଭୁବନେଶ୍ୱରରେ ଲୋକ ସେବା ଭାବନର କନ୍‌ଫରେନ୍ସ ହଲ୍ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଆକାଂକ୍ଷା ଜିଲ୍ଲାର ଜିଲ୍ଲାପାଳ ଓ ଆକାଂକ୍ଷା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆକାଂକ୍ଷା ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କୋରାପୁଟ ଜିଲ୍ଲାରେ ତ୍ରୟମାସିକ ଗର୍ଭବତୀଙ୍କର ପଞ୍ଜୀକରଣ, ମଧୁମେହ ସ୍କ୍ରିନିଂ, ଉଚ୍ଚ ରକ୍ତଚାପ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ବିଦ୍ୟାଳୟରେ ପୁସ୍ତକ ବଣ୍ଟନ ଓ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକର ବିଦ୍ୟୁତୀକରଣ ଭଳି ୫ ସୂଚକର ସମ୍ପୂର୍ଣ୍ଣତା ହାସଲ କରିଥିବାରୁ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ରୌପ୍ୟ ପଦକ ଗ୍ରହଣ କରିଛନ୍ତି। ଏହା ସହିତ ଲକ୍ଷ୍ମୀପୁର ଏବଂ ଲମତାପୁଟ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମଧ ଆକାଂକ୍ଷା ବ୍ଲକ୍ କାର୍ଯ୍ୟକ୍ରମ ଅଧୀନରେ ରୌପ୍ୟ ପଦକ ମିଳିଛି।

## ଲକ୍ଷ୍ମୀପୁରକୁ ରୌପ୍ୟ ପଦକ



ଲକ୍ଷ୍ମୀପୁର,୨୯।୭(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରୌପ୍ୟ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସମୟରେ ଓଡିଶାର ମୁଖ୍ୟ ଶାସନ ସଚିବ ମୋଜନ ଆହୁଜା, ଉନ୍ନୟନ ସଚିବ ଅନୁ ଗର୍ଗ ଉପସ୍ଥିତ ରହିଥିଲେ। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ କାର୍ଯ୍ୟକ୍ରମରେ କୋରାପୁଟର ପୂର୍ବତନ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଓ ନୂତନ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଉପସ୍ଥିତିରେ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇଙ୍କୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପାଇଁ ରୌପ୍ୟ ପଦକ ପ୍ରଦାନ କରିଥିବା ନେଇ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇ କହିଛନ୍ତି।

## କୋର୍ଟ କର୍ମଚାରୀ ସାଇବର ଠକେଇର ଶିକାର

**ବାରିପଦା, ୨୯ ।୭(ସମିସ):** ବାରିପଦା ସ୍ଥିତ ଆଡ଼ ହକ ଏବଂ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟର ଗାଡି ଚାଳକ ଗଣେଶ୍ୱର ମହାନ୍ତ ସାଇବର ଠକେଇର ଶିକାର ହୋଇଛନ୍ତି । ଏନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା । ତାଙ୍କର ପୁରୁଣା ଋଣକୁ ଏକ ଥରକେ ପରିଶୋଧ କରିଲେ ନୂତନ ଋଣ ପ୍ରଦାନ କରାଯିବ ବୋଲି କହିଥିଲେ । ଯାହାକୁ ନେଇ ଠକଙ୍କ କହିବା ମୁତାବକ ୫୫ ହଜାର ଟଙ୍କା ପର୍ଯ୍ୟାୟକ୍ରମରେ ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରିଥିଲେ; କିନ୍ତୁ ଏହାପରେ ତାଙ୍କର କୋଣସି ଋଣ ପରିଶୋଧ ହୋଇନଥିଲା । ପରେ ସେ ଉକ୍ତ ନମ୍ବରରେ ଯୋଗାଯୋଗ କରିବାରୁ ତାହା ସମ୍ଭବ ହୋଇ ନ ଥିଲା । ଅଦୃଶ୍ୟ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ନେଇ ଜାଣିବାକୁ ପାଇବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## ଓର୍‌ମାସ ପକ୍ଷରୁ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ



**ବାରିପଦା, ୨୯ ।୭(ସମିସ):** ଆଗକୁ ଆସୁଛି ପାରମ୍ପରିକ ପର୍ବ ଗହ୍ମା ପୂର୍ଣ୍ଣିମା ତଥା ରକ୍ଷାବନ୍ଧନ ଉତ୍ସବ । ତେଣୁ ରାକ୍ଷୀ ପାଇଁ ଗହଳଚହଳ ହେଲାଣି ବଜାର । ଜିଲ୍ଲାର ସଦର ମହକୁମା ବାରିପଦାରେ ଭଳିକିଭଳି ରାକ୍ଷୀ ସମ୍ଭାରରେ ସଜେଇ ହେବାରେ ଲାଗିଛି ବିଭିନ୍ନ ଷ୍ଟଲ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାରିପଦା ଷ୍ଟାଡିୟମ ଗୋଲେଇ ନିକଟ ମୟୂର ଶିଳ୍ପ ଆଉଟଲେଟ ସମ୍ମୁଖରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ୍) ତରଫରୁ ନିଆରା ମନଲୋଭା ରାକ୍ଷୀର ସମ୍ଭାର ନେଇ ଉଦଘାଟିତ ହୋଇଛି ଏକ ନୂତନ ଷ୍ଟଲ; ଯାହାର ନାମ ରହିଛି 'ଭାଇ ଭଉଣୀ ପ୍ରେମର ସାକ୍ଷୀ, ଓରମାସ ରାକ୍ଷୀ' । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ଷ୍ଟଲକୁ ଉଦ୍‌ଘାଟନ କରିଥିଲେ । ଷ୍ଟଲରେ ସବାଇ ଘାସ, ବାଉଁଶ ଓ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀରେ ହାତତିଆରି ମନଲୋଭା ରାକ୍ଷୀ ସୁଲଭ ମୂଲ୍ୟରେ ୪୦ ଟଙ୍କାରୁ ୧୫୦ ଟଙ୍କା ମଧ୍ୟରେ ଉପଲବ୍ଧ । ଏହି ଷ୍ଟଲ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଡିପିସି ନିରଞ୍ଜନ ପଣ୍ଡା, ଓଡ଼ିଶା ଜୀବିକା ମିଶନ ଡିପିମ ନବୀନ କୁମାର ସେନାପତି, ଡିସିପିଓ ମମତାମୟୀ ବିଶ୍ୱାଳ, ପ୍ରୋଗ୍ରାମ ମ୍ୟାନେଜର ମଧୁସ୍ମିତା ଭୂୟାଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିକାଶ ରଞ୍ଜନ ମହାନ୍ତି, ଓରମାସର ସମସ୍ତ ଜିଲ୍ଲା ଅଧିକାରୀ, ମୟୂରଶିଳ୍ପ, ରବର, ଫଳ ଓ ପନିପରିବା କମ୍ପାନୀର ସମସ୍ତ କର୍ମକର୍ତ୍ତା, ଫାର୍ମର ପ୍ରଡ୍ୟୁସର କମ୍ପାନୀର କର୍ମକର୍ତ୍ତା ଏବଂ ଜିଲ୍ଲାର ବିଭିନ୍ନ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ ।

## ଏମ୍‌ସିଏମ୍‌ରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ



**ବାରିପଦା, ୨୯ ।୭(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ଓ ରେଡ଼କ୍ରସ ଶାଖାର ମିଳିତ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଚାରାବଣ୍ଟନ କାର୍ଯ୍ୟକ୍ରମକୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୂତନ ଭାରପ୍ରାପ୍ତ କୁଳପତି ପ୍ରଫେସର ଡ଼ ବିଧୁଭୂଷଣ ମିଶ୍ର ଶୁଭାରମ୍ଭ କରିଛନ୍ତି । କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ କୁଳପତି ପ୍ରଫେସର ମିଶ୍ରଙ୍କୁ ପ୍ରଥମେ ଏକ ରୁଦ୍ରାକ୍ଷ ଚାରା ବୃକ୍ଷ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତା ସିଂ ଓ ପରୀକ୍ଷା ନିୟନ୍ତ୍ରକ ଡ଼ ସୁବ୍ରତ କୁମାର ରଣା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମଏକ ସପ୍ତାହ ଚାଲୁ ରହିବ ବୋଲି ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ ଓ ରେଡ଼କ୍ରସ ଅଧିକାରିଣୀ ପୂଜା ଶତପଥୀ ପ୍ରକାଶ କରିଛନ୍ତି ।

## ମନ୍ଦିର ଚୋର ଗ୍ୟାଙ୍ଗ ସମେତ ୬ ଗିରଫ

# ଅଳଙ୍କାର, ଟଙ୍କା, ବୈଦ୍ୟୁତିକ ସାମଗ୍ରୀ, ବାଇକ୍ ଜବତ





**ବାରିପଦା, ୨୯ ।୭(ସମିସ)**

ବାରିପଦା ସହର ଓ ଆଖପାଖ ଅଞ୍ଚଳ ମନ୍ଦିରରୁ ଚୋରି କରୁଥିବା ଗ୍ୟାଙ୍ଗକୁ ଧରିବାରେ ବାରିପଦା ସଦର ଥାନା ପୁଲିସ ସଫଳ ହୋଇଛି । ପୁଲିସ ୪ ଜଣ ଚୋର ଓ ଚୋରି ସାମଗ୍ରୀ କିଣିଥିବା ୨ ଜଣ ସମେତ ୬ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ସୁନା ଓ ରୂପା ଅଳଙ୍କାର, ୩ଟି ବାଇକ, ୫ଟି ମୋବାଇଲ ଓ ନଗଦ ୨୦ ହଜାର ଟଙ୍କା ଜବତ କରାଯାଇଛି । ଏନେଇ ମଙ୍ଗଳବାର ବାରିପଦା ସଦର ଥାନା ପରିସରରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ଗୋବିନ୍ଦରାୟପୁର ଗ୍ରାମର ଅନସର ଖାଁ (୨୨), ନଜିମ ଖାଁ (୨୨), ସେକ ସୁଲତାନ (୨୧), ନୁର ହୁସେନ (୨୨) ଓ କ୍ରେତା ଦ୍ୱୟ ହେଲେ ଗ୍ରାମର ସେକ ଆଜାଦ (୨୯) ଓ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ସୁନହଟ ଅଞ୍ଚଳର ସେକ ଇମ୍ରାନ ଖାଁ (୨୩) । ଏହି ଗ୍ୟାଙ୍ଗ ବାରିପଦା ସଦର ଥାନା ଅଞ୍ଚଳରେ ଥିବା ମନ୍ଦିର, ଘରୁ ଓ କାର୍ଯ୍ୟାଳୟରୁ ଚୋରି କରୁଥିଲେ । ଜୁନ ୨୫ତାରିଖ ବିଳମ୍ବିତ ରାତିରେ ବାଙ୍କିଶୋଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଥିଲା । ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି କମ୍ପ୍ୟୁଟର, ଲ୍ୟାପଟପ, ଇନଭର୍ଟର, ବ୍ୟାଟେରୀ ଆଦି ୧୨ଲକ୍ଷ ଟଙ୍କାର ଆସବାବପତ୍ର ଚୋରି ହୋଇଥିବା ନେଇ ସରପଞ୍ଚ ଫୁଲମଣି ମାର୍ଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତା' ପରଦିନ ବିଳମ୍ବିତ ରାତିରେ ମଞ୍ଜାବନ୍ଧା ଗଣେଶ ମନ୍ଦିରରୁ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା । ଏନେଇ ସହରସାହିର ଦୀପକ କୁମାର ଅଗ୍ରୱାଲ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଜନଶୂନ୍ୟର ସୁଯୋଗ ନେଇ ଉକ୍ତ ମନ୍ଦିରରେ କଳାକନା ବୁଲାଇଥିଲେ । ଦୁଇଟିଯାକ ଚୋରି ସମ୍ପର୍କରେ ଅଭିଯୋଗ ହେବା ପରେ ସଦର ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ନେତୃତ୍ୱରେ ଏସଆଇ ଅଜୟ କୁମାର ଜେନା ତଦନ୍ତ ଆରମ୍ଭ କରିଥିଲେ । ଅଞ୍ଚଳର ସିସି ଟିଭିକୁ ଭିଡିଓକୁ ଆଧାର ପୂର୍ବକ ଯାଞ୍ଚ କରି ଗ୍ୟାଙ୍ଗକୁ ଧରିବାରେ ପୁଲିସ ସଫଳ ହୋଇଛି । ପ୍ରଥମେ ଅଭିଯୁକ୍ତକୁ ଗିରଫ କରିବା ପରେ ସାମଗ୍ରୀ କ୍ରେତାଙ୍କୁ ଧରିଥିଲା ପୁଲିସ । ତାଙ୍କ ପାଖରୁ ସୁନା ଓ ରୁପା ଅଳଙ୍କାର ସମେତ କିଛି ତରଳା ଯାଇଥିବା ସୁନା ଓ ରୂପା ଖଣ୍ଡ ଜବତ କରାଯାଇଛି । ଏଥିସହିତ କାର୍ଯ୍ୟାଳୟରୁ ଚୋରି ସାମଗ୍ରୀଗୁଡ଼ିକ ମଧ ଜବତ ହୋଇଛି । ପୁଲିସ ଅଭିଯୁକ୍ତଙ୍କୁ ଅଧିକ ପଚରା ଉଚରା କରିବାରୁ ସେମାନେ ପୂର୍ବରୁ ବିଭିନ୍ନ ଥାନା ଅଞ୍ଚଳରେ ଚୋରି କରିଥିବା ସ୍ୱୀକାର କରିଛନ୍ତି । ସୂଚନାଯୋଗ୍ୟ ଯେ, ଭଞ୍ଜପୁର ଥାନା ଅନ୍ତର୍ଗତ ୱାଲିଗଞ୍ଜ ସ୍ଥିତ ଶ୍ରୀ ଶନିଶ୍ଚର ମହାଗ୍ରହ ପୀଠ ହୁଣ୍ଡିରୁ ଚୋରି, ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଦେବଶୋଳ ଶିବ ମନ୍ଦିର, ଉଦଳା ଥାନା ଅନ୍ତର୍ଗତ ଦୁଗଧା ତାରିଣୀ ମନ୍ଦିର ଓ ଖୁଣ୍ଟା ଥାନା ଅନ୍ତର୍ଗତ କନକ ଦୁର୍ଗା ମନ୍ଦିର ଆଦି ଚୋରିରେ ଏମାନେ ସମ୍ପୃକ୍ତ ରହିଛନ୍ତି । ପୁଲିସ ସମସ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବୈଠକ

# ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ସଂଘ



**ବାରିପଦା, ୨୯ ।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଓଷ୍ଟା ସଂଘର ସମ୍ପାଦକ ତଥା ସମନ୍ୱୟ ସମିତିର ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟଙ୍କ ଆବାହକତ୍ୱ ଏବଂ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ସଂଘ ବିଭିନ୍ନ ଦାବିନେଇ ବାରମ୍ବାର ସରକାରଙ୍କ ଦୃଷ୍ଟିଆକର୍ଷଣ କରୁଥିଲେ ମଧ୍ୟ କୌଣସି ଫଳ ମିଳୁ ନ ଥିବାରୁ ସମିତି ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଦାବି ମଧ୍ୟରେ ବର୍ଷବର୍ଷ ଧରି ବିନା ଦରମାରେ ଶିକ୍ଷାଦାନ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜରେ କାର୍ଯ୍ୟ କରିଥିବା ଓ କରୁଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଚାକିରି କାଳ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ସମସ୍ତ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜକୁ ସରକାରୀ କରଣ, ୨୦୦୪ରୁ ୨୦୧୩ ମଧ୍ୟରେ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ବଦଳରେ ପୁରୁଣା ପେନସନ ପ୍ରଦାନ ଆଦି ଅନ୍ତର୍ଭୁକ୍ତ । ବୈଠକରେ ଓଷ୍ଟାର ପୂର୍ବତନ ରାଜ୍ୟ ସମ୍ପାଦକ ଭରତ ଚନ୍ଦ୍ର ବରାଳ, ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ, ଓଲଓଷ୍ଟାର ଜିଲ୍ଲା ସଭାପତି ପ୍ରଦିପ ନାୟକ, ସମ୍ପାଦକ ଅଞ୍ଜନ କୁମାର ଜେନା, ୬୬୨କଲେଜ ସଂଘରୁ ଅମ୍ବିକା ଶଙ୍କର ମିଶ୍ର, ମାଦ୍ରାସାର ସଭାପତି ସେକ ମହିରୁଦିନ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ସମସ୍ତ ଉପ ସଭାପତି ପ୍ରମୁଖ ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ । ଆସନ୍ତା ଅଗଷ୍ଟ ୨ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା, ଅଗଷ୍ଟ ୮ ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଏବଂ ଅଗଷ୍ଟ ୧୬ ତାରିଖ ଭୁବନେଶ୍ୱରରେ ହେବାକୁଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ମତପ୍ରକାଶ ପାଇଥିଲା । ଶେଷରେ ଶିକ୍ଷକ ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା

# ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ବିକ୍ଷୋଭ କରିବ ଭଞ୍ଜସେନା

**ବାରିପଦା, ୨୯ ।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଦ୍ୱାରା ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଛି; ଯାହାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଭଞ୍ଜସେନା ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ମଙ୍ଗଳବାର ଜିଲ୍ଲା ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ ନିଜ ପଦର ଦୁରୂପଯୋଗ କରି ପ୍ରାୟ ୧୪୦ ଜଣ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ବାରିପଦା ଓ ଆଖପାଖି ସ୍କୁଲରେ ଡେପୁଟେସନ ଆଣି ରଖିଛନ୍ତି । ଜିଲ୍ଲା ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସର ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟାହ୍ନ ଭୋଜନ ହରିଲୁଟରେ ଯୋଗାଣକାରୀଙ୍କ ସହିତ ସମ୍ପୂର୍ଣ୍ଣ ଭାବେ ସାମିଲ ରହିଛନ୍ତି । ପେନସନ ପାଇବାର ହକଦାର ଥିବା ପୂର୍ବତନ ଶିକ୍ଷକଙ୍କୁ ବିଭିନ୍ନ ଉପାୟରେ ହଇରାଣ ମଧ କରୁଛନ୍ତି । ବିଭିନ୍ନ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା ଶୁଳିଆପଦା ବିଇଓଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସେ ସୁରକ୍ଷା ଦେବା ସହ ଅନେକ କାର୍ଯ୍ୟକଳାପରେ ଜଡିତ ରହିଛନ୍ତି ବୋଲି ଅଭିଯୋଗ ହୋଇଛି । ଏହାର ସମାଧାନ ପାଇଁ ଭଞ୍ଜସେନା ପକ୍ଷରୁ ଅନେକ ଥର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି । ତାଙ୍କ କାର୍ଯ୍ୟକାଳ ସମୟର ଏକ ଉଚ୍ଚସ୍ତରୀୟ ତଦନ୍ତ ସମେତ ନୂତନ ଶିକ୍ଷାଧିକାରୀ ନିଯୁକ୍ତି କରିବାକୁ ଦାବି ହୋଇଥିଲା । ଏ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ଶିକ୍ଷା ବିଭାଗ, ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଆଗାମୀ ୪୮ ଘଣ୍ଟା ମଧ୍ୟରେ ରାଜ୍ୟ ସରକାର ଅନିୟମିତତା ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ଓ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ନ କରନ୍ତି, ତେବେ ଭଞ୍ଜସେନା ପକ୍ଷରୁ ଅଗଷ୍ଟ ୧ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

### ବ୍ୟକ୍ତିଗତ ହାଜର ପାଇଁ ଜିଲ୍ଲାପାଳଙ୍କ ନୋଟିସ୍

ମୟୂରଭଞ୍ଜ ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କ ବଦଳି ତଥା ରେସନାଲାଇଜେସନ ରୁଲରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଜିଲ୍ଲା ଶିକ୍ଷଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନାମରେ ଅଭିଯୋଗ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଆସନ୍ତା ୩୦ ତାରିଖରେ ସେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ସମସ୍ତ କାଗଜପତ୍ର ପ୍ରମାଣପତ୍ର ସହିତ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ ଜାରି କରାଯାଇଛି । ଏପରିକି ଜିଲ୍ଲା ଶିକ୍ଷଧିକାରୀ ଶ୍ରୀ ସେଠୀ ରେସନାଲାଇଜେସନ ରୁଲରେ ଉଦ୍ଦେଶ୍ୟମୂଳକଭାବେ ହେରଫେର କରି ବାରିପଦା ବ୍ଲକଶିକ୍ଷା କାର୍ଯ୍ୟାଳୟ ଅଧୀନରେ ପ୍ରାଥମିକ ଶିକ୍ଷୟିତ୍ରୀ ଭାବରେ ଚାକିରି କରିଥିବା ନିଜ ସ୍ତ୍ରୀ ଗୀତା ବେହେରାଙ୍କୁ ମଧ୍ୟ ଏଥିରେ ଛନ୍ଦି ପକାଇଛନ୍ତି । ଏଣୁ ତାଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ ଜାରି କରାଯାଇଛି ।

## ପୁଲିସ ଭଲିବଲ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜକୁ ବ୍ରୋଞ୍ଜ



**ବାରିପଦା, ୨୯ ।୭(ସମିସ):** କଟକଠାରେ ଅନୁଷ୍ଠିତ ୭୭ତମ ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଚାମ୍ପିଅନସିପରେ ମୟୂରଭଞ୍ଜ ପୁଲିସ ଟିମ ୫ମ ରାଉଣ୍ଡରେ ୪ର୍ଥ ଆଇଆରବିଏନ, ବୌଦ୍ଧକୁ ୩-୦ ସେଟରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି । ପୁରସ୍କାର ସ୍ୱରୂପ ଦଳକୁ ବ୍ରୋଞ୍ଜ ମେଡାଲ ସହ ୧୦ ହଜାର ନଗଦ ରାଶି ମିଳିଛି । ଚାମ୍ପିଅନସିପ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅଞ୍ଜନ ବେହେରାଙ୍କୁ ଟ୍ରଫି ଓ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲି ଆଜି ପୂର୍ବାହ୍ନରେ ସମସ୍ତ ଖେଳାଳିଙ୍କ ସମେତ ମ୍ୟାନେଜର ଓ କୋଚଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ରିଜର୍ଭ ଇନ୍ସପେକ୍ଟର ଆଲୋକ କାନୁନଗୋ, ମୟୂରଭଞ୍ଜ ପୁଲିସ ସଂଘର ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସୁରଜ କୁମାର ରାଜ, କ୍ରୀଡା ସଂଗଠକ ଭାନୁପ୍ରତାପ ଭଞ୍ଜଦେଓ, ଏନଆଇଏସ କୋଚ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ । ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଅଞ୍ଜନ ବେହେରା, ମିଲୁ ମହାନ୍ତ ଓ ଜନ୍ମେଜୟ ଦାସ ଜାତୀୟ ସ୍ତରୀୟ ପୁଲିସ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ପୁଲିସ ଦଳର ଚୟନ ଶିବିରକୁ ମନୋନୀତ ହୋଇଛନ୍ତି ।

## ପୋଲ ନିକଟରୁ ମାଟିଧସି ବିରାଟ ଗର୍ତ୍ତ

# ପଥର ପ୍ୟାକିଂ ନ ହେଲେ ନଦୀରେ ମିଶିବ



**ମୋରଡ଼ା, ୨୯।୭(ସମିସ)**

ମୋରଡ଼ା ବ୍ଲକ ଚିତ୍ରଡା ଗ୍ରାମ ପଞ୍ଚାୟତ ଦୋମୁହାଣି ବାଳିଆପିଠା ଶ୍ମଶାନ ଘାଟ ନିକଟରେ ବ୍ଲକ ପ୍ରଶାସନ ତରଫରୁ ଗତ ୨୦୨୨ରେ ଏକ ପୋଲ ନିର୍ମାଣ ହୋଇଥିଲା । ପଞ୍ଚମ ଏସଏଫସି ଜିଆଇଏ ଅନୁଦାନ ଅନୁସାରେ ୯ ଲକ୍ଷ ୫୦ହଜାର ଟଙ୍କାର ନୂତନ ପୋଲ ନିର୍ମାଣ କରାଯାଇଥିଲା । ତେବେ ଶୁକ୍ରବାର ଅସରାଏ ବର୍ଷାରେ ନଦୀ ଏବଂ ବିଭିନ୍ନ ବନ୍ଧର ଜଳସ୍ତର ବୃଦ୍ଧି ପାଇଥିଲା । ଫଳରେ ମାଗାଧ ବନ୍ଧ ଓ ଝଡ଼ିଆ ବନ୍ଧର ପାଣି ନଦୀରେ ମିଶିବାରୁ ସ୍ରୋତ ଅଧିକ ଥିଲା । ଫଳରେ ପୋଲମୂଳରୁ ମାଟି ଧୋଇହୋଇଯାଇ ଏକ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ପୋଲ ନଦୀ କଡ଼ ଚାଷ ଜମିକୁ ଯିବା ନିମନ୍ତେ ଏକମାତ୍ର ମାଧ୍ୟମ । ଏବେ ପୋଲରୁ ମାଟି ଧସିଯିବା ଫଳରେ ଟ୍ରାକ୍ଟର କିମ୍ବା ଶଗଡ଼ ଯାତାୟାତ କରିପାରୁନାହିଁ । ଫଳରେ ଚାଷୀମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ତୁରନ୍ତ ଉକ୍ତ ପୋଲ କଡ଼ରେ ହୋଇଥିବା ଗର୍ତ୍ତରେ ପଥର ପ୍ୟାକିଂ ଏବଂ ମାଟି ଭର୍ତ୍ତି କରିବାକୁ ଚାଷୀ ଦାବି କରିଛନ୍ତି । ଏ ନେଇ ବିଡ଼ିଓ ଅଣାକର ନାୟକଙ୍କୁ ଯୋଗାଯୋଗ କରିବାରୁ ମୁଁ ସହକାରୀ ଯନ୍ତ୍ରୀଙ୍କୁ ଅନୁଧାନ କରିବା ପାଇଁ ପଠାଇବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ । ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ନାୟକ କହିଛନ୍ତି ଯେ, ଉକ୍ତ କାର୍ଯ୍ୟ ପାଇଁ ସେ ପଞ୍ଚାୟତ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେବେ ।



# ଶ୍ରମିକ ସମବାୟ ସଂସ୍ଥା ଖୋଲି ଠକେଇ, ୭ ଗିରଫ

## କାର୍ଯ୍ୟରତ କର୍ମଚାରୀଙ୍କ ଅଭିଯୋଗ ପରେ ସାମ୍ନାକୁ ଆସିଲା ସତ

ବଲାଙ୍ଗିର,୨୯।୭(ସମିସ)



ବଲାଙ୍ଗିର ଜିଲ୍ଲାରେ ଦିନକୁଦିନ ବଢିବାରେ ଲାଗିଛି ଠକ ଓ ଠକେଇ ସଂଖ୍ୟା । କିଏ କେତେବେଳେ ଚାକିରି କରାଇବା ନାମରେ ଠକୁଛି ତ କି ଚାକିରି ଓ କମ ଦାମରେ ସାମଗ୍ରୀ ଯୋଗାଇବା ନାମରେ ଠକି ଚାଲିଛି । ଏହିଭଳି ଅନେକ ସଂସ୍ଥା ଜିଲ୍ଲାରେ କାମ କରୁଛି ଯେଉଁମାନେ କି ଲୋକଙ୍କୁ ବିଭିନ୍ନ ଆଳରେ ଠକି ଚାଲିଛନ୍ତି । ସାମ୍ନାକୁ ଆସିଲେ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ଅନେକ ସଂସ୍ଥାର ସତ ସାମ୍ନାକୁ ଆସିପାରୁନାହିଁ। ଏହିଭଳି ଏକ ସଂସ୍ଥାର ଠକେଇ କାରବାରକୁ ପୁଇଁନ୍ତଲା ପୁଲିସ ପର୍ଦ୍ଦାଫାସ କରିଛି

- ଶ୍ରମିକଙ୍କ ନାମରେ ଖାତା ଖୋଲିଥିଲେ,
- ରିହାତି ଦରରେ ସାମଗ୍ରୀ ଯୋଗାଇବାକୁ କହିଥିଲେ
- ୨୦୧୪ ପୂର୍ବରୁ ଶ୍ରମିକଙ୍କୁ ଠକି ଆସୁଥିଲା ସଂସ୍ଥା

ଯେ କି ଲୋକଙ୍କୁ ଗତ କିଛି ବର୍ଷ ହେଲା ବିଭିନ୍ନ ଆଳ ଦେଖାଇ ଠକିଆସୁଥିଲା । କର୍ମଚାରୀଙ୍କୁ ସରକାରୀ ଚାକିରି ନାମରେ ଠକୁଥିବା ବେଳେ ଗ୍ରାହକମାନଙ୍କୁ କମ ଦାମରେ ଗ୍ରୋସୋରୀ ସାମଗ୍ରୀ ଯୋଗାଇବା ନାମରେ ଠକୁଥିବା ଜଣାପଡିଛି। ଏନେଇ ଅଭିଯୋଗ ହେବା ପରେ ଉକ୍ତ ସଂସ୍ଥାର ସାତ ଜଣ ଅଧିକାରୀଙ୍କୁ ପୁଲିସ ଗିରଫ କରିଥିବା ଜଣାପଡିଛି ।

ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଗତ ୨୦୧୪ ପୂର୍ବରୁ ଓଡିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିମିଡେ ନାମରେ ଏକ ସଂସ୍ଥା କାର୍ଯ୍ୟ କରିଆସୁଥିଲା। ଏହି ସଂସ୍ଥା ବ୍ଲକ୍‌ରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରେ କର୍ମଚାରୀ ମାନଙ୍କୁ ନିୟୋଜିତ କରିଥିଲା। ପଞ୍ଚାୟତ ସ୍ତରରେ ଥିବା କର୍ମଚାରୀ ମାନେ ଲୋକଙ୍କ ଠାରୁ ୨୫୦ ଟଙ୍କା ନେଇ ତାଙ୍କର ଏକ ଜମାଖାତା ଖୋଲିଥିଲା। କମ୍ପାନୀ ଅଧିକାରୀଙ୍କ କହିବା ଅନୁସାରେ ୨୫୦ ଟଙ୍କାରେ ଖାତା ଖୋଲିବା ପରେ ଏସଏସ୍ ମାର୍ଟ ନାମକ ଏକ ସଂସ୍ଥା ଦ୍ୱାରା ସେମାନେ ଅନ୍ତର୍ଭୁକ୍ତ ହେବେ ଯେଉଁ ସଂସ୍ଥା କି ବିଭିନ୍ନ ଶାଖା ମାଧମରେ ୧୫ ରୁ ୫୦ ପ୍ରତିଶତ ରିହାତିରେ ଗ୍ରୋସୋରୀ ସାମଗ୍ରୀ ଯୋଗାଇଦେବ। କିଛି ବର୍ଷ ଏହି ସଂସ୍ଥା ଚାଲିବା ପରେ ଗତ ୨୪ ତାରିଖରେ ଏନେଇ ସଂସ୍ଥାରେ କାର୍ଯ୍ୟରତ ଥିବା ଏବିଏମ ନନ୍ଦଲାଲ ମିଶ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ଏହା ଏକ ସରକାରୀ ଚାକିରୀ ଓ ସେ ବ୍ଲକ୍‌ର କିଛି ପଞ୍ଚାୟତର ଏବିଏମ ଭାବେ କାମ କରିବେ। ତାଙ୍କ ତଳେ ଥିବା କର୍ମଚାରୀମାନେ ଗାଁ ଗାଁକୁ ଯାଇ ଶ୍ରମିକମାନଙ୍କ ଖାତା ଖୋଲିବେ। ଏଥିପାଇଁ ସମସ୍ତଙ୍କୁ ଦରମା ଦିଆଯିବ। ୧୦୦୦ କାର୍ଡ ହେଲେ ଏକ ଶାଖା ମଧ୍ୟ ଆରମ୍ଭ କରାଯିବ। ଚାକିରି ସ୍ଥାୟୀ କରିବାକୁ ହେଲେ ସେମାନଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ। ସରକାରୀ ଚାକିରି ଲୋଭରେ ସେ ନିଜ ପାଇଁ ଓ ନିଜ ଝିଅକୁ ବି ସଂସ୍ଥାରେ ଚାକିରି କରାଇବା ସହ ସ୍ଥାୟୀ ପାଇଁ ୨୦ ହଜାର ଟଙ୍କା ଦେଇଥିଲେ। ତେବେ ସଂସ୍ଥା ପ୍ରତି ପଞ୍ଚାୟତ ଓ ବ୍ଲକ୍‌ରୁ ଏହିଭଳି ସ୍ଥାୟୀ କରିବା ନାମରେ ୧୦ ହଜାର ଟଙ୍କା ନେଇଥିବା ସେ ଅଭିଯୋଗ କରିଛନ୍ତି । ଏହି ସଂସ୍ଥା ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ବେଳେ ବହୁ ସଂଖ୍ୟାରେ କର୍ମଚାରୀ ରହିଛନ୍ତି। ତେବେ ଦୀର୍ଘ ବର୍ଷ ଧରି ସଂସ୍ଥା ଠକି ଆସୁଥିବା ବେଳେ ଗତ ମାର୍ଚ୍ଚ୍ ମାସରେ ବଲାଙ୍ଗିର କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଥିଲା। ଫଳରେ ସେ ଏହାକୁ ନେଇ ପ୍ରଶ୍ନ କରିଥିଲେ କିନ୍ତୁ କେହି ଶୁଣିନଥିଲେ। ଏପଟେ ଖାତା ଖୋଲିଥିବା ଶ୍ରମିକ ମାନେ ମଧ୍ୟ ଚାପ ପକାଇଥିଲେ। ଶେଷରେ ସେ ପୁଇଁନ୍ତଲା ଥାନାରେ କିଛି ଦିନ ତଳେ ଲିଖିତ ଅଭିଯୋଗ କରିଥିଲେ। କେବଳ ପୁଇଁନ୍ତଲା ବ୍ଲକ୍‌ରେ କର୍ମଚାରୀମାନଙ୍କୁ ଠାରୁ ୫ ଲକ୍ଷ ଟଙ୍କା ସଂସ୍ଥା ଠକିଥିବା ବେଳେ ଶ୍ରମିକଙ୍କ ପାଖରୁ ୮ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ କରିଛନ୍ତି। ଏହିଭଳି ଭାବେ ଏହି ସଂସ୍ଥା କେବଳ ବଲାଙ୍ଗିର ଜିଲ୍ଲାରେ ପ୍ରାୟ ୨ କୋଟି ଟଙ୍କା ଠକେଇ କରିଥିବା ସନ୍ଦେହ କରାଯାଉଛି। ଏନେଇ ପୁଇଁନ୍ତଲା ପୁଲିସ କେସନଂ ୨୧୮/୨୫ରେ ମାମଲା ରୁଜୁ କରି ଘଟଣାରେ ସାତ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି।

ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳର ପଞ୍ଚାନନ ସାହୁ, ଲୋଇସିଂହା ଥାନା ରଫାଖାଲ ଗାଁର ସୌମିତ୍ରୀ ସାହୁ, ବୁର୍ଲା ତେଲୁଗୁପଡାର ଯୋଗାନନ୍ଦ ମେହେର, କେନ୍ଦ୍ରାପଡା ଜିଲ୍ଲା କୁନ୍ଦାନଗର ଥାନା ଭଗାବନପୁର ଗାଁର ସୌରୂପା ରାଉତ, ବରଗଡ ଜିଲ୍ଲା ଜଗଦଲପୁର ଥାନା ଗଣ୍ଡପାଲି ଗାଁର ଶ୍ୟାମଲାଲ ପଧାନ, ସୁନୀତା ବାଗ, ବଲାଙ୍ଗିର ରାମେଶ୍ୱର ନଗରର ହୃଷିକେଶ ମିଶ୍ର ବୋଲି ପୁଲିସ ସୂଚନା ଦେଇଛି। ତେବେ ଏହି ସଂସ୍ଥା ବିରୋଧରେ ଅଧିକ ତଦନ୍ତ କରାଗଲେ ନିହାତି ଭାବେ ଜିଲ୍ଲା ତଥା ରାଜ୍ୟରେ ହୋଇଥିବା ଠକେଇର ପର୍ଦ୍ଦାଫାସ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

### ଲୁଚାଛପାରେ ଗିରଫ କଲା ପୁଲିସ

ବଲାଙ୍ଗିର ଜିଲ୍ଲାରେ ଘଟୁଥିବା ଅନେକ ମାମଲାର ଅଭିଯୁକ୍ତମାନେ ଧରାପଡିବା ପରେ ପୁଲିସ ସାମ୍ବାଦିକ ସମ୍ମିଳନୀ ଡାକି ତାହାର ସମସ୍ତ ତଥ୍ୟ ସାମ୍ନାକୁ ଆଣିଥାଏ। କିନ୍ତୁ ପୁଇଁନ୍ତଲା ପୁଲିସ ଦ୍ୱାରା ହୋଇଥିବା ଏତେ ବଡ ଗୁରୁତ୍ୱପୂର୍ଣ୍ଣ ମାମଲାର ସାମ୍ବାଦିକ ସମ୍ମିଳନୀ କରାନଯିବା ସମସ୍ତଙ୍କୁ ଚକିତ କରିଛି। ଏକ ଠକେଇ ମାମଲା ପୁଲିସ ସାତ ଜଣଙ୍କୁ ଗିରଫ କରିଛି ଯାହାକି ପ୍ରଶଂସନୀୟ କିନ୍ତୁ ଏହାକୁ ସାମ୍ନାକୁ ନଆଣି ଲୁଚାଛପାରେ ଅଭିଯୁକ୍ତଙ୍କୁ ୨୭ ତାରିଖରୁ କୋର୍ଟଚାଲାଣ କରିଦେଇ ନୀରବ ବସିଥିବା ପଛର କାରଣକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହା ପଛରେ କାରଣ କଣ ତାହା କୌଣସି ଅଧିକାରୀ କହୁନଥିବା ବେଳେ ଆବଶ୍ୟକ ହେଲେ ସାମ୍ବାଦିକ ସମ୍ମିଳନୀ କରାଯିବ ବୋଲି ଅଧିକାରୀ କହୁଥିବା ଆଲୋଚନା ହେଉଛି।

## କାଉଡ଼ିଆଙ୍କ ସେବାକଲା ବ୍ରାହ୍ମଣ ସମାଜ



କଣ୍ଟାବାଞ୍ଜି,୨୯।୭(ସମିସ): କଣ୍ଟାବାଞ୍ଜି ସହରର ବ୍ରାହ୍ମଣ ସମାଜର ସଦସ୍ୟ ବିଭିନ୍ନ ସମାଜସେବା କାର୍ଯ୍ୟରେ ଆଗେଇ ଆସୁଥିବା ବେଳେ ଶ୍ରାବଣ ତୃତୀୟ ସୋମବାରରେ କାଉଡ଼ିଆଙ୍କୁ ହରିଶଙ୍କର ଠାରେ ନିଜର ସେବା ପ୍ରଦାନ କରିଛନ୍ତି ବ୍ରାହ୍ମଣ ସମାଜ କଣ୍ଟାବାଞ୍ଜୀ ତରଫରୁ ହରିଶଙ୍କର ଠାରେ ଶତାଧିକ ଉତାଧଭକ୍ତଙ୍କୁ ବଣ୍ଟନ କରାଯାଇଛି ଚା ଏବଂ ବିସ୍କୁଟ। କଣ୍ଟାବାଞ୍ଜୀ ରାମମନ୍ଦିର ଠାରେ ମଧ ଭୋର ୫ ଟାରୁ ସକାଳ ୯ ଟା ପର୍ଯ୍ୟନ୍ତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଚା ବିସ୍କୁଟ ବଣ୍ଟା ଯାଇଛି। କାର୍ଯ୍ୟକ୍ରମରେ ସଭାପତି ଚିନ୍ମୟ ଯୋଷୀ, ଉପସଭାପତି ବିଜୟ ମିଶ୍ର, ସମ୍ପାଦକ ସରୋଜ ପଣ୍ଡା ସମେତ ସମାଜର ସଞ୍ଜୟ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ରବିନାରାୟଣ ତ୍ରିପାଠୀ, ଅରୁଣ ମିଶ୍ର, ମୋହନ ଖମାରୀ, ମାନସ ତ୍ରିପାଠୀ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସଚେତନତା କାର୍ଯ୍ୟକ୍ରମ



ମୁରିବାହାଲ,୨୯।୭(ସମିସ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ବାଙ୍କେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବଲାଙ୍ଗୀର ଜିଲ୍ଲାର ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦ୍ୱାରା ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି କିମ୍ବା ରୋଗୀଙ୍କୁ କିଭଳି ସହାୟତା କରାଯିବ,ସେ ବିଷୟରେ ବିସ୍ତୃତ ରୂପେ ଆଲୋକପାତ କରାଯାଇଥିଲା। ଆଞ୍ଚଳିକ ପ୍ରୋଗ୍ରାମ ମ୍ୟାନେଜର ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଘଟଣାଗ୍ରସ୍ତଙ୍କୁ କେମିତି ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ସହ ଆହତଙ୍କ ରକ୍ତକ୍ଷରଣ କିଭଳି ବନ୍ଦ କରାଯିବ,ସାପ କାମୁଡ଼ା ଓ ପଶୁ କାମୁଡ଼ିଲେ ଏହାର ଉପଚାର ସହ ହୃଦଘାତଜନିତ ରୋଗୀଙ୍କୁ କିଭଳି ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ କେଉଁ ଉପାୟରେ ସେମାନଙ୍କ ଜୀବନ ରକ୍ଷା କରାଯାଇ ପାରିବ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ୧୦୮ ଜରୁରୀକାଳୀନ ଅଧିକାରୀ ଟେକରାଜ ବାରିକ,ମାନସ ବେହେରା,ସ୍କୁଲର ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ଆଡଜୁଆଡଙ୍କ ସହ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଓପିଏସଏ ବଲାଙ୍ଗିର ଶାଖାର ନିର୍ବାଚନ

ବଲାଙ୍ଗିର,୨୯।୭(ସମିସ): ବଲାଙ୍ଗିର ଜିଲ୍ଲା ଓଡିଶା ଫାର୍ମାସି ଅଧିକାରୀ ସେବା ସଂଘ ଶାଖାର ସାଧାରଣ ସଭା ଏବଂ ଦ୍ୱିବାର୍ଷିକ ନିର୍ବାଚନ ଏନଏଚଏମ୍ ହଲରେ ଅନୁଷ୍ଠିତ ହୋଇଯାଇଛି।ସାଧାରଣ ସଭାରେ ପୂର୍ବ କାର୍ଯ୍ୟନିର୍ବାହୀ କମିଟିକୁ ଭାଙ୍ଗି ନୂଆ କମିଟି ପାଇଁ ନିର୍ବାଚନ କରାଯାଇଥିଲା। ନିର୍ବାଚନରେ ବିଭିନ୍ନ ପଦ ପଦବୀ ପାଇଁ ୧୩ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ଶେଷରାମ କେଶରୀ ପ୍ରଧାନ ସଭାପତି,ହିମାଂଶୁ ଭୂଷଣ ମିଶ୍ର ଉପସଭାପତି,ରାଧାମାଧବ ମିଶ୍ର ସାଧାରଣ ସମ୍ପାଦକ,ବିକାଶ କୁମାର ପଟେଲ କୋଷାଧ୍ୟକ୍ଷ, ସୁନାଧର ଭୋଇ ଯୁଗ୍ମସମ୍ପାଦକ, ଅମିତ କୁମାର ମିଶ୍ର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।ସାଙ୍ଗଠନିକ ସମ୍ପାଦକ ଭାବରେ ଜୟକୃଷ୍ଣ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଞ୍ଚଳିକ ସମ୍ପାଦକ ଭାବରେ ଅମିତାଭ ଠାକୁର,ଅମରେଶ ରାଜୁ,ଆଶିଷ ଥନାପତି, ଦେବେନ୍ଦ୍ର କୁମାର ମେହେରଙ୍କୁ ମନୋନୀତ କରାଯାଇଥିଲା। ଏହି ଅବସରରେ ସଂଘ ର ୯୦ଜଣ ସଦସ୍ୟ ଉପସ୍ଥିତ ଥିଲେ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପନିର୍ଦ୍ଦେଶକଙ୍କ ବଲାଙ୍ଗିର ଗସ୍ତ



ବଲାଙ୍ଗିର,୨୯।୭(ସମିସ):ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉତ୍ତରାଞ୍ଚଳ(ସମ୍ବଲପୁର) ଉପନିର୍ଦ୍ଦେଶକ କଲ୍ୟାଣୀ ଦାସ ଆଜି ଦିନିକିଆ ବଲାଙ୍ଗିର ଗସ୍ତରେ ଆସିଥିଲେ।ଏହି ଅବସରରେ ବଲାଙ୍ଗିର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି, କନିଷ୍ଠ ରାଜସ୍ୱ ସହାୟକ ପୁରୁଷୋତ୍ତମ ମୁନା, କର୍ମଚାରୀ ସୁରେଶ ଚନ୍ଦ୍ର ପଟେଲ ଓ କେଶବ ବାଗ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟ ପରିଦର୍ଶନ ତଥା ନିରୀକ୍ଷଣ ପରିପ୍ରେକ୍ଷୀରେ ଉପନିର୍ଦ୍ଦେଶକ ଶ୍ରୀମତୀ ଦାସ କାର୍ଯ୍ୟାଳୟ ସମ୍ପର୍କିତ ବିଭିନ୍ନ ନଥିପତ୍ର, ଫାଇଲ ଓ ରେକର୍ଡସ ଇତ୍ୟାଦି ତନଖି କରିବା ସହ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମାଝି ଟିଟିଲାଗଡ, ପାଟଣାଗଡ ତଥା କଣ୍ଟାବାଞ୍ଜି କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦ ଗୁଡିକ ପୂରଣ ନିମନ୍ତେ, ସେଠାରେ ଚାଲୁଥିବା କାର୍ଯ୍ୟାଳୟ ତଥା ପାଠାଗାର ସମ୍ବନ୍ଧରେ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବିଭିନ୍ନ ସମସ୍ୟା ବିଷୟରେ ତା'ଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଉପନିର୍ଦ୍ଦେଶକ ଏହାର ସମାଧାନ ଦିଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ୨ରେ ବନ୍ଦ ରହିବ ଡାକ ସେବା

ବଲାଙ୍ଗିର,୨୯।୭(ସମିସ):ଡାକ ବିଭାଗରେ ବୈଷୟିକ ପ୍ରଗତି କ୍ଷେତ୍ରରେ ଏକ ନୂତନ ସଂସ୍କରଣ ପୂର୍ବକ ଆଇଟି-୨.୦ ସଫ୍ଟୱେୟାର୍ ର ପ୍ରଚଳନ ନିମନ୍ତେ ଅଗଷ୍ଟ ୨ ତାରିଖରେ ଡାକ ଘରର ସମସ୍ତ କାରବାର ବନ୍ଦ ରହିବ ବୋଲି ସୂଚନା ମିଳିଛି। ଡାକ ବିଭାଗ ତରଫରୁ ଗ୍ରାହକଙ୍କୁ ଅଧିକ ସୁବିଧା ଯୋଗାଇ ଦେବା ନିମନ୍ତେ ଏହି ନୂତନ ଓ ଉନ୍ନତ ସଫ୍ଟୱେୟାର୍ ପ୍ରଚଳିତ ହେବାକୁ ଯାଉଛି। ଏହାର ଶୁଭାରମ୍ଭ ପାଇଁ ବଲାଙ୍ଗିର ଡାକ ମଣ୍ଡଳ ଅଧିନସ୍ଥ ବଲାଙ୍ଗିର ପ୍ରଧାନ ଡାକ ଘର ସମେତ, ପାଟଣାଗଡ, ଟିଟିଲାଗଡ,ସୋନପୁରର ମୁଖ୍ୟ ଡାକ ଘର ଏବଂ ସମସ୍ତ ଉପଡାକଘର ଓ ଶାଖା ଡାକଘର ମାନଙ୍କରେ ଆସନ୍ତା ଅଗଷ୍ଟ ୪ ତାରିଖରେ ଏହାର ଉଦ୍‌ଘାଟନ କରାଯିବ। ବଲାଙ୍ଗିର ଡାକ ମଣ୍ଡଳର ଡାକ ଅଧିକ୍ଷକ ସଞ୍ଜୟ ବିଶ୍ୱାଳ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଦତ୍ତ ସୂଚନା ଅନୁସାରେ ଏହି ସଫ୍ଟୱେୟାର୍ ପ୍ରଚଳନ ଦ୍ୱାରା ଡାକ ସେବା ଅଧିକ ତ୍ୱରାନ୍ୱିତ ହେବା ସହ ନେଟୱାର୍କ୍ ଜନିତ ସମସ୍ୟାକୁ ଅପେକ୍ଷାକୃତ ସହଜ ଓ ସରଳ ଭାବରେ ସମାଧାନ କରାଯାଇପାରିବ।ଏହି ସଫ୍ଟୱେୟାର୍ ଡାକ ବିଭାଗର ନିଜସ୍ୱ ଜ୍ଞାନ କୌଶଳରେ ନିର୍ମାଣ ହୋଇଥିବା ବେଳେ ପ୍ରଯୁକ୍ତି ବିଦ୍ୟାର ଏହା ନୂତନ ଯୁଗ ସହ ତାଳ ଦେଇ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ କରିବା ନିମନ୍ତେ ଡାକ ବିଭାଗ ଦ୍ୱାରା ଏପରି ଏକ ଅଭିନବ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଏଥିପାଇଁ ଜନସାଧାରଣ, ଗ୍ରାହକ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ/ପ୍ରତିଷ୍ଠାନ ଗୁଡିକ ସହଯୋଗ କରିବାକୁ ଡାକ ବିଭାଗ ତରଫରୁ ବଲାଙ୍ଗିର ଡାକ ମଣ୍ଡଳର ଡାକ ଅଧିକ୍ଷକ ଶ୍ରୀ ବିଶ୍ୱାଳ ଅନୁରୋଧ କରିଛନ୍ତି।

■ ଏଫଇଏସ୍‌ର ଆଞ୍ଚଳିକସ୍ତରୀୟ କର୍ମଶାଳା

## ପ୍ରାକୃତିକ ସମ୍ପଦର ପରିଚାଳନା ସହିତ ନିରନ୍ତର କୃଷିକୁ ଗୁରୁତ୍ୱ

ଦେଓଗାଁ,୨୯।୭(ସମିସ):ବଲାଙ୍ଗିର ଜିଲ୍ଲା ପଞ୍ଚାୟତ ସାଧନକେନ୍ଦ୍ରରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି(ଏଫଇଏସ) ଭୁବନେଶ୍ୱର ତରଫରୁ ଦୁଇଦିନିଆ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ସଂଯୋଜକ ସୁଜିତ କୁମାର ଶତପଥିଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଭୁବନେଶ୍ୱର ଏଫଇଏସ ରାଜ୍ୟ କାର୍ଯ୍ୟାଳୟରୁ ହୃଷିକେଶ ମହାପାତ୍ର, ଦେବାଶିଷ ଦାଶ, ଶ୍ରୀଧର ବେହେରା ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।ଏହି ଅବସରରେ ପ୍ରାକୃତିକ ସମ୍ପଦର ପରିଚାଳନା, ନିରନ୍ତର କୃଷି ପଦ୍ଧତି ଓ ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରାକୃତିକ ସମ୍ପଦର ପରିଚାଳନାପାଇଁ କ୍ଲାଟ ଓ ଡିଇଟି ଆପର ବ୍ୟବହାର , ନିରନ୍ତର କୃଷି ପଦ୍ଧତି ପାଇଁ ବିହନ ଚୟନ ଠାରୁ ଜମି ପ୍ରସ୍ତୁତି ସମନ୍ୱୀତ ରୋଗ ପୋକ ପରିଚାଳନା ଏବଂ ଅମଳ ପରବର୍ତ୍ତି ପରିଚାଳନା ସହିତ ରବି ଫସଲ ଉପରେ ଆଲୋଚନା ହୋଇଥିଲା। ଏହି କୃଷି ପଦ୍ଧତିକୁ ଆଗକୁ ନେବାପାଇଁ ଜୈବିକ ଖତ ,ରୋଗପୋକ ନିୟନ୍ତ୍ରକ ପ୍ରସ୍ତୁତି ଓ ଜୈବିକଖତ ଉତ୍ପାଦକ କେନ୍ଦ୍ର ସ୍ଥାପନ ଉପରେ ଆଲୋଚନା ସହିତ ଯୋଜନା ପ୍ରସ୍ତୁତ କରାଯାଇଥିଲା। କୃଷି ସହିତ ଅନ୍ୟାନ୍ୟ ବିଭାଗ ସହିତ ସମନ୍ୱୟରକ୍ଷା କରି କାର୍ଯ୍ୟକ୍ରମକୁ ସଫଳ ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରଦାନର ପ୍ରତିନିଧି ଆଲୋକ ପ୍ରଧାନ, ଗୋପାଳକୃଷ୍ଣ ପଟେଲ, ଏଫଇଏସ କୋରାପୁଟ ଜିଲ୍ଲା ସଂଯୋଜକ ତପନ ଖୋସଲା, ନୟାଗଡ ଜିଲ୍ଲା ସଂଯୋଜକ ନିତ୍ୟାନନ୍ଦ ପ୍ରଧାନ, ସମ୍ବଲପୁର ଜିଲ୍ଲା ସଂଯୋଜକ ସଞ୍ଜିବ ସାହୁ ସମେତ ଚାରିଜିଲ୍ଲାର ବ୍ଲକ୍ ମାଷ୍ଟରଟ୍ରେନର ମାନେ ଯୋଗଦେଇଥିଲେ। ପରିଶେଷରେ ବଲାଙ୍ଗିର ଜିଲ୍ଲା ସଂଯୋଜକ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।।କାର୍ଯ୍ୟକ୍ରମକୁ ବଲାଙ୍ଗିର ଜିଲ୍ଲାର ସମସ୍ତ ମାଷ୍ଟରଟ୍ରେନର ସହଯୋଗ କରିଥିଲେ।



ଆନ୍ତର୍ଜାତିକ କରାଟେ ପ୍ରତିଯୋଗିତା

## ବଲାଙ୍ଗିର କରାଟେ ସ୍କୁଲକୁ ୨୬ଟି ପଦକ

ବଲାଙ୍ଗିର,୨୯।୭(ସମିସ):କୋଲକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଆନ୍ତର୍ଜାତିକ କରାଟେ ପ୍ରତିଯୋଗିତା ହାଂସି ପ୍ରେମଜିତ ସେନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା।ପ୍ରତିଯୋଗିତାରେ ଭାରତ ଦେଶ ସହିତ ଅନ୍ୟ ୮ଟି ଦେଶରୁ ୭୦୦୦ରୁ ଉର୍ଦ୍ଧ୍ୱ କରାଟେ ଖେଳାଳି ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତା ୨୫ ରୁ ୨୭ ଜୁଲାଇ ତିନି ଦିନ ଧରି ଖେଳ ହୋଇଥିଲା ବେଳେ ବଲାଙ୍ଗିର ଜିଲ୍ଲାରୁ ବଲାଙ୍ଗିର କରାଟେ ସ୍କୁଲର ୧୭ ଜଣ ଖେଳାଳି ଭାଗ ନେଇ ମୋଟ ୨୬ଟି ପଦକ ହାସଲ କରିଛନ୍ତି। କ୍ରିଷ୍ଣା ନାଏକ ସ୍ୱର୍ଣ୍ଣ ଓ କାଂସ୍ୟ, ପ୍ରତିକ୍ଷା ପୁଟା ସ୍ୱର୍ଣ୍ଣ, ଆୟୁଶି ସିଂ ବାରିକ ସ୍ୱର୍ଣ୍ଣ ଓ କାଂସ୍ୟ, ସ୍ୱଦେଶ ପୁରୋହିତ ୫ ରୌପ୍ୟ ଓ କାଂସ୍ୟ, ଲୋକେଶ ବାଗ ସ୍ୱର୍ଣ୍ଣ, ସ୍ୱାଗତ ମେହେର କାଂସ୍ୟ, ଯଶୋବନ୍ତ କୁମ୍ଭାର ସ୍ୱର୍ଣ୍ଣ ଓ କାଂସ୍ୟ, ଜସମିନ ସାହୁ ଦୁଇଟି ସ୍ୱର୍ଣ୍ଣ, ଇଭାନ ପ୍ରଧାନ କାଂସ୍ୟ, ଆନନ୍ଦିନୀ ସାହୁ ସ୍ୱର୍ଣ୍ଣ ଓ କାଂସ୍ୟ, ଅଂଶୁମାନ ଧରୁଆ ସ୍ୱର୍ଣ୍ଣ ଓ ରୌପ୍ୟ, ସଲୋଶ ବିଶ୍ୱାଳ କାଂସ୍ୟ ଓ ଆରାଧ୍ୟା ସାହୁ ସ୍ୱର୍ଣ୍ଣ, ଚନ୍ଦନ ବାଗ ଦୁଇଟି କାଂସ୍ୟ, ଶ୍ରୀୟା ସାହୁ ସ୍ୱର୍ଣ୍ଣ ଓ କାଂସ୍ୟ, ପଲ୍ଲବି ନାଏକ ଓ ଆୟୁଶ ମେହେର ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ସର୍ବମୋଟ ୧୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ। ମଙ୍ଗଳବାର ଅପରାହ୍ନରେ ଦଳ ବଲାଙ୍ଗିର ପହଞ୍ଚିବା ଜାଣି କରାଟେ ସ୍କୁଲର ସଭାପତି ସଚିଦାନନ୍ଦ ବାଗ, ସହସଂପାଦକ ତଥା ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ସମସ୍ତ ଅଭିଭାବକ ଓ ଖେଳପ୍ରେମୀ ରେଳ ଷ୍ଟେସନରେ ଭବ୍ୟ ସ୍ୱାଗତ କରିଥିଲେ। ଦଳ ସହିତ ସ୍କୁଲର ମୁଖ୍ୟ ତଥା ସଂପାଦକ ହୃଦୟ ଶବର, ସହ କୋଚ ପୁରୁଷୋତ୍ତମ ବାଗ, ରେଖା ମନହିରା ଓ ମଧୁସୁଦନ ସାହୁ ୨୩ ଜୁଲାଇରେ କୋଲକତା ଯାତ୍ରା କରିଥିଲେ।

## ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ନାଗ ପଞ୍ଚମୀ ପୂଜା

ବଲାଙ୍ଗିର,୨୯।୭(ସମିସ):ବଲାଙ୍ଗିର ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ନାଗ ପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକନାଥ ମନ୍ଦିର ମାଁ ମାନସା ଦେବୀ ମନ୍ଦିରରେ ଶ୍ରାବଣ ମାସର ତୃତୀୟ ପାଳିରେ ନାଗ ପଞ୍ଚମୀ ପୂଜା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ ଜମିଥିଲା। ନାଗ ଦର୍ଶନରେ ବହୁତ ଲୋକଙ୍କ ଜୀବନ .ଲିଯାଉଥିବା ବେଳେ ବର୍ଷା ମାସରେ ଗାଁ ଠାରୁ ସହର ମଧ୍ୟରେ ସାପ କାମୁଡିବାରେ ନିରିହ ଜିବନ ହାନି ଘଟୁଛି। ଅନେକ ଲୋକ ମଧ୍ୟ ସାପ କାମୁଡାର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ଅନେକ ଲୋକ ଗୁଣି ଗାରେଡି କରି ସର୍ପ ଦଂଶନର ଚିକିତ୍ସା କରୁଛନ୍ତି। ଏଭଳି ଅନ୍ଧ ବିଶ୍ୱାସ ଉପରେ ବିଶ୍ୱାସ ନ କରି ସାପ କାମୁଡିଲେ ଚିକିତ୍ସା ପାଇଁ କମିଟି ପକ୍ଷରୁ ଆହ୍ୱାନ କରାଯାଇଛି। ସାପ କାମୁଡିବା ଜାଣିବା ପରେ ତୁରନ୍ତ ନିକଟସ୍ଥ ହସ୍‌ପିଟାଲକୁ ଯାଇ ଚିକିତ୍ସା କରିବା ଓ ଲୋକଙ୍କୁ ଅନୁରୋଧ କରିଛନ୍ତି। ଲୋକନାଥ ମନ୍ଦିର ପୂଜକ ଥନାପତି ପୂଜା ଅର୍ଚ୍ଚନା କରିଥିଲେ ଓ ବାଳମୁକୁନ୍ଦ ଥନାପତି କରିଥିଲେ।ଏଥିରେ ପ୍ରେସ୍ କ୍ଲବ ସଭାପତି ଅରୁଣ ମିଶ୍ର, ଦେବାଳୟ ସୁରକ୍ଷା କମିଟି ଅଧ୍ୟକ୍ଷ ଜୟକୃଷ୍ଣ ମିଶ୍ର, ସୁଧିର ମିଶ୍ର, ଶମ୍ଭୁ ଶତପଥି, ପ୍ରଶାନ୍ତ ମହାକୁର, ନରେନ୍ଦ୍ର କବାଟ ଓ ମନରଂଜନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

● ଛାତ୍ରଙ୍କ ଦ୍ୱାରା ଜିଅନ୍ତା ବିଲେଇ ଫିଙ୍ଗାଯିବା ଘଟଣା

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟିଲେ ଅଭିଭାବକ

ପାଟଣାଗଡ଼,୨୯।୭(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ସେଠ ଗତ ୪ ତାରିଖ ଦିନ ସ୍କୁଲର ତିନି ଜଣ ଛାତ୍ରଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପରେ ପାଟଣାଗଡ଼ ବିଇଓ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।ଗତ ବୁଧବାର ବିଇଓ ଶ୍ରୀ ମାଝୀ ଲେଟର ନଂ ୧୬୬୦ ଅନୁସାରେ ପ୍ରଧାନଶିକ୍ଷକ ହିମାଂଶୁ ସେଠଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାସହ ମେମୋ ନଂ ୧୬୬୧ ଅନୁସାରେ ଲିଖିତ ଅଭିଯୋଗ କରିଥିବା ଅଭିଭାବକ ଓ ମେମୋ ନଂ ୧୬୬୨ଅନୁସାରେ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ଅବଗତ କରିଥିଲେ।ତେବେ କାରଣ ଦର୍ଶାଅ ନୋଟିସରେ କାହିଁକି ଶିକ୍ଷାଦାନ ପାଇଁ ସ୍କୁଲକୁ ଆସିଥିବା ଛାତ୍ରମାନଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଯାଇଛି ଏଥିସହ କାହିଁକି ଆପଣଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ବୋଲି କୈଫିୟତ ମଗାଯାଇଥିଲା। ତେବେ ରବିବାର କାରଣଦର୍ଶାଅ ନୋଟିସର ଡେଡ ଲାଇନ ପୂରିଯାଇଥିବା ବେଳେ ଏନେଇ ଶିକ୍ଷାବିଭାଗ କଣ ପଦକ୍ଷେପ ନେଇଛି ଜାଣିବାକୁ ବିଇଓ ଶ୍ରୀ ମାଝୀଙ୍କୁ ସୋମବାର ବାରମ୍ବାର ଫୋନ କରିଥିଲେ ମଧ୍ୟ ଉଠାଇନଥିଲେ। ଏନେଇ ବିଇଓ ଶ୍ରୀ ମାଝୀଙ୍କ କାର୍ଯ୍ୟକଳାପ ତଥା ନିରପେକ୍ଷତା ଉପରେ ସନ୍ଦେହ କରି ଲିଖିତ ଅଭିଯୋଗ କରିଥିବା ଅବିଭାବକ ଜଣକ ମଙ୍ଗଳବାର ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ବଲାଙ୍ଗିରଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଯାଇ ସାକ୍ଷାତ କରିଥିଲେ।ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାଗ ଘଟଣାର ସମ୍ବେଦନଶୀଳତାକୁ ଦେଖି ବିଇଓ ପାଟଣାଗଡ଼ ଙ୍କୁ ଚିଠି କରାଯାଇ ତିନି ଦିନ ମଧ୍ୟରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଥିବା ଅବିଭାବକ ଜଣକ ସୂଚନା ଦେଇଛନ୍ତି।

ପୁଣି ଦାଦନ ଦୁଃଖ

## ଟଙ୍କା ଅଭାବରୁ ଆଣିପାରିଲେନି ଶବ

ସଇଁତଲା,୨୯।୭(ସମିସ)

ବଲାଙ୍ଗିର ଜିଲ୍ଲା ଦାଦନ ପ୍ରବଣ ଜିଲ୍ଲା ଭାବରେ ଖ୍ୟାତି ଲାଭ କରିସାରିଛି। ଦାଦନ ରୋକିବାକୁ ପ୍ରଶାସନ ପାଖରେ କୌଣସି ପ୍ରକାରର ଠୋସ ବ୍ୟବସ୍ଥା ନାହିଁ। ଯାହା ଫଳରେ ଦାଦନ ଖଟିବାକୁ ଜିଲ୍ଲାରୁ ପ୍ରତ୍ୟେକ ବର୍ଷ ହଜାର ହଜାର ଶ୍ରମିକ ଦାଦନ ଭାବରେ ବାହାର ରାଜ୍ୟକୁ ଯାଉଛନ୍ତି। ବାହାର ରାଜ୍ୟରେ ଶ୍ରମିକ ଭାବରେ କାମ କରି ଭଲ ଦୁଇ ପଇସା ରୋଜଗାର ଆଶା ରଖିଥିବା ବେଳେ ସର୍ଦ୍ଦାର ତଥା ମାଲିକଙ୍କ ଅକଥନୀୟ ଅତ୍ୟାଚାର ସହିନପାରି ପ୍ରାଣ ହାରୁଥିବା ଦେଖିବାକୁ ମିଳୁଛି। ଗତ ପାଞ୍ଚ ମାସ ମଧ୍ୟରେ ସଇଁତଲା ବ୍ଲକରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଚାରିଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ କିଛିଦିନ ତଳେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଦାଦନ ଶ୍ରମିକ ଜଣକ ସଇଁତଲା ବ୍ଲକ୍‌ର ବୁଢ଼ାବାହାଲ ପଞ୍ଚାୟତ ରେମଣ୍ଡା ଗ୍ରାମର ପୃଥୀରାଜ କୁମ୍ଭାର (୪୫)। ଗତ କିଛି ବର୍ଷ ହେବ ପୃଥ୍ୱୀରାଜ ଗୁଜୁରାଟ ରାଜ୍ୟର ବିକାନେରଠାରେ ଏକ ଠିକା କମ୍ପାନୀରେ ଶ୍ରମିକ ଭାବରେ କାମ କରୁଥିଲେ। କୌଣସି କାରଣରୁ ତାଙ୍କ ଦେହ ଅସୁସ୍ଥ ହେବାରୁ କମ୍ପାନୀ ତରଫରୁ ତାଙ୍କୁ ନିକଟସ୍ଥ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ସରକାରୀ ଡ଼ାକ୍ତରଖାନା, ରାଜକୋଟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥଲା। ପରିବାର ଲୋକେ ଗତ ୨୨ ତାରିଖ ଦିନ ଖବର ପାଇବାପରେ ପୃଥ୍ୱୀରାଜଙ୍କ ଝିଅ ଏବଂ ଜଣେ ସମ୍ପର୍କୀୟ ଶବ ଆଣିବାକୁ ବିକାନେର ଯାଇଥିଲେ।

### ବିକାନେରରେ ଶବଦାହ କଲେ ପରିବାର

ଶବ ନେବାପାଇଁ ୬୦ ହଜାର ଟଙ୍କା ଶବବାହକ ଗାଡ଼ି ଦାବି କରିଥିବା ବେଳେ ଟଙ୍କା ଅଭାବରୁ ତାଙ୍କ ସମ୍ପର୍କୀୟ କିମ୍ବା ଝିଅ ଶବକୁ ନିଜ ଗ୍ରାମକୁ ଆଣିପାରିନଥିଲେ। କମ୍ପାନୀ ତରଫରୁ ମଧ୍ୟ ଶବ ନେବା ପାଇଁ କୌଣସି ପ୍ରକାରର ସାହାଯ୍ୟ କିମ୍ବା ସହଯୋଗ କରିନଥଲା। ଫଳରେ ସେଠାରେ ପରିବାର ତରଫରୁ ଗତ ୨୮ ତାରିଖ ସନ୍ଧ୍ୟାରେ ଶବ ସଂସ୍କାର କଲେ ବୋଲି ପରିବାର ସୂତ୍ରରୁ ପ୍ରକାଶ।

ଏ ନେଇ ପରିବାର ତରଫରୁ ପ୍ରଶାସନକୁ ସହଯୋଗ କରିବାକୁ କହିଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିବା ପରିବାର ଲୋକେ କହିଛନ୍ତି।

## ବିଜେଡି ସମ୍ବଲପୁର ମହାନଗର ପକ୍ଷରୁ ଚାରାରୋପଣ



ସମ୍ବଲପୁର, ୨୯।୭ (ସମିସ): ବିଜୁ ଜନତା ଦଳ ସମ୍ବଲପୁର ମହାନଗର ପକ୍ଷରୁ ବରିଷ୍ଠ ନେତା ସତ୍ୟେନ୍ଦ୍ର ଦାଶ, ପ୍ରହଲ୍ଲାଦ ଗୁରୁ ଓ ବିକାଶ ଖେତିଙ୍କ ତତ୍ତ୍ୱାବଧାନ ଏବଂ ଶୋଭାରମ ବୁଦ୍ଧିଆ ସ୍କୁଲ (ଗୋପାଳପାଲି)ର ସହାଭାଗିତାରେ ବିଦ୍ୟାଳୟ ସମ୍ମୁଖରେ ଥିବା ଖେଳପଡ଼ିଆଠାରେ ଆଜି ଚାରାରୋପଣ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଯୋଗ ଦେଇଥିଲେ। ସେ କହିଥିଲେ ବୃକ୍ଷରୋପଣ ଦ୍ୱାରା ଏକ ସୁସ୍ଥ ପରିବେଶର ସୃଷ୍ଟି ହେବ। ଦିନକୁ ଦିନ ବଢ଼ିଚାଲିଥିବା ତାପମାତ୍ରା ହ୍ରାସ ପାଇବ, ଏଣୁ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ଆବଶ୍ୟକ। ଏହାସହିତ ଇଂ. ପୂଜାରୀ ବିଦ୍ୟାଳୟକୁ ପରିଦର୍ଶନ କରି ସମସ୍ତ ସୁବିଧା ଅସୁବିଧା ଉପରେ ଆଲୋଚନା କରିଥିଲେ। ଚାରାରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ବାବୁ, ଶିକ୍ଷକ ଦେବଦତ୍ତ ପଣ୍ଡା, ବିଜୟ କୁମାର ସାହୁ, ରୋହିତ ରାଓଙ୍କ ସହ ବିଜେଡି ଟାଉନ ସଭାନେତ୍ରୀ ସଂଯୁକ୍ତା ମେହେର, ଶେଷଦେବ ଗୁରୁ, ସୁରେଖା ସାହୁ, ସୁକେଶ ସିଂ, ପ୍ରସନ୍ନ କୁମାର, ସଞ୍ଜୟ ବର୍ମା, ବିକାଶ ଦାସ, ସୁରେନ୍ଦ୍ର ରାମ, ରବୀନ୍ଦ୍ର ସିଂ, ସୁରେନ୍ଦ୍ର ବିଶ୍ୱାଳ, ଅସିତ ରାନା, ଶ୍ୱେତା ନାୟକ, ଲିଲିମା ମଲ୍ଲିକ, ଜୋହିଦା ବେଗମ, ବିଜୟଲକ୍ଷ୍ମୀ, ପ୍ରିୟା, ଲକ୍ଷ୍ମୀ ଭୋଇ, ରୀତା ସାହୁ, ପର ମୁଣ୍ଡା, ଲକ୍ଷ୍ମୀ ସାହୁ, ରେସମା ମେଗିଆ, ବିନି ଦୀପ, ଶାନ୍ତି, ବାସନ୍ତି, ବିରେନ୍ଦ୍ର, ପ୍ରମିଳା ପ୍ରଧାନ, ସୁରୁବାବୁ ମେହେର, ବିଶାଳ, ପବନ, ଏମ ରୋହିତ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନସଂଗ୍ରହରୁ ବାଦ୍‌ପଡ଼ିବେ ଜିଲ୍ଲାର ୫୫୫୮ ପ୍ଲଟ୍‌ର ଚାଷୀ!

ସମ୍ବଲପୁର,୨୯।୭ (ସମିସ)

ଆସନ୍ତା ଖରିଫ୍ ଧାନ ସଂଗ୍ରହ ପାଇଁ ନୂତନ ପଞ୍ଜୀକରଣ ନୀତିକୁ ନେଇ ଚାଷୀ ଘାଣ୍ଟିଚକଟି ହେଉଛି। ଏଭଳି ସମୟରେ ସରକାର ପୁଣି ଗତ ରବି ଋତୁର ଉପଗ୍ରହ ସର୍ବେକ୍ଷଣ (ସାଟେଲାଇଟ୍ ସର୍ଭେ) ଅନୁଯାୟୀ ଅଣଚାଷ ଜମି ପଞ୍ଜୀକରଣ କରିଥିବା ଚାଷୀଙ୍କୁ ସାତଦିନିଆ ନୋଟିସ୍ ଦେଇ ଉତ୍ତର ନଦେଲେ ବର୍ଷକ ପାଇଁ ଧାନ ବିକ୍ରି ପ୍ରକ୍ରିୟାରୁ ବାଦ୍‌ଦେବାକୁ ନିଷ୍ପତ୍ତି ନେବା ଚାଷୀ ମହଲରେ ନକାରାତ୍ମକ ଭାବନା ଖେଳିଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ମସିହାରୁ ଆରମ୍ଭ ହୋଇଥିବା ସାଟେଲାଇଟ୍ ସର୍ଭେକୁ ଚାଷୀମାନେ ବୈଷୟିକ ତ୍ରୁଟି ଓ ଚାଷୀ ମାରଣ ନୀତି ବୋଲି କହିବାସହ ଏପର୍ଯ୍ୟନ୍ତ ଗ୍ରହଣ କରିପାରିନାହାନ୍ତି।

ସମ୍ବଲପୁର ଜିଲ୍ଲାରେ ଗତ ରବି ଋତୁର ସାଟେଲାଇଟ୍ ସର୍ଭେ ଅନୁଯାୟୀ ଜିଲ୍ଲାର ୫,୫୫୮ଟି ପ୍ଲଟ ସନ୍ଦିଗ୍ଧ ରହିଛି। ପଡ଼ିଆ, ଜଙ୍ଗଲ, ବୁଦା ବା କ୍ଷେତ ସଂଲଗ୍ନ ଅଣଚାଷ ଜମିକୁ ପଞ୍ଜିକୃତ କରାଯାଇଥିବା ସର୍ଭେରେ କୁହାଯାଉଛି। ଏହି ପ୍ଲଟ୍ ଗୁଡ଼ିକର କ୍ଷେତ୍ର ସର୍ବେକ୍ଷକଙ୍କ ଦ୍ୱାରା ସରଜମିନ ତଦନ୍ତ ଏବଂ ପୁନଃଯାଞ୍ଚ ପରେ ଚାଷ ହୋଇ ନ ଥିବା ଜମିଗୁଡ଼ିକୁ ବାଦ୍ ଦିଆଯିବା ସହ ଚାଷୀଙ୍କୁ ଟୋକନ୍ ଦିଆଯାଇ ନାହିଁ। ଖାଦ୍ୟ ଓ ଯୋଗାଣ ବିଭାଗ ଆୟୁକ୍ତ ସମବାୟ ବିଭାଗ ଆୟୁକ୍ତଙ୍କୁ ଚିଠି ଲେଖିଥିବାବେଳେ ସମବାୟ ବିଭାଗ ପକ୍ଷରୁ ସନ୍ଦିଗ୍ଧ ପ୍ଲଟ୍‌ର ଚାଷୀ ମାନଙ୍କୁ ପତ୍ର ଲେଖାଯିବ। ଏଯାବତ୍ ଜିଲ୍ଲା ସମବାୟ ବିଭାଗ ପାଖକୁ କୌଣସି ମାର୍ଗଦର୍ଶିକା ଆସିନଥିବା ଜଣାପଡ଼ିଛି। ସାଟେଲାଇଟ୍ ସର୍ଭେର ସନ୍ଦିଗ୍ଧ ପ୍ଲଟ୍ ରିପୋର୍ଟ ଅନୁଯାୟୀ ଚାଷ ନକରି ପଞ୍ଜୀକରଣ କରିଥିବା ଚାଷୀମାନେ ନିଜ ଅଞ୍ଚଳର ପଞ୍ଜୀକରଣ କରିଥିବା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ବା ବୃହତ୍‌କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍) ମାନଙ୍କରେ ସାତଦିନ ମଧ୍ୟରେ ନୋଟିସ୍‌ର ଉତ୍ତର ଦାଖଲ କରିବେ। ଯଦି ନୋଟିସ୍ ପାଇଥିବା ଚାଷୀମାନେ ଉତ୍ତର ଦାଖଲ ନକରନ୍ତି ତେବେ ଯେଉଁ ଜମିକୁ ପଞ୍ଜୀକରଣ କରିଥିବେ ତାହାକୁ ଆଉ ଏକ ବର୍ଷ ପାଇଁ ଧାନ ବିକ୍ରି ପ୍ରକ୍ରିୟାରୁ ବାଦ୍ ଦିଆଯିବ ବୋଲି ସୂଚନା ମିଳିଛି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ସ୍ୱଚ୍ଛତାକୁ ଚାଷୀ ସ୍ୱାଗତ କରୁଥିବା ବେଳେ ସରକାର ଯେଉଁ ଆଧାରରେ ଚାଷୀଙ୍କୁ ଭୁଲ ବୋଲି କହୁଛନ୍ତି। ସାଟେଲାଇଟ୍ ଫଟୋଚିତ୍ରର ଆକଳନରେ ଅନେକ ତ୍ରୁଟି ରହିଛି। ଧାନଚାଷ ହୋଇଥିଲେ ମଧ୍ୟ ସାଟେଲାଇଟ୍ ଠିକ୍ ଭାବେ ନେଉନାହିଁ, ଟେକ୍ନୋଲୋଜିର ସତ୍ୟତା କେତେ ରହିଛି। ଯିଏ ପ୍ରକୃତରେ ଭୁଲ କରୁଛି, ତାହାକୁ ଦଣ୍ଡିତ କରାଯାଉ। ସମ୍ପୂର୍ଣ୍ଣ ଚାଷୀ ସମାଜକୁ କାଠଗଡ଼ାରେ ଛିଡ଼ା କରିବା କେତେ ପ୍ରଯୁଜ୍ୟ।

ଏଥିପାଇଁ ସରକାର ଯେଉଁ ଆଧାରରେ ଏଭଳି ଚାଷୀର ଭୁଲ ପଞ୍ଜୀକରଣ ବୋଲି କହୁଛନ୍ତି ତାହା ହିଁ ପ୍ରଶ୍ନବାଚୀ ବୋଲି ଶ୍ରୀ ପ୍ରଧାନ ମତ ରଖିଛନ୍ତି।

### ଏଯାବତ୍ ଜିଲ୍ଲାରେ ସାଟେଲାଇଟ୍ ସର୍ଭେ

୨୦୨୧ ମସିହାରୁ ରାଜ୍ୟ ସରକାରଙ୍କ ଓଡ଼ିଶା ରାଜ୍ୟ କମ୍ପ୍ୟୁଟର ଆପ୍ଲିକେସନ (ଓରସାକ୍) ଦ୍ୱାରା ସାଟେଲାଇଟ୍ ସର୍ଭେ କରାଯାଉଛି। ପଡ଼ିଆ, ଜଙ୍ଗଲ, ବୁଦା ବା କ୍ଷେତ ସଂଲଗ୍ନ ଅଣଚାଷ ଜମିକୁ ପଞ୍ଜିକୃତ କରାଯାଇଥିବା ସର୍ଭେରେ କୁହାଯାଉଛି। ଏହି ପ୍ଲଟ୍ ଗୁଡ଼ିକର କ୍ଷେତ୍ର ସର୍ବେକ୍ଷକଙ୍କ ଦ୍ୱାରା ସରଜମିନ ତଦନ୍ତ କରାଗଲାପରେ ଚାଷ ହୋଇ ନଥିବା ଜମିଗୁଡ଼ିକୁ ବାଦ୍ ଦିଆଯାଉଛି। ୨୦୨୧ ମସିହା ସର୍ଭେରେ ସମ୍ବଲପୁର ଜିଲାରେ ଖରିଫ୍ ଚାଷରେ ୨୬,୬୧୭ ପ୍ଲଟ୍ ସନ୍ଦିଗ୍ଧ ଜଣାପଡ଼ିଥିବା ବେଳେ ୨୦୨୨ରେ ୨୦,୦୪୩ ପ୍ଲଟ୍, ୨୦୨୩ରେ ୫୦,୫୫୯ ପ୍ଲଟ୍ ଏବଂ ୨୦୨୪ରେ ୬୪,୭୯୮ ପ୍ଲଟ୍ ସନ୍ଦିଗ୍ଧ ବୋଲି ତତ୍‌କାଳୀନ ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିଲା। ତାହାକୁ ସ୍ୱତନ୍ତ୍ର ମୋବାଇଲ ଆପ୍ ଜରିଆରେ ସମବାୟ ବିଭାଗର କର୍ମଚାରୀଙ୍କ ଦ୍ୱାରା ସରଜମିନ୍ ଯାଞ୍ଚ ପରେ ୨୦୨୧ରେ ୨୫,୧୯୪ ପ୍ଲଟ୍, ୨୦୨୨ରେ ୧୮,୫୩୨ ପ୍ଲଟ୍ ଏବଂ ୨୦୨୩ରେ ୪୫,୭୨୪ ପ୍ଲଟ୍ ଧାନ ଚାଷ ହୋଇନଥିବା ଜମି ବୋଲି ଧାନସଂଗ୍ରହରୁ ବାଦ୍ ଦିଆଯାଇଥିଲା।

## ଧାନଚାଷ ନଷ୍ଟ କଲେ ହାତୀପଲ



ରେଢ଼ାଖୋଲ,୨୯।୭ (ସମିସ): ଚଳିତ ବର୍ଷ ଖରିଫ ଚାଷୀମାନେ ଧାନ ଚାଷ କରି ଭଲ ଅମଳ କରିବା ଆଶା କରିଥିବା ବେଳେ ଆରମ୍ଭରୁ ହାତୀପଲ ଉପଦ୍ରବ କରି ଦଳି ଚଟକୀ ଧନ ଫସଲ ନଷ୍ଟ କରି ଦେଇଛନ୍ତି। ଯାହାକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ମାଳ ରେଞ୍ଜ ଅଧୀନ ଶୈବେର୍ଣ୍ଣୀ ଗାଁରେ ହାତୀପଲ ଏକର ଏକର ଧାନ ଚାଷ ଦଳି ଚକଟି ନଷ୍ଟ କରିଛନ୍ତି। ଗାଁର ବାବୁଲା ଜାଲ ଦୁଇ ଏକର ଧାନ ଜମିରେ ହାତୀପଲ ପଶି ନଷ୍ଟ କରିଛନ୍ତି। ସେପଟେ ହାତୀପଲଙ୍କୁ ଘୋଉଡାଇବାରେ ବନବିଭାଗ କର୍ମଚାରୀମାନେ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ହାତୀ ଆକ୍ରମଣରେ ମହିଳା ଗୁରୁତର



ରେଢ଼ାଖୋଲ,୨୯।୭ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡବାହାଲ ରେଞ୍ଜ ଅଧୀନ ମହତପୁର ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ଗୁରୁତର ହୋଇ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମହିଳା ଜଣଙ୍କ ମହତପୁର ଗ୍ରାମର ବାସିନ୍ଦା ରାଧା ନାଏକ(୫୯)। ସୂଚନା ଯୋଗ୍ୟ ଯେ ଉକ୍ତ ମହିଳା ରାଧା ମଙ୍ଗଳବାର ସନ୍ଧ୍ୟା ସମୟରେ ଶୌଚ ହେବା ପାଇଁ ଗାଁ ମୁଣ୍ଡକୁ ଯାଇଥିବା ବେଳେ ହଠାତ୍ ଏକ ଦନ୍ତାହ ହାବୁଡ଼ରେ ପଡି ଯାଇଥିଲେ। ଗାଁ ମୁଣ୍ଡରେ ଥିବା ଦନ୍ତାହାତୀ ମହିଳା ରାଧାଙ୍କୁ ଆକ୍ରମଣ କରିଥିଲା। ମହିଳା ଜଣଙ୍କ ଦୌଡ଼ି ପଳାଇବା ବେଳେ ତଳେ ପଡ଼ି ଯାଇଥିଲେ। ହାତୀ ଆକ୍ରମଣ କରି ମହିଳାଙ୍କ ଦୁଇ ଗୋଡକୁ ଦଳି ଦେଇଥିଲା। ଏଥିରେ ମହିଳା ଜଣଙ୍କ ଯନ୍ତ୍ରଣାରେ ଚିତ୍କାର କରିବାରୁ ସ୍ଥାନୀୟ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ରାଧାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଡାକ୍ତର ତାଙ୍କୁ ଅଧିକ ଗୁରୁତର ଥିବାରୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବନବିଭାଗ ପକ୍ଷରୁ ବନରକ୍ଷୀ ବଳରାମ ପ୍ରଧାନଙ୍କ ସହ ଅନ୍ୟବନ କର୍ମଚାରୀ ପହଞ୍ଚିଥିଲେ।

## ସାମ୍ବାଦିକ ନବୀନ ଦାଶଙ୍କ ବିୟୋଗରେ ଶୋକସଭା

ସମ୍ବଲପୁର,୨୯।୭ (ସମିସ):ଜଣେ ଦକ୍ଷ ଯୁବ ପ୍ରତିଭାବାନ ସାମ୍ବାଦିକ ଭାବେ ସମଗ୍ର ସମ୍ବଲପୁର ଜିଲ୍ଲା ସମେତ ରାଜ୍ୟରେ ସେ ବେଶ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ବିୟୋଗ ସାମ୍ବାଦିକ ଜଗତ ତଥା ସ୍ଥାନୀୟ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ବୋଲି ମଙ୍ଗଳବାର ସନ୍ଧ୍ୟାରେ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ନାଗରିକ ଶୋକସଭାରେ



ବକ୍ତାମାନେ ମତପ୍ରକାଶ କରିଛନ୍ତି। ସାମ୍ବାଦିକ ସରୋଜ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସାମ୍ବାଦିକ ଡଃ ରାଜାରାମ ଷଡ଼ଙ୍ଗୀ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଉତ୍ସର୍ଗ ଅନୁଷ୍ଠାନ ପକ୍ଷରୁ ସୁଧୀର ପୂଜାରୀ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା, ବରିଷ୍ଠ ସାମ୍ବାଦିକ ସୁଭାଷ ପାଣିଗ୍ରାହୀ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଶ୍ରମିକ ନେତା ଗୋକୁଳ ମେହେର, ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଡଃ ପ୍ରମୋଦ ରଥ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଜିଲ୍ଲା ପରିଷଦ ପୂର୍ବତନ ସଭାପତି ଶୋଭାରାମ ପ୍ରଧାନ, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ସୁଧୀର ରଞ୍ଜନ ବହିଦାର, ଡା.ସଞ୍ଜିବ ମିଶ୍ର, ବିଜେଡି ପକ୍ଷରୁ ମହମ୍ମଦ ସନାଉଲ୍ଲା, ଜନ ସମୀକ୍ଷାର ସମ୍ପାଦିକା ସବିତା ମିଶ୍ର, ଜନମୁଖର ସମ୍ପାଦକ ବୀରେନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ପ୍ରିୟ ରଞ୍ଜନ ସାହୁ, ରତ୍ନାକର ଭୋଇ, ସୁଧାଂଶୁ ମହାରଣା, ଶଙ୍କର ବେହେରା, ବିଷ୍ଣୁ ଦିବେଦୀ, ଅମଳେନ୍ଦୁ ନାୟକ, ଗୁଣମଣି ବିଶ୍ୱାଳ, ଯାନ୍ତ୍ରିକ ସଂଘ ପକ୍ଷରୁ ସଦାଶିବ ବିଶୋଇ, ସମ୍ବଲପୁର କୁଣହୁଁ ସମାଜର ଚନ୍ଦ୍ରମଣି ମିର୍ଦ୍ଧା, ଯବାନ-ଏ-ହିନ୍ଦ୍ କ୍ଲବର ମହମ୍ମଦ ଇସାକ୍, ଉମାକାନ୍ତ ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନବୀନଙ୍କ ଏକମାତ୍ର ପୁଅ ବିକାଶ ଦାଶଙ୍କ ନାମରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ୧ ଲକ୍ଷ ଟଙ୍କାର ସ୍ଥାୟୀ ଜମାରାଶି ପ୍ରଦାନ କରିବାକୁ ସଂଘର ପ୍ରାନ୍ତୀୟ ସମ୍ପାଦକ ରମାକାନ୍ତ ବିଶ୍ୱାଳ ଘୋଷଣା କରିଛନ୍ତି। ସଭାରେ ଆତ୍ମାରାମ ସୁପକାର, ସୁଶାନ୍ତ ମହାପାତ୍ର, ସତ୍ୟେନ୍ଦ୍ର କୁମାର ଦାଶ, ଅମନଦୀପ ସିଂ ସାଲୁଜା, ଯଶବୀର ସିଂହ, ବିରାଜ ମିଶ୍ର, ନର୍ସିଙ୍ଗ ବରର୍ଡ଼ି, ମାନସ ସାହୁ, ମଳୟ ଭୋଇ, ରାଜେଶ ବିଭାର, ଶ୍ରବଣ କୁମାର ପତି, ଧର୍ମେନ୍ଦ୍ର ପଟ୍ଟନାୟକ, ସରୋଜ ସେଠ, ସଞ୍ଜିବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଝୁଲେନ ପୋଲ ନିକଟସ୍ଥ ନିର୍ମାଣଧୀନ ବ୍ରିଜ ପରିଦର୍ଶନ



କୁଚିଣ୍ଡା,୨୯।୭ (ସମିସ): ମଙ୍ଗଳବାର କୁଚିଣ୍ଡା ଆଇଟିଡିଏ ପକ୍ଷରୁ ଅନୁଷ୍ଠିତ ପ୍ରକଳ୍ପସ୍ତରୀୟ ବୈଠକରେ ଯୋଗ ଦେବାକୁ ଆସିଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଆଇଟିଡିଏ ସଭା ଗୃହରେ ବୈଠକ ସାରି ଖରଲାନଦୀ ଉପରେ ଥିବା ଝୁଲେନ ପୋଲ ଭାଙ୍ଗି ଯିବା ପରେ ନିର୍ମାଣ ହେଉଥିବା ନୂତନ ବ୍ରିଜ କାମର ଅଗ୍ରଗତିକୁ ନେଇ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଧୋର, ପିଡବ୍ଲ୍ୟୁଡି ମୁଖ୍ୟ ଯନ୍ତ୍ରୀ ହେମନ୍ତ ନାଏକ, ଏସଡିଓ ସଂଜୟ ନାଏକ, କନିଷ୍ଠ ଯନ୍ତ୍ରୀ ଭରତ କୁଅଁର ପ୍ରମୁଖ ଯାଇ ଝୁଲେନ ପୋଲକୁ ବୁଲି ଦେଖିବା ସହ ନିର୍ମାଣଧିନ ବ୍ରିଜ କାମ ଅଗ୍ରଗତି ବାବଦରେ ନିର୍ମାଣକାରୀ ସଂସ୍ଥାର କର୍ମଚାରୀ ଏବଂ ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ଅଧିକାରୀଙ୍କ ସହ ଆଲୋଚନା କରିବା ସମୟରେ ସାମ୍ବାଦିକଙ୍କ ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ନାଏକ ଆସନ୍ତା ଦଶହାର ସୁଦ୍ଧା ବ୍ରିଜ କାମ ଶେଷ ହେବ ବୋଲି ପ୍ରକାଶ କହିଛନ୍ତି।

## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା, ସ୍ୱାମୀ ଗିରଫ

ସମ୍ବଲପୁର, ୨୯।୭ (ସମିସ):ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଗିରଫ। ହତ୍ୟା ଅଭିଯୋଗରେ ଅଇଁଠାପାଲି ପୁଲିସ ସ୍ୱାମୀ ଲୋରେନ୍ସ ମୁଣ୍ଡା(୪୫)କୁ ଗିରଫ କରି କୋର୍ଟଚାଲାଣ କରିଛି। ସୋମବାର କରମଟୋଲିରେ ଜଣେ ମହିଳା କୁଳମଣୀ ମୁଣ୍ଡା(୪୮)ଙ୍କ ମୃତଦେହ ମିଳିଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ଶବ ପଞ୍ଚନାମା ହୋଇପାରିନଥିଲା। ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।



ଟାଙ୍ଗିଆର ବେଣ୍ଟରେ କୁଳମଣୀଙ୍କ ମୁଣ୍ଡକୁ ମାଡ଼ ମାରିଥିଲା ସ୍ୱାମୀ ଲୋରେନ୍ସ। ଯାହା ଦ୍ୱାରା ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପାରିବାରିକ କଳହରୁ ଏପରି କାଣ୍ଡ ଘିଆଇଥିବା ପୁଲିସ ନିକଟରେ ଲୋରେନ୍ସ ପ୍ରକାଶ କରିଛି। ସୂଚନାମୁତାବକ, ଦମ୍ପତି ଦୀର୍ଘ ୧୫ ବର୍ଷ ହେବ ଝାଡଖଣ୍ଡରୁ ଆସି ସମ୍ବଲପୁର ଅଇଁଠାପାଲି ଥାନା କରମଟୋଲିରେ ରହି ଶ୍ରମିକ ଭାବେ କାମ କରୁଥିଲେ। ସୋମବାର କୁଳମଣୀଙ୍କ ଝିଅ କରମଟୋଲିସ୍ଥିତ ଘରେ ପହଞ୍ଚିଥିଲେ। ହେଲେ ବାହାରୁ କବାଟ ବନ୍ଦ ଥିବା ଦେଖିଥିଲେ। ଘିତର କବାଟ ବନ୍ଦ ଥିବାରୁ ସେ କବାଟ ବାଡେଇଥିଲେ ତଥାପି କେହି କବାଟ ଖୋଲିନଥିଲେ। ତେଣୁ ପଡ଼ୋଶୀଙ୍କ ସାହାଯ୍ୟରେ ଭିତରକୁ ପଶିଥିଲେ। ସେଠାରେ କେହି ନଥିବା ଦେଖି ମା'କୁ ଖୋଜିଥିଲେ। ଘର ଭିତର ଏକ କୋଠରୀର କବାଟ ଭାଙ୍ଗି ଘରେ ପଶି ତାଙ୍କ ମା'ଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଶବ ଉପରେ ଅଖା ଘୋଡ଼େଇ ଦିଆଯାଇଥିଲା। ହତ୍ୟା ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ କରିଥିଲା।

## ସାମ୍ବାଦିକଙ୍କ ବାଇକ୍‌କୁ ଧକ୍କା ଦେଇ ଫେରାର

ସମ୍ବଲପୁର, ୨୯।୭ (ସମିସ): ମଙ୍ଗଳବାର ସନ୍ଧ୍ୟାରେ ସାମ୍ବାଦିକ ଅଜୟ ନାଥ ଫାଟକ ଓଭରବ୍ରିଜ୍ ଉପରେ ବାଇକ୍‌ରେ ଯାଉଥିବାବେଳେ ତିନିଜଣ ଯୁବକ ଏକ ବାଇକ୍‌ରେ ବସି ଆସି ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଏହାପରେ ସେମାନେ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଆହତ ଶ୍ରୀ ନାଥଙ୍କୁ ତୁରନ୍ତ ସଦର ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ, ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ଫାଟକ ଓଭରବ୍ରିଜ୍‌ରେ ନିୟମିତ ଟ୍ରାଫିକ୍ ଜାମ୍‌କୁ ଦେଖି ସମ୍ବଲପୁର ପୁଲିସ ପକ୍ଷରୁ ମଝିରେ ବ୍ୟାରିକେଡ ଦିଆଯାଇଛି, ତେବେ ଏଭଳି ଅସାମାଜିକ ଯୁବକମାନେ ସେହି ସଂକୁଚିତ ରାସ୍ତାରେ ଦ୍ରୁତ ବେଗରେ ଗାଡ଼ି ଚଳାଇବା ଦ୍ୱାରା ପ୍ରାୟ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏନେଇ ଶ୍ରୀ ନାଥ ଟାଉନ ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ପୁଲିସ ତଦନ୍ତ କରିବାସହ ନିକଟସ୍ଥ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ଜଣାପଡ଼ିଛି।

## ୪୨୫ ଜଣଙ୍କ ଅମରନାଥ ଯାତ୍ରା

ସମ୍ବଲପୁର,୨୯।୭ (ସମିସ): ମଙ୍ଗଳବାର ପୂର୍ବାହ୍ନରେ ସମ୍ବଲପୁରରୁ ଜମ୍ମୁସ୍ଥିତ ବୁଢ଼ା ଅମରନାଥ ଯାତ୍ରା ବଜରଙ୍ଗ ଦଳ (ବିଶ୍ୱହିନ୍ଦୁ ପରିଷଦ) ଓଡ଼ିଶାର ଉଭୟ ପୂର୍ବ ଓ ପଶ୍ଚିମ ପ୍ରାନ୍ତରୁ ୪୨୫ ଜଣ ବଜରଙ୍ଗୀ ଯାତ୍ରା ଆରମ୍ଭ କରିଛନ୍ତି। ୨୦୦୫ ମସିହାରେ ଆତଙ୍କବାଦୀଙ୍କ ଯାତ୍ରାକୁ ବିରୋଧ କରି ଧମକ ଦେବାପରେ ବଜରଙ୍ଗ ଦଳ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ନେଇ ବୁଢ଼ା ଅମରନାଥ ସାହସୀ ଯାତ୍ରା ଆରମ୍ଭ କରିଥିଲା। ଏହି ଅବସରରେ ଆଜି କ୍ଷେତରାଜପୁର ରେଲଷ୍ଟେସନରେ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମର କାର୍ଯ୍ୟକର୍ତ୍ତା ଡା. ରାଜକୁମାର ବଡ଼ପଣ୍ଡା, ବିପିନ ଗଣନାୟକ, ସତ୍ୟନାରାୟଣ ଥନାପତି, ରାଜୀବ ଶତପଥୀ, ଚମ୍ପେଶ୍ୱର ଅଗ୍ରୱାଲ, ରାଜେଶ ମଲିକ, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଯଶୋବନ୍ତୀ ମିଶ୍ରଙ୍କ ପରଲୋକ

ସମ୍ବଲପୁର, ୨୯।୭ (ସମିସ) : ନନ୍ଦପଡ଼ା ନିବାସୀ ଯଶୋବନ୍ତି ମିଶ୍ର (୮୫) ଙ୍କ ପରଲୋକ ହୋଇଯାଇଛି।



ଗତ କେଇମାସ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପିଡିତ ଥିଲେ। ତାଙ୍କ ପଛରେ ପୁତ୍ର ବିବେକା, ବିଚିତ୍ରାନନ୍ଦ, ଦିବ୍ୟ ରଞ୍ଜନ, ଝିଅ ନନ୍ଦିକା ଓ ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ସ୍ଥାନୀୟ ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ବିବେକା ମୁଖାଗ୍ନି ଦେଇଥିଲେ।

## ଦୁଇ କାର୍ ମୁହାଁମୁହିଁ ଧକ୍କା

ସମ୍ବଲପୁର,୨୯।୭ (ସମିସ): ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଜମାଦାରପାଲି ଏୟାରଷ୍ଟ୍ରିପ ନିକଟରେ ଦୁଇଟି କାର ମଧ୍ୟରେ ଧକ୍କା ହୋଇଥିବାବେଳେ ଉଭୟ ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ଏୟାରଷ୍ଟ୍ରିପ ରୋଡ୍‌ର ବୁଲାଣି ନିକଟରେ ରେ ଦୁଇଟି କାର ମୁହାଁମୁହିଁ ଧକ୍କା ହୋଇଥିଲା। ଯେଉଁଥିରେ ଉଭୟ ଚାଳକ ଆହତ ହେବାସହ କାର୍ ଗୁଡ଼ିକ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ। ଶାସନ ଥାନା ପୁଲିସ ଉଭୟ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।





### କଦଳିପାଲ ଓ ସରେଇ ଅପଗ୍ରେଡ୍ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ

# ୨ ବର୍ଷ ପରେ ବି ଶିକ୍ଷକ ନିଯୁକ୍ତି ପାଇ ନାହାଁନ୍ତି

ଜମନକିରା,୨୯।୭ (ସମିସ): ସରକାର ଉନ୍ନତି ନାଁରେ ଗତ ଶିକ୍ଷା ବର୍ଷ ରାଜ୍ୟରେ ୩୮ଟି ବିଦ୍ୟାଳୟ ମାନଙ୍କର ପାହ୍ୟା ବୃଦ୍ଧି କଲେ। ସମ୍ବଲପୁର ଜିଲ୍ଲାର ଜମନକିରା ବ୍ଲକ୍‌ରେ ୨ଟା ଓ ରେଙ୍ଗାଲି ବ୍ଲକ୍‌ରେ ୧ଟି ଅପଗ୍ରେଡ ହାଇସ୍କୁଲ କଲେ। କିନ୍ତୁ ପାହ୍ୟା ବୃଦ୍ଧି ଦୁଇ ବର୍ଷ ପରେ ବି ବିଦ୍ୟାଳୟମାନଙ୍କରେ ତାଲିମ ପ୍ରାପ୍ତ ଉଚିତ୍ ଶିକ୍ଷକ ନିଯୁକ୍ତି ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ଯଦ୍ୱାରା ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ କୁଲୁଣ୍ଡି ପଞ୍ଚାୟତର କଦଳୀପାଲ ଓ କଟଙ୍ଗପାଣି ପଞ୍ଚାୟତ ସରେଇ ଗାଆଁରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ଗତ ୨୦୨୩-୨୪ ଶିକ୍ଷା ବର୍ଷରେ ପାହ୍ୟା ବୃଦ୍ଧି କରାଗଲା। ପୂର୍ବରୁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ପାହ୍ୟା ବୃଦ୍ଧି ପରେ ନବମ ଓ ଦଶମ ଶ୍ରେଣୀ ମଧ୍ୟ ହେଲା। ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ବିଦ୍ୟାଳୟରେ ନାଁ ବି ଲେଖାଇଲେ। ତେବେ ସରକାର ନିୟମ ମୁତାବକ ଶିକ୍ଷକ ନିଯୁକ୍ତି ଦେଲେ ନାହିଁ। ଯାହା ଫଳରେ ପାଠ ପଢାରେ ଘୋର ସମସ୍ୟା ଦେଖାଦେଇଛି। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଶିକ୍ଷକମାନଙ୍କ ଦ୍ୱାରା ଅନେକ ଥର ବ୍ଲକ୍ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀଙ୍କୁ ଭେଟି ସମସ୍ୟା ଉପରେ ଅଭିଯୋଗ କରାଯାଇଛି। ସବୁବେଳେ ଖାଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇ ପ୍ରସଙ୍ଗକୁ ଏଡ଼ାଇ ଚାଲିଛନ୍ତି। ଏପରିକି ମନ୍ତ୍ରୀ ରବିନାରାୟଣ ନାଏକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି କରିବା ପାଇଁ ଅବଗତ କରାଯାଇଛି। ହେଲେ ଫଳ ଶୂନ। ବର୍ତ୍ତମାନ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ୪୦ ପିଲା ପାଠ ପଢୁଥିବା ବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬୦ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କିନ୍ତୁ, ଦୁଃଖର ବିଷୟ, ଦଶଟି ଶ୍ରେଣୀରେ ପିଲା ପାଠ ପଢୁଥିବା ବେଳେ ସ୍କୁଲରେ ମାତ୍ର ଛଅ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ସେହିପରି ସରେଇ ସ୍କୁଲରେ ନବମ ଶ୍ରେଣୀ ୧୭ ପିଲା ଓ ଦଶମ ଶ୍ରେଣୀ ରେ ୫ ପିଲା ମିଶି ୨୨ଜଣ ଥିବା ବେଳେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୫ପିଲା ଅଛନ୍ତି। ସରେଇରେ ଆଗରୁ ୬ ଜଣ ଶିକ୍ଷକ ରହିଥିବା ବେଳେ ଜଣଙ୍କୁ ସିଆରସିସି କରି ନେଇ ଯାଇଛନ୍ତି। ତାହା ପୁଣି ପ୍ରାଥମିକ ବିଦ୍ୟାଳୟସ୍ତରର ଶିକ୍ଷକ। ଫଳରେ ହାଇସ୍କୁଲସ୍ତରରେ ପାଠ ପଢା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଚାଲିଯାଉଛି। କାରଣ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପିଲାମାନେ ଦେବେ। ତେବେ ବିଦ୍ୟାଳୟରେ ତୁରନ୍ତ ହାଇସ୍କୁଲସ୍ତରୀୟ ଶିକ୍ଷକ ନିଯୁକ୍ତି କରାନଗଲେ କଦଳୀପାଲ ଓ ସରେଇ ଗ୍ରାମବାସୀ, ଅଭିବାଭକ, ଛାତ୍ରଛାତ୍ରୀ ତଥା ପରିଚାଳନା କମିଟି ସଦସ୍ୟ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବାଣିଜ୍ୟ ବିଭାଗ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ଇଣ୍ଡକ୍ସନ କାର୍ଯ୍ୟକ୍ରମ



ସମ୍ବଲପୁର, ୨୯।୭ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ପ୍ରକୋଷ୍ଠ ନଂ.୧୧୫ରେ ନୂତନ ସ୍ନାତକୋତ୍ତର ବାଣିଜ୍ୟ ଛାତ୍ରଛାତ୍ରୀ ମାନଙ୍କ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗ ମୁଖ୍ୟ ଡଃ ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ପ୍ରାକ୍ ବୃତ୍ତିଗତ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ଏହି ବୃତ୍ତିଗତ ଶିକ୍ଷା ପୂର୍ବରୁ ଦିଆଯାଉଥିବା ପରିଚୟାତ୍ମକ ପ୍ରଶିକ୍ଷଣ; ଯାହା ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟ ଅଭ୍ୟାସ, ମୌଳିକ ଦକ୍ଷତା ଓ ବିଭିନ୍ନ ବୃତ୍ତି କିମ୍ବା ପେଶା ବିଷୟରେ ଅବଧାନ ଉନ୍ମୁକ୍ତ କରିବାରେ ସାହାଯ୍ୟ କରେ। ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡଃ ମୁକେଶ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ଶ୍ୟାମାଚରଣ ଆଚାର୍ଯ୍ୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡଃ କ୍ଷୀରୋଦ ଚନ୍ଦ୍ର ମହାରଣା ସ୍ନାତକୋତ୍ତର ପାଠ୍ୟକ୍ରମ ସଂପର୍କରେ ଉଦବୋଧନ ଦେଇଥିଲେ। ସହକାରୀ ଅଧ୍ୟାପକ ଡଃ ଜ୍ଞାନରଞ୍ଜନ ବଳ ପାଠ୍ୟକ୍ରମର ପରୀକ୍ଷା ପଦ୍ଧତି ଓ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପିକା ଡଃ ପୂଜାବାଇ କେଓ୍ୱତ, ଅରୁଣା ଶର୍ମା, ସରୋଜା ମେହେର, ଝାନ୍‌ସୀରାଣୀ ପରିଡ଼ା ତଥା ଅଧ୍ୟାପକ ଅମ୍ରିଶ୍ ପ୍ରତାପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଅଧ୍ୟାପକ ସୁଭାଷ ଚନ୍ଦ୍ର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ଆୟୁଷ ବଢ଼େଇ, ବିଶାଲ ପଟେଲ, ସାଇକିର୍ତ୍ତୀ ବାବୁ, ସମ୍ବିତ ନାଏକ, ଅନୁରାଗ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧରମପୁର ଗାଁ ପାଇଁ ଅଭିଶାପ ବୈତରଣୀ

# ନଦୀରେ ପାଣି ଆସିଲେ ଦୁଃଖ ବଢ଼େ







କୟାଁଗୋଲା, ୨୯।୭ (ସମିସ)

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଧରମପୁର ଗାଁ। ବୈତରଣୀରେ ସାମାନ୍ୟ ବଢ଼ିପାଣି ଆସିଲେ ଏହି ଗାଁ ଦିନ ଦିନ ଧରି ଜଳବନ୍ଦୀ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ। ଗ୍ରାମବାସୀଙ୍କ ଜୀବନ ଜୀବିକା ଠପ୍ ହୋଇଯାଇଥାଏ। ପିଲାଙ୍କ ପାଠ ପଢ଼ା, ଚାଷବାସ ଓ ବେପାର ବଣିଜ ସହ ଗୋ ସମ୍ପଦଙ୍କ ଜୀବନ ଦୁର୍ବିସହ ହୋଇପଡ଼େ। ଏନେଇ ପ୍ରଶାସନ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟ କରିନାହିଁ। ଦେଶ ସ୍ୱାଧୀନତା ୭୭ ବର୍ଷ ପରେ ମଧ ଗହିରାପାଳ ଓ ଧରମପୁର ୨ଗାଁର ୧ ହଜାରରୁ ଉର୍ଦ୍ଧ୍ୱ ଲୋକେ ସେମାନଙ୍କ ମୌଳିକ ସୁବିଧା ନ ପାଇବା ପ୍ରଶାସନ ତଥା ସ୍ଥାନୀୟ ରାଜନେତାଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧରମପୁରର ଦୁଇଟି ୱାର୍ଡ ନଂ. ୧୫ ଓ ୧୬ ଏବଂ ଗହିରପାଳ ୱାର୍ଡ ନଂ ୧୭କୁ ନେଇ ଗଠିତ। ଏହି ଗ୍ରାମରେ ମୁଖ୍ୟତଃ ଖଣ୍ଡାୟତ ଓ ଗୋପାଳ, ନିଆରୀ, ମଲ୍ଲିକ ସମ୍ପ୍ରଦାୟର ଅଧିକ ଲୋକମାନେ ବାସ କରନ୍ତି। ଏହି ୩ ୱାର୍ଡରେ ଉତ୍ତରସାହି, ମଲିକସାହି, ମାଝୀ ସାହି, ଦକ୍ଷିଣସାହି, ଡିଅସାହି ଧରମପୁର ସାହି ଭାବେ ପରିଚିତ। ଦୁଇ ଗ୍ରାମରେ ଗୋଟି ଲେଖା ଅଙ୍ଗନବାଡି କେନ୍ଦ୍ର ଅଛି। ଗୋଟିଏ ପ୍ରଥମରୁ ଅଷ୍ଟମ ଶ୍ରେଣୀ ବିଦ୍ୟାଳୟ ରହିଛି ଶ୍ରେଣୀ ଗୃହ ନଥିବାରୁ ପିଲାମାନେ ହଇରାଣ ହେଉଛନ୍ତି। ହାଇସ୍କୁଲ ନଥିବାରୁ ଛାତ୍ରଛାତ୍ରୀ ୧ କିଲୋମିଟର କୟାଁଗୋଲା ଛକ ଯିବାକୁ ପଡ଼ିଥାଏ। ଚାଷ ଉପରେ ଅଧିକ ଲୋକେ ନିର୍ଭର କରନ୍ତି। ବୈତରଣୀ ନଦୀରେ ସାମାନ୍ୟ ପାଣି ବଢ଼ିଲେ ଏହି ଗାଁ ଚାରି ପଟେ ଥିବା ପାଟ ସହ ଗାଁ ଗୁଡିକ ବୁଡ଼ି ଗମନାଗମନ ଠପ୍ ହୋଇଯାଏ। ବର୍ଷରେ ୨ଥର କି ୩ ଥର; ଏପରି ମୋଟ ୫ କି ୬ ଦିନ ଜଳବନ୍ଦୀ ହୋଇରହନ୍ତି। ପ୍ରଶାସନ କେବଳ କିଛି ଚୂଡ଼ା, ଗୁଡ଼ ଓ ଶୁଦ୍ରା ଖାଦ୍ୟ ଦେଇ ତାହାର କାମ ସାରିଦିଏ। ଯାଜପୁର ଜିଲ୍ଲା ଧରମପୁର ଗାଁ ପାଇଁ ବୈତରଣୀ ଅଭିଶାପ ପାଲଟିଥିବା ବେଳେ ଡାଲୁଅ ଧାନ ପାଇଁ ଏହା ଆଶୀର୍ବାଦ ପାଲଟି ଯାଉଛି। ଗାଁରେ ଶହ ଶହ ହେକ୍ଟର ଜମିରେ ବନ୍ୟାପାଣି ମାଡ଼ ଯିବା ଫଳରେ ଧାନ ଖରିଫ ଫସଲ ଉଜୁଡ଼ି ଯାଇଥିବା ବେଳେ ଡାଲୁଅ ଆମଦାନୀ ଆଶାଠାରୁ ଅଧିକ ପରିମାଣର ହେଉଛି। ବିରି ମଧ ଭଲ ଉତ୍ପାଦନ ହୋଇଥାଏ। ତେବେ ଷଣ୍ଢମାନଙ୍କ ଉତ୍ପାତ ଯୋଗୁଁ ବିରି ଚାଷ ଚାଷୀ କରୁନାହାନ୍ତି। ସାହି ରାସ୍ତା କିମ୍ବା ଧରମପୁର ବାସୀଙ୍କ ପାଇଁ ଆଡ଼ି ବନ୍ଧ ନିର୍ମାଣ କରାଗଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ ବୋଲି ଦାବି ହୋଇଛି।

ପୁଅ-ବୋହୂଙ୍କୁ ନିର୍ଯାତନା ମାମଲା

# ମା'-ଝିଅଙ୍କୁ ପାଞ୍ଚ ବର୍ଷ କାରାଦଣ୍ଡାଦେଶ

**ବଡ଼ଚଣା, ୨୯।୭ (ସମିସ):** ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏକ ଫୌଜଦାରୀ ମାମଲାର ବିଚାର କରି ଘଟଣାରେ ସମ୍ପୃକ୍ତ ଉଭୟ ମା' ଓ ଝିଅଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ବିବରଣୀରୁ ପ୍ରକାଶ ଗତ ୬ ନଭେମ୍ବର ୨୦୧୦ ମସିହାରେ କଟକ ଜିଲ୍ଲା ଜଗତପୁର ଥାନା ସାଲେପୁର ବ୍ଲକ ଚାହାପଡ଼ା ଗ୍ରାମର ଅଞ୍ଜନା ରାଉତଙ୍କୁ ତାଙ୍କ ଶାଶୂ ଘର ଲୋକେ ନାନା ନିର୍ଯାତନା ଦେଉଥିବା ବଡଚଣା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ରାଉତ ବଡ଼ଚଣା ଥାନା ନୂଆଗାଁ ତାଙ୍କ ଶାଶୂ ଘରେ ପୁଅ ସହିତ ରହୁଥିଲେ। ସାବତ ମା' ବୁଲି ସ୍ୱାଇଁ ଓ ଭଉଣୀ କବିତା ସ୍ୱାଇଁ ପୂର୍ବ ରାଗ ରଖି ସ୍ୱାମୀ ଓ ତାଙ୍କୁ ୪ ବର୍ଷ ଧରି ମାନସିକ ନିର୍ଯାତନା ଦେଉଆସୁଥିଲେ ବୋଲି ଅଞ୍ଜନା ଅଭିଯୋଗ କରିଥିଲେ। ଭଦ୍ର ଲୋକଙ୍କ ଉପସ୍ଥିତିରେ ସ୍ୱାମୀଙ୍କୁ ଫେରେଇଦେବା ପାଇଁ ଯେତେ କାକୁତିମିନତି ହୋଇଥିଲେ ବି ସେମାନେ ତାଙ୍କୁ କବ୍‌ଜାରେ ରଖି ଛାଡୁ ନ ଥିଲେ। ପରେ ସ୍ୱାମୀ ଲକ୍ଷ୍ମୀଧର ରାଉତଙ୍କ ବିଷକ୍ରିୟାରେ ମୃତ୍ୟୁ ହୋଇଥିଲା। ଏଥିପାଇଁ ସାବତ ମା' ବୁଲି ସ୍ୱାଇଁ ଓ ଭଉଣୀ କବିତା ସ୍ୱାଇଁଙ୍କୁ ଦାୟୀ କରି ସେ ଥାନାରେ ଏତଲା ଦେଇଥିଲେ। ବଡ଼ଚଣା ପୁଲିସ୍ ୨୦୬/୧୦ରେ ଏକ ମାମଲା ପଞ୍ଜିକୃତ କରି ମାମଲାର ତଦନ୍ତ କରିଥିଲା। ଚଣ୍ଡିଖୋଲ କୋର୍ଟରେ ମାମଲା ନଂ. ୨୦୬/୨୦୧୨ରେ ଏହାର ବିଚାର ହୋଇ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଆଜି ଚଣ୍ଡିଖୋଲ କୋର୍ଟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ଉଭୟ ବୁଲି ସ୍ୱାଇଁ ଓ କବିତା ସ୍ୱାଇଁଙ୍କୁ ଦୋଷୀ ସାବ୍ୟସ୍ତ କରି ଉଭୟଙ୍କୁ ୫ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୬ ମାସର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ଦେବରାଜ ବେହେରା ପରିଚାଳନା କରୁଥିଲେ।

ହଇଜା ସମୟରେ କାର୍ଯ୍ୟରେ ଅବହେଳା

# ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କାରଣ ଦର୍ଶାଅ ଚିଠି

**ଧର୍ମଶାଳା, ୨୯।୭ (ସମିସ):** ଧର୍ମଶାଳା ଅଞ୍ଚଳରେ କଲେରା ବ୍ୟାପିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବାରୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ଚିଠି ଜାରି କରାଯାଇଛି। ଧର୍ମଶାଳା ଅଞ୍ଚଳରେ କଲେରା ବ୍ୟାପିଥିବା ସମୟରେ ଜୁନ ୧୬ ତାରିଖରେ ଡାକ୍ତରଖାନାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଆଶ୍ୱତି ଏସ୍ ସ୍ଥିତି ପରଖିବାକୁ ଆସିଥିବା ବେଳେ ଏଠାରେ ଥିବା ଡକ୍ତରଖାନା ଅଧିକାରୀ ଡା. ସୁଧିର କୁମାର ସାହୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅନୁଭବ କରିଥିଲେ। ଏନେଇ ସେ ରାଜ୍ୟ ସ୍ୱାସ୍ଥ୍ୟବିଭାଗରେ ଅଭିଯୋଗ କରିବା ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଡା. ସାହୁଙ୍କ ବିରୋରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠି ସଂଖ୍ୟା ୨୧୭୨୧ରେ ନୋଟିସ୍ ଜାରି କରାଯାଇଛି। ଏକ ସପ୍ତାହ ମଧ୍ୟରେ ଡା. ସାହୁ ଏସମ୍ପର୍କରେ ସନ୍ତୋଷଜନକ ଉତ୍ତର ନ ରଖିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନା ଯୋଗ୍ୟ ଯେ ଗତ ଜୁନ ୧୮ ତାରିଖରେ ସମାନ ଘଟଣାରେ କାର୍ଯ୍ୟ ଅବହେଳା ଯୋଗୁଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ହେମନ୍ତ ମହାରଣାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଚିଠି ଜାରି ହେବା ପରେ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# କଂଗ୍ରେସ ଅନୁଧ୍ୟାନକାରୀ ଦଳର ଧର୍ମଶାଳା ଗସ୍ତ

**ଧର୍ମଶାଳା, ୨୯।୭ (ସମିସ):** ପରିବେଶ ବିସ୍ଥାପନ ଓ ଜୀବିକା କମିଟିର ଅଧ୍ୟକ୍ଷ ତଥା କଂଗ୍ରେସ ନେତା ଅଶୋକ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧର୍ମଶାଳା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ଏଠାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ପ୍ରତିନିଧି ଦଳ ସ୍ଥାନୀୟ ହରିଦାସପୁର ଠାରେ ସ୍ଥାପିତ ରାମ୍‌କୋ ସିମେଣ୍ଟ କାରଖାନା ବୁଲି ଦେଖିବା ସହିତ ଏହି କାରଖାନା ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଠାରେ କୁଶଳି ଓ ଅଣ କୁଶଳୀ କାରିଗରମାନେ ରହୁଥିବା ବେଳେ ସେମାନଙ୍କୁ ସ୍ଥାନୀୟ ସିମେଣ୍ଟ କାରଖାନାରେ ନିଯୁକ୍ତି ନଦେଇ ବାହାର ରାଜ୍ୟର କର୍ମଚାରୀମାନଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିବାରୁ କ୍ଷୋଭ ବ୍ୟକ୍ତ କରିଥିଲେ। ସେହିପରି ଏଠାରେ ଗଢ଼ି ଉଠିଥିବା ବେଆଇନ କ୍ରସର ଗୁଡିକ ବୁଲି ଦେଖିବା ସହିତ କ୍ରସର ଗୁଣ୍ଡରେ ଶହ ଶହ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ଅନୁଭବ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ସେହିପରି ଏଠାରେ ଚାଷ ଜମିକୁ ଜଳସେଚିତ କରିବା ଲାଗିଥିବା କେନାଲ ଗୁଡିକରେ ଏବେ ସୁଦ୍ଧା ପାଣି ନଆସିବା ନେଇ କ୍ଷୋଭ ପ୍ରକାଶ କରିବା ସହ ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ଏହି ଟିମ୍ ବହୁଚର୍ଚ୍ଚିତ କ୍ରସର ହତ୍ୟାକାଣ୍ଡରେ ମୃତ୍ୟୁବରଣ କରିଥିବା ଅର୍ଜିତ ଜେନାଙ୍କ ଘରକୁ ଯାଇ ତାଙ୍କ ବାପା ମା'କୁ ଭେଟି ସମବେଦନା ଜଣାଇବା ସହ ଏହି ଘଟଣରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ପରେ ଏମାନେ ଜାରକା କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଘଟଣା ଉପରେ ଆଲୋଚନା କରିବା ସହ ଏହାର ସମାଧାନ କରିବାକୁ ଚଳିତ ବିଧାନ ସଭା ଗୃହରେ ଉତ୍‌ଥାପନ କରାଯିବ ବୋଲି କହିଥିଲେ। ଏହି ଅନୁଧ୍ୟାନକାରୀ ଦଳରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଆବାହକ ସୁଧାଂଶୁ ଶେଖର ଦେଓ, ଧର୍ମଶାଳାର କଂଗ୍ରେସ ନେତା କିଶାନ ପଣ୍ଡା, ଜିଲ୍ଲା କୃଷକ ସେଲ ସଭାପତି ବସନ୍ତ କୁମାର ପରିଡ଼ା, ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ମାଗୁଣି ଜେନା, ସଞ୍ଜୟ କୁମାର ରାଉତ, ରାକେଶ ସାହୁ, କାର୍ତ୍ତିକ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଗମନାଗମନ ସମସ୍ୟା ନ ସୁଧୁରିଲେ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି



ଜିଲ୍ଲାପାଳଙ୍କୁ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

ଯାଜପୁର/ଦାନଗଦୀ, ୨୯।୭ (ସମିସ): କଳିଙ୍ଗନଗରର ଶିଳ୍ପାଞ୍ଚଳରେ ଦିନକୁ ଦିନ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଦାନଗଦି ବ୍ଲକ ଅନ୍ତର୍ଗତ ମାନପୁରରେ ଥିବା ରେଲୱେ ଓଭର ବ୍ରିଜଟି ବିପଦ ସଙ୍କୁଳ ହୋଇପଡ଼ିଥିବା ବେଳେ ଅନ୍ୟ ଏକ ବ୍ରିଜ କାମ ଆରମ୍ଭ ହୋଇଥିଲେ ହେଁ ସରି ପାରୁନାହିଁ। ଫଳରେ ଅଧିକାଂଶ ସମୟ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ଡୁବୁରୀ ଦାନଗଦି ପୂର୍ତ୍ତ ବିଭାଗ ରାସ୍ତା ୬ ଧାଡ଼ିଆ ହେବା ପାଇଁ ଜମି ଅଧିଗ୍ରହଣ କରାଯାଇଥିଲେ ମଧ କାମ ଆରମ୍ଭ ହୋଇ ପାରୁନାହିଁ। ଫଳରେ ଶିଳ୍ପାଞ୍ଚଳର ହଜାର ହଜାର ଗାଡ଼ି ମଟର ନାନା ସମସ୍ୟା ଭୋଗୁଥିବା ଅଭିଯୋଗ କରି ଆଜି ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମାନପୁର ଓଭରବ୍ରିଜର ମରାମତି ଓ ନବୀକରଣ କରିବା, ଅର୍ଦ୍ଧନିର୍ମିତ ଦ୍ୱତୀୟ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଓ ଏହାର ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଖୁରୁଣ୍ଟି-ଦାନଗଦି ଭାୟା ରାବଣା ଦେଇ ଭାରୀଯାନ ଚଳାଚଳ କରିବା ନେଇ ଯାଜପୁର ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ଯଦି ଆସନ୍ତା ୭ ଦିନ ଭିତରେ ଏନେଇ ବିହିତ ପଦକ୍ଷେପ ନିଆନଯାଏ ତା'ହେଲେ ବିଜେଡି ପକ୍ଷରୁ ରାଜରାସ୍ତା ଅବରୋଧ କରିବା ସହିତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣି, ଜିଲ୍ଲାପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ସ୍ମୃତିରାଣୀ ରାଉତ, ଟିନା ହାଇବ୍ରୁ, ବ୍ଲକ ବିଜେଡି ସଭାପତି ସୁରେଶ ଦାଶ, ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ପ୍ରଦୀପ କୁମାର ମହାନ୍ତି, ଲୋକନାଥ ଧୀର, ଗୋପାଳ ଚନ୍ଦ୍ର ବାରିକ, ଜ୍ୟୋତିପ୍ରକାଶ ସାହୁ, ଖପୁରିଆପଦା ସରପଞ୍ଚ ମୋନାଲିସା ଧଳ, ସମିତି ସିମରନ ସାମଲ, ରାଣୀପଡ଼ା ସରପଞ୍ଚ ଗୀତାଞ୍ଜଳି ବେହେରା, ଓଲ୍ଲଳ ସରପଞ୍ଚ, ଚାନ୍ଦିଆ ସରପଞ୍ଚ ପାଣ୍ଡୁ ସିଂ ଖୁଣ୍ଟିଆ, ତ୍ରିଜଙ୍ଗା ସରପଞ୍ଚ କାଗଜି ପାତ୍ର, ସମିତି ସସ୍ମିତା ପାତ୍ର, ରଣାଗୁଣ୍ଡି ସରପଞ୍ଚ ତୁଷାରକାନ୍ତ ଜେନା ଓ ସମିତି ଲକ୍ଷ୍ମୀପ୍ରିୟା ବେହେରା, ସଲିମ ଖାଁ, ଏସ୍‌କେ ଜାହିଦ, ସୁବାସ ଧୀର ପ୍ରମୁଖ ଉପସ୍ଥିତ ଥିଲେ।

# ଏଚ୍‌ଆଇଭି ଏଡ୍‌ସ କୁଇଜ୍ ପ୍ରତିଯୋଗିତା




**ଯାଜପୁର, ୨୯।୭ (ସମିସ):** ଜିଲ୍ଲାସ୍ତରୀୟ ଏଚ୍‌ଆଇଭି ଏଡ୍‌ସ କୁଇଜ୍ ପ୍ରତିଯୋଗିତା ପିଏମ୍‌ଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ ଠାରେ ଓସାକ୍ସ ଓ କନିଷ୍ଠ ରେଡ୍‌କ୍ରସ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୦ଟି ବ୍ଲକର ୨୦ଟି ରେଡରିବନ୍ ବିଦ୍ୟାଳୟରୁ ୧୮ ଜଣ ବାଳକବାଳିକା ଅଂଶଗ୍ରହଣ କରିଥିଲେ। ପିଏମ୍‌ଶ୍ରୀ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିଶାରଣି ରାୟ ପ୍ରଥମ ସ୍ଥାନ ଓ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର୍‌ର ଛାତ୍ରୀ ସୋନାକ୍ଷୀ ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସ ଅଧିକାରୀ ଡା. ବିଜୟ କୁମାର ମିଶ୍ର ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଡ୍‌ସ ରୋଗର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଏଡ୍‌ସ ନୋଡାଲ ଅଫିସର ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଭଦ୍ରକ କ୍ଲଷ୍ଟରର ଡିପିଏମ୍ ଦେବବ୍ରତ ମହାପାତ୍ର, ଯାଜପୁର ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ ସୁପର ଭାଇଜର ଅଶୋକ କୁମାର ନାୟକ, ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି, ଜୁନିୟର ରେଡ୍‌କ୍ରସ୍ ଅଫିସର ଶଙ୍କର୍ଷଣ ବେହେରା ଯୋଗଦେଇଥିଲେ। ଜିଲ୍ଲା ଏଡ୍‌ସ ସେଲର କର୍ମକର୍ତ୍ତା ମଧୁସୂଦନ ସାଥୁଆ ଓ ଦେବେନ୍ଦ୍ର ନାଥ ସ୍ୱାଇ, ସୁବାସ ଚନ୍ଦ୍ର ବାରିକ, ବିକାଶ ଚନ୍ଦ୍ର ସାହୁ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ ସମସ୍ତ କାର୍ଯକ୍ରମକୁ ପରିଚାଳନା କରିଥିଲେ।

# ଯାଜପୁର ରୋଡ୍ ଥାନାରେ ନୂଆ ଅଧିକାରୀ



**ବ୍ୟାସନଗର, ୨୯।୭ (ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନାରେ ନୂତନ ଅଧିକାରୀ ଭାବେ ଆଶିଷ କୁମାର ସାହୁ ଯୋଗ ଦେଇଛନ୍ତି। ଏଠାରେ ପୂର୍ବରୁ ଥିବା ଉପେନ୍ଦ୍ର ପ୍ରଧାନ ଡିଏସପି ଭାବେ ପଦୋନ୍ନତି ପାଇବା ସହିତ ନୂଆପଡ଼ା ଜିଲ୍ଲାକୁ ବଦଳି ହୋଇଛନ୍ତି। ଫଳରେ ଆଶିଷ କୁମାର ସାହୁ ଏହି ଥାନାର ୯ମ ଅଧିକାରୀ ଭାବେ ମଙ୍ଗଳବାର ଥାନାରେ ଗୃହ ପ୍ରବେଶ କରିବା ସହିତ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ଥାନାଧିକାରୀ ଆଶିଷ ସାହୁ ପୂର୍ବରୁ ଯଖପୁରା, କୁଆଖିଆ, ଯାଜପୁର ଏବଂ ଜେନାପୁର ଥାନାରେ ଅଧିକାରୀ ଭାବେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି। କଳିଙ୍ଗନଗର ଶିଳ୍ପ ନଗରୀର କିଛି ଅଞ୍ଚଳ ସମେତ ବ୍ୟାସନଗର ପୌରପରିଷଦ, ରସୁଲପୁର ବ୍ଲକର କିଛି ଅଞ୍ଚଳ ଏହି ଥାନା ଅଧୀନରେ ରହୁଥିବାରୁ ଏହି ସବୁ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ସର୍ବୋପରି ବ୍ୟାସନଗର ଅଞ୍ଚଳରେ ଟ୍ରାଫିକ ସମସ୍ୟା, ଚୋରି, ଛିନତାଇ ଆଦି ସମସ୍ୟା ସମାଧାନ ଉପରେ ତାଙ୍କର ଦୃଷ୍ଟିଭଙ୍ଗୀ ଭିନ୍ନ ଏବଂ ନ୍ୟାୟସଙ୍ଗତ ହେବା ନେଇ ସ୍ଥାନୀୟ ଜନସାଧାରଣ ଆଶା ପୋଷଣ କରିଛନ୍ତି।

# 'ଅପରେସନ୍ ସିନ୍ଦୂର୍' ଆଲୋଚନାଚକ୍ର

**ଯାଜପୁର, ୨୯।୭ (ସମିସ):** ଯାଜପୁର ଏନ୍‌ସି କଲେଜ ସମାଜଶାସ୍ତ୍ର ବିଭାଗ ପକ୍ଷରୁ 'ଅପରେସନ୍ ସିନ୍ଦୂର୍: ଅଣ୍ଡରଷ୍ଟାଣ୍ଡିଂ ଦି ଷ୍ଟ୍ରାଟେଜିକ୍ ରେସପନ୍ସ ଟୁ ପ୍ରକ୍ସି ଟେରରିଜିମ୍' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ଭାରତୀୟ ବାୟୁସେନାରୁ ଅବସର ଗ୍ରହଣ କରିଥିବା ଫ୍ଲାଇଟ୍ ଲେଫ୍ଟେନାଣ୍ଟ ଦିଲ୍ଲୀପ୍ କୁମାର ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମାଜଶାସ୍ତ୍ର ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ରଣା ଅତିଥି ପରିଚୟ କରାଇବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରା ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏହି ଆଲୋଚନାଚକ୍ରରେ କଲେଜର ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଆଶିଷ ଜେନା, ପ୍ରାଧ୍ୟାପିକା ଦେବଶ୍ରୀ ରାୟ, ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ଶ୍ରଦ୍ଧାଞ୍ଜଳୀ ସାହୁ, ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଦିବ୍ୟଲୋଚନ ସିଂହ ଏବଂ ଅନ୍ୟାନ୍ୟ ଅତିଥି ଅଧ୍ୟାପକ/ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସମାଜଶାସ୍ତ୍ର ବିଭାଗର ପିଜି ଦ୍ୱିତୀୟ ବର୍ଷ ଏବଂ ୟୁଜି ଦ୍ୱିତୀୟ ଓ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀଙ୍କ ଏହାକୁ ପରିଚାଳନା କରିଥିଲେ।

# ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଚାରାରୋପଣ

**ଧର୍ମଶାଳା, ୨୯।୭ (ସମିସ):** ଧର୍ମଶାଳା ବ୍ଲକ ନରସିଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଓ ୟୁଥ ରେଡକ୍ରସ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶୁମାନ ଟ୍ରଷ୍ଟର ସଭାପତି ସୀତାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଚାରାରୋପଣ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ ଦେଇଥିଲେ। ସଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ସମାଜସେବୀ କାହ୍ନୁଚରଣ ଦାଶ, ସମାଜସେବୀ ପ୍ରଶାନ୍ତ କୁମାର ନାୟକ, ସରୋଜକାନ୍ତ ବେହେରା, ଶିକ୍ଷାବିତ ସୁଦର୍ଶନ ପଣ୍ଡା, ଅଭିଷେକ ସାହୁ, ବିପଦର ବନ୍ଧୁ ସଂଗଠନର ସଂଯୋଜିକା କାଦମ୍ବିନୀ ମିଶ୍ର, ବିଜୟ କୁମାର ଦେବତା ଓ ସୁନୀଲ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ସୁଜାତା ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପିକା ପ୍ରମିଳା ଦାଶ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀ ଶଙ୍କର ମିଶ୍ର, ସୁରେଶ ଚନ୍ଦ୍ର ଲେଙ୍କା, ଅଣ ଶିକ୍ଷକ କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡା ଓ ହେମନ୍ତ କୁମାର ଦାସ ସମେତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍କୁଲ ପରିସରରେ ଆଇନ ସଚେତନତା ସଭା




**ଯାଜପୁର, ୨୯।୭ (ସମିସ):** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ଏକ ସଚେତନତା ସଭା ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ କିଶୋର ନ୍ୟାୟ ୨୦୨୫ ଶିଶୁଙ୍କ ପାଇଁ ଯତ୍ନ ଓ ସୁରକ୍ଷା ଏବଂ ଶିଶୁଙ୍କ ଦେୟ ମୁକ୍ତ ବାଧ୍ୟତାମୂଳକ ଶିକ୍ଷା ବିଷୟରେ ଅତିଥି ଆଲୋଚକ ଭାବେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି, ଶିଶୁ ମଙ୍ଗଳ କମିଟି ସଦସ୍ୟ ଜୟନ୍ତ ଗୋସ୍ୱାମୀ ଓ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ୍ ସେନାପତି ପ୍ରମୁଖ ଯୋଗ ଦେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିଶୁଙ୍କ ଦେୟ ମୁକ୍ତ ବାଧ୍ୟତା ମୂଳକ ଶିକ୍ଷା ଶିର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସ୍ ଲିପାଲି ସୁପ୍ରଭାତି ଜେନା, ସନ୍ତୋଷୀ ନାୟକ ଓ ପ୍ରିୟନସୀ ରାଉତ ଯଥାକ୍ରମେ ପ୍ରଥମ, ଦ୍‌?ତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ହରିସାମନ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଟାଟା ଷ୍ଟିଲ୍‌ରେ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ

# ରକ୍ତଦାନ ଶିବିରରେ ୩୧୭ ୟୁନିଟ୍ ରକ୍ତ ସଂଗ୍ରହ

ଦାନଗଦି, ୨୯।୭ (ସମିସ)



ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ୍ ଲିମିଟେଡ଼ (ଏନଆଇଏନଏଲ) ପକ୍ଷରୁ ଭାରତରତ୍ନ ଜେଆର୍‌ଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ଯାଜପୁର ଜିଲ୍ଲାର ଡୁବୁରୀସ୍ଥିତ କାରଖାନା ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଟିଏସ୍‌କେ ସେଣ୍ଟରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଧ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଟାଟା ଷ୍ଟିଲ କଳିଙ୍ଗନଗରର ମେକାନିକାଲ୍ ମେଣ୍ଟେନାନ୍ସ ମୁଖ୍ୟ ଶଙ୍କର ବିଶ୍ୱାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ ୱର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର କୁମାର ଜାମୁଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବହୁ ବରିଷ୍ଠ ଅଧିକାରୀ, ୟୁନିୟନ୍ ପ୍ରତିନିଧି ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜୟନ୍ତୀ ଉତ୍ସବର ଅଂଶ ଭାବେ ଓଡ଼ିଶା ବ୍ଲଡ୍ ସେଣ୍ଟର ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏବଂ ସେଣ୍ଟ୍ରାଲ୍ ରେଡ୍‌କ୍ରସ୍ ବ୍ଲଡ୍ ସେଣ୍ଟର କଟକଙ୍କ ସହଯୋଗରେ ପ୍ଲଟ୍-୨ ଅଡିଟୋରିୟମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଟାଟା ଷ୍ଟିଲ କର୍ମଚାରୀ, ଭେଣ୍ଡର୍ ପାର୍ଟନର୍ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ସମେତ ୩୧୭ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହାପୂର୍ବରୁ ଟାଟା ଷ୍ଟିଲର ୱେଲନେସ୍ କମିଟି ପକ୍ଷରୁ କଳିଙ୍ଗନଗର ଟାଉନସିପରେ ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ଟାଉନସିପରେ ରହୁଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ସହଯୋଗରେ ବିଭିନ୍ନ ବିଭାଗ ଦ୍ୱାରା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ସ୍କୁଲ ପିଲାମାନଙ୍କୁ ଖେଳ ସାମଗ୍ରୀ ଓ ଛତା ବିତରଣ କରାଯିବା ସହିତ ଚାରାରୋପଣ କାର୍ଯ୍ୟକ୍ରମ ଏବଂ ନିକଟସ୍ଥ ଏକ ଅନାଥାଶ୍ରମ ପରିଦର୍ଶନ କାର୍ଯ୍ୟ ଆଦି ହୋଇଥିଲା। ସମାନ ଭାବେ ଶ୍ରଦ୍ଧାଞ୍ଜଳି ସମାରୋହ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ଏବଂ ଫେରୋଆଲୋୟପ୍ଲାଣ୍ଟ ବ୍ରାହ୍ମଣୀପାଳରେ ମଧ ପାଳନ କରାଯାଇଥିଲା। ଏନଆଇଏନଏଲ କଲୋନୀରେ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଜେଆରଡି. ଟାଟାଙ୍କ ଜୀବନୀ ଉପରେ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ବ୍ୟତୀତ, ଜେଆର୍‌ଡି ଜୟନ୍ତୀ ଉତ୍ସବ ଅବସରରେ ଡିଜିଟାଲ୍ ଶ୍ରଦ୍ଧାଞ୍ଜଳି, ଭର୍ଚ୍ଚୁଆଲ୍ ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ ଇଣ୍ଟରାକ୍ଟିଭ୍ ସେସନ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନଲାଇନ୍‌ରେ ଆୟୋଜିତ ହୋଇଥିଲା।

# ବାଇକ୍ ପଛପଟୁ ଧକ୍କା ଦେଲା କାର୍; ଯୁବକ ମୃତ

**ଧର୍ମଶାଳା, ୨୯।୭ (ସମିସ):** ଧର୍ମଶାଳା ବ୍ଲକ ବାଲିଚନ୍ଦ୍ରପୁର ଥାନା କଦମପାଳ ପଞ୍ଚାୟତ ନୋସ୍ତା ଗ୍ରାମର ସାଧୁଚରଣ ମହାନ୍ତିଙ୍କ ପୁଅ ସଞ୍ଜୟ କୁମାର ମହାନ୍ତି (୨୭)ଙ୍କ କାର୍ ଧକ୍କାରେ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ଗତକାଲି ରାତିରେ ସଞ୍ଜୟ ବାଇକ୍‌ନେଇ ଘରକୁ ଫେରୁଥିବା ସମୟରେ କଦମପାଳ ହାଟପଡ଼ିଆ ନିକଟରେ ତାର ବାଇକ୍ ପଛରୁ ଏକ କାର୍ ଧକ୍କା ଦେଇଥିଲା। ଫଳରେ ସଞ୍ଜୟ ଛିଟିକି ରାସ୍ତା କଡ଼ରେ ଥିବା ଅଳିଆ କୁଣ୍ଡରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ ତାଙ୍କ ମୁଣ୍ଡ ଏବଂ ନାକରେ ଗଭୀର ଆଘାତ ଲାଗିଥିଲା। ପ୍ରଚୁର ରକ୍ତସ୍ରାବ ହେବା ଦ୍ୱାରା ସେ ସଜ୍ଞାହୀନ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ଘରକୁ ଅଣାଯାଇଥିଲା। ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଥିଲା। ସଞ୍ଜୟଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ କଦମପାଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା

# ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ବାଛରା ବାହ୍ୟଜଗତରୁ ବିଚ୍ଛିନ୍ନ



ପଟ୍ଟାମୁଣ୍ଡାଇ, ୨୯।୭ (ସମିସ)

ପଟ୍ଟାମୁଣ୍ଡାଇରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି। ଅଳଭାରେ ଗତକାଲି ବନ୍ୟା ଜଳପତନ ୧୫ଫୁଟ ଥିବା ବେଳେ ତୁହାକୁ ତୁହା ବର୍ଷା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ବ୍ରାହ୍ମଣୀରେ ଦେଖା ଦେଇଥିବା ୨ୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମ ଅଞ୍ଚଳ ସିଂହ ଗାଁ ପଞ୍ଚାୟତ, ମାଳିପୁର ରାସ୍ତାରେ ବନ୍ୟାସ୍ରୋତ ପ୍ରବାହିତ ଯୋଗୁଁ ଶ୍ରୀରାମପୁର ଡାମରପୁର ଓ ବଳଭଦ୍ରପୁର, ବାଛରା-ମଣ୍ଡପଡ଼ା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ଫସଲହାନୀ ଘଟି ଗରିବ ଓ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ପୁଣି ବ୍ରାହ୍ମଣୀ ନଦୀରେ ୨ୟ ବନ୍ୟା ଆସିବାରୁ କ୍ଷୟକ୍ଷତି ଆଶଙ୍କାରେ ଚାଷୀ। ଏପରିକି କୁମ୍ଭୀର ଭୟରେ ସମଗ୍ର ଧୋୟାଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସିବାରୁ ବ୍ଲକର ୧୪ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ହଜାର ହଜାର ଏକର ଜମି ଜଳମଗ୍ନ ହୋଇଛି। ବ୍ଲକର ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତିସିଂହସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଣ୍ଠରାର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥ ପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣାର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇଛି। ପେଣ୍ଠପାଳ ପଞ୍ଚାୟତ କୋଳଥିଆ ଜେନାସାହି ନିକଟରେ ଆରଡ଼ି ରାସ୍ତା ୫୦ ଫୁଟ ଘାଇହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଶହଶହ ଏକର ଚାଷ ଜମି ଜଳମଗ୍ନ ହୋଇପଡ଼ିଛି। ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ବନ୍ୟା ବିପନ୍ନ ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ସିଂହଗାଁ, ଅମୃତ ମଣୋହି ଆଦି ପଞ୍ଚାୟତଗସ୍ତ ବନ୍ୟାସ୍ଥିତି ଓ ଲୋକମାନଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ବ୍ଲକ ଅଧକ୍ଷ ଓ ବିଡିଓଙ୍କ ସହିତ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ତରଡ଼ି ପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ସିଂହଗାଁ ସରପଞ୍ଚ ଗଣେଶ ଦାସ, ସମିତି ସଭ୍ୟ ଅଭୟ ସ୍ୱାଇଁ, ଅମୃତମଣୋହି ସରପଞ୍ଚ ନିରୁପମା ଦାସ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧକ୍ଷ ଓ ବିଡିଓ ମାଳିପୁର ଯାଇ ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଶାସନ ପଞ୍ଚାୟତ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ବ୍ଲକ ଅଧକ୍ଷ ଓ ବିଡିଓଙ୍କ ସହିତ ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ଡାମରପୁର ସରପଞ୍ଚ ଅନୁସୂୟା ନାଥ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଶାସନ ସରପଞ୍ଚ ସଂଗ୍ରାମ ବାରିକ ବିପନ୍ନ ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପିଇଓ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାର ମୁକାବିଲା ପାଇଁ ବୈଠକ କରାଯାଇ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଅଣ୍ଠରା ପଞ୍ଚାୟତ ଗିରିସାହି-ବ୍ରାହ୍ମଣସାହି କଲଭର୍ଟ ଭୁଶୁଡି ପଡ଼ିଥିବାରୁ ୬ନଂ ୱାର୍ଡକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୁନଃ ନିର୍ମାଣ କରିବାକୁ ସମାଜସେବୀ ପ୍ରଶାନ୍ତ ସ୍ୱାଇଁ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଡା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡ଼ିବା ସହିତ ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି। ଜଳସମ୍ପଦ ବିଭାଗ ସହସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଦୁର୍ବଳ ନଦୀବନ୍ଧଗୁଡିକ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି। ନୂତନ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡ଼ିଛି। ପୌରପରିଷଦ ଅଧକ୍ଷ ହେମନ୍ତ ସାହୁ ପୌରାଞ୍ଚଳର ବନ୍ୟା ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବନ୍ୟା ବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## କୁମ୍ଭୀର ଭୟରେ ଆତଙ୍କିତ ବନ୍ୟାଞ୍ଚଳବାସୀ

### ବନ୍ୟା ବିପନ୍ନଙ୍କ ପାଖେ ପହଞ୍ଚିଲାନି ପ୍ରଶାସନ

## ପାଣି ଘେରରେ କଇଥାପାଳ, ହାବଳଗଣ୍ଡ, ମଠସାହି ଗ୍ରାମବାସୀ

**ରାଜକନିକା, ୨୯।୭ (ସମିସ):** ଚଳିତ ବର୍ଷ ଖରସ୍ରୋତା ବନ୍ୟାରେ ପ୍ରଭାବିତ ରାଜକନିକା ବ୍ଲକ ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତ କଇଥାପାଳ ମଠସାହି, କଇଥାପାଳ ଯେନାସାହି ଆଉ ହାବଳଗଣ୍ଡ ମଲିକସାହିର ଗ୍ରାମବାସୀ ଦ୍ୱିତୀୟ ଥର ବନ୍ୟାଜଳକୁ ସାମନା କରି ପାଣି ଘେରରେ ରହିଛନ୍ତି। ଅଥଚ ଏନେଇ ପ୍ରଶାସନର ପାଦ ବି ପଡ଼ିଲାନି କି ରିଲିଫ୍ ସହାୟତା ମିଳିଲାନି ବୋଲି ଅଭିଯୋଗ ହୋଇଛି। ଗତ ସପ୍ତାହରେ ଏଠାରେ ବନ୍ୟାଜଳ ଯୋଗୁଁ ଏମାନେ ପାଣି ଘେରରେ ରହି ପାଞ୍ଚଦିନକାଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଦୁର୍ଦ୍ଦଶା ଭୋଗିଥିଲେ। ଏବେ ବି ପାଣି ଘେରରେ ରହିଥିବା ବନ୍ୟା ବିପନ୍ନ ରିଲିଫକୁ ଚାତକ ଭଳି ଅନେଇ ବସିଛନ୍ତି। ପ୍ରତିବର୍ଷ ବନ୍ୟା ଆସିଲେ ଏହି ପଞ୍ଚାୟତର ଖାଲୁଆ ଅଞ୍ଚଳ ଭାବେ ପରିଚିତ କଇଥାପାଳ ମଠସାହି, କଇଥାପାଳ ଯେନାସାହି ଆଉ ହାବଳଗଣ୍ଡ ମଲିକ ସାହି ପ୍ରଭାବିତ ହୋଇଛନ୍ତି। ହାବଳଗଣ୍ଡ ମଲିକସାହି ୧୦ ନମ୍ବର ୱାର୍ଡର ୭୦ ପରିବାର, ୭ନମ୍ବର ୱାର୍ଡ ଯେନାସାହିର ୧୦ ପରିବାର, ମଠସାହି ୬ ନମ୍ବର ୱାର୍ଡର ଦଶ ପରିବାର ବନ୍ୟା ଯୋଗୁଁ ପାଣିଘେରରେ ରହିଛନ୍ତି। ଏମିତିକି ଘରେ ପାଣି ପଶିବା ଯୋଗୁଁ ରୋଷେଇବାସ ବି ହେଉନାହିଁ। ବଜାରକୁ ଯାଇ ଶୁଖିଲା ଖାଦ୍ୟ ସଂଗ୍ରହ କରିବା ବି କାଠିକର ପାଠ ହୋଇଛି। ରାସ୍ତାରେ ପାଣିର ସୁଅ, ଗାଁ ଦାଣ୍ଡରେ ପାଣି ସୁଅ ଯୋଗୁଁ ଜଳବନ୍ଦୀ ହୋଇରହିଛନ୍ତି। ଏଭଳି ଦୁର୍ଦ୍ଦିନରେ ବି ବ୍ଲକ ପ୍ରଶାସନର କୌଣସି ଅଧିକାରୀ ବିପନ୍ନଙ୍କ ପାଖେ ପହଞ୍ଚିଲେ ନାହିଁ ବୋଲି ଅଭିଯୋଗ ହେଉଛି। ବିଗତ ଦିନରେ ଏହିସବୁ ଅଞ୍ଚଳରେ ବନ୍ୟା ଆସିଲେ ସେତେବେଳେ ସରକାରୀ ସହାୟତା ମିଳୁଥିଲେ ବି ଏବେ କିନ୍ତୁ ପ୍ରଶାସନର ଆନ୍ତରିକତା ଥିବା ଭଳି ମନେ ହେଉଥିବାରୁ ଅସନ୍ତୋଷ ଦେଖାଗଲାଣି। ତୁରନ୍ତ ବନ୍ୟା ବିପନ୍ନଙ୍କ ପାଖେ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



## ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

**ରାଜନଗର, ୨୯।୭ (ସମିସ):** ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ଥର ପାଇଁ ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ଦୁଇଦିନ ହେଲା ବନ୍ୟା ପାଣି ବଢ଼ୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତାରେ ୪ରୁ ୬ ଫୁଟର ବନ୍ୟା ପାଣି ଚାଲୁଛି। ଓସ୍ତିଆ ପଞ୍ଚାୟତର ନଗଡ଼ ଗାଁ ରାସ୍ତାରେ ୪ ଫୁଟର ପାଣି ଚାଲୁଅଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ବ୍ଲକର ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣତେଲା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ଼, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ପାଣି ଘେରରେ ରହିଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ବନ୍ୟା ପାଣି ଚାଲୁଅଛି। ବଳଭଦ୍ରପୁର ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି। ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟାଜଳ ପ୍ରଭାବିତ ହେଉଛି। ପ୍ରଥମ ବନ୍ୟା ପରେ ବିପନ୍ନ ଅଣ୍ଟା ସଳଖି ଛିଡା ହୋଇନଥିବା ବେଳେ ପୁଣି ଦ୍ୱିତୀୟ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ସବୁଠୁ ବଡ଼ କଥା ହେଲା ବନ୍ୟା ଅଞ୍ଚଳରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି। ଫିରିକିଦାଣ୍ଡି କଣସରା ବିଦ୍ୟାଶ୍ରମ ନିକଟରେ ବନ୍ୟା ପାଣିରେ ବିରାଟକାୟ କୁମ୍ଭୀର ଭାସୁଥିବା ଦେଖିବା ପରେ ବିପନ୍ନ ଭୟଭିତ ହୋଇପଡ଼ିଛନ୍ତି। କୁମ୍ଭୀରଟି ସାପକୁ ଶିକାର କରି ଖାଉଥିବା ଲୋକେ ଦେଖିଛନ୍ତି। ସନ୍ଥପଡ଼ା ନିକଟରେ ବନ୍ୟା ପାଣିରେ କୁମ୍ଭୀର ଭାସୁଥିବା ବିପନ୍ନ ଦେଖିଛନ୍ତି। ଏନେଇ ବିପନ୍ନ ବନବିଭାଗକୁ ଜଣାଇଛନ୍ତି।



### ବିଷପିଇ ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ

## ପତ୍ନୀ ମୃତ, ସ୍ୱାମୀ ଗୁରୁତର

**ମହାକାଳପଡ଼ା, ୨୯।୭ (ସମିସ):** ମହାକାଳପଡ଼ା ବ୍ଲକ ମାର୍ଶାଘାଇ ଥାନା ଅଧୀନ ବଡ଼କୂଳ ପଞ୍ଚାୟତ ସେହିଗ୍ରାମରେ ପାରିବାରିକ କଳହରକରୁଣ ପରିଣତି ଦେଖିବାକୁ ମିଳିଛି। କୀଟନାଶକ ପାନକରି ଆତ୍ମହତ୍ୟା ଉଦ୍ୟମ କରିଥିବା ବୃଦ୍ଧ ଦମ୍ପତିଙ୍କ ମଧ୍ୟରୁ ଘଟଣାସ୍ଥଳରେ ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ଅବସ୍ଥାରେ କଟକ ବଡମେଡିକାଲରେ ମରଣସହ ସଂଗ୍ରାମ କରୁଛନ୍ତି। ବଡକୂଳ ଗ୍ରାମର ବୃଦ୍ଧ ଦମ୍ପତି ନଟବର ରାଉତ (୭୫) ଓ ଗୌରୀ ରାଉତ (୬୯) ନିଜର ଏକମାତ୍ର ପୁଅ ପ୍ରଭାତ ରାଉତ ଓ ବୋହୁ ସନ୍ଧ୍ୟାରାଣୀ ରାଉତଙ୍କ ଠାରୁ ଦୀର୍ଘ ୧୫ ବର୍ଷରୁ ଅଧିକ ହେବ ଅଲଗା ହୋଇ ଜୀବନଯାପନ କରିଆସୁଥିଲେ। ପାରିବାରିକ ସମସ୍ୟା ନେଇ କଳହ ଉପୁଜିବା ପରେ ଉଭୟ ଦମ୍ପତି ଗତକାଲି ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଆଜି ସକାଳୁ ସକାଳୁ ନଟବର ବାନ୍ତି କରୁଥିବା ଦେଖିବାକୁ ମିଳିବା ପରେ ପୁଅ ପ୍ରଭାତ ଓ ପଡ଼ୋଶୀମାନେ ଆମ୍ବୁଲାନ୍ସ ଡାକିବା ବେଳକୁ ଘଟଣାସ୍ଥଳରେ ଗୌରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ତୁରନ୍ତ ନଟବରଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ଏନେଇ ନଟବରଙ୍କ ଦୁଇଝିଅ ଲତିକା ସ୍ୱାଇଁ ଓ ଲିପିକା ଖଣ୍ଡୁଆଳ ଭାଇଭାଉଜ ଖାଦ୍ୟରେ ବିଷଦେଇ ବାପାବୋଉଙ୍କୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ମାର୍ଶାଘାଇ ପୁଲିସ ଏନେଇ ଅଭିଯୋଗ ପଞ୍ଜିକୃତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ରଜାଙ୍ଗରେ ଚାରାରୋପଣ କାର୍ଯ୍ୟକ୍ରମ

**ଡେରାବିଶ, ୨୯।୭ (ସମିସ):** ଦାନପୁର ପଞ୍ଚାୟତ ଅଧୀନ ରଜାଙ୍ଗ ଗ୍ରାମରେ ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ କଟକ ଓ ମା' ବାସୁଳେଇ ଡ୍ରାମାଟିକ କ୍ଲବ୍ ରଜାଙ୍ଗ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଶିବନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ସଭ୍ୟ ବିଧୁଭୂଷଣ ରଥ, ଭାବଗ୍ରାହୀ ପଣ୍ଡା, ଶୀତିକଣ୍ଠ ମହାନ୍ତି, ଆଶିଷ ଦାସ, ଡ. ମନୋରଞ୍ଜନ ପଣ୍ଡା, ଦିଲ୍ଲୀପ ପୃଷ୍ଟି, ସୁବାସ ଖଟୁଆ, ପ୍ରୀତିରଞ୍ଜନ ପରିଡ଼ା, ପ୍ରଭାସ ପାତ୍ର, ମାନସ ଘଡ଼ଇ, ପ୍ରଭାକର ଦାସ, ରଜତ ଦାସ, ଯୁବକ ସଂଘ ସଭ୍ୟ ଜିତେନ୍ଦ୍ର ପଣ୍ଡା, ଅଲେଖ ପୃଷ୍ଟି, ନିହାର ପଣ୍ଡା ପ୍ରମୁଖ ଗ୍ରାମର ମାୟା ମଠ ଓ ରଜାଙ୍ଗ ସ୍କୁଲ ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ଫଳ ଓ ଔଷଧୀୟ ବୃକ୍ଷ ଚାରାରୋପଣ କରିଥିଲେ। ଏଥିସହିତ କର୍ମକର୍ତ୍ତା ଗ୍ରାମରେ ଘରକୁ ଘର ବୁଲି ଚାରାରୋପଣର ଉପକାରିତା ସମ୍ପର୍କରେ ବୁଝାଇବା ସହ ଗୋଟିଏ ଲେଖାଏଁ ଫଳଚାରା ପ୍ରଦାନ କରିଥିଲେ।

## ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ



**ରାଜନଗର, ୨୯।୭ (ସମିସ):** ରାଜନଗର ବ୍ଲକର କୁରୁଣ୍ଡି ପଞ୍ଚାୟତ ଅଧୀନ ଚନ୍ଦ୍ରଶିଖରସ୍ଥ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଉପଶାସ୍ତ୍ରୀ (+୨) ଓ ଶାସ୍ତ୍ରୀ (+୩) ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅଧକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ଅନୁଷ୍ଠାନର ଅନୁଶାସନ ପାଳନ କରିବା ସହିତ ସମୟାନୁବର୍ତ୍ତୀ, ଶୃଙ୍ଖଳିତ, ବିଦ୍ୟାନୁରାଗୀ ଓ ଚରିତ୍ରବାନ ହେଲେ ନିଶ୍ଚୟ ସଫଳତା ହାସଲ କରିପାରିବେ ବୋଲି ଅଧକ୍ଷ ପରାମର୍ଶ ଦେଇଥିଲେ। ଅଧାପକ ପ୍ରଦୀପ ପାଲ, ସତୀଶ ମହାପାତ୍ର, ବୈକୁଣ୍ଠ ବିହାରୀ ବଳ, ପ୍ରଫୁଲ୍ଲ ପ୍ରଧାନ, ରାଜକିଶୋର ପାଣି, ବିଶ୍ୱମ୍ଭର ତ୍ରିପାଠୀ ଓ ଅଧାପିକା ଭଗବତୀ ରାଉତ ନବାଗତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ କିଭଳି ଜଣେ ଜଣେ ସୁନାଗରିକ ଓ ସଂସ୍କାରି ମଣିଷ ହେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ଉପଶାସ୍ତ୍ରୀ ଦ୍ୱିତୀୟ ବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ରାମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ ସ୍ୱାଗତ ଉତ୍ସବ ପରିଚାଳନା କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଡେରାବିଶ ବ୍ଲକ୍ ଗସ୍ତ



**ଡେରାବିଶ, ୨୯।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ରଘୁରାମ ଆରଆୟାର ଆଜି ଡେରାବିଶ ବ୍ଲକକୁ ଗ୍ରସ୍ତ କରି ଅନେକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଭେଟିଥିଲେ। ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଆୟାର ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଶ୍ରୀ ଆୟାରଙ୍କୁ ବିଡ଼ିଓ ନମିତା ବାରିକ, ବ୍ଲକ ଅଧକ୍ଷା ପ୍ରଭାତି ମଲିକ ପୁଷ୍ପତୋଡ଼ା ଦେଇ ବ୍ଲକ ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ। ସେଠାରେ ଜିଲ୍ଲାପାଳ ଶ୍ରୀ ଆୟାର ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିପାଇଁ ପ୍ରତ୍ୟେକ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏବିଡିଓ ମୃଣ୍ମୟ ରାଉତ, ବ୍ଲକର ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଗୌରବ ସାହୁ, ଡବ୍ଲୁଇଓ ରଶ୍ମି ଦେବୀ, ଇଂ ଅନିଲ ମହାନ୍ତି, ଇଂ ବିଭୁଦତ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ସିଡ଼ିପିଓ ହରପ୍ରିୟା ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ଜିଲ୍ଲାପାଳ ବ୍ଲକ ନିକଟସ୍ଥ ଓବିଓ ଏସ୍‌ଇବିସି ହଷ୍ଟେଲ ପରିସର ଏବଂ ନିକଟସ୍ଥ ଭାଟଭାଗ ଅଙ୍ଗନବାଡ଼ି କେନ୍ଦ୍ର ପରିସରକୁ ଯାଇ କୁନିକୁନି ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସେଠାରୁ ଜିଲ୍ଲାପାଳ ଠାକୁରହାଟ ସ୍ଥିତ ସୁଦର୍ଶନ ହାଇସ୍କୁଲ ପରିସରକୁ ଯାଇ ବିଦ୍ୟାଳୟ ପରିସର ବୁଲି ଦେଖିବା ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବର୍ତ୍ତାଳାପ କରି ଜିଲ୍ଲା କାର୍ଯ୍ୟାଳୟକୁ ଫେରିଯାଇଥିଲେ।

### ବିଭିନ୍ନ ଉନ୍ନୟନ କାର୍ଯ୍ୟର କଲେ ସମୀକ୍ଷା

## ପୁତୁରାର ମୃତ୍ୟୁ ଘଟଣା; ସମ୍ପର୍କୀୟ ମଉସା ଗିରଫ

**କେନ୍ଦ୍ରାପଡ଼ା, ୨୯।୭ (ସମିସ):** ଅପ୍ରାକୃତିକ ଯୌନସମ୍ପର୍କ ରଖିବା ଯୋଗୁଁ ଜଣେ ନାବାଳଙ୍କ ମୃତ୍ୟୁ ଘଟଣାରେ ସମ୍ପର୍କୀୟ ମଉସାକୁ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ବିକ୍ରମ ରାୟ। ଏହି ଘଟଣାରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ଜେରା କରିଥିଲା। ଜେରା ବେଳେ ଅଭିଯୁକ୍ତ ସମ୍ପତ୍ତି ଲୋଭରେ ଏପରି କରିଥିବା ନେଇ ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ପୁନର୍ବାସ ପକ୍ଷରୁ ପାରାକ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ



**କେନ୍ଦ୍ରାପଡ଼ା, ୨୯।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଭିନ୍ନକ୍ଷମମାନଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତିକରଣ ଦିଗରେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଜାତୀୟସ୍ତରୀୟ ପାରା କ୍ରୀଡ଼ାବିତ୍ ସୁଧୀର ମଲିକଙ୍କୁ କ୍ରୀଡା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଆସନ୍ତା ଅକ୍ଟୋବରରେ ଗୋଆରେ ହେବାକୁ ଥିବା ପ୍ରଥମ ବୋସିଆ ନ୍ୟାସନାଲ୍ ଫେଡେରେସନ୍ କପ୍, ୨୦୨୫ରେ ଅଂଶଗ୍ରହଣ ଦେୟ ବାବଦରେ ଏହି ଆର୍ଥିକ ସହାୟତା ରାଶି ତାଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ଚେକ୍ ଆକାରରେ ଏହି ଅର୍ଥ ପାରାକ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ଗ୍ରାମର ସୁଧୀର ମଲିକ ହାଇଦ୍ରାବାଦ ସହରରେ କମ୍ପାନୀର ମାର୍କେଟିଙ୍ଗ୍ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଭିନ୍ନକ୍ଷମ ହୋଇପଡ଼ିଥିଲେ। ମାତ୍ର ପାରାକ୍ରୀଡା ପ୍ରତି ନିଜର ଆଗ୍ରହ ରଖି ସେ ଗତବର୍ଷ ମଧ୍ୟ ଏହି ବୋସିଆ କ୍ରୀଡାରେ ଭାଗନେଇ ସଫଳତା ଅର୍ଜନ କରିଥିଲେ। ମାଧପୁରସ୍ଥିତ ପୁନର୍ବାସ କାର୍ଯ୍ୟାଳୟରେ ଏହି ଅଣଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ସହସମ୍ପାଦକ ବଂଶୀଧର ମହାନ୍ତି, କୋଷାଧକ୍ଷ ଆଇନଜୀବୀ ଶିବଚରଣ ସାମଲ ଏବଂ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ମହମ୍ମଦ ଜାହିଦ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

### କେନାଲ ମୁହଁ ବନ୍ଦ କରିଛନ୍ତି ଠିକାଦାର

## ରୁଆ ବେଉଷଣ କରିପାରୁନାହାନ୍ତି ୨ ପଞ୍ଚାୟତର ଚାଷୀ

ଡେରାବିଶ, ୨୯।୭ (ସମିସ)



ଡେରାବିଶ ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ। ବ୍ଲକର ପ୍ରାୟ ୪ହଜାର ହେକ୍ଟର ଜମିରେ ଖରିଫ ଋତୁରେ ଧାନଚାଷ ହୋଇଥାଏ। ଚାଷଜମିକୁ ଉଭୟ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କେନାଲ ଦ୍ୱାରା ଜଳସେଚିତ ହୋଇଥାଏ। ଚଳିତ ବର୍ଷ କେନ୍ଦ୍ରାପଡ଼ା କେନାଲରେ ସପ୍ତାହକ ତଳୁ ପାଣି ଆସିଗଲାଣି। ଏହି କେନାଲ ପାଣିରେ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଦକ୍ଷିଣପାର୍ଶ୍ୱର ଜମି ଜଳପ୍ଲାବିତ ହୋଇସାରିଲାଣି। ଅଞ୍ଚଳର ଚାଷୀ ସେମାନଙ୍କ ଜମିରେ ରୁଆ ବେଉଷଣ କାମ ଆରମ୍ଭ କରିଦେଲେଣି। ତେବେ ଜାତୀୟ ରାଜପଥର ବାମ ପାର୍ଶ୍ୱରେ ଥିବା ଚାଷଜମିରେ ଏବେସୁଦ୍ଧା କେନାଲ ପାଣି ପହଞ୍ଚିପାରିନାହିଁ। ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାଦାର ବିଳମ୍ବରେ ରାଜପଥକୁ ଅତିକ୍ରମ କରିଥିବା କେନାଲର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଠିକାଦାରଙ୍କ ଏହି ମନମାନୀ କାର୍ଯ୍ୟ ପାଇଁ ବେଶି ହଇରାଣ ହେଉଛନ୍ତି ଚାଟରାଚକଡ଼ା ଓ କୁରୁଜଙ୍ଗା ପଞ୍ଚାୟତର ଚାଷୀ। ଏହି ପଞ୍ଚାୟତର ଚାଷଜମିକୁ ଜଳପ୍ଲାବିତ କରୁଥିବା କେନ୍ଦ୍ରାପଡ଼ା କେନାଲର ୧୧ନଂ ଶାଖା ନାଳକୁ ଠିକାଦାର ଓଲଡ଼ି ଛକ ନିକଟରେ ବନ୍ଧ ବାନ୍ଧି ପାଣି ଅଟକାଇବା ସହିତ କେନାଲ କାମ କରୁଛନ୍ତି। ଏଠାରେ କେନାଲ ପାଣି ଚାରିଦିନ ହେବ ପହଞ୍ଚିସାରିଥିଲେ ମଧ୍ୟ ଠିକାଦାରଙ୍କ ମନ୍ଥର କାର୍ଯ୍ୟ ଯୋଗୁଁ ଏହି କେନାଲ୍ ନିର୍ମାଣ କାର୍ଯ୍ୟ ସରୁନି। ଏହି ନିର୍ମାଣ କାର୍ଯ୍ୟ ଆହୁରି କେତେଦିନ ଯିବ ତାହା କହି ହେଉନାହି। ଏଭଳି ହେଲେ ଚଳିତ ବର୍ଷ ଏହି ଅଞ୍ଚଳରେ ଚାଷ ବହୁ ପଛେଇଯିବା ସହିତ କ୍ଷେତରେ ଧାନ ଅମଳ କମିବ ବୋଲି ଅଞ୍ଚଳର ଚାଷୀ ଗଣେଶ୍ୱର ବେହେରା ଅଭିଯୋଗ କରିଛନ୍ତି। ଶ୍ରୀ ବେହେରା କହିଛନ୍ତି, ଏବେ ସମସ୍ତ ଚାଷୀ ଉନ୍ନତ କିଷମର ଅଧିକ ଅମଳକ୍ଷମ ଧାନଚାଷ କରୁଛନ୍ତି। ଏହି ଧାନ ତଳି ରୋଇବା ସମୟ ସାମାନ୍ୟ ଏପଟ ସେପଟ ହୋଇଗଲେ, ଅମଳ ହେବାରେ ସମସ୍ୟା ଦେଖାଦେବ। ତେଣୁ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେବେ। ଚାଷୀ ଏନେଇ ବାରମ୍ବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ ଫଳଶୂନ। ତେଣୁ ଠିକାଦାରଙ୍କ ବେପରୁଆ ମନୋଭାବ ପାଇଁ ଅଞ୍ଚଳର ଚାଷୀ ଚଳିତବର୍ଷ ବ୍ୟାପକ ଫସଲହାନୀର ସମ୍ମୁଖୀନ ହେବ ବୋଲି ଶ୍ରୀ ବେହେରାଙ୍କ ସମେତ ଅଞ୍ଚଳର ଅନେକ ଚାଷୀ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଠିକାଦାରଙ୍କୁ ତାଗିଦ କରିବା ସହ ଅଟକାଯାଇଥିବା କେନାଲ ପାଣି ଚାଷୀଙ୍କ କ୍ଷେତକୁ ଛାଡ଼ିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ତୁଳସୀଡିଆ ରାମେଶ୍ୱର ବୋଲବମ୍ ସଂଘର କପିଳାସ ଯାତ୍ରା

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୯।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳ ଅଧୀନ ତୁଳସୀଡିଆ ରାମେଶ୍ୱର ବୋଲବମ୍ ସଂଘ ସୁଦୂର କପିଳାସ ଯାଇ ଜଳାଭିଷେକ କରିଛନ୍ତି। ଗତ ଶନିବାର ବ୍ରାହ୍ମଣୀ ନଦୀରୁ ଜଳଉଠାଇ କପିଳାସ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସୋମବାର ସକାଳୁ ବାବା ଚନ୍ଦ୍ରଶେଖରଙ୍କ ଉପରେ ଜଳାଭିଷେକ କରିଥିଲେ। ମାନସିକ ପୂରଣ କରି ତୁଳସୀଡିଆ ରାମେଶ୍ୱର ମନ୍ଦିରରେ କାଉଡ଼ିଆମାନେ ମେଳା ଓ ପୂଜାର୍ଚ୍ଚନା କରିଥିଲେ। ବୋଲବମ୍ ଯାତ୍ରାରେ ନାରାୟଣ ଜେନା, ପ୍ରଶାନ୍ତ କୁମାର ବିଶ୍ୱାଳ, ଅଜୟ କୁମାର ବିଶ୍ୱାଳ, ନିର୍ମଳ ଘୋଷ, ପ୍ରୀତୀଶ ବିଶ୍ୱାଳ, ଭାଗୀରଥୀ ବିଶ୍ୱାଳ, ସମ୍ବିତ୍ ବିଶ୍ୱାଳ, ଅଜିତ ବେହେରା, ପିୟୁଷ ବିଶ୍ୱାଳ ପ୍ରମୁଖ ଯାତ୍ରା କରିଥିଲେ।

ସକାଳ THE SAKALA
ବୁଧବାର
୩୦ ଜୁଲାଇ, ୨୦୨୫



## ଗୁଡାରି ବ୍ଲକ୍‌ରେ ଟାୱାର ଅଛି; ନେଟ୍‌ୱର୍କ ନାହିଁ

ଗୁଡାରି,୨୯।୭(ସମିସ): ଗୁଡାରି ବ୍ଲକ୍‌ରେ ସହରରୁ ପଲ୍ଲୀ ପର୍ଯ୍ୟନ୍ତ ଟାୱାର ହେଲା ହେଲେ ନେଟୱାର୍କ ନାହିଁ, ଯାହାଦ୍ୱାରା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସହର ଓ ଗ୍ରାମାଞ୍ଚଳର ଜନସାଧାରଣ। ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଡିଜିଟାଲ ସେବା ଯୋଗାଇବା ନିମନ୍ତେ ନିଷ୍ପତ୍ତି ହୋଇଥିବା ବେଳେ ଅନେକ ସ୍ଥାନରେ ନେଟୱର୍କରୁ ବଞ୍ଚିତ ଅଛନ୍ତି ଅଞ୍ଚଳବାସୀ। ଗୁଡାରି ବ୍ଲକ୍‌ର ୯ ଗୋଟି ଗ୍ରାମ ପଞ୍ଚାୟତ ଜିଓ ଟାୱାର ରହିଛି; କିନ୍ତୁ ନେଟୱର୍କ ଗ୍ରାମରେ ଠିକ୍ ଭାବେ ଆସୁନଥିବାରୁ ଇଣ୍ଟରନେଟ୍ ଚାଲୁନି। ଯାହାଦ୍ୱାରା ଅନ୍‌ଲାଇନ୍ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଗୁଡାରି ବ୍ଲକର କେତୋଟି ଅଞ୍ଚଳରେ ଥିବା ଷ୍ଟେଟ୍ ବ୍ୟାଙ୍କ, ମେଡିକାଲ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ହାଇସ୍କୁଲ ପ୍ରଭୃତିରେ ନେଟ୍‌ୱର୍କ ନଥିବାରୁ ଅନ୍‌ଲାଇନ୍ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ଆବାସ ଯୋଜନା, ଆୟୁଷ୍ମାନ ଯୋଜନା, ପିଡିଏଫ୍ ଚାଉଳ ପ୍ରଦାନ କାର୍ଯ୍ୟ ପାଇଁ କର୍ମଚାରୀ ଓ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଅତିଶୀଘ୍ର ନେଟୱର୍କ ସୁବିଧା ଉପଲବ୍ଧ କରାଯିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାୟଗଡ଼ା ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ



ରାୟଗଡା,୨୯।୭(ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ. ସରସ୍ୱତୀ ରାୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ତାଙ୍କର ଉଦବୋଧନରେ ବୈଦିକ ଦର୍ଶନ, ସଂସ୍କୃତି ଓ ପରମ୍ପରା ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ସିମାଞ୍ଚଳ ପାଲୋ ଯୋଗଦେବା ସହ ତାଙ୍କର ବକ୍ତବ୍ୟରେ ବୈଦିକ ଦର୍ଶନ ସମ୍ପର୍କରେ ଆଲୋଚନା କରିବା ସହ ସେହି ଦର୍ଶନକୁ ଆମ ଜୀବନ ଶୈଳୀରେ ଅପଣେଇଲେ ଜୀବନ ସୁନ୍ଦର ହେଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ପି. ଅରୁଣ କୁମାର ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଯୁବସଂସ୍କାର କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ପ୍ରିୟଦର୍ଶିନୀ ବଳ, ସହ ସଂଯୋଜିକା ସୁଶ୍ରୀ ସ୍ନେହାଞ୍ଜଳି ପାଣ୍ଡେ ଓ ପି. ବିନୟ ପରିଚାଳନା କରିଥିଲେ।

## ବିଡିଓଙ୍କୁ ମିଶନ ଶକ୍ତିର ସିଆରପି ଓ ସିଏମ୍‌ଙ୍କ ଦାବିପତ୍ର



ବିଷମକଟକ,୨୯।୭(ସମିସ): ରାଜ୍ୟସରକାରଙ୍କ ମିଶନ ଶକ୍ତି ବିଭାଗ ଅଧିନରେ କାର୍ଯ୍ୟରତ ସିଆର୍‌ପି ଓ ସିଏମ୍ କର୍ମଚାରୀମାନଙ୍କ ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କୁ ପାଞ୍ଚଦଫା ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ଅଧୀନରେ କାର୍ଯ୍ୟରତ ୨୧ ଗୋଟି ପଞ୍ଚାୟତର ମିଶନ ଶକ୍ତିର ସିଆର୍‌ପି ଓ ସିଏମ୍ ମହିଳାମାନେ ଏକତ୍ରିତ ହୋଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଗୋଷ୍ଠି ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଷମ କଟକ ବ୍ଲକ୍ ସିଆର୍‌ପି ଓ ସିଏମ୍ ସଂଘର ସଭାପତି ପିଙ୍କଜିନି ନାଗ, ସମ୍ପାଦକ ବାସନ୍ତୀ ନାୟକଙ୍କ ନେତୃତ୍ୱରେ ୨୧ ଗୋଟି ପଞ୍ଚାୟତର ସିଆର୍‌ପି ଓ ସିଏମ୍‌ମାନେ ଏକତ୍ରିତ ହୋଇ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ସିଆରପି ଓ ସିଏମ୍‌ମାନଙ୍କ ଇନ୍‌ସେନ୍‌ଟିଭକୁ ବନ୍ଦ କରାଯାଇ ମାସିକ ୧୦ ହଜାର ପ୍ରଦାନ କରିବା, ଭି.ଆର.ଏଫ୍. କାମ ବାବଦକୁ ପାରିଶ୍ରମିକ ୫୦୦୦ ଟଙ୍କା ଓ ଅନ୍‌ଲାଇନ୍ କାମ, ଫୋନ୍ ବିଲ୍ ଏବଂ ଟି.ଏ., ଡି.ଏ. ବାବଦକୁ ୩୦୦୦ ମିଶାଇ ମୋଟ ୧୮,୦୦୦ ପ୍ରଦାନ କରିବା, ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍ ପ୍ରଦାନ କରିବା, ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଆକାଉଣ୍ଟ ଜରିଆରେ ପ୍ରଦାନ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା ଭଳି ପାଞ୍ଚଟି ଦାବି ରହିଛି। ଏହି ଦାବି ଗୁଡାକ ପୂରଣ ନହେଲେ ଆସନ୍ତା ୧ ତାରିଖରୁ ଭୁବନେଶ୍ୱରରେ ଧାରଣାରେ ବସିବାକୁ ସେମାନେ ଚେତାବନୀ ଶୁଣାଇଛନ୍ତି।

### ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷିକାଙ୍କ ଦୁର୍ବ୍ୟବହାର ଘଟଣା

# ବଦଳି ପର୍ଯ୍ୟନ୍ତ ଶ୍ରେଣୀକୁ ଯିବେ ନାହିଁ ପ୍ରଶିକ୍ଷିକା

### ଅନ୍‌ଲାଇନ୍ ବୈଠକରେ ନିର୍ଦ୍ଦେଶ ଦେଲେ ସହକାରୀ ନିର୍ଦ୍ଦେଶିକା

ଜୟପୁର,୨୯।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଶିକ୍ଷଣ ପ୍ରଶିକ୍ଷଣ କେନ୍ଦ୍ର (ଡିଆଇଇଟି)ରେ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କୁ ଜଣେ ପ୍ରଶିକ୍ଷିକା ଦୁର୍ବ୍ୟବହାର ଘଟଣାକୁ ନେଇ ଲାଗି ରହିଥିବା ଛାତ୍ର ଅଶାନ୍ତି ମଙ୍ଗଳବାର ଶାନ୍ତ ପଡିଛି। ମଙ୍ଗଳବାର ଅନ୍‌ଲାଇନ୍ ମାଧ୍ୟମରେ ବିଭାଗର ନିର୍ଦ୍ଦେଶିକା ବୈଠକ କରି ଅଭିଯୋଗ ଆସିଥିବା ପ୍ରଶିକ୍ଷିକାଙ୍କ ବଦଳି ପର୍ଯ୍ୟନ୍ତ ଶ୍ରେଣୀକୁ ପାଠପଢ଼ାଇବାକୁ ଯିବା ଉପରେ ରୋକ୍ ଲଗାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୋମବାରଠାରୁ ଲାଗି ରହିଥିବା ଅଶାନ୍ତି ଶାନ୍ତ ପଡିଛି। ସୂଚନାନୁଯାୟୀ, ପ୍ରଶିକ୍ଷିକା ସ୍ୱାତି ସୁଚିସ୍ମିତା ପାତ୍ର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଶିକ୍ଷାର୍ଥୀମାନେ ଅଧକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଗତକାଲି କେନ୍ଦ୍ରର ଅଧକ୍ଷ ରୂପଚନ୍ଦ୍ର ସୋରେନ ଏହାର ସମାଧାନ ପାଇଁ ଏକ ବୈଠକ ଡକାଇଥିଲେ। କିନ୍ତୁ ଛାତ୍ରଛାତ୍ରୀ ଅଭିଯୋଗ ଆଣିଥିବା ସଂପୃକ୍ତା ପ୍ରଶିକ୍ଷିକା ସ୍ୱାତି ସୁଚିସ୍ମିତା ପାତ୍ର ବୈଠକକୁ ଆସିନଥିଲେ। ବାରମ୍ବାର ଡକାଯାଇଥିଲେ ସୁଦ୍ଧା ସେ ବୈଠକକୁ ଆସିବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ। ଛାତ୍ରଛାତ୍ରୀମାନେ ସଂପୃକ୍ତା ପ୍ରଶିକ୍ଷିକା ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ଯାଏଁ ଶ୍ରେଣୀ ବର୍ଜନ କରିବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ଶେଷରେ ଅଧକ୍ଷ ଶ୍ରୀ ସୋରନ ଭୁବନେଶ୍ୱର ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଲିଖିତ ଭାବେ ଜଣାଇଥିଲେ। ପରେ ସୋମବାର ରାତି ୯ଟା ସମୟରେ ସଂପୃକ୍ତା ପ୍ରଶିକ୍ଷିକା ଶ୍ରୀମତୀ ପାତ୍ର ନିଜ ସ୍ୱାମୀଙ୍କ ସହ କେନ୍ଦ୍ରକୁ ଆସିବା ପରେ ମଙ୍ଗଳବାର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ହେବାକୁ ଥିବା ଅନ୍‌ଲାଇନ୍ ବୈଠକରେ ଉପସ୍ଥିତ ରହିବାକୁ ଅଧକ୍ଷ ପ୍ରଶିକ୍ଷିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆଜି ମଧ୍ୟାହ୍ନରେ ଗଣଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶିକା ଲିପିକା ସାହୁଙ୍କ ଅଧକ୍ଷତାରେ ଅନ୍‌ଲାଇନ ବୈଠକ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ରର ଅଧକ୍ଷ, ସମସ୍ତ ପ୍ରଶିକ୍ଷକ, ପ୍ରଶିକ୍ଷିକା, ଅଭିଯୋଗ ଆସିଥିବା ସଂପୃକ୍ତ ପ୍ରଶିକ୍ଷିକା ବୈଠକରେ ଯୋଗଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦାବି ଅନୁଯାୟୀ ସଂପୃକ୍ତା ପ୍ରଶିକ୍ଷିକା ଶ୍ରୀମତୀ ପାତ୍ରଙ୍କୁ ଏହି କେନ୍ଦ୍ରରେ ରହିବା ପର୍ଯ୍ୟନ୍ତ ଶ୍ରେଣୀରେ ପାଠ ପଢ଼ାଇବା ଉପରେ ପ୍ରତିବନ୍ଧକ ଲଗାଯିବା ସହ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇ ତାଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ନିଷ୍ପତ୍ତି ଶୁଣାଇଥିଲେ। ଅଧକ୍ଷ ଶ୍ରୀ ସୋରେନ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ପରେ କେନ୍ଦ୍ର ପରିସରରେ ଲାଗି ରହିଥିବା ଅଶାନ୍ତି ଶେଷ ହେବା ସହ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ହତ୍ୟା ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୨୯।୭(ସମିସ): ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ଏକ ହତ୍ୟା ମାମଲାର ବିଚାରଣା କରି ଅଭିଯୁକ୍ତ ରଞ୍ଜିତା ହରିଜନଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାନୁଯାୟୀ, ଖାତିଗୁଡା ଥାନା ଅନ୍ତର୍ଗତ ପଡାପଲା ଗ୍ରାମର ପ୍ରତିମା ଜାନି ଗତ ୨୦୨୦ ଅଗଷ୍ଟ ୩୧ ତାରିଖରେ ତାଙ୍କ ସ୍ୱାମୀ ସୁବାଷ ଜାନି ନିଖୋଜ ସମ୍ପର୍କିତ ଏକ ଅଭିଯୋଗ କରିଥିଲେ। ପୋଲିସ ସବ୍ ଇନିସ୍ପେକ୍ଟର ପର୍ଶୁରାମ ସାହୁ ଘଟଣାର ତଦନ୍ତ କରି ପଡାପଲା ଗ୍ରାମର ଜଙ୍ଗଲରୁ ନିଖୋଜ ହୋଇଥିବା ସୁବାଷ ଜାନିଙ୍କ ମର ଶରୀରକୁ ହାତ ବନ୍ଧା ଅବସ୍ଥାରେ ଉଦ୍ଧାର କରିଥିଲେ। ପୋଲିସ ଏହାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ପରେ ମୃତକ ସୁବାଷଙ୍କ ମୋବାଇଲ ସିମ୍‌ର ସିଡିଆର ଏବଂ ଏସ୍‌ଡିଆର ପରୀକ୍ଷା କରିଥିଲା। ଏହି ମାମଲାରେ ଗୁଡୁ ଅରଫ ମୋହନ ବାଘ ଓ ରଞ୍ଜିତା ନାଗ ଓରଫ ରଞ୍ଜିତା ହରିଜନଙ୍କୁ ହତ୍ୟା ଓ ପ୍ରମାଣ ଲୁଚେଇବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲ୍ଲା ଦୌରା ଜଜ୍ ସୁବ୍ରତ ମହାନ୍ତି ଏହି ମାମଲାକୁ ବିଚାରଣା କରିବା ସହ ସମସ୍ତ ୧୧ ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମୁଦୁଲା ରଞ୍ଜିତା ହରିଜନ ଓରଫ ରଞ୍ଜିତା ନାଗକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାରେ ମୁଦୁଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତପନ କୁମାର ସିଂ ଓ ତାଙ୍କ ସହଯୋଗୀ ଅଶୋକ ନାୟକ କେସକୁ ପରିଚାଳନା କରିଥିବା ବିଶିଷ୍ଟ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘର ବିକ୍ଷୋଭ




ରାୟଗଡ଼ା,୨୯।୭(ସମିସ): ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘ ରାୟଗଡା ଜିଲ୍ଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସଫେଇ ଓ ହାଉସ୍‌କିପିଙ୍ଗ୍ କର୍ମଚାରୀମାନଙ୍କ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମାଧାନ ହୋଇପାରିଲାନାହିଁ। ତେଣୁ ଦାବି ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ସଂଘ ପକ୍ଷରୁ ନେହା ସିଂ ଓ କସ୍ତୁରୀ ନାୟକଙ୍କ ନେତୃତ୍ୱରେ ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ଉପସଭାପତି ଦୁର୍ଗା ମାଧବ ଘୋଷଙ୍କ ତତ୍ତ୍ୱାବଧାନରେ ଆଜି ବାରିଝୋଲା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଭି. ସରୋଜିନୀଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର କୌଣସି ସମାଧାନ କରା ନ ଗଲେ ସଂଘ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବ। ଏଥିରେ ଯଦି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଚେତାବନୀ ଦେଇଥିଲେ। ଦାବି ମଧ୍ୟରେ ସଫେଇ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଇପିଏଫ ଏବଂ ଇଏସଆଇ ପ୍ରତ୍ୟେକ ମାସରେ ଜମା କରିବା, ପ୍ରତି ମାସରେ ଠିକ୍ ସମୟରେ ଦରମା ଦେବା, ଦରମା ଦୁଇ ମାସ, ତିନି ମାସ, ଆଉ କିଛି ଚାରି ମାସକୁ ଥରେ ଅଲଗା ଅଲଗା ଦରମା ନ ଦେଇ ଠିକ୍ ସମୟରେ ସମସ୍ତଙ୍କୁ ଏକାଥରେ ଦରମା ଦେବା, ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା, ବିଶ୍ରାମ ଗୃହ ଯୋଗାଇ ଦେବା, ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ଯୋଗାଇ ଦେବା, ମାସକୁ ୧୮ ହଜାର ଟଙ୍କା ଦରମା ଦେବା ପ୍ରମୁଖ ଦାବି ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୂର୍ଯ୍ୟକାନ୍ତି ହରିଜନ, ୱାଇ. କବିତା, ଏସ୍ ଭାରତୀ, ସିମାଞ୍ଚଳ ସାମଲ, ଲକ୍ଷ୍ମୀ ଗଣ୍ଡା ପରିଚାଳନା କରିଥିଲେ।

### ● ନୂତନ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ବୈଠକ

## ଲୋକଙ୍କ ସେବା ପାଇଁ ୨୪ ଘଣ୍ଟା କାର୍ଯ୍ୟକରିବାକୁ ପରାମର୍ଶ



କୋରାପୁଟ,୨୯।୭(ସମିସ): ନୂତନ ଜିଲ୍ଲାପାଳ ଭାବେ ମନୋଜ ସତ୍ୟବାନ ମହାଜନ କାର୍ଯ୍ୟରେ ଯୋଗ ଦେବା ପରେ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟଅଧିକାରୀଙ୍କୁ ନେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସୂଚନା ଆଦାନ ପ୍ରଦାନ କରାଯାଇଥିଲା। ଲୋକଙ୍କ ସେବା ପାଇଁ ୨୪ ଘଣ୍ଟା ସତର୍କତା ଅବଲମ୍ବନ କରି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ନିୟମ ଅନୁଯାୟୀ କାର୍ଯ୍ୟ କରିବା ସମସ୍ତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲ୍ଲାରେ କେଉଁ ବିଭାଗରେ କିଭଳି ଯୋଜନା ସବୁ କାର୍ଯ୍ୟକାରୀ ହେଉଛି ତାହା ବିଭାଗର ଅଧିକାରୀମାନେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ମୁଖ୍ୟ ଚିକତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ରନାଥ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଜୟପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତୃପ୍ତି ବାରହି, କୋରାପୁଟ ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହତ୍ୟାକାରୀକୁ ୧୦ ବର୍ଷ କାରାଦଣ୍ଡ

ନବରଙ୍ଗପୁର,୨୯।୭(ସମିସ): ନବରଙ୍ଗପୁର ଜିଲ୍ଲା ଏବଂ ଦୌରା ଜଜ୍ ସୁବ୍ରତ ମହାନ୍ତି ଏକ ହତ୍ୟା ମାମଲାର ବିଚାର କରି ହତ୍ୟାକାରୀ ଜଗେଶ୍ୱର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫,୦୦୦ ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଆହୁରି ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ କରିଛନ୍ତି। ଧାରା ୩୨୪ ରେ ମଧ ଦୋଷୀ ସାବ୍ୟସ୍ତ କରି ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୧,୦୦୦ ଟଙ୍କା ଜରିମାନା ଦେବାକୁ ଆଦେଶ କରିଛନ୍ତି। ଜରିମାନା ଅନାଦେୟଆହୁରି ୬ ମାସ ସଶ୍ରମ କାରାଦଣ୍ଡ ଭୋଗୀବାକୁ ଆଦେଶରେ ଉଲ୍ଲେଖ କରିଛନ୍ତି। ସୂଚନାନୁଯାୟୀ, ଗତ ୨୦୨୪ ଏପ୍ରିଲ ୨୭ରେ ତେନ୍ତୁଲିଖୁଣ୍ଟି ଥାନା ଅନ୍ତର୍ଗତ ଧଣ୍ଡରା ଗ୍ରାମର ଜଗେଶ୍ୱର ନାୟକ ମଦ୍ୟ ପାନ କରି ତାଙ୍କ ଘରକୁ ଫେରି ପାଟିତୁଣ୍ଡ କରିବାକୁ ଲାଗିଲା, ତେଣୁ ତା ବଡ ପୁଅ ଦେବ ନାୟକ କାହିଁକି ପାଟିତୁଣ୍ଡ କରୁଛ ବୋଲି କହିବାରୁ ତାକୁ ସେ ଆଗରୁ ଧରିଥିବା କୁକୁଡ଼ା କାତିରେ ତା ଛାତିରେ ଭୁସି ହତ୍ୟା କରିଥିଲା। ସାନଭାଇ ଅଭିମନ୍ୟୁ ନାୟକ ଛଡେଇବାକୁ ଚେଷ୍ଟା କଲାବେଳେ ତାକୁ ମଧ ସେହି କୁକୁଡ଼ା କାତିରେ ଆକ୍ରମଣ କରିବାରୁ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଆରଦିନ ସକାଳେ ସାନ ପୁଅ ପାର୍ଥ ନାୟକ ବାପା ବିରୁଦ୍ଧରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଆସାମୀକୁ ଗିରଫ କରି ହତ୍ୟାରେ ବ୍ୟବହୃତ କୁକୁଡ଼ା କାତିକୁ ଜବତ କରି କୋର୍ଟ ଚାଲାଣ କରିଥିଲେ। ୨୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଦାଲତ ଏହି ଦଣ୍ଡଦେଶ ଶୁଣାଇଛନ୍ତି ବୋଲି କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ସୂଚନା ଦେଇଛନ୍ତି। ଏହି ମାମଲାକୁ ମଧ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀ ଏକ୍କା ପରିଚାଳନା କରୁଥିବା ସୂଚନା ଦେଇଛନ୍ତି।

## ଡିଏଲ୍‌ଏସ୍‌ଏ ପକ୍ଷରୁ ଆଇନ ସଚେତନତା ଶିବିର

ନବରଙ୍ଗପୁର,୨୯।୭(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ନବରଙ୍ଗପୁର ପକ୍ଷରୁ ପାପଡାହାଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ତଥା ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିସ୍ୱା ଗୋଛାୟତ ମୁଖ୍ୟଅତିଥି



ଭାବେ ଯୋଗଦେଇ କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ସଚେତନତା ଶିବିରରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ପୋଲିସ ଉପ ଅଧିକ୍ଷକ ସତ୍ୟଜିତ କନ୍ଦନକେଲ, ଉପମୁଖ୍ୟ ଆଇନଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା ରାଜ କିଶୋର ନାଗ, ପାନେଲ ଲୟାର କିଶୋରୀ ପଟ୍ଟନାୟକ, ପାପଡ଼ାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନା, ପ୍ରଭାତୀ ବେହେରା ପ୍ରମୁଖଙ୍କ ସମେତ ପାରା ଲିଗାଲ ସଦସ୍ୟ ଓ ପାନେଲ ଲୟାର ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ପାପଡାହାଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅଧକ୍ଷା ପ୍ରଭାତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନଗର ବିଜେଡି ପକ୍ଷରୁ ୱାର୍ଡର୍ ସଭାପତିଙ୍କ ନାମ ଘୋଷିତ

ନବରଙ୍ଗପୁର,୨୯।୭(ସମିସ): ନବରଙ୍ଗପୁର ନଗର ବିଜୁ ଜନତା ଦଳ ପକ୍ଷରୁ ୱାର୍ଡ ସଭାପତିଙ୍କ ନାମ ତାଲିକା ଘୋଷଣା କରାଯାଇଛି। ବିଜୁ ଜନତା ଦଳର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ନିର୍ବାଚନ ଅଧିକାରୀ ସଚି ନନ୍ଦନ ସ୍ୱାଇଁ ଏହି ନାମ ତାଲିକା ଘୋଷଣା କରିଛନ୍ତି। ନବରଙ୍ଗପୁର ପୌରାଞ୍ଚଳର ୧୭ଟି ୱାର୍ଡ ପାଇଁ ୧୭ ଜଣଙ୍କ ନାମ ଘୋଷଣା କରାଯାଇଛି। ନବରଙ୍ଗପୁର ପୌର ପରିଷଦ ଅଞ୍ଚଳର ୧ ନମ୍ବର ୱାର୍ଡ ସଭାପତି ଭାବରେ ରମେଶ ଗାଣ୍ଡାଙ୍କୁ ମନୋନୀତ କରାଯାଇଥିବା ବେଳେ ଦୁଇ ନମ୍ବର ୱାର୍ଡ ସଭାପତି ଭାବରେ ଖଗପତି ହରିଜନ, ୩ ନମ୍ବର୍ ୱାର୍ଡ ସଭାପତି ଭାବରେ ଅଶୋକ ପଣ୍ଡା, ୪ ନମ୍ବର ୱାର୍ଡ ସଭାପତି ଭାବରେ ବୃନ୍ଦା ଜାନି, ୫ ନମ୍ବର ୱାର୍ଡ ସଭାପତି ଭାବରେ ମହେଶ୍ୱର ବେବର୍ତା, ୬ ନମ୍ବର୍ ୱାର୍ଡ ସଭାପତି ଭାବରେ ଜିତେନ୍ଦ୍ର ସାହୁ, ୭ ନମ୍ବର୍ ୱାର୍ଡ ସଭାପତି ଭାବରେ ରାମ ପଟ୍ଟନାୟକ, ୮ ନମ୍ବର୍ ୱାର୍ଡ ସଭାପତି ଭାବରେ ଶ୍ୟାମ ବେନିଆ, ୯ ନମ୍ବର୍ ୱାର୍ଡ ସଭାପତି ଭାବରେ ଦୁର୍ଗା ପ୍ରସାଦ ତ୍ରିପାଠି, ୧୦ ନମ୍ବର୍ ୱାର୍ଡ ସଭାପତି ଭାବରେ ରାଜେଶ କୁମାର ପଣ୍ଡା, ୧୧ ନମ୍ବର୍ ୱାର୍ଡ ସଭାପତି ଭାବରେ ଶିବ ପ୍ରସାଦ ପ୍ରଧାନୀ, ୧୨ ନମ୍ବର୍ ୱାର୍ଡ ସଭାପତି ଭାବରେ ସିଏଚ୍. ଶ୍ରୀଧର ରାଓ, ୧୩ ନମ୍ବର ୱାର୍ଡ ସଭାପତି ଭାବରେ ହୁସେନ ଖାନ୍, ୧୪ ନମ୍ବର୍ ୱାର୍ଡ ସଭାପତି ଭାବରେ ଇସ୍ରାଏଲ ସୁନା, ୧୫ ନମ୍ବର ୱାର୍ଡ ସଭାପତି ଭାବରେ ଡି.ପାପା ରାଓ, ୧୬ ନମ୍ବର୍ ୱାର୍ଡ ସଭାପତି ଭାବରେ ସୀତାରାମ ଡଙ୍ଗ୍ରି ଏବଂ ୧୭ ନମ୍ବର ୱାଡର୍ ସଭାପତି ରୂପେ ବଂଶୀଧର ପାଣିଗ୍ରାହୀଙ୍କ ନାମ ଘୋଷଣା କରାଯାଇଥିବା ନବରଙ୍ଗପୁର ନଗର ବିଜୁ ଜନତା ଦଳର ନଗର ସଭାପତି ପ୍ରମୋଦ କୁମାର ରଥ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି।

## ଦେଓମାଳି ପବ୍ଲିକ ସ୍କୁଲ ଅଧକ୍ଷଙ୍କୁ ଭକ୍ତ ସାଲବେଗ ସମ୍ମାନ



ନନ୍ଦପୁର,୨୯।୭(ସମିସ): ଚଳିତ ବର୍ଷ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ କବି ସମାରୋହ ସମ୍ମିଳନୀରେ ସେମିଳିଗୁଡ଼ା ଦେଓମାଳି ପବ୍ଲିକ ସ୍କୁଲ ଅଧକ୍ଷ କରାମତ ଅଲ୍ଲୀଙ୍କୁ ଭକ୍ତ ସାଲବେଗ ସମ୍ମାନରେ ସମ୍ମାନିତ କରାଯାଇଛି। ଅଧକ୍ଷ ଶ୍ରୀ ଅଲ୍ଲୀ ସେମିଳିଗୁଡା ଦେଓମାଳି ପବ୍ଲିକ ସ୍କୁଲର ଅଧକ୍ଷ ଭାବେ ତାଙ୍କ ଦାୟିତ୍ୱ କର୍ତ୍ତବ୍ୟକୁ ଅତି ସୁନ୍ଦରତାର ସହ ପରିଚାଳିତ କରି ଦୀର୍ଘ ବର୍ଷ କାର୍ଯ୍ୟରତ ହୋଇ ଶିକ୍ଷାକ୍ଷେତ୍ରରେ ତାଙ୍କ ଉନ୍ନତି ଆଣିଥିବାରୁ ସମାରୋହରେ ଉପସ୍ଥିତ ଅତିଥିମାନେ ଉଚ୍ଚ ପ୍ରଶଂସା କରିବା ସହ ଅଧକ୍ଷ ଶ୍ରୀ ଅଲ୍ଲୀଙ୍କୁ ଭକ୍ତ ସାଲବେଗ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ପାଇବା ପରେ ଅଧକ୍ଷ ଶ୍ରୀ ଅଲ୍ଲୀ ଅନୁଷ୍ଠାନକୁ ଧନ୍ୟବାଦ୍ ଜଣାଇବା ସହ କବି ବିଚିତ୍ରାନନ୍ଦ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପଟେ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଶ୍ରମ ଅଧିକାରୀ ବିନି ମୁଦୁଲି, ମୁଖ୍ୟବକ୍ତା ପ୍ରମେୟ ଜୟପୁର ସଂସ୍କରଣ ମୁଖ୍ୟ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଅନୁଷ୍ଠାନର ସଭାପତି ଡ. ରାଜେନ୍ଦ୍ର କୁମାର ପାଢ଼ି, ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଅନୁଷ୍ଠାନର ସମ୍ପାଦକ କବି ବିଚିତ୍ରାନନ୍ଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଟୁନେସ କୁମାର ପାତ୍ର, ଆବାହକ ଭଗବାନ ମହାପାତ୍ର, ଶତ୍ରୁଘ୍ନ ହିକାବାଡ଼ିଙ୍କ ସମେତ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ନେଟ୍‌ୱର୍କ ସମସ୍ୟାକୁ ନେଇ ଅଧିକାରୀଙ୍କୁ ଘେରିଲେ ଖୁଡି ପଞ୍ଚାୟତବାସୀ

# ସମାଧାନ ଦାବିରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

### ଦୁଇ ଘଣ୍ଟା ବିଳମ୍ବରେ ହେଲା ଅଭିଯୋଗ ଶୁଣାଣି



ସେମିଳିଗୁଡ଼ା,୨୯।୭(ସମିସ): କୋରାପୁଟ ସେମିଳିଗୁଡ଼ା ବ୍ଲକ୍‌ର ଖୁଡି ପଞ୍ଚାୟତରେ ନେଟ୍‌ୱର୍କ ସମସ୍ୟା ଲାଗିରହିଛି। ଏହାର ସମାଧାନ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟକୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପାଇଁ ଆସିଥିବା ଅଧିକାରୀଙ୍କୁ ପଞ୍ଚାୟତବାସୀ ଘେରିଥିଲେ। ଏପରିକି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଫଳରେ ଦୁଇ ଘଣ୍ଟା ବିଳମ୍ବରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ସୂଚନାନୁଯାୟୀ, ଦୀର୍ଘ ଦିନରୁ ପଞ୍ଚାୟତରେ ମୋବାଇଲ ଟାୱାର ନଥିବାରୁ ଅଞ୍ଚଳରେ ବୋହୁ ସମସ୍ୟା ଦେଖାଯାଇଛି। ସେମିଳିଗୁଡା ବ୍ଲକ୍‌ରେ ପ୍ରତ୍ୟେକ ପଞ୍ଚାୟତରେ ଟାୱାର ଥିବା ବେଳେ ଖୁଡି ପଞ୍ଚାୟତରେ ନଥିବାରୁ ସ୍କୁଲ ଛାତ୍ରଛାତ୍ରୀ ଅନଲାଇନ ପାଠ ପଢ଼ିପାରୁନାହାନ୍ତି। ଟାୱାର ନଥିବା ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରି ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ପାଇଁ ଆସିଥିବା ଅଧିକାରୀକୁ ଦୁଇ ଘଣ୍ଟା ଧରି ଘେରିବା ସହ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଉପସ୍ଥିତ ବ୍ଲକ୍ ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଇଲା ପରେ ବି ଶୁଣି ନ ଥିଲେ। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଖବରପାଇ ପଞ୍ଚାୟତରେ ପହଞ୍ଚି ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀଙ୍କୁ ବୁଝାଇ ଥିଲେ। ଟାୱାର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପଞ୍ଚାୟତବାସୀ ମୁଖ୍ୟ ଫାଟକ ତାଲା ଖୋଲିଥିଲେ। ଏହାପରେ ଜନ ଶୁଣାଣି ହୋଇଥିଲା। ଏଥିରେ ୧୩ଟି ଅଭିଯୋଗ ଆସିଥିଲା। ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଥିରେ ଅଧକ୍ଷତା କରି ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବାକୁ ବ୍ଲକ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରୋଗୀ କଲ୍ୟାଣ ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକ

ଦେବଗଡ଼,୨୯।୭(ସମିସ): ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ବିଶ୍ୱମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ଓ ଏହାର ପ୍ରତିକାର ପାଇଁ ଆଲୋଚନା କରାଯାଇଥିଲା। ଲୋକଙ୍କ ସୁବିଧା ନିମନ୍ତେ ଆମ୍ବୁଲାନ୍ସର ଆବଶ୍ୟକତା ରହିଥିବାରୁ ସାଂସଦ ଓ ବିଧାୟକଙ୍କୁ ଆବେଦନ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଆମ୍ବୁଲାନ୍ସ ୨୪ ଘଣ୍ଟିଆ ପୁରୁଣା ହସ୍ପିଟାଲ୍ ନିକଟରେ ରୋଗୀଙ୍କୁ ନେବା ଆଣିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହିତ ରୋଗୀ ମାନଙ୍କ ସୁବିଧା ପାଇଁ ଫିଜିଓଥେରାପିକୁ ପୁରୁଣା ହସ୍ପିଟାଲରେ ରଖାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରୋଗୀ ମାନଙ୍କ ସୁବିଧା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ତିନୋଟି କ୍ୟାଣ୍ଟିନ ବ୍ୟବସ୍ଥା କରିବା, ପ୍ରତ୍ୟେକ ମହଲାରେ ରୋଗୀଙ୍କୁ ସୂଚନା ପ୍ରଦାନ ପାଇଁ ହେଲ୍ପଡେସ୍କ ସ୍ଥାପନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ମହନ୍ତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ.ମନୋରଞ୍ଜନ ସାମଲ, ଡ.ପ୍ରଭାତ ଓଝା, ଡ.ବଂଶୀଧର ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ପୌର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ରାସ୍ତା ଓ ସୌଧ ବିଭାଗ ନିର୍ବାହୀ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ରୋଗୀ କଲ୍ୟାଣ ସଦସ୍ୟ ଅଶୋକ ନନ୍ଦ ଓ ନବୀନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପାଇଁ ଦାବି

ଦେବଗଡ଼,୨୯।୭(ସମିସ)




ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂତନ କୋଠାକୁ ସ୍ଥାନାନ୍ତର ହେବା ପରେ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳିବା ପରିବର୍ତ୍ତେ ଜନସାଧାରଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହା ସହ ଅସୁରକ୍ଷିତ ପରିବେଶ ମଧ୍ୟରେ ଚିକିତ୍ସା ଚାଲୁଛି। ଫଳରେ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଇବା ସହ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ପଥ ପ୍ରସ୍ତୁତ କରିଛି। ଏହି କ୍ରମରେ ମଙ୍ଗଳବାର ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଆଜି ପୂର୍ବାହ୍ନରେ ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲାର ବହୁ ସଂଗଠନ, ସ୍ୱେଚ୍ଛାସେବୀ ଓ ଜନସାଧାରଣ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପରିସରରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ପହଞ୍ଚିଥିଲେ। ସେଠାରେ ରୋଗୀ କଲ୍ୟାଣ ସମିତିର ବୈଠକରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗ ଦେବାକୁ ଆସିଥିଲେ। ମଞ୍ଚର ବହୁ ସଦସ୍ୟ ପହଞ୍ଚି ନୂତନ କୋଠାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପରେ ଦେଖାଦେଇଥିବା ସମସ୍ୟା ଉତ୍ଥାପନ କରିବା ସହ ଏକ ସପ୍ତାହ ମଧ୍ୟରେ ଏସବୁର ସମାଧାନ ପାଇଁ ଦାବି କରିଥିଲେ। ସମାଧାନ ନହେଲେ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଲିଖିତ ଚେତାବନୀ ସହ ୪ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ଆନୁଷଙ୍ଗିକ ସୁବିଧା ସହ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାକୁ ଉପଖଣ୍ଡୀୟ ଚିକିତ୍ସାଳୟ ମାନ୍ୟତା ପ୍ରଦାନ, ନୂଆବାଲିରୋଇ ଠାରେ ସ୍ଥପିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ଯାତାୟାତ ପାଇଁ ପରିବହନ ସୁବିଧା ଓ ଉଭୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସୁବିଧା ଉପଲବ୍ଧ କରାଇବା ପାଇଁ ଉଲ୍ଲେଖ ରହିଛି। ରାଜନୈତିକ ଫାଇଦା ପାଇଁ ରାଜ୍ୟ ସରକାର ବାଲିରୋଇ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାର ତରବରିଆ ଭାବେ ରଙ୍ଗ ବଦଳାଇ ଆବଶ୍ୟକ କର୍ମଚାରୀଙ୍କ ନିଯୁକ୍ତି ବିନା ସ୍ଥାନାନ୍ତର କରିଥିଲେ। ରାଜ୍ୟ ସରକାରଙ୍କୁ ଖୁସି କରିବାକୁ ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ସଫଳ ହୋଇଥିଲେ ମଧ୍ୟ ଜିଲ୍ଲାବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ନୂତନ କୋଠା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ପାରିନାହିଁ। ରୋଗୀ କିମ୍ବା ରୋଗୀଙ୍କ ସହଯୋଗୀଙ୍କ ପାଇଁ

**୭ ଦିନରେ ସମାଧାନ ନ ହେଲେ ଆନ୍ଦୋଳନ**

କୌଣସି ବ୍ୟବସ୍ଥା ନାହିଁ। ଏଣେ ସହର ଠାରୁ ଦୂର ଜଙ୍ଗଲିଆ ରାସ୍ତା ଦେଇ ଯିବା ଆସିବା କରିବାକୁ ପଡୁଥିବା ହେତୁ ମହିଳା ରୋଗୀ ଓ କର୍ମଚାରୀଙ୍କ ପାଇଁ ଅସୁରକ୍ଷିତ ମନେହୁଏ। ଏହାଛଡ଼ା ନୂତନ ଚିକିତ୍ସାଳୟ କୋଠାକୁ ଯିବାକୁ ଲୋକଙ୍କୁ ଅକଥନୀୟ ଦୁର୍ଦ୍ଦଶା ସହ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଆଜି ମଧ୍ୟ ପୁରୁଣା କୋଠାରେ ଡାୟଲେସିସ, ଏକ୍ସରେ, ସିଟି ସ୍କାନ, ରକ୍ତଭଣ୍ଡାର ଭଳି ବିଭାଗ କାର୍ଯ୍ୟକ୍ଷମ ରହିଛି। ତେଣୁ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ଦୁଇଟିଯାକ କୋଠା ଉପରେ ନିର୍ଭର କରିବାକୁ ପଡୁଛି। ଫଳରେ ଜରୁରୀକାଳୀନ ଚିକିତ୍ସା ପାଇଁ ଅନେକ ରୋଗୀ ନୂତନ ଚିକିତ୍ସାଳୟ କୋଠାରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ମୁଖରେ ପଡୁଥିବା ଦେଖିବାକୁ ମିଳିଛି।

# ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ରୋଗ ସଚେତନତା କାର୍ଯ୍ୟକ୍ରମ




## ବିଶ୍ୱ ହେପାଟାଇଟିସ ଦିବସ ପାଳିତ

ଦେବଗଡ଼,୨୯।୭(ସମିସ): ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହାନ୍ତ, ଡ.ବଂଶୀଧର ପାତ୍ର ପ୍ରମୁଖ ଯୋଗ ଦେଇ ହେପାଟାଇଟିସ ରୋଗର କାରଣ, ରୋଗର ଭୟାଭୟତା ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୌରାଞ୍ଚଳର ସଫେଇ କର୍ମଚାରୀମାନଙ୍କ ହେପାଟାଇଟିସ ରୋଗ ପରୀକ୍ଷା କରାଯାଇଥିଲା।

## ଡେଙ୍ଗୁ ନିରାକରଣ ମାସ ପାଳନ

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ନିରାକରଣ ମାସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାରେ ଡେଙ୍ଗୁରୋଗର ଅବସ୍ଥିତି ଉପରେ ଆଲୋଚନା କରିବା ସହ ମଶା ଦାଉରୁ ରକ୍ଷା ପାଇଁ ନିୟମିତ ମଶାରୀ ବ୍ୟବହାର କରିବା ନିମନ୍ତେ ଜନସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ଡେଙ୍ଗୁରୋଗର ନିରାକରଣ ପାଇଁ ଏଡିଶ୍ ମଶା ବଂଶ ବୃଦ୍ଧିରୋକିବା ପାଇଁ ପାଣି ଜମୁଥିବା ସ୍ଥାନ ମାନଙ୍କରେ, ଘର ଚାରିପାଖ ସଫାରଖିବା, ମଶାରୀ ଟାଙ୍ଗୀ ଶୋଇବାକୁ କୁହାଯାଇଥିଲା। ରୋଗର ଲକ୍ଷଣ ପ୍ରକାଶ ପାଇଲେ ଯଥାଶୀଘ୍ର ପରୀକ୍ଷା କରାଇବା ପାଇଁ ଆଲୋଚନା କରାଯାଇଥିଲା। ଆଶ୍ରମ ବିଦ୍ୟାଳୟ ଗୁଡିକରେ ପ୍ରତ୍ୟେକ ପିଲାଙ୍କୁ ମଶାରୀ ଯୋଗାଇଦେବା ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ସେହିପରି ପୌରପରିଷଦ ଅଞ୍ଚଳର ଡ୍ରେନ ଗୁଡିକ ସଫାସୁତରା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।

## ଯକ୍ଷ୍ମାରୋଗ ସଚେତନତା ବୈଠକ

ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଯକ୍ଷ୍ମା ରୋଗ ସଚେତନତା ଫୋରମ ବୈଠକ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୯ଟି ପଞ୍ଚାୟତକୁ ଯକ୍ଷ୍ମା ମୁକ୍ତ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ପୌରପରିଷଦ ନିର୍ବାହୀ ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## କୃମି ନାଶକ ଦିବସ

ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଉପସ୍ଥିତ ଥିଲେ। କୃମି ପିଲାମାନଙ୍କ ଠାରେ ରକ୍ତହୀନତା ଏବଂ ପିଲାଙ୍କ ଅଭିବୃଦ୍ଧିରେ ବାଧକ ସାଜିଥାଏ। ତେଣୁ ଏହାକୁ ମୂଳପ୍ରାଟନ କରିବା ଉଦ୍ଦେଶ୍ୟରେ ଆସନ୍ତା ଅଗଷ୍ଟ ୧୨ ତାରିଖରେ କୃମି ନାଶକ ଦିବସ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ୧ରୁ ୧୯ ବର୍ଷର ପିଲାମାନଙ୍କୁ ମାଗଣାରେ କୃମି ନାଶକ ଔଷଧ ବଣ୍ଟନ କରାଯାଇଥିଲା। ଏହାସହ ବିଦ୍ୟାଳୟ ଓ ଅଙ୍ଗନବାଡି ମାଧ୍ୟମରେ କୃମି ନାଶକ ବଟିକା ଓ ସିରପ ମାଗଣାରେ ବିତରଣ କରାଯିବ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଣ୍ଢେଇଗୋଲାରେ କାଉଡ଼ିଆଙ୍କ ଭିଡ଼



ଦେବଗଡ଼,୨୯।୭(ସମିସ): ରିଆମାଳ ବ୍ଲକ୍ ଅଧୀନ କୁଣ୍ଢେଇଗୋଲାରେ ଶ୍ରାବଣ ସୋମବାର ଉପଲକ୍ଷେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। କୁଣ୍ଢେଇଗୋଲା ବୋଲବମ୍ କମିଟି ଦ୍ୱାରା ବୋଲବମ୍ ଭକ୍ତଙ୍କ ରହଣି ସୁବିଧା ଓ ରାତିରେ ପ୍ରସାଦ ବ୍ୟବସ୍ଥା ଯୋଗୁଁ ଭକ୍ତଙ୍କ ସମାଗମ ବଢୁଛି। ଟିକିରା ନଦୀରୁ କାଉଡିଆ ମାନେ ଜଳ ଉଠାଇ ୭ କିମି ରାସ୍ତା ପାରିକରି କଟାସର ଶିବ ମନ୍ଦିରରେ ଜଳାଭିଷେକ କରିଥାନ୍ତି। କୁଣ୍ଢେଇଗୋଲା ବୋଲବମ୍ କମିଟିର ସହଯୋଗ ଓ ସମାଜସେବୀ ଚିତ୍ତରଞ୍ଜନ ପ୍ରଧାନ ଓ ଲିଙ୍ଗରାଜ ସାହୁଙ୍କ ମିଳିତ ପ୍ରଚେଷ୍ଟାରେ କାଉଡିଆଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ସହ ଟୋକନ ମାଧ୍ୟମରେ ଲଟେରୀ ଉଠାଣ କରାଯାଇଥିଲା। ଲଟେରୀରେ ଶୁଭମ୍ ସାହୁ ପ୍ରଥମ, କୈଳାଶ ସାହୁ ଦ୍ୱିତୀୟ, ଲିପନ ମହାରଣା ତୃତୀୟ, ଶିବ ସାହୁ ଚତୁର୍ଥ ଓ ନିରଞ୍ଜନ ବେହେରା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ଲଟେରୀ ବିଜେତାଙ୍କୁ ଭଗବାନ ଭୋଳାନାଥଙ୍କ ଫଟୋଚିତ୍ର ପ୍ରଦାନ କରିଥିଲେ। ବୁଲୁ ପ୍ରଧାନ, ବସନ୍ତ ଗଡନାୟକ, ରମେଶ ପ୍ରଧାନ, ଅଞ୍ଚଳ ବିଶ୍ୱାଳ, କୁଞ୍ଜ ବିହାରୀ ପ୍ରଧାନ, ଟିକୁନୁ ସାହୁ, କପିଳ ସାହୁ, ମହେଶ୍ୱର ସାହୁ, ଶେଷ ବେହେରା, ଚେର ବେହେରା, ଶିଶୁ ବେହେରା, ସଞ୍ଜୟ ପ୍ରଧାନ, ବିଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜୋନାଲ ଭଲିବଲ୍‌ରେ ବିଇଏମ୍ ବିଦ୍ୟାଳୟର ବାଜିମାତ



ଝାରସୁଗୁଡ଼ା,୨୯।୭(ସମିସ): ଝାରସୁଗୁଡ଼ା ଜୋନ ସ୍ତରୀୟ ସିଆଇଏସ୍‌ସିଇ ଜୋନାଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟର ଖେଳାଳି ମାନେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଛନ୍ତି। ବେଲପାହାଡ ସ୍ଥିତ ବିବେକାନନ୍ଦ ଇଣ୍ଟରନ୍ୟାସନାଲ ବିଦ୍ୟାଳୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଇଏମ ବିଦ୍ୟାଳୟର ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଦଳ ବିବେକାନନ୍ଦ ଇଣ୍ଟରନ୍ୟାସନାଲ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ଦଳ ସମ୍ବଲପୁର ସେଣ୍ଟ ଯୋଶେଫ ବିଦ୍ୟାଳୟ ଠାରୁ ଫାଇନାଲରେ ପରାସ୍ତ ହୋଇ ଉପବିଜେତା ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗ ଦଳ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଛି। ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନ ଅଧୀନ ୫ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଖେଳାଳି ମାନେ ମନୋନୀତ ହୋଇ ଆସନ୍ତା ମାସରେ ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ରିଜିଓନାଲ ପ୍ରତିଯୋଗିତାରେ ଭାଗ ନେବେ। ଦଳ ସହିତ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ହମିଦ ମହାପାତ୍ର କୋଚ ଭାବେ ଓ ରିହାନା ବେଗମ ଦଳର ମ୍ୟାନେଜର ଭାବେ ଯାଇଥିଲେ।

## କିର୍ମିରା ଜୋନ୍‌ର ସବ୍‌ଜୁନିୟର ବାଳିକା ହକି ପ୍ରତିଯୋଗିତା

ଝାରସୁଗୁଡ଼ା,୨୯।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ସବ୍‌ଜୁନିୟର (୧୪ବର୍ଷ) ବାଳିକା ହକି ଟିମ୍‌ର ମଙ୍ଗଳବାର କିର୍ମିରା ଠାରେ ଥିବା ଏକଲବ୍ୟ ଆବାସିକ ବିଦ୍ୟାଳୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ହକି ଆସୋସିଏସନ ଅଫ୍ ଓଡ଼ିଶା ତରଫରୁ ଆରମ୍ଭ ହେବାକୁ ଥିବା ଆନ୍ତଃ ଜିଲ୍ଲା ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପାଇଁ ବାଳିକା ମାନଙ୍କୁ ମନୋନୀତ କରାଯାଇଛି। ପ୍ରତିଯୋଗିତାରେ ସୋଡାମାଲ, ଲଇକେରା, କିର୍ମିରା ଓ ଏକଲବ୍ୟ ସ୍କୁଲର ବାଳିକା ଦଳ ଅଂଶଗ୍ରହଣ କରିଥିଲେ।

ଏକଲବ୍ୟ ଆବାସିକ ବିଦ୍ୟାଳୟର ଖେଳ ଶିକ୍ଷକ ରିନା ପଟେଲ, ସୋଡାମାଲ, ସ୍କୁଲର ମଦନ ମେହେର, ଏକଲବ୍ୟ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ସିଂ, ହକି ଆସୋସିଏସନ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ଉପସ୍ଥିତ ଥିଲେ। ଜିଲ୍ଲା ହକି ଆସୋସିଏସନର ଶକୁନ ନାୟକ, ପ୍ରଫୁଲ କୁଲୁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।



## ଦେହୁରୀପାଲରେ ଝାଡ଼ାବାନ୍ତିରେ ୧୪ ଆକ୍ରାନ୍ତ

ରିଆମାଳ,୨୯।୭(ସମିସ): ରିଆମାଳ ବ୍ଲକ୍ ପଳସମା ପଞ୍ଚାୟତ ଅଧୀନ ଦେହୁରୀପାଲ ଗାଁରେ ମଙ୍ଗଳବାର ଝାଡ଼ାବାନ୍ତିରେ ୧୪ ଜଣ ଆକ୍ରାନ୍ତ ହୋଇ ଗୁରୁତର ହୋଇଥିବା ଖବର ରହିଛି। ଆକ୍ରାନ୍ତଙ୍କ ମଧ୍ୟରେ ଦେହୁରୀପାଲ ନୂଆଁସାହିର ଘନଶ୍ୟାମ ବାଘ, ଜାନକି ଅଦାବର, ପ୍ରିୟାଂଶୁ ଅଦାବର, କାହ୍ନା ପେଣ୍ଢେଇ, ସୋମନାଥ ପେଣ୍ଢେଇ, ମହାରାଣୀ ମହାରଣା, ସଞ୍ଜିତ ମହାରଣା, ଫୁଣ୍ଡି ଅଦାବର, ସଞ୍ଜୟ ପେଣ୍ଢେଇଙ୍କ ସମେତ ୫ ଜଣ ଶିଶୁ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଥିବା ସୂଚନା ରହିଛି।



ତେବେ ଘଟଣାସ୍ଥଳରେ ମେଡିକାଲ ଟିମ୍, ସରପଞ୍ଚ, ଆଶା, ଅଙ୍ଗନବାଡି ଦିଦି ପହଞ୍ଚିଛନ୍ତି। ସୂଚନା ଅନୁସାରେ, ସୋମବାର ରାତିରେ ଗାଁରେ କିଛି ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ରାତିରେ ସେମାନେ ପଳସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିକିତ୍ସା ଜାରି ରହିଥିବା ବେଳେ ଆଜି ସକାଳୁ ପୁଣି କିଛି ଆକ୍ରାନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଏହାପରେ ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ଗାଁରେ ପହଞ୍ଚିଥିଲା। ଡାକ୍ତର ରାଜେଶ ଦେବତା, ସରପଞ୍ଚ ସୁଶିଲ, ଆଶା ଜୟନ୍ତୀ ଲହଡା, ଅଙ୍ଗନବାଡି ଦିଦି ପ୍ରିୟମ୍ବଦା ସାହୁ, ଏଏନ୍‌ଏମ ଭରତୀ ସାହୁ ପହଞ୍ଚି ମେଡିସିନ, ଗ୍ଲୁକୋଜ, ଓଆର୍‌ଏସ୍ ଦେଇଥିଲେ। ବ୍ଲକ୍‌ର ଜଳ ପରିମଳ ଯନ୍ତ୍ରୀ ଜନ୍ମେଜୟ ହାଁସଦା ନଳକୂପ ପାଣି ପରୀକ୍ଷା ପାଇଁ ଦେବଗଡ ଜିଲ୍ଲା ଲାବୋରେଟୋରୀକୁ ପଠାଇଛନ୍ତି। କେଉଁ ଝାଡ଼ାବାନ୍ତି ବ୍ୟାପିଛି ତାହା ଜଣାପଡ଼ି ନ ଥିବା ବେଳେ ପରୀକ୍ଷା ନିରୀକ୍ଷା ଚାଲିଛି। ବର୍ତ୍ତମାନ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା ଜଣାପଡିଛି।

# ବେଲପାହାଡ଼ କୋଇଲା କ୍ଷେତ୍ରରେ ପାଉଁଶ ଡମ୍ପିଂକୁ ବିରୋଧ

ଝାରସୁଗୁଡ଼ା,୨୯।୭(ସମିସ)



ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ନିକଟ କୋଲ କରିଡର ନିର୍ମାଣଧୀନ ରାସ୍ତାରେ ପାଉଁଶ ପକାଯାଉଥିବା କାମକୁ ସ୍ଥାନୀୟ ଲୋକେ ଜୋରଦାର ବିରୋଧ କରିଛନ୍ତି। ଏହି ନିର୍ମାଣଧୀନ ରାସ୍ତାରେ ପାଉଁଶ ପକାଯାଉଥିବା ବେଳେ ଗତକାଲି କିଛି ଯୁବକ ବିରୋଧ କରିଥିଲେ। ଏହାପରେ ପାଉଁଶ ଡମ୍ପିଂ ବନ୍ଦ ରହିଥିଲା। ହେଲେ ଆଜି ସକାଳେ ପୁଣି କୋଲ କରିଡର ରାସ୍ତାରେ ପାଉଁଶ ପକାଯାଉଥିଲା। ଏହାକୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଛନ୍ତି। ବିରୋଧ ସମୟରେ ବିଜେପି, ବିଜେଡି, କଂଗ୍ରେସ ଦଳର ସ୍ଥାନୀୟ ନେତୃବୃନ୍ଦଙ୍କ ସହ ସ୍ଥାନୀୟ ଚାଷୀ ଏବଂ ସ୍ଥାନୀୟ ବାସିନ୍ଦା ମାନେ ଉପସ୍ଥିତ ଥିଲେ। ପାଉଁଶ ପକାଯାଉଥିବା ରାସ୍ତାର ଅଖପାଖରେ ଚାଷ ଜମି, ପୋଖରୀ, ନାଳ ଆଦି ରହିଥିବାରୁ ସେହି ସ୍ଥାନକୁ ପାଉଁଶ ମାଡି ପ୍ରଦୂଷଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଆଖପାଖରେ ଚାଷ ଜମି ଥିବା ବେଳେ ପ୍ରଦୂଷଣ ବିଭାଗରୁ ଅନୁମତି ନନେଇ ସ୍ଥାନୀୟ ଚାଷୀ ଏବଂ ଲୋକଙ୍କ ମତାମତ ନନେଇ ଏହି ପାଉଁଶ ଡମ୍ପିଂ କରାଯାଉଛି। ଏହାଦ୍ୱାରା ଅଞ୍ଚଳର ଚାଷ ଜମି ପ୍ରଦୂଷିତ ହେବା ସହ ଜଳବାୟୁ ପ୍ରଦୂଷଣ ହେବ। ତେଣୁ ଏଠାରେ ପାଉଁଶ ପକାଇବାକୁ ବିରୋଧ କରାଯାଉଛି ବୋଲି ରାଜାରାମ ବୁଦ୍ଧିଆ, ରାଜେଶ ଭୋଇ, ମଞ୍ଜରୀ ପୃଷ୍ଟି, ଟୁଲୁ ମେହେର, ଟିକିନା ଧଳ, ପଦ୍ମିନୀ ସିଂ ପ୍ରମୁଖ ପ୍ରକାଶ କରିଛନ୍ତି। ରାଜାରାମ ବୁଦ୍ଧିଆଙ୍କ ବିଲ ଏବଂ ପୋଖରୀରେ ବିଷାକ୍ତ ପାଉଁଶ ମାଡିଯାଇ କ୍ଷୟକ୍ଷତି ହୋଇଥିବା ସେ ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପଟେ ବିକ୍ଷୋଭକାରୀ ମାନେ ବେଲପାହାଡ ନଗରପାଳଙ୍କ ନିକଟକୁ ଯାଇ ପାଉଁଶ ଡମ୍ପିଂକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା ତୁରନ୍ତ ପିଡବ୍ଲ୍ୟୁଡି ଏସଡିଓ ଏବଂ ବେଲପାହାଡ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଇ ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ପାଉଁଶ ଡମ୍ପିଂକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି।

## ସାର୍ବଜନୀନ ଗଣେଶ ମେଳା କର୍ମକର୍ତ୍ତା ବିବାଦର ସମାଧାନ

**● ପ୍ରଶାସନ ମଧ୍ୟସ୍ଥତାରେ ରାଜକିଶୋର ହେଲେ କମିଟି ସଭାପତି**



ଦେବଗଡ଼,୨୯।୭(ସମିସ): ଦେବଗଡ଼ ସାର୍ବଜନୀନ ଗଣେଶ ମେଳା କମିଟି କର୍ମକର୍ତ୍ତା ଚୟନରେ ଦେଖା ଦେଇଥିବା ବିବାଦର ମଙ୍ଗଳବାର ଯବନିକା ପଡିଛି। କମିଟି କର୍ମକର୍ତ୍ତା ତଥା ସଭାପତି ମନୋନୟନ ଏବଂ ମେଳାର ପରିଚାଳନା ପାଇଁ ବିବାଦ ଦେଖା ଦେଇଥିଲା। ଫଳରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ନିଷ୍ପତ୍ତି ଅନୁଯାୟୀ ଉପଜିଲ୍ଲାପାଳ ଓ ଏସଡିପିଓଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜନ କରାଯାଇ ସମାଧାନ ପାଇଁ ପ୍ରୟାସ କରାଯାଇଥିଲା। ହେଲେ ମଧ୍ୟ କୌଣସି ନିଷ୍କର୍ଷ ନବାହାରିବାରୁ କମିଟିର ପଞ୍ଜୀକୃତ ସଦସ୍ୟଙ୍କ ଦ୍ୱାରା ନିର୍ବାଚନ ପ୍ରକ୍ରିୟାରେ କମିଟିର ସଭାପତି ଚୟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ଆଜି ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଏସଡିପିଓ ରମେଶ ମାହାନାଙ୍କ ତତ୍ତ୍ୱାବଧାନରେ ଆଇନଜୀବୀ ମନୋଜ ପାଢ଼ୀ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହିଥିଲେ। କମିଟିର ପଞ୍ଜୀକୃତ ସଦସ୍ୟଙ୍କୁ ନେଇ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ପଦବୀ ପାଇଁ ରାଜକିଶୋର ଦାଶ ଓ ସତ୍ୟନାରାୟଣ ପାଣି ନାମାଙ୍କନ ଦାଖଲ କରିଥିଲେ। ମତଦାନରେ ୪୯ଟି ଭୋଟ ରାଜକିଶୋରଙ୍କ ସପକ୍ଷରେ ଯାଇଥିବା ବେଳେ ୪୪ଟି ଭୋଟ ସତ୍ୟନାରାୟଣଙ୍କ ସପକ୍ଷରେ ଯାଇଥିଲା। ଫଳରେ ରାଜକିଶୋର ଦାଶଙ୍କୁ ଚଳିତ ବର୍ଷର ଗଣେଶ ମେଳା କମିଟିର ସଭାପତି ଭାବେ ଘୋଷଣା କରାଯାଇଛି।

## ବିଭିନ୍ନ ବିଦ୍ୟାଳୟରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ଧାରଣା

# ଶିକ୍ଷକ ବଦଳିକୁ ନେଇ ବ୍ୟାପିଛି ଅସନ୍ତୋଷ





ନରସିଂହପୁର,୨୯।୭(ସମିସ):

ନରସିଂହପୁର ବ୍ଲକ ଅନ୍ତର୍ଗତ ଲେମ୍ବୋ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଅଭିଭାବକ ମିଳିତ ଭାବେ ବିଦ୍ୟାଳୟରେ ତାଲା ପକାଇ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହାଦ୍ୱାରା ପିଲାଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହି ବିଦ୍ୟାଳୟ ବହୁ ପୁରାତନ ହୋଇଥିବା ବେଳେ ପୂର୍ବରୁ ୪ଜଣ ଶିକ୍ଷକ ଥିବା ବେଳେ ଜଣଙ୍କର ବଦଳି ଓ ଜଣେ ଅବସର ନେଇଥିବା ବେଳେ ଆଉ ଦୁଇ ଜଣ ଶିକ୍ଷକରେ ଚାଲିଥିଲା। ମାତ୍ର ଏହି ବିଦ୍ୟାଳୟକୁ ବହୁ ଦିନ ଧରି ଶିକ୍ଷକ ଦିଆଯାଉ ନ ଥିବାକୁ ନେଇ ଆଜି ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ତାଲା ପକାଇ ବସି ରହିଥିଲେ। ତେବେ ଗ୍ରାମବାସୀ ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହେବ ସେ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି କହିଛନ୍ତି। ଏହାର ବହୁ ସମୟ ପରେ ବିଦ୍ୟାଳୟ ନିକଟରେ ବିଧାୟକ ବିଜୟ କୁମାର ଦଳବେହେରା ପହଞ୍ଚି ୪ ଦିନ ମଧ୍ୟରେ ଜଣେ ନୂତନ ଶିକ୍ଷକ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଧାରଣରୁ ଓହରିଥିଲେ।

**ସାଲେପୁର:** ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ବାତିଲ ଦାବିରେ ଆଜି ମାଛୁଆତି ସରକାରୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସମ୍ମୁଖ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଧାରଣାକାରୀଙ୍କ ନିକଟରେ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ, ସାଲେପୁର ବ୍ଲକ ଅନ୍ତର୍ଗତ ମାଛୁଆତି ସରକାରୀ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବଦଳି ହୋଇଥିବା ଶିକ୍ଷକଙ୍କୁ ଏହି ବିଦ୍ୟାଳୟକୁ ଫେରାଇ ଆଣିବା ଦାବି କରି ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ବାଲିସାହି ସରପଞ୍ଚ ପବିତ୍ର ସାମଲ ସେମାନଙ୍କୁ ସମର୍ଥନ ଜଣାଇବା ସହ ସେନେଇ ମଣ୍ଡଳ ଶିକ୍ଷାଧିକାରୀଙ୍କ ସହ ଅଲୋଚନା କରିଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସେମାନଙ୍କୁ ବୁଝାସୁଝା କରି ଦାବିକୁ ପୂରଣ କରିବା ପାଇଁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

### ୪ ଦିନରେ ଶିକ୍ଷକ ବଦଳି ବାତିଲ ପାଇଁ ଡିଇଓଙ୍କ ପ୍ରତିଶ୍ରୁତି

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବରାଦୋ ପଞ୍ଚାୟତ ପାଟପୁରଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବାଙ୍କି-ଡ଼ମପଡ଼ା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବାଉଁଶପୁଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଏହି ବଦଳିକୁ ଆକ୍ରୋଶମୂଳକ ଭାବେ କରାଯାଇଥିବା ପ୍ରତିବାଦ କରି ସମ୍ପୃକ୍ତ ଶିକ୍ଷକ ଶ୍ରୀ ସାମଲ ସୋମବାର ଦିନ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସହ ଧାରଣା ଦେଇଥିଲେ। ମଙ୍ଗଳବାର ଦିନ ଜିଲ୍ଲା ଶିକ୍ଷାଧିକାରୀ ସମ୍ପୃକ୍ତ ଶିକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡ଼ାକି ଆଲୋଚନା କରିବା ପାଇଁ ପତ୍ର ଦ୍ୱାରା ଜଣାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ପୂର୍ବାହ୍ନରେ ଶିକ୍ଷକ ଶ୍ରୀ ସାମଲ ଡ଼ିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ମୁଖ୍ୟ କିରାଣୀ ପ୍ରଦୀପ ପଟ୍ଟନାୟକ, ଦୀକ୍ଷିତ ସ୍ୱାଇଁ, ଦେବାଶିଷ ମହାନ୍ତି ସମ୍ପୃକ୍ତ ଶିକ୍ଷକଙ୍କ ସହିତ ଆଲୋଚନା କରିବା ପରେ ୪ଦିନ ମଧ୍ୟରେ ତାଙ୍କ ବଦଳି ଆଦେଶକୁ ବାତିଲ କରାଯାଇ ପୁର୍ନବାର ତାଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକରେ ଅବସ୍ଥାପିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ କାନ୍ଦିଲେ ଛାତ୍ରଛାତ୍ରୀ



ତ୍ରିଶୂଳିଆ,୨୯।୭(ସମିସ): ସାନମୁଣ୍ଡଳୀ ସ୍କୁଲର ଦୁଇ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ ସୋମବାର ଅପରାହ୍ନରେ ଜଣାପଡିବା ପରେ ମଙ୍ଗଳବାର ସକାଳୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପିଲାମାନେ ଏହି ବଦଳି ଆଦେଶକୁ ବାତିଲ କରିବା ପାଇଁ ସ୍କୁଲ ସାମ୍ନାରେ ଧାରଣରେ ବସିଥିଲେ। ପରେ ଖବର ପାଇ ବାରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପିଲାମାନେ ଶୋକାକୁଳ ପରିବେଶ ଭିତରେ କାନ୍ଦି କାନ୍ଦି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଦାୟ ଦେଇଥିଲେ। ସାନମୁଣ୍ଡଳୀ ସ୍କୁଲର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ରଙ୍କର ନରାଜ ଓ ଶିକ୍ଷକ ପ୍ରଣବ ବେହେରାଙ୍କର ଗୋଡିସାହି ସ୍କୁଲକୁ ବଦଳି ହେବାର ନିର୍ଦ୍ଦେଶନାମା ମଙ୍ଗଳବାର ଅପରାହ୍ନରେ ଜଣାପଡିଥିଲା। ଏହି ଖବର ପିଲାମାନେ ଜାଣିବା ପରେ ଉଭୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଭେଟି ବିଦ୍ୟାଳୟରେ ରହିବା ପାଇଁ ଜିଦ୍ ଧରିଥିଲେ। ଗୋଡିସାହି ଫାଣ୍ଡି ଅଧିକାରୀ ସୌମ୍ୟଶ୍ରୀ ଆଶୁତୋଷ ପାଣି ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବୁଝାସୁଝା କରିବା ପରେ ପିଲାମାନେ କାନ୍ଦି କାନ୍ଦି ବିଦାୟୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଦାୟ ଦେଇଥିଲେ।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ବିଇଓଙ୍କୁ ଦାବିପତ୍ର



ନିଶ୍ଚିନ୍ତକୋଇଲି,୨୯।୭(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ମହମ୍ମଦପୁର ପଞ୍ଚାୟତରେ ଥିବା ଦିଆନପାଟଣା ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ବଦଳିକୁ ପ୍ରତିବାଦ କରାଯାଇଛି। ତୁରନ୍ତ ବଦଳି ହୋଇଥିବା ଶିକ୍ଷୟିତ୍ରୀଙ୍କୁ ପୁର୍ନବାର ସେହି ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ମଙ୍ଗଳବାର ପୂର୍ବାହ୍ନରେ ଏକ ଦାବିପତ୍ର ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସ୍କୁଲ ପରିଚାଳନା କମିଟିର ସଭାପତି କୌଶଲ୍ୟା ବେହେରାଙ୍କ ନେତୃତ୍ୱରେ ମମତା ଖଟୁଆ, ନିରୂପମା ଦଳାଇ, ଅଶୋକ ପାତ୍ର, ଲକି ବେହେରା, ଝରଣା ଦାସଙ୍କ ସମେତ ବହୁ ଅଭିଭାବକ ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍କୁଲର ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଶିକ୍ଷୟିତ୍ରୀଙ୍କ ବଦଳିକୁ ବାତିଲ କରାଯାଇ ସ୍କୁଲକୁ ନ ଫେରାଇ ଆଣିଲେ ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀ ଓ ପରିଚାଳନା କମିଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ବାତିଲ ନ ହେଲେ ଆନ୍ଦୋଳନ ଚେତାବନୀ

ଦିଆନପାଟଣା ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ଅମିତା ସେଠୀ କାର୍ଯ୍ୟ ତୁଲାଉଥିଲେ। ସରକାରଙ୍କ ପକ୍ଷରୁ କୌଣସି ଏକକ ଶିକ୍ଷକ ସ୍କୁଲ ନ ରହିବା ପାଇଁ ନିୟମ ହେବା ପରେ ତତକାଳୀନ ଶିକ୍ଷାଧିକାରୀ ଏହି ବିଦ୍ୟାଳୟକୁ ଜଣେ ମୌଲବୀ ଶିକ୍ଷକଙ୍କୁ ଡ଼େପୁଟେସନରେ ପଠାଇଥିଲେ। ଏହି ବିଦ୍ୟାଳୟରେ କେହି ସଂଖ୍ୟାଲଘୁ ଛାତ୍ରଛାତ୍ରୀ ନ ଥିବାରୁ ଡ଼େପୁଟେସନରେ ଆସିଥିବା ଉର୍ଦ୍ଦୁ ଶିକ୍ଷକ ଜଣକ କେବଳ ଶ୍ରେଣୀର ପିଲାମାନଙ୍କୁ ଜଗୁଥିବାର ଜଣାଯାଇଛି। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ଗତ ୦୭.୧୦.୨୦୨୪ରେ ଏହି ବିଦ୍ୟାଳୟକୁ ନୂତନ ଭାବେ ଜଣେ ସ୍ଥାୟୀ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି କରାଗଲା। ବିଗତ ୧୦ମାସ ହେବ ସମ୍ପୃକ୍ତ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇ ଛାତ୍ରଛାତ୍ରୀଙ୍କୁ ସଠିକ୍ ଭାବେ ଶିକ୍ଷାଦାନ କରୁଛନ୍ତି। ଇତିମଧ୍ୟରେ ଗତ ମେ ମାସରେ ସମ୍ପୃକ୍ତ ଉର୍ଦ୍ଦୁ ଶିକ୍ଷକଙ୍କୁ ପିଁପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ହେଲେ ଉର୍ଦ୍ଦୁ ଶିକ୍ଷକ ଜଣକ ବିଇଓ କାର୍ଯ୍ୟାଳୟର କେତେକ କର୍ମଚାରୀଙ୍କ ସହିତ ହାତ ମିଳାଇ ବଦଳି ଆଦେଶକୁ ବାତିଲ କରିବା ପାଇଁ ସକ୍ଷମ ହୋଇଥିଲେ। ଏହି ବିଦ୍ୟାଳୟରେ ୫ଟି ଶ୍ରେଣୀରେ ୩୦ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଦୁଇ ଜଣ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ହେଲେ ଉର୍ଦ୍ଦୁ ଶିକ୍ଷକଙ୍କୁ ମିଶାଇ ଏଠାରେ ୩ଜଣ ଶିକ୍ଷକ ରହିଥିବାରୁ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ନୂତନ ଭାବେ ନିଯୁକ୍ତି ହୋଇଥିବା ସୁଚିସ୍ମିତା ଦାସଙ୍କୁ ସ୍ଥାନୀୟ ମହମ୍ମଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡ଼େପୁଟେସନରେ ପଠାଯାଇଛି। ପୂର୍ବରୁ ହୋଇଥିବା ଉର୍ଦ୍ଦୁ ଶିକ୍ଷକଙ୍କର ବଦଳିକୁ ବାତିଲ କରାଯାଇ କଣ ପାଇଁ ନୂତନ ଭାବେ ନିଯୁକ୍ତି ହୋଇଥିବା ଶିକ୍ଷୟିତ୍ରୀଙ୍କୁ ବଦଳି କରାଗଲା ସେ ନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି। ଏହି ବିଦ୍ୟାଳୟରେ କେହି ଜଣେ ହେଲେ ମୁସଲମାନ ଛାତ୍ରଛାତ୍ରୀ ନ ଥିବାରୁ ଉର୍ଦ୍ଦୁ ଶିକ୍ଷକଙ୍କ ଆବଶ୍ୟକତା ନ ଥିବା ବେଳେ କଣ ପାଇଁ ତାଙ୍କୁ ଏହି ବିଦ୍ୟାଳୟରୁ ରଖାଯାଇଛି ସେନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି। ତୁରନ୍ତ ଏହି ବିଦ୍ୟାଳୟରୁ ଉର୍ଦ୍ଦୁ ଶିକ୍ଷକଙ୍କୁ ବଦଳି କରାଯାଇ ବଦଳି କରାଯାଇଥିବା ଶିକ୍ଷୟିତ୍ରୀଙ୍କୁ ଫେରାଇ ଆଣିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ କୁନି ଝିଅ ଶ୍ରାବନ୍ତୀ



ନିଶ୍ଚିନ୍ତକୋଇଲି,୨୯।୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କେଣ୍ଟାଳୋ ପଞ୍ଚାୟତ କୋଇଲିରଙ୍ଗୀ ଗାଁର ମାତ୍ର ୨ ବର୍ଷ ୮ମାସର କୁନି ଝିଅ ଶ୍ରାବନ୍ତୀଙ୍କ ନାମ ଏବେ ଇଣ୍ଡିଆ ବୁକ ଅଫ ରେକଡର୍‌ରେ ସ୍ଥାନ ପାଇଛି। ଶ୍ରାବନ୍ତୀ ହେଉଛନ୍ତି ସରୋଜ କୁମାର ସାମଲ ଓ ରଶ୍ମୀପ୍ରଭା ନାୟକଙ୍କ କୁନି ଝିଅ। ତାଙ୍କୁ ଯେତେବେଳେ ଦୁଇ ବର୍ଷ ହୋଇଥିଲା ସେତେବେଳଠାରୁ ତାଙ୍କର ବିଚକ୍ଷଣ ସ୍ମରଣ ଶକ୍ତି ଓ ପ୍ରଗାଢ ପ୍ରତିଭା ପରିଲକ୍ଷିତ ହୋଇଥିଲା। ସ୍ୱଷ୍ଟ ଭାବରେ କଥାବାର୍ତ୍ତା କରିପାରୁ ନ ଥିଲେ ମଧ୍ୟ ଅନ୍ୟମାନଙ୍କର କଥାକୁ ଶୁଣି ମନେ ରଖି କାହାକୁ ପରିପ୍ରକାଶ କରିବା, ବିଭିନ୍ନ ରଙ୍ଗର ନାଁ ମନେ ରଖି କହିବା, ବିଭିନ୍ନ ପଶୁ ପକ୍ଷୀ ଓ ଫୁଲ ଫଳର ନାଁ କହିବା, ଜାତୀୟ ସଂଗୀତ ଓ ବହୁ ଇଂରାଜୀ ରାଇମ ଆଦି କହିବା ତାଙ୍କ ପକ୍ଷେ ଅତ୍ୟନ୍ତ ସହଜ ସାଧ୍ୟ ଥିଲା। ଏହାଛଡ଼ା ୨୭ ସେକେଣ୍ଡ ମଧ୍ୟରେ ୩୦ଟି ଜିଲ୍ଲାର ନାମ ମଧ୍ୟ କହିପାରୁଥିବା ଦେଖାଯାଇଥିଲା। ତାଙ୍କର ଏଭଳି ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସେ ସ୍ଥାନ ପାଇଥିଲା ବେଳେ ତାଙ୍କୁ ପ୍ରମାଣପତ୍ର ଓ ମେଡ଼ାଲ ପ୍ରଦାନ କରାଯାଇଛି। କୁନି ଝିଅ ପାଇଁ ତାଙ୍କ ବାପା ମା ଓ ଅଞ୍ଚଳବାସୀ ଗର୍ବିତ ହୋଇଥିବା ଜଣାଯାଇଛି। ବର୍ତ୍ତମାନ ଶ୍ରାବନ୍ତୀ ଏକ ପ୍ଲେ ସ୍କୁଲରେ ପାଠ ପଢୁଥିବା ଜଣାଯାଇଛି।

## ପତ୍ନୀଙ୍କୁ ନିର୍ଯାତନା ଦେଇ ସ୍ୱାମୀ ଗିରଫ

ସାଲେପୁର,୨୯।୭(ସମିସ): ପତ୍ନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା, ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଓ ପତ୍ନୀଙ୍କୁ ମଧ୍ୟ ପୋଡି ମାରିଦେବା ପାଇଁ ଧମକ ଦେବା ଅଭିଯୋଗରେ ସାଲେପୁର ପୁଲିସ ସ୍ୱାମୀକୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଜଗତସିଂପୁର ଥାନା ଅନ୍ତର୍ଗତ ସୁଜଙ୍ଗ ଗ୍ରାମର ଅନନ୍ତ ଦାସ ନିୟମିତ ମଦ୍ୟପାନ କରି ତାଙ୍କ ପତ୍ନୀ କବିତା ଦାସଙ୍କୁ ମାରଧର କରିବା ସହ ନିର୍ଯାତନା ଦେଇ ଆସୁଥିଲେ। ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ୪ ଦିନ ତଳେ କବିତା ଦାସ ନିଜ ବାପଘର ସାଲେପୁର ଥାନା ଅନ୍ତର୍ଗତ ଧର୍ମାଗତପୁର ଗ୍ରାମକୁ ପଳାଇ ଆସିଥିଲେ। ଗତକାଲି ତାଙ୍କ ସ୍ୱାମୀ ଅନନ୍ତ ଶଶୁର ଘରେ ପହଞ୍ଚି ସ୍ତ୍ରୀ କବିତାକୁ ନିଜ ଘରକୁ ଫେରାଇ ନେବା ପାଇଁ ଜିଦ୍ କରିଥିଲା। ଏଥିରେ କବିତା ରାଜି ନ ହେବାରୁ ସ୍ୱାମୀ ଅନନ୍ତ ନିଜ ଦେହରେ ପେଟ୍ରୋଲ ଢାଳି ହେବା ସହ ପତ୍ନୀ କବିତାଙ୍କୁ ଏକ କୋଠରି ମଧ୍ୟକୁ ନେଇ କୋଠରିର ଭିତର ପଟୁ ବନ୍ଦ କରି ନିଜେ ଆତ୍ମହତ୍ୟା କରିବା ସହ କବିତାକୁ ମଧ୍ୟ ପୋଡି ମାରିଦେବାକୁ ଧମକ ଦେଇଥିଲା। ଖବର ପାଇ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବନ୍ଦ କୋଠରି ମଧ୍ୟରୁ ଉଦ୍ଧାର କରିଥିଲା। ଏହି ଘଟଣାରେ ସାଲେପୁର ପୁଲିସ କେସ ନଂ ୩୫୩/୨୫ରେ ଥାନାରେ ଏକ ମମାଲା ରୁଜୁ କରି ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଦୁଇ ମାସ ମଧ୍ୟରେ ଗୋଟିଏ ଘରୁ ଦୁଇ ଥର ଚୋରି

ନିଶ୍ଚିନ୍ତକୋଇଲି,୨୯।୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଓରତି ପଞ୍ଚାୟତ ୧୧ନଂ ୱାଡର୍ ଖଣ୍ଡାୟତ ପଟକିରା ଗାଁର ମନୋରଞ୍ଜନ ବିଶ୍ୱାଳଙ୍କ ଘରୁ ଦୁଇ ମାସ ମଧ୍ୟରେ ଦୁଇଥର ଚୋରି ହୋଇଥିବା ନେମାଳ ଥାନାରେ ଅଭିଯୋଗ ହୋଇଛି। ଗତ ମେ ମାସରେ ଘରେ କେହି ନ ଥିବା ଅବସ୍ଥାରେ ଦୁର୍ବୃତ୍ତମାନେ ଥରେ ଲୁଟ୍ କରିଥିବା ବେଳେ ରବିବାର ବିଳମ୍ବିତ ରାତିରେ ପୁଣି ଥରେ ଚୋରି କରିଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଲୁଟେରାମାନେ ଝରକାର ଗ୍ରୀଲ ତାଡ଼ି ଘରେ ପଶି ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ସୁନା ଅଳଙ୍କାର ଓ ନଗଦ ୨୦ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଦୁଇ ଦୁଇ ଥର ଚୋରି ହୋଇଥିଲେ ମଧ୍ୟ ପୁଲିସ ପକ୍ଷରୁ କେବଳ ତଦନ୍ତ କରାଯାଇ ମାମଲା ରୁଜୁ କରାଯାଉଥିଲା ବେଳେ ଚୋର ଧରିବା ପାଇଁ ନେମାଳ ପୁଲିସର ପାରିବାପଣିଆ ନେଇ ଏବେ ପ୍ରଶ୍ନ ଉଠିଛି। ଗୋଟିଏ ଥର ଚୋରି ପରେ ପୁଲିସ ପକ୍ଷରୁ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଦ୍ୱିତୀୟଥର ଚୋରି କରିବା ପାଇଁ ଦୁର୍ବୃତ୍ତମାନଙ୍କର ସାହସ ବଢିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ତୁରନ୍ତ ଚୋରକୁ ଧରିବା ସହିତ ଚୋରି ଜିନିଷ ଉଦ୍ଧାର କରାଯିବା ପାଇଁ ଘର ମାଲିକ ଦାବି କରିଛନ୍ତି।

## ପୋଖରୀ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ; ତଦନ୍ତ ଆରମ୍ଭ

ନରସିଂହପୁର,୨୯।୭(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କାଠଖୁଣ୍ଟ ଗ୍ରାମରେ ଜଣେ ମହିଳାଙ୍କ ନାମରେ ହୋଇଥିବା ପୋଖରୀ ଖୋଳା କାର୍ଯ୍ୟାଦେଶରେ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ ଦାବି ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଗତକାଲି ଗ୍ରାମବାସୀ ଧାରଣା ଦେଇଥିଲେ। ମଙ୍ଗଳବାର ଘଟଣାରେ ପଞ୍ଚାୟତ କାର୍ଯ୍ୟାଳୟରେ ତଦନ୍ତକାରୀ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ତଦନ୍ତ ବେଳେ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଜ୍ଞା ନନ୍ଦ ଶତପଥୀ, ଅତିରିକ୍ତ ସଚିବ ଭୁବନେଶ୍ୱର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କଟକ ପ୍ରମୁଖଙ୍କ ସମେତ ସରପଞ୍ଚ ଲିପିକା ନାୟକଙ୍କ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିଲେ।

## ତିଗିରିଆ ତହସିଲ ପକ୍ଷରୁ ଭ୍ରାମ୍ୟମାଣ ଅଦାଲତ



ତିଗିରିଆ,୨୯।୭(ସମିସ): ମଙ୍ଗଳବାର ତିଗିରିଆ ରାଜସ୍ୱ ବିଭାଗ ପକ୍ଷରୁ ନିଜିଗଡ଼ ପଞ୍ଚାୟତ ଅଧୀନ କରଡାପଲ୍ଲୀ ଗ୍ରାମରେ ଏକ ଭ୍ରାମ୍ୟମାଣ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅକ୍ଷୟ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଅଦାଲତରେ ଗ୍ରାମର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ତହସିଲଦାର ଶ୍ରୀ ପରିଡା ଶୁଣିବା ସହ ସେଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଅଦାଲତରେ ଦାଖଲ ଖାରଜ ପାଇଁ ୧ଟି ଦରଖାସ୍ତ, ୩୫ଟି ଭୂମିହୀନ ଦରଖାସ୍ତ, ୭୧ଟି ପ୍ରଜାଖାନା ସଂଶୋଧନ ପାଇଁ ଦରଖାସ୍ତ ଗ୍ରହଣ କରାଯାଇଛି। ଏହି ଅଦାଲତରେ ରାଜସ୍ୱ ନିରୀକ୍ଷକ ରମାକାନ୍ତ ଗୁରୁ, ରାଜସ୍ୱ ସୁପରଭାଇଜର ସ୍ୱାଗତିକା ପ୍ରିୟଦର୍ଶିନୀ, ସୁଶ୍ରୀ ଶୁଭଦର୍ଶିନୀ ସାହୁଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ମାର୍ଟ ମିଟରକୁ ବଡମ୍ବାରେ ବିରୋଧ



ବଡମ୍ବା,୨୯।୭(ସମିସ): ବିଦ୍ୟୁତ ବିଭାଗ ପକ୍ଷରୁ ଡିଜିଟାଲ ମିଟର ବଦଳରେ ସ୍ମାର୍ଟ ମିଟର ଲଗାଯିବାକୁ ନେଇ ବଡମ୍ବା ଅଞ୍ଚଳର ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ବିଦ୍ୟୁତ ବିଭାଗର ମନଇଚ୍ଛା କାର୍ଯ୍ୟକୁ ନେଇ ବିଦ୍ୟୁତ ଉପଭୋକ୍ତାମାନେ ବିରୋଧ କରିବା ଆରମ୍ଭ କଲେଣି। ଯଦି ଏହାକୁ ବନ୍ଦ କରା ନ ଯାଏ ତେବେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ବିଦ୍ୟୁତ ଉପଭୋକ୍ତା ଚେତାବନୀ ଦେଲେଣି। ଆଜି ବଡମ୍ବା ନାଗରିକ ମଞ୍ଚର ସଭାପତି ଦାମୋଦର ରଣା, ବଡମ୍ବା ବିକାଶ ପରିଷଦର ସଭାପତି ନାଲୁ ପଟ୍ଟନାୟକ, ହାଟ ବଣିକ ସଂଘର ସଭାପତି ଶିବ ନାରାୟଣ ମିଶ୍ର, ସାମ୍ବାଦିକ ସୁଜିତ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ପୁପୁ ମହାନ୍ତି, ଗିରିଜା ପ୍ରସାଦ ମିଶ୍ର, ନିଗମାନନ୍ଦ ନାୟକ, ସହଦେବ ମଲ୍ଲିକ ଓ ବହୁ ବିଦ୍ୟୁତ ଉପଭୋକ୍ତା ମାନେ ଟିପିସିଓଡିଏଲ ବଡମ୍ବା ବିଭାଗର ମୁଖ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ସ୍ମାର୍ଟ ମିଟର ନ ଲଗାଇ ଡିଜିଟାଲ ମିଟର ଲଗାଇବା ପାଇଁ କହିଥିଲେ। ମାତ୍ର ବିଦ୍ୟୁତ ବିଭାଗ ଅଧିକାରୀ କହିଥିଲେ ଯେଉଁମାନଙ୍କର ମିଟର ଖରାପ ଅଛି କିମ୍ବା ମିଟରର ସିଲ ଖୋଲି କୌଣସି ଚୋରି କାମ କରି ଧରା ହୋଇଛନ୍ତି ଆମେ ସେମାନଙ୍କ ମିଟର ବଦଳି କରି ସ୍ମାର୍ଟ ମିଟର ଲଗାଉଛୁ। ଆମକୁ ଉପରୁ ନିର୍ଦ୍ଦେଶ ରହିଛି। ଏନେଇ ବିଦ୍ୟୁତ ଉପଭୋକ୍ତାମାନେ ନିର୍ଦ୍ଦେଶନାମା ମାଗିଥିଲେ ମଧ୍ୟ ଅଧିକାରୀ ଜଣକ ନିର୍ଦ୍ଦେଶନାମା ଦେଖାଇ ନ ଥିଲେ। ଆଗାମୀ ଦିନରେ ସମସ୍ତ ବିଦ୍ୟୁତ ଉପଭୋକ୍ତାମାନେ ସ୍ମାର୍ଟ ମିଟରକୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଗାଁକୁ ନାହିଁ ପକ୍କା ରାସ୍ତା

### ଉପଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ



ଆଠଗଡ଼,୨୯।୭(ସମିସ)

ପୁରୁଣା କଟକ ସମ୍ବଲପୁର ରାସ୍ତା ଶଙ୍କରପୁର ଛକରୁ ଉତ୍ତର ପାଶ୍ୱର୍ ଢେଙ୍କାନାଳ ସଦର ବ୍ଲକ ଦକ୍ଷିଣ ପାଶ୍ୱର୍ ହେଉଛି ଆଠଗଡ଼ ବ୍ଲକ। ସେହି ଛକଠାରୁ ଗୁଡୁପଡା ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତାଟିଏ ନାହିଁ। ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଆଠଗଡ଼ ସଦର ମହକୁମା ଠାରୁ ମାତ୍ର ପାଞ୍ଚ କିଲୋମିଟର ଦୂରରେ ଥିବା ଏହି ଗାଁର ଲୋକମାନେ ବର୍ଷାଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। କାଦୁଅ ପଚପଚ ରାସ୍ତାରେ ଯାତାୟାତ କରୁଥିବା ଏହି ଲୋକମାନେ ଆଜି ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ରାଜନୈତିକ ନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପ୍ରଶାସନର ନାକ ତଳେ ଲୋକମାନେ ଆଜି ପର୍ଯ୍ୟନ୍ତ ଏହି ସାଧାରଣ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ତେବେ ସେହି ଗ୍ରାମର ରାସ୍ତା ନିର୍ମାଣରେ ଜମି ବିବାଦ ରହିଥିବା ପ୍ରଶାସନିକ ସୂତ୍ରରୁ ଜଣାପଡିଛି। ପୁରୁଣା କଟକ ସମ୍ବଲପୁର ରାସ୍ତାରୁ ଗୁଡୁପଡାକୁ ଯିବା ପାଇଁ ଯେଉଁ ଜମି ରହିଛି ତାହା ବେସରକାରୀ ଜମି। ରାସ୍ତା ପାଇଁ ସେହି ଜମି ଆଜି ପର୍ଯ୍ୟନ୍ତ ଅଧିଗ୍ରହଣ ହୋଇ ନ ଥିବା ଯୋଗୁଁ ରାସ୍ତା ନିର୍ମାଣରେ ସମସ୍ୟା ସୃଷ୍ଟି ହେଉଛି। ଅପରପକ୍ଷରେ ଉକ୍ତ ଜମି ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଅଧୀନରେ ଥିବା ଯୋଗୁଁ ଆଠଗଡ଼ କିମ୍ବା କଟକ ଜିଲ୍ଲା ପ୍ରଶାସନ ସେଥିରେ ହସ୍ତକ୍ଷେପ କରିପାରିବ ନାହିଁ। ତେଣୁ ଲୋକମାନଙ୍କର ଅଭିଯୋଗ ଢେଙ୍କାନାଳ ଜିଲ୍ଲା ପ୍ରଶାସନକୁ ଜଣାଇ ଦିଆଯାଇଛି। ଏଥିସହିତ ଗ୍ରାମବାସୀ ମଧ୍ୟ ଏ ବାବଦରେ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଭେଟି ଜଣାଇବା ପାଇଁ ପରାମର୍ଶ ଦିଆଯାଇଥିବା ଆଠଗଡ଼ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା କହିଛନ୍ତି।

ସକାଳ THE SAKALA



## ଅସୁରକ୍ଷିତ ସାତକୋଶିଆ

# ୩ ରେଞ୍ଜରେ ନାହାନ୍ତି ରେଞ୍ଜ ଅଫିସର

ଅନୁଗୋଳ, ୨୯ ।୭ (ସମିସ)

ସତକୋଶିଆର ସୁରକ୍ଷା ଚିନ୍ତା କରିବା ପରିବର୍ତ୍ତେ ବନ ବିଭାଗ ବ୍ୟାଘ୍ର ପ୍ରକଳ୍ପ ପାଇଁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି । ଦୀର୍ଘବର୍ଷ ହେଲା ସାତକୋଶିଆର ୩ ରେଞ୍ଜରେ ସ୍ଥାୟୀ ରେଞ୍ଜ ଅଧିକାରୀ ନାହାନ୍ତି । ୨୫ରୁ ଅଧିକ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପଦବୀ ଖାଲି ପଡ଼ିଛି । ଫଳରେ ସଠିକ ଭାବେ ପାଟ୍ରୋଲିଂ ହୋଇପାରୁନାହିଁ । ଶିକାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ଗତ ମାସରେ

**● ୨୫ରୁ ଅଧିକ ଫରେଷ୍ଟର ଓ ଗାର୍ଡ ପଦବୀ ଖାଲି**

ବିଦ୍ୟୁତ ଲଗାଇ ଦୁଇ ହାତୀଙ୍କୁ ହତ୍ୟା କରାଯାଇଛି । ବନ ବିଭାଗ କେବଳ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ବ୍ୟାକୁଳ ଥିବାବେଳେ ତୃଣମୂଳ ସ୍ତରରେ କର୍ମଚାରୀ ନ ଥିବାରୁ ଅସୁରକ୍ଷିତ ହୋଇପଡ଼ିଛି ସାତକୋଶିଆ ।

ଜୈବବିବିଧତା ପାଇଁ ସାତକୋଶିଆ ବିଶ୍ୱରେ ବିରଳ । ଏଠାକାର ମହାନଦୀ ସାତକୋଶିଆ ଗଣ୍ଡ, ଗଣ୍ଡ ଅବବହିକାରେ ଥିବା ବିସ୍ତୀର୍ଣ୍ଣ ମିଶ୍ରିତ ଜଙ୍ଗଲ ଏବଂ ଭଳିକି ଭଳି ପଶୁପକ୍ଷୀ, କୀଟପତଙ୍ଗ, ସରୀସୃପ ଅନ୍ୟ କେଉଁଠି ଗୋଟିଏ ସ୍ଥାନରେ ଦେଖିବାକୁ ମିଳେନାହିଁ । ସେଥିପାଇଁ ରାମସାର ସାଇଟରେ ସାତକୋଶିଆ ସ୍ଥାନ ପାଇଛି । ତେଣୁ ଏହାର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ବିଡ଼ମ୍ବନାର ବିଷୟ ବନ ବିଭାଗ ଏହାକୁ ସୁରକ୍ଷା ଦେବା ପରିବର୍ତ୍ତେ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅଧିକ ଧ୍ୟାନ ଦେଉଛି । ସାତକୋଶିଆରେ ଜିଲିଣ୍ଡା, ପୁରୁଣାକୋଟ, ଟିକରପଡ଼ା, ପମ୍ପାସର ଓ ରାଇଗୋଡ଼ା ଆଦି ୫ଟି ରେଞ୍ଜ ଅଛି । କିନ୍ତୁ ଟିକରପଡ଼ା, ପମ୍ପାସର ଓ ପୁରୁଣାକୋଟ ରେଞ୍ଜରେ ବର୍ଷ ବର୍ଷ ଧରି ରେଞ୍ଜ ଅଧିକାରୀ ପଦବୀ ଖାଲି ପଡ଼ିଛି । ଜଣେ ରେଞ୍ଜ ଅଧିକାରୀଙ୍କୁ ୨/୩ଟି ରେଞ୍ଜର ଦାୟିତ୍ୱ ତୁଲାଇବାକୁ ପଡୁଛି । ଏହାଛଡ଼ା ବିଭିନ୍ନ ରେଞ୍ଜରେ ୨୫ରୁ ଅଧିକ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ପଦ ଖାଲି ପଡ଼ିଛି । ଯେଉଁ ରେଞ୍ଜଗୁଡ଼ିକରେ ବନ୍ୟଜନ୍ତୁ ଭରପୂର ଅଛନ୍ତି ସେହି ରେଞ୍ଜଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନାହାନ୍ତି । ଫଳରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ଜଙ୍ଗଲ ଭିତରେ ଫୁଟ ପାଟ୍ରୋଲିଂ ହେଉନାହିଁ । ଜନ୍ତୁ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରୁନାହିଁ । ଅନ୍ୟପକ୍ଷରେ ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡ଼ିକରେ ବନ୍ୟଜନ୍ତୁ ଉପଦ୍ରବ କରୁଥିଲେ ମଧ୍ୟ ସେମାନଙ୍କୁ ଘଉଡ଼ାଇବାକୁ କର୍ମଚାରୀ ନିୟୋଜନ କରାଯାଇ ପାରୁନାହିଁ । ଗତ ମାସରେ ଦୁଇଟି ହାତୀକୁ ଲୋକେ ବିଦ୍ୟୁତ ଲଗାଇ ମାରିଦେଇଥିଲେ । କିନ୍ତୁ ବହୁ ଦିନ ପରେ ହାତୀର ଗଳିତ ଶରୀର ଦେଖିଥିଲେ ବନ କର୍ମଚାରୀ । ଘଟଣା ପୁରୁଣା ହୋଇଯିବାରୁ ଶିକାରୀ ଖସିଯାଇଥିଲେ । ଏଭଳି ଅନେକ ଜାଗାରେ ଶିକାର ହେଉଛି । ହେଲେ ଘଟଣା ପଦାକୁ ଆସିପାରୁନାହିଁ । ବନ ବିଭାଗ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସବୁଠାରୁ ଅଧିକ ତତ୍ପରତା ଦେଖାଉଛି । ସେଥିପାଇଁ ଗୋଟିଏ ପରେ ଗୋଟିଏ ଗାଁ ସ୍ଥାନାନ୍ତର କରିବା, ଜଙ୍ଗଲ ଭିତରେ ତୃଣଭୋଜି ପ୍ରାଣୀଙ୍କ ପାଇଁ ଘାସ ପଡ଼ିଆ ପ୍ରସ୍ତୁତ କରିବା, ବ୍ୟାଘ୍ର ପ୍ରକଳ୍ପ ପାଇଁ ଆବଶ୍ୟକ ଭିତ୍ତିଭୂମି ବିକାଶ କରିବାରେ ବ୍ୟସ୍ତ ରହୁଛି ବନ ବିଭାଗ । ଯେଉଁ ହାତଗଣତି କର୍ମଚାରୀ ଅଛନ୍ତି ସେମାନେ ସେହି କାମରେ ନିୟୋଜିତ ରହୁଛନ୍ତି । ସାତକୋଶିଆ ସୁରକ୍ଷିତ ରହିଲେ ବ୍ୟାଘ୍ର ପ୍ରକଳ୍ପ ସମ୍ଭବ ବୋଲି ଭୁଲିଯାଇଛି ବନ ବିଭାଗ । କିଛିଦିନ ହେଲା ଦେଖାଦେଇଛି ସାତକୋଶିଆରେ ହାତୀ ସମେତ ଅନ୍ୟ ବନ୍ୟଜନ୍ତୁ ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଜୋରଦାର ଲଢ଼େଇ । ଆବଶ୍ୟକ କର୍ମଚାରୀ ନ ଥିବାରୁ ଉଭୟ ବନ୍ୟଜନ୍ତୁ ଓ ସ୍ଥାନୀୟ ଅଧିବାସୀ କାହାକୁ ବି ସୁରକ୍ଷା ଦିଆଯାଇ ପାରୁନାହିଁ । ସରକାରୀ ସ୍ତରରେ ରେଞ୍ଜ ଅଧିକାରୀ ସମେତ ଅନ୍ୟ ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ନିଯୁକ୍ତି ଦିଆ ନ ଯିବାରୁ ସାତକୋଶିଆ କର୍ତ୍ତୃପକ୍ଷ ବାଧ୍ୟହୋଇ କିଛି ସ୍ଥାନୀୟ ଯୁବକଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇ ସ୍କ୍ୱାଡ୍ ଗଠନ କରି ସୁରକ୍ଷା କାମରେ ଲଗାଇଛନ୍ତି । ଏହାଛଡ଼ା ପ୍ରାୟ ୫୦ ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଜଙ୍ଗଲ ଓ ଜନ୍ତୁ ସୁରକ୍ଷା ଦାୟିତ୍ୱ ଦେଇଛନ୍ତି । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାର ଯେତିକି ତତ୍ପରତା ଦେଖାଉଛନ୍ତି, ସତକୋଶିଆର ଜଙ୍ଗଲ ଓ ଜନ୍ତୁ ସୁରକ୍ଷା ପାଇଁ ତା'ଠାରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ପରିବେଶ ଓ ବନ୍ୟଜନ୍ତୁପ୍ରେମୀ ମତ ଦେଇଛନ୍ତି ।



## ଦୁଷ୍କର୍ମକାରୀକୁ ୧୦ବର୍ଷ ଜେଲ୍

ଅନୁଗୋଳ, ୨୯ ।୭ (ସମିସ): ଏକ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ ଜଜ୍ ମଙ୍ଗଳବାର ରାୟ ଶୁଣାଇଛନ୍ତି । ଦୋଷୀକୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ଛେଣ୍ଡିପଦା କାଠପାଳ ଅଞ୍ଚଳର ଧବଳ ମାଝୀ ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଅଗଷ୍ଟ ୨୮ରେ ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବତୀ ଛେଳି ଚରାଇବାକୁ ଯାଇଥିବାବେଳେ ଧବଳ ସେଠାକୁ ଆସି ସମ୍ପୃକ୍ତ ଯୁବତୀଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା । ଏନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଧବଳକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ହୃଷୀକେଶ ଆଚାର୍ଯ୍ୟ ମାମଲାର ଶୁଣାଣି କରି ଧବଳକୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ତାପସ ରଞ୍ଜନ ମିଶ୍ର ମାମଲା ପରିଚାଳନା କରୁଥିଲେ ।

## ନାବାଳିକା ଦୁଷ୍କର୍ମକାରୀକୁ ୨୫ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ, ୨୯ ।୭ (ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ (ଫାଷ୍ଟ ଟ୍ରାକ) ଦୋଷୀକୁ ୨୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୩୦ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ପାଲଲହଡ଼ା ମୁକ୍ତାପୁର ଗ୍ରାମର ଉଦୟ ନାଏକ ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଜୁଲାଇ ୨୦ରେ ନାବାଳିକାକୁ ପ୍ରଲୋଭନ ଦେଖାଇ ଉଦୟ ନିଜ ସହ ନେଇଯାଇଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଗାଁର ଏକ ଦୋକାନ ପାଖରେ ସେ ଉଦୟ ସହ ଠିଆ ହୋଇଥିବା ଦେଖିବାକୁ ପାଇଥିଲେ । ପରିବାର ଲୋକେ ଝିଅକୁ ସେଠାରୁ ଘରକୁ ଆଣି ପଚାରିବାରୁ ଉଦୟ ତାଙ୍କ ସହ ଦୁଷ୍କର୍ମ କରିଥିବା ପ୍ରକାଶ କରିଥିଲେ । ଏ ନେଇ ପରିବାର ପକ୍ଷରୁ ପାଲଲହଡ଼ା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଉଦୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଜଜ (ଫାଷ୍ଟ ଟ୍ରାକ) ବିରଞ୍ଚି ନାରାୟଣ ମିଶ୍ର ଏହି ମାମଲାର ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ଉଦୟ ନାଏକକୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ପ୍ରଦୀପ କୁମାର ଭୁତିଆ ମାମଲା ପରିଚାଳନା କରୁଥିଲେ ।

## ସାପ କାମୁଡ଼ାରେ ମହିଳା ମୃତ

ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତ ହମାମୀରା ଗାଁରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗାଁର ଶାନ୍ତିଲତା ସାହୁ (୫୦) । ମଙ୍ଗଳବାର ମଧ୍ୟାହ୍ନରେ ଶାନ୍ତିଲତା ଗୋରୁଙ୍କୁ ଖାଦ୍ୟ ଦେବାପାଇଁ ପାଳଗଦାରୁ ପାଳ କାଢ଼ିଲା ବେଳେ ଏକ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା । ପ୍ରାୟ ୨ଘଣ୍ଟା ପରେ ପରିବାର ଲୋକେ ବିଲରୁ ଆସିବା ପରେ ତାଙ୍କୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି । ଶାନ୍ତିଲତାଙ୍କ ପୁଅ ଗୋପବନ୍ଧୁ ସାହୁ ଏ ନେଇ ଥାନାକୁ ଜଣାଇଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ପଠାଇଛି ।

## ବ୍ୟାଙ୍କ ମ୍ୟାନେଜର୍‌ଙ୍କ ପାଖରୁ ୮ ଲକ୍ଷ ନେଇଗଲେ ସାଇବର ଠକ

ଅନୁଗୋଳ, ୨୯ ।୭ (ସମିସ): ସ୍ଥାନୀୟ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମ୍ୟାନେଜରଙ୍କ ପାଖରୁ ୮ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର ଲୁଟେରା । ତାଙ୍କ ମୋବାଇଲ ଫୋନକୁ ହ୍ୟାକ୍ କରି ଏପରି ଠକେଇ କରିଥିବା ମ୍ୟାନେଜର୍ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । କଳାହାଣ୍ଡି ଜିଲ୍ଲାର ମୂଳ ବାସିନ୍ଦା ଜଣେ ଯୁବତୀ ଅନୁଗୋଳରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମ୍ୟାନେଜର ଭାବେ କାମ କରୁଛନ୍ତି । ଗତ ୨୬ ତାରିଖ ତାଙ୍କ ହ୍ୱାଟ୍ସଆପକୁ ଏକ ଫାଇଲ ଆସିଥିଲା । କେୱାଇସି ଅପ୍‌ଡେଟ୍ କରିବା ପାଇଁ ଏଥିରେ କୁହାଯାଇଥିଲା । ଏହାକୁ ଡାଉନଲୋଡ୍ କରିବା ପରେ ତାଙ୍କ ମୋବାଇଲ ଫୋନ୍ ହ୍ୟାକ୍ ହୋଇଯାଇଥିଲା । ପରେ ପର୍ଯ୍ୟାୟ କ୍ରମେ ତାଙ୍କର ଦୁଇଟି ବ୍ୟାଙ୍କ ଖାତାରୁ ୭, ୯୯, ୮୯୯ ଟଙ୍କା କଟିଯାଇଥିଲା । ଏହା ଜାଣିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ସନ୍ଦେହ କରି ସାଇବର ଥାନାରେ ଏତଲା ଦେଇଛନ୍ତି ।

## ବଅଁରପାଳ ଶିଶୁ ବିଦ୍ୟାମନ୍ଦିରରେ ଚାରାରୋପଣ

ବଅଁରପାଳ, ୨୯ ।୭ (ସମିସ): ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସତ୍ୟବାନ ବରାହ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ଯୋଗଦେଇଥିଲେ । ମୁଖ୍ୟଅତିଥି ବୃକ୍ଷର ମହତ୍ତ୍ୱ ବିଷୟରେ ଶିଶୁମାନଙ୍କୁ ବୁଝାଇଥିଲେ । ଶେଷରେ ବିଦ୍ୟାଳୟ ପରିସରରେ ଅତିଥିଙ୍କ ସମେତ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ ।



## ଗିଫ୍ଟକାର୍ଡ ଚୋରି ଘଟଣାର ପର୍ଦ୍ଦାଫାଶ

# ମହିଳା ସମେତ ତିନି ଗିରଫ



ତାଳଚେର, ୨୯ ।୭ (ସମିସ): ତାଳଚେର ବ୍ଲକ ଗୋପାଳପ୍ରସାଦ ଥାନା ଅଞ୍ଚଳରେ ପ୍ରାୟ ୧.୮୦ କୋଟି ଟଙ୍କା ମୂଲ୍ୟର ଗିଫ୍ଟକାର୍ଡ ଚୋରି ଘଟଣାରେ ସମ୍ପୃକ୍ତ ଅପରାଧିମାନଙ୍କୁ ଗୋପାଳ ପ୍ରସାଦ ଥାନା ଏବଂ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ଧରିବାରେ ସଫଳ ହୋଇଛି । ପୁଲିସ ଏ ନେଇ ଜଣେ ମହିଳାଙ୍କ ସମେତ ତିନିଜଣଙ୍କୁ ଗିରଫ କରିଛି । ଚୋରି ହୋଇଥିବା ୨ହଜାର ୪ଶହ ୮ଟି ଗିଫ୍ଟକାର୍ଡ ମଧ୍ୟରୁ ୨ହଜାର ୨ଶହଟି ଉଦ୍ଧାର କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ମହେନ୍ଦ୍ର ରାଉତ ଭିପିଆର କମ୍ପାନୀର ଜୁନିଅର ପ୍ରଜେକ୍ଟ ମ୍ୟାନେଜର୍ ଅନନ୍ତ ଫିଓ ଅଫିସ୍‌ରୁ ଛେଣ୍ଡିପଦାକୁ ୬ଟି କାର୍ଟୁନରେ ଗିଫ୍ଟ ଭାଉଚର ଭର୍ତ୍ତି କରି ଏକ ବୋଲେରୋରେ ଯାଉଥିବା ଖବର ପାଇଥିଲା । ଅନୁରୂପ ଭାବେ ସେ ତାଳଚେର ବ୍ଲକ ଅନ୍ତର୍ଗତ ଚାଳଗଡ଼ର ଅଭିଯୁକ୍ତ ମାମିନା ଦାସଙ୍କ ସହ ଏକ ଉପଯୁକ୍ତ ସ୍ଥାନରେ ଗିଫ୍ଟ ଭାଉଚର ସମ୍ପର୍କରେ ଡକାୟତ କରିବାକୁ ଯୋଗଯୋଗ କରିଥିଲେ । ମାମିନା ଅପରାଧ ଘଟାଇବା ପାଇଁ ସୂତାଂଶୁ ଭୂଷଣ ସ୍ୱାଇଁଙ୍କୁ ଯୋଗଯୋଗ କରିଥିଲେ । ଯୋଜନା ଅନୁଯାୟୀ ମାମିନା ଦାସ ତାଙ୍କ ସ୍କର୍ପିଓ ଗାଡ଼ିର ନମ୍ବର ପ୍ଲେଟ କାଢ଼ିଦେଇ ଗିଫ୍ଟ କାର୍ଡ ଯାଉଥିବା ବୋଲେରୋକୁ ପିଛା କରିବା ସହ ଏକ ନିର୍ଜନ ସ୍ଥାନରେ ୬ କାର୍ଟୁନ ଗିଫ୍ଟକାର୍ଡ ଫେରାର ହୋଇଯାଇଥିଲେ । ପୁଲିସ ଅଭିଯୁକ୍ତମାନଙ୍କଠାରୁ ୨ହଜାର ୨ଶହଟି ଗିଫ୍ଟକାର୍ଡ, ଗୋଟିଏ ସ୍କର୍ପିଓ, ନଗଦ ୬ଲକ୍ଷ ୪୭ହଜାର ୨ଶହ ଟଙ୍କା, ପ୍ରାୟ ୩ଶହ ୫ଗ୍ରାମ ସୁନା ଅଳଙ୍କାର ଓ ୩ଟି ମୋବାଇଲ ଫୋନ୍ ଜବତ କରି ତଦନ୍ତ ଚଳାଇଛି । ଏହି ମାମଲାରେ ସମ୍ପୃକ୍ତ ଆଉ ୩ଜଣ ଫେରାର୍ ହୋଇଯାଇଛନ୍ତି । ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ମଙ୍ଗଳବାର ତାଳଚେର ଟାଉନ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଏସ୍‌ପି ସୂଚନା ଦେଇଛନ୍ତି ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ନୂଆମୌଜା ପଞ୍ଚାୟତ ଶରଧାପୁର ଗ୍ରାମ ତଳସାହିରେ ମାଲିକ ଶୋଇଥିବା ବେଳେ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ସୋମବାର ବିଳମ୍ବିତ ରାତିରେ ଗଗନ ବିହାରୀ ସାହୁଙ୍କ ଘରେ ପଶି ନେଇଯାଇଛନ୍ତି ସୁନାଗହଣା । ଗଗନଙ୍କ କହିବା ଅନୁଯାୟୀ, ରାତିରେ ତାଙ୍କ ପରିବାର ଲୋକେ ଖାଇସାରି ଶୋଇଥିଲେ । ସକାଳ ସାଢ଼େ ୫ଟାରେ ଉଠି ଦେଖିଲା ବେଳକୁ ସୁନାଗହଣା ଥିବା ଘର କବାଟ ଖୋଲା ଥିଲା । ଆଲମିରା ଭାଙ୍ଗିବା ସହ ଜିନିଷପତ୍ର ଏଣେତେଣେ ପଡ଼ିଥିଲା । ସୁନାଗହଣା ନ ଥିଲା । ଏ ନେଇ ଗଗନଙ୍କ ପୁଅ ମାନସ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ତଦନ୍ତ କରିବା ଆରମ୍ଭ କରିଥିଲା । ଘରୁ ସୁନାମାଳ, ରାଣୀହାର, ୮ଟି ମୁଦି, ସୁନାହାର, ସୁନା କୋଏନ, ସୁନା ବିସ୍କୁଟ, ୬ଟି ସୁନା ପଟ, ୬ ହଳ କାନଝୁର ଆଦି ଅନେକ ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଥାନା ଏସଆଇ ପ୍ରଶାନ୍ତ କୁମାର ସେଠୀ, ସାଇଣ୍ଟିଫିକ୍ ଟିମ୍‌ର ପ୍ରସନ୍ନ ସାହୁ, ସିପକ୍ ବେହେରା, ମଳୟ ସାହୁ, ସନ୍ଧାନୀ କୁକୁର ପରିଚାଳକ ତୋସରାଜ ପ୍ରଧାନ ପହଞ୍ଚି ତଦନ୍ତ କରିଛନ୍ତି । ସେହିପରି ଉକ୍ତ ରାତିରେ ଦୁର୍ବୃତ୍ତ ସଞ୍ଜୟ କୁମାର ସ୍ୱାଇଁଙ୍କ ଘର କବାଟ ଭାଙ୍ଗିବା ସହ ସୋଲଡିଂ ପାଇପ୍ ସିଲିଣ୍ଡର ନେଇଯାଇଛନ୍ତି । ଦିଲୀପ ସାହୁଙ୍କ କବାଟ ଭାଙ୍ଗିବା ସହ କିଛି ଚେଞ୍ଜ୍ କଏନ ନେଇଯାଇଛନ୍ତି ।

## ଅନୁଗୋଳରେ ବିଶ୍ୱ ହେପାଟାଇଟିସ ଦିବସ




ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳ ରକ୍ତଭଣ୍ଡାର ସଭା କକ୍ଷରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଛି । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା ଏହି ସମାରୋହକୁ ଉଦଘାଟନ କରି ଦିବସ ପାଳନର ଉଦ୍ଦେଶ୍ୟ ଓ ହେପାଟାଇଟିସ ରୋଗର ପ୍ରତିଷେଧ ତଥା ନିରାକରଣ ଉପରେ ଆଲୋକପାତ କରିଥିଲେ । କମ୍ୟୁନିଟି ମେଡିସିନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ମୁକ୍ତିକାନ୍ତ ସିଂହ ନିଜ ବକ୍ତବ୍ୟରେ ହେପାଟାଇଟିସର ପ୍ରକାର ଭେଦ, ଏହା କିଭଳି ବ୍ୟାପିଥାଏ, ଏହାର ପ୍ରତିଷେଧକ ବ୍ୟବସ୍ଥା ଏବଂ ଟିକାକରଣ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ନରେନ୍ଦ୍ର କୁମାର ମୁର୍ମୁ, ମାଇକ୍ରୋ ବାଇଓଲୋଜିଷ୍ଟ ଅର୍ଦ୍ଧେନ୍ଦୁ ଭୂଷଣ ପ୍ରହରାଜ, ମହାମାରୀ ବିଶେଷଜ୍ଞ ସୌଭାଗ୍ୟଲକ୍ଷ୍ମୀ ପଣ୍ଡା ଏବଂ ମେଡିକାଲ ସୂଚନା ଅଧିକାରୀ ପୁଷ୍ପଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ହେପାଟାଇଟିସକୁ କିଭଳି ପ୍ରତିହତ କରିହେବ ସେ ନେଇ ସବିଶେଷ ତଥ୍ୟ ଦେଇଥିଲେ ।

## ରାସ୍ତାର ଦୁରବସ୍ଥା ନେଇ ବସ୍ ଚଳାଚଳ ବନ୍ଦ



ତାଳଚେର, ୨୯ ।୭ (ସମିସ): ତାଳଚେର ଦେଇ ଯାଇଥିବା ୧୪୯ନଂ ଜାତୀୟ ରାଜପଥର ଗୋଡ଼ିବନ୍ଧଠାରୁ ଭାୟା ବହ୍ଲର, ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ତାଳଚେର ବସ୍ ମାଲିକ ସଂଘ ସଭାପତି ଇଂ ଶ୍ରୀକାନ୍ତ କୁମାର ପାଣିଙ୍କ ନେତୃତ୍ୱରେ ବସ୍ ମାଲିକମାନେ ଏ ନେଇ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଆଧାରରେ ମଙ୍ଗଳବାର ତାଳଚେରରୁ ବସ୍ ଚଳାଚଳ ବନ୍ଦ ରହିଥିଲା । ଏହି ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ତାଳଚେରରୁ ଯାଉଥିବା ବସ୍‌ଗୁଡ଼ିକର ସମୟ ସାରଣୀ ଅନୁସାରେ ଚଳାଚଳ କରିପାରୁ ନାହିଁ । ବସ୍‌ଗୁଡ଼ିକର ଯାନ୍ତ୍ରିକ କ୍ଷତି ହେବା ସହ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଫଳରେ ବସ୍‌ଗୁଡ଼ିକ ଅନ୍ୟ ଷ୍ଟାଣ୍ଡରେ ସମୟ ସାରଣୀ ଅନୁସାରେ ପହଞ୍ଚି ପାରୁନାହିଁ । ଅନ୍ୟ ବସଷ୍ଟାଣ୍ଡରୁ ଯାତ୍ରୀ ଉଠାଇ ନ ପାରିବାରୁ ମାଲିକଙ୍କ କ୍ଷତି ହେଉଛି । ଏହି ସମସ୍ୟା ସମାଧାନ ନ କଲେ ସଂଘ ପକ୍ଷରୁ ୨୯ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ କରାଯିବ ବୋଲି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା ।

## ମାନସିକ ଚାପର କାରଣ ଓ ନିରାକରଣ ସମ୍ପର୍କିତ ସଚେତନତା



ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳର ବିଶିଷ୍ଟ ଏନଜିଓ ଚେତନା ମିଶନ ଫାଉଣ୍ଡେସନ ଦ୍ୱାରା ସ୍ଥାନୀୟ ପୁଲିସ ପ୍ରଶିକ୍ଷଣ କଲେଜରେ ପ୍ରଶିକ୍ଷାର୍ଥୀ ଓ କର୍ମଚାରୀଙ୍କ ନିମନ୍ତେ ମାନସିକ ଚାପର କାରଣ ଓ ନିରାକରଣ ବିଷୟରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । ଚେତନାର ପ୍ରତିଷ୍ଠାତ୍ରୀ ବାଣୀ ଦେବ, ବରିଷ୍ଠ ଚିକିତ୍ସିକା ତଥା ନାଲକୋ ହସ୍ପିଟାଲର ଅବସରପ୍ରାପ୍ତ ମୁଖ୍ୟ ଡାକ୍ତର ସୁଷମା ଚୌଧୁରୀ, ଅନୁଗୋଳ ଜିଲ୍ଲା ହସ୍ପିଟାଲର ମାନସିକ ରୋଗ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆରମ୍ଭରେ ବାଣୀ ଦେବ ବର୍ତ୍ତମାନ ସମୟରେ ମାନସିକ ଚାପ ସଚେତନତାର ଆବଶ୍ୟକତା ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଜୀବନଶୈଳୀରେ ଛୋଟଛୋଟ ପରିବର୍ତ୍ତନ ଦ୍ୱାରା ମାନସିକ ସନ୍ତୁଳନ କିପରି ରଖାଯାଇ ପାରିବ ତାହା ବୁଝାଇଥିଲେ । ଡାକ୍ତର ଭଞ୍ଜଦେଓ ମାନସିକ ଚାପର କାରଣ, ଏହା ଦ୍ୱାରା ହେଉଥିବା ଶାରୀରିକ ଓ ମାନସିକ ପ୍ରତିକ୍ରିୟା, କୁପ୍ରଭାବ, ସମାଜ ଓ ପରିବାର ଉପରେ ପ୍ରଭାବ ଇତ୍ୟାଦି ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ସହଜ ଉପାୟରେ ଏହାର ନିରାକରଣ, ଚିକିତ୍ସା, ବ୍ୟାୟାମ, ବିଶ୍ରାମ, ନିଜପାଇଁ ସମୟ ସଂରକ୍ଷଣ, ମନୋଭାବର ଆଦାନ ପ୍ରଦାନ ଆଦିର ଗୁରୁତ୍ୱ ବିଷୟରେ ସେ ଆଲୋଚନା କରିଥିଲେ । ଡା. ଚୌଧୁରୀ ବିଭିନ୍ନ ମନୋରଞ୍ଜକ କାର୍ଯ୍ୟକ୍ରମ, ବନ୍ଧୁତା, ଉତ୍ତମ ଜୀବନଶୈଳୀ ଓ କର୍ମକ୍ଷେତ୍ରର ଦାୟିତ୍ୱ ସହ ପାରିବାରିକ ତଥା ସାମାଜିକ ଜୀବନର ସଠିକ ପରିଚାଳନା ଦ୍ୱାରା କିଭଳି ମାନସିକ ସନ୍ତୁଳନ ରକ୍ଷା କରାଯାଇପାରେ ସେ ବିଷୟରେ ଆଲୋଚନା କରିଥିଲେ । ସଠିକ ମାତ୍ରାରେ ମାନସିକ ଚାପ ଆବଶ୍ୟକ ଓ ଏହା ଲକ୍ଷ୍ୟ ସାଧନରେ କିପରି ସାହାଯ୍ୟ କରେ ତାହା ବୁଝାଇଥିଲେ । ଡିଏସପି ସଙ୍ଗୀତା ଟୋପ୍ପୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡିଏସପି ଶୋଭା ପଟ୍ଟନାୟକ, ମନୋଜା ପଣ୍ଡା ତଥା ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

# ଷଣ୍ଢ ଯୋଗୁଁ ଟ୍ରକ ଚକ ତଳେ ଜୀବନ ଗଲା

ନାଲକୋ ନଗର, ୨୯ ।୭ (ସମିସ)

୫୫ନଂ ଜାତୀୟ ରାଜପଥର ବଅଁରପାଳରୁ ଅନୁଗୋଳ ଯାଏଁ ରାସ୍ତା ଦୁର୍ଘଟଣା ପାଇଁ ସବୁବେଳେ ଚର୍ଚ୍ଚାରେ ରହିଛି । ଉକ୍ତ ଅଞ୍ଚଳ ସହରାଞ୍ଚଳ ହୋଇଥିବାରୁ ବହୁଦିନ ପରେ ଗତ ୨/୩ମାସ ହେବ ବାଇପାସ ରାସ୍ତା କାର୍ଯ୍ୟକ୍ଷମ ହୋଇଛି ।

**● ପ୍ରତିଯୋଗିତାମୂଳକ କୋଇଲା ପରିବହନ, ରାସ୍ତାରେ ଗୋରୁ ପଲଙ୍କ ଆଶ୍ରୟ ଦୁର୍ଘଟଣାର ମୁଖ୍ୟ କାରଣ**



ଅନୁଗୋଳ ଦେଇ ଯାତାୟାତ କରୁଥିବା ଭରୀଯାନ ଟ୍ରକ, ଟ୍ରେଲର ଆଉ ସହର ଭିତରକୁ ଆସୁନାହିଁ । ତଥାପି ଏ ଅଞ୍ଚଳରେ ସଡ଼କ ଦୁର୍ଘଟଣା ଥମୁନାହିଁ । ରାତି ୮ଟା ପରେ ଉକ୍ତ ରାସ୍ତା ଅତି ବିପଦପୂର୍ଣ୍ଣ ହେଉଛି । ଛେଣ୍ଡିପଦା ଅଞ୍ଚଳରୁ ୧୬/୧୮ ଚକିଆ ହାଇୱା ଟ୍ରକରେ ନାଲକୋ ସିପିପି ପ୍ଲାଣ୍ଟକୁ କୋଇଲା ପରିବହନ ହେଉଛି । ଗାଡ଼ି ଚାଳକମାନେ ପ୍ରତିଯୋଗିତା ଭାବେ ଅଧିକ ଟ୍ରିପ ପାଇଁ ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି । ଫଳରେ ବିଶେଷକରି ରାତି ସମୟରେ ଉକ୍ତ ରାସ୍ତା ଅନ୍ୟମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି । ଅପରପକ୍ଷରେ ଉକ୍ତ ଅଞ୍ଚଳରେ ଚାଷକାର୍ଯ୍ୟ ଉଜୁଡ଼ି ଯାଇଥିବାରୁ ଗୋରୁଗାଈ ବନ୍ଧା ହେଉନି । ନିର୍ବିଘ୍ନରେ ଗୋରୁପଲ ବିଚରଣ କରୁଛନ୍ତି । ବର୍ଷାଦିନ ଯୋଗୁଁ ଗୋରୁ ପକ୍କା ରାସ୍ତାକୁ ଚାଲିଆସି ଆଶ୍ରୟ ନେଇଛନ୍ତି । ଫଳରେ ଦୁର୍ଘଟଣା ଘଟୁଛି । କୋଇଲା ପରିବହନ ଗାଡ଼ି ଦୁର୍ଘଟଣାରେ ଚଳିତ ମାସ ଅନୁଗୋଳ ସହର ପିଟିସି ଛକ ନିକଟରେ ଜଣେ ବାଇକ ଅସରୋହୀଙ୍କ ମୃତ୍ୟୁ ହୋଇଥିଲା । ମଙ୍ଗଳବାର କାଣ୍ଡସର ସ୍କୁଲ ନିକଟରେ ଆଉଜଣେ ବାଇକ ଆରୋହୀଙ୍କ ଜୀବନ ଯାଇଛି । ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ସମୟରେ ୫୫ନଂ ଜାତୀୟ ରାଜପଥର କାଣ୍ଡସର ସ୍କୁଲ ନିକଟରେ ରାସ୍ତା ମଝିରେ ଏକ ଷଣ୍ଢ ଶୋଇଥିଲା । ବାଇକ ଚାଳକ ଷଣ୍ଢ ନିକଟବର୍ତ୍ତୀ ହେବା ବେଳକୁ ଷଣ୍ଢ ଉଠିପଡ଼ିଥିଲା । ବାଇକ ଚାଳକ ଭାରସାମ୍ୟ ହରାଇ ଷଣ୍ଢ ଶିଙ୍ଗରେ ବାଜି ଛିଟିକି ପଡ଼ିଥିଲେ । ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା କୋଇଲା ବୋଝେଇ ଟ୍ରକ ବାଇକ ଚାଳକଙ୍କ ଉପରେ ଚଢ଼ିଯାଇଥିଲା । ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରକ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ । ନାଲକୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପରେ ମୃତକ ଜଣକ ବଅଁରପାଳ ବ୍ଲକ କଙ୍କିନାଳୀ ଗ୍ରାମର ପପୁ ସାମଲ ବୋଲି ଜଣାପଡ଼ିଥିଲା । ପପୁ ଠିକା ସିକ୍ୟୁରିଟି କର୍ମଚାରୀ ଭାବେ କାମ କରନ୍ତି । ସେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ପରିମଳ କ୍ଷେତ୍ରରେ 'ସାଲିସ୍‌ବିହୀନ ସ୍ୱଚ୍ଛତା' ମନ୍ତ୍ର

- ବିଇଏମ୍‌ସିର ମାର୍ଗଦର୍ଶିକା ଜାରି; ଅଗଷ୍ଟ ପହିଲାରୁ ହେବ କାର୍ଯ୍ୟକାରୀ
- ସଫେଇ କ୍ଷେତ୍ରରେ ଅବହେଳା ଯୋଗୁ ନଷ୍ଟ ହେଉଛି ସହରର ଛବି- କମିଶନର
- ବିଇଏମ୍‌ସି କାର୍ଯ୍ୟାଳୟ ପରିସରରେ ପାନ ଓ ଗୁଟ୍‌ଖା ଛେପ ପକାଇଲେ ଫାଇନ୍

ବ୍ରହ୍ମପୁର,୨୯ ।୭ (ସମିସ)

ସହରର ସଫେଇ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଓ କର୍ମଚାରୀଙ୍କ କ୍ରମାଗତ ଓ ଅଭ୍ୟାସଗତ ଅବହେଳା ଯୋଗୁ ସହରର ଚିତ୍ର ନଷ୍ଟ ହେବାରେ ଲାଗିଛି। ବିଭିନ୍ନ ସମୟରେ ଖୋଦ୍ ମେୟର, କମିଶନର ଓ ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନରଙ୍କ ଗସ୍ତକାଳରେ ଏହା ଅନୁଭବ କରିବା ସହିତ ଏଭଳି ସ୍ଥିତିକୁ ନେଇ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଫଳରେ ପରିବେଶ ଓ ପରିମଳକୁ ପ୍ରାଥମିକତା ଦେଇ ସହରର ସଫେଇ କ୍ଷେତ୍ରରେ ବିଇଏମ୍‌ସି ପକ୍ଷରୁ ସାଲିସବିହୀନ ସ୍ୱଚ୍ଛତା ମନ୍ତ୍ର ଆପଣାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ଅଗଷ୍ଟ ପହିଲାରୁ ଏହି ଅଭିଯାନ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିପାଇଁ ସ୍ୱତନ୍ତ୍ର ୧୧ଟି ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଛି। ଏହାକୁ ଅବମାନନା କଲେ ସମ୍ପୃକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ଏହି କ୍ରମରେ ବିଇଏମସି କାର୍ଯ୍ୟାଳୟରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଳୟ ପରିସରରେ ପାନ ଅଥବା ଗୁଟ୍‌ଖା ଛେପ ପକାଇଲେ ଯେକୌଣସି ବ୍ୟକ୍ତିଙ୍କ ଠାରୁ ଏଣିକି ଜରିମାନା ଆଦାୟ କରାଯିବ ବୋଲି ଜଣାପଡିଛି। ସେହିଭଳି ପରିମଳ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଯାଇ ବିଇଏମସି ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାରେ ଅନେକ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ନିୟମ କରାଯାଇଛି। ୱାର୍ଡୱାରି ଏବଂ ନିର୍ଦ୍ଦିଷ୍ଟ ସାହି ଓ ଗଳିରେ ନିୟୋଜିତ ସଫେଇ କର୍ମଚାରୀ ଏବଂ ସୁପରଭାଇଜରଙ୍କ ନାମ, ନିର୍ଭୁଲ ଫୋନ ନମ୍ବର ଏବଂ ଫଟୋ ଦାୟିତ୍ୱ ନେଇଥିବା ସମ୍ପୃକ୍ତ ଘରୋଇ ସଂସ୍ଥା ଜୁଲାଇ ୩୦ତାରିଖ ସୁଦ୍ଧା ନିଗମ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀଙ୍କ ଅତର୍କିତ ଗସ୍ତ ବେଳେ ଯେଉଁଭଳି ସବୁ ୱାର୍ଡରେ ନିୟୋଜିତ ସଫେଇ କର୍ମଚାରୀ ଉପସ୍ଥିତ ଥିବେ ସେଥିପ୍ରତି ଧ୍ୟାନ ଦେବେ। ଅନୁପସ୍ଥିତ ଥାଇ ଯଦି କାହାରିକୁ ଉପସ୍ଥାନ ଦିଆଯାଏ ତେବେ ସଂସ୍ଥାକୁ ଦାୟୀ କରାଯାଇ ଆର୍ଥିକ ଦଣ୍ଡର ବ୍ୟବସ୍ଥା ସହିତ ଆବଶ୍ୟକ ସ୍ଥଳେ ଫୌଜଦାରୀ ମାମଲା ମଧ୍ୟ ରୁଜୁ କରାଯିବ। ଉଭୟ ସକାଳ ଓ ସନ୍ଧ୍ୟାରେ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରାଯିବ। ଅଳିଆ ଗାଡ଼ିର ଡ୍ରାଇଭର କିମ୍ବା କର୍ମଚାରୀ କାହାରିଠାରୁ ଅର୍ଥ ଆଦାୟ କରିପାରିବେ ନାହିଁ। ଏନେଇ ସମ୍ପୃକ୍ତ ସଂସ୍ଥା ନିଜ ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀଙ୍କୁ ତାଗିଦ୍ କରିବେ। ନଚେତ ସମ୍ପୃକ୍ତ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଝାଡୁଦାରମାନେ ସଂଗୃହୀତ ଅଳିଆକୁ ନିଆଁ ଲଗାଇବେ ନାହିଁ କିମ୍ବା ଡ୍ରେନରେ ପକାଇବେ ନାହିଁ। ଏନେଇ ସଫେଇ କର୍ମଚାରୀଙ୍କ ସାପ୍ତାହିକ ରିପୋର୍ଟ କାର୍ଡ ସଂସ୍ଥା ମାଧ୍ୟମରେ ସଂଗ୍ରହ କରାଯିବ। ସଫେଇ ସଂସ୍ଥା ନିଜର ମେସିନ ଓ କର୍ମଚାରୀଙ୍କ ଜରିଆରେ ଡ୍ରେନଗୁଡ଼ିକର ନିୟମିତ ବ୍ୟବଧାନରେ ସଫା କରିବେ। ସହରରେ ଥିବା ଗୋଷ୍ଠୀ ଶୌଚାଳୟ ଓ ସର୍ବସାଧାରଣ ଶୌଚାଳୟ ଗୁଡିକରେ ବିଜୁଳି, ଜଳଯୋଗାଣ, ମରାମତି, ପୁନଃନିର୍ମାଣ ସମେତ ଉପଯୁକ୍ତ ସଫେଇ ଉପରେ ପରିମଳ ବିଶେଷଜ୍ଞ ଓ ସମ୍ପୃକ୍ତ ୱାର୍ଡର କନିଷ୍ଠ ଯନ୍ତ୍ରୀ ଧ୍ୟାନ ଦେବେ। ସହରାଞ୍ଚଳ ରାତ୍ରୀ ଆଶ୍ରୟସ୍ଥଳ, ପାର୍କ ଓ ଆହାର କେନ୍ଦ୍ରକୁ ପରିମଳ ନିରୀକ୍ଷକମାନେ ନିୟମିତ ଗସ୍ତ କରି ସ୍ୱଚ୍ଛତା ସମ୍ପର୍କିତ ସାପ୍ତାହିକ ରିପୋର୍ଟ ପ୍ରଦାନ କରିବେ। ସମସ୍ତ ହୋଟେଲ, ସମ୍ମିଳନୀ କକ୍ଷ ଓ ଅଭ୍ୟର୍ଥନା କକ୍ଷ ଏବଂ କଲ୍ୟାଣ ମଣ୍ଡପ ଗୁଡ଼ିକର ସ୍ୱଚ୍ଛତାକୁ ପରିମଳ ନିରୀକ୍ଷକମାନେ ତଦାରଖ କରିବା ସହ ବ୍ୟବହାରିକ ଦେୟ ସଂଗ୍ରହ କରିବେ। କର୍ପୋରେଟରଙ୍କ ସହଯୋଗରେ ରାସ୍ତାଘାଟରେ ଛାଡି ଦିଆଯାଉଥିବା ଗୋରୁଗାଈଙ୍କ ମାଲିକଙ୍କୁ ଚିହ୍ନଟ କରାଯିବ। ସହରର ସ୍ୱଚ୍ଛତା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ସଫେଇ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ସକ୍ରିୟ ଅଂଶଗ୍ରହଣ ସହିତ ଏଥିପାଇଁ ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜସିଁକେ ସହରବାସୀଙ୍କର ସହଯୋଗ କାମନା କରିଛନ୍ତି।

## ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦାୟିତ୍ୱ ଗ୍ରହଣ

- ସାକ୍ଷାତ କଲେ ଜିଲ୍ଲାପାଳ ଓ ବିଇଏମ୍‌ସି କମିଶନର



ବ୍ରହ୍ମପୁର,୨୯ ।୭ (ସମିସ): ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ତାଙ୍କର ଆବାସିକ ଗୃହରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସମୟରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଗ୍ରୋସରୀ ଦୋକାନରୁ ଝରକା ତାଡ଼ି ଚୋରି

ବ୍ରହ୍ମପୁର,୨୯ ।୭ (ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଦୀପ ସାହି ସାବତ ବଙ୍ଗଳା ନିକଟରେ ଥିବା ଅନାଦୀ ନଗର ସ୍ଥିତ ପରମେଶ ଚନ୍ଦ୍ର ପଣ୍ଡାଙ୍କ ଦୋକାନରୁ ଗତକାଲି ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନର ଝରକା ତାଡ଼ି ୫ହଜାର ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ୨୦୨୪ ଅଗଷ୍ଟ ୮ରେ ମଧ୍ୟ ଉକ୍ତ ଦୋକାନରୁ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ କୌଣସି ସୁଫଳ ମିଳିନଥିବା ବେଳେ ପୁନଃ ଚୋରି ହୋଇଛି।

## ସାମ୍ବାଦିକଙ୍କୁ ପେନସନ୍ ଓ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବିପତ୍ର



ବ୍ରହ୍ମପୁର,୨୯ ।୭ (ସମିସ): ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ ସହ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଭାରପ୍ରାପ୍ତ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୨୦୨୫-୨୬ବର୍ଷ ପାଇଁ ଗୋପାବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ନବୀକରଣ ନିମିତ୍ତ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଉକ୍ତ ଯୋଜନାରେ ପ୍ରତିବର୍ଷ ହାରାହାରି ୬୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେଉଛନ୍ତି। ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ସକ୍ରିୟ କରିବାକୁ ସାମ୍ବାଦିକଙ୍କ ପିତାମାତା ଓ ୨୫ ବର୍ଷରୁ ଉଦ୍ଧ୍ୱର୍ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। ସେହିଭଳି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ଲକ୍ଷକୁ ବୃଦ୍ଧି ସହ ଆୟୁଷ୍ମାନ ଯୋଜନାରେ ସାମିଲ ଥିବା ହିତାକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତିର ପୁର୍ନବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ, ଉଭୟ ଯୋଜନାର (ଆୟୁଷ୍ମାନ୍ ଭାରତ ଏବଂ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା) ସୁବିଧା ଉପଲବ୍ଧ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଦେଶର ୧୮ଗୋଟି ରାଜ୍ୟ ଭଳି ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ୍ୟ ପନ୍ଦର ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦୃଢ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବହୁ କାର୍ଯ୍ୟରତ ସାମ୍ବାଦିକ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅସଦାଚରଣ ମାମଲା; ପୂଜାରୀଙ୍କୁ ୩ବର୍ଷ ଜେଲ୍

ବ୍ରହ୍ମପୁର,୨୯ ।୭ (ସମିସ)

ମଙ୍ଗଳବାର ଏକ ନାବାଳିକା ଅସଦାଚରଣ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଜଣକ ହେଲେ ରମ୍ଭା ଥାନା ଅନ୍ତର୍ଗତ ଝରାକୁଆଁଳି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ (୭୨)। ସେ ସ୍ଥାନୀୟ ଏକ ମନ୍ଦିରର ପୂଜାରୀ। ତାଙ୍କୁ ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ଜେଲଦଣ୍ଡ ସହିତ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଜରିମାନା ଅନାଦାୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଅପରପକ୍ଷେ ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।

୨୦୨୩ ଜୁଲାଇ ୪ରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କୁ ପରିବାର ଲୋକେ ପୂଜାରୀ ପୂର୍ଣ୍ଣଚନ୍ଦ୍ରଙ୍କ ପାଖକୁ ନେଇଥିଲେ। ସେଠାରେ ପୂର୍ଣଚନ୍ଦ୍ର ସମ୍ପୃକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ପରେ ଜଣାଇଥିଲା। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା। ଦୀର୍ଘ ଏକବର୍ଷ ଜେଲରେ ରହିବା ପରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ୨୦୨୪ ଜୁଲାଇ ୨୩ରେ ଜାମିନରେ ମୁକୁଳିଥିଲା। ମଙ୍ଗଳବାର ଏହି ମାମଲାର ବିଚାରଣା ବେଳେ କୋର୍ଟରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ହାଜର ହୋଇଥିଲେ। ମାମଲାର ବିଚାରଣା ବେଳେ ୧୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତଙ୍କୁ ଦୁଷ୍କର୍ମ ମାମଲାରୁ ବାଦ ଦେଇ ଅସଦାଚରଣ ମାମଲାରେ ଏହି ରାୟ ପ୍ରକାଶ କରିଥିବା ଜଣାପଡିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

## ଆଦିବାସୀ ଅଧ୍ୟୁଷିତ ଇଲାକାରେ ଦକ୍ଷତା ବିକାଶ ପ୍ରୟାସ

ବ୍ରହ୍ମପୁର,୨୯ ।୭ (ସମିସ): ଗଞ୍ଜାମ ଜିଲ୍ଲା ପ୍ରଶାସନର ପରାମର୍ଶକ୍ରମେ ଆଦିବାସୀ ଅଧ୍ୟୁଷିତ ପାହାଡି ଇଲାକରେ ଯୁବକ, ଯୁବତୀ ଓ ମହିଳା ମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରୟାସ କରାଯାଇଛି। ପାତ୍ରପୁର ବ୍ଲକ ଅନ୍ତର୍ଗତ ତଳ ବୁରାତାଲ ଗାଁରେ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ସିଲେଇ ଓ ବିଭିନ୍ନ କ୍ଷେତ୍ରରେ ମହିଳା ଓ ଯୁବକ ଯୁବତୀମାନଙ୍କୁ ନେଇ ଦକ୍ଷତା ପାଇଁ ଚୟନ କରାଯାଇଛି। ଜନ ଶିକ୍ଷଣ ସଂସ୍ଥାନ ଗଞ୍ଜାମ ଜିଲ୍ଲା ନିର୍ଦ୍ଦେଶକ ମନୋଜ ବିଶ୍ୱାଳ, ବୋର୍ଡ ଅଫ ମେମ୍ବର ସୁଶ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼, ଓଜେୟୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଜନ ଶିକ୍ଷଣ ସଂସ୍ଥାନ କର୍ମୀ ଉମାକାନ୍ତ ବେହେରା, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ପାହାଡି ଇଲାକାରେ ପହଞ୍ଚି ଆଦିବାସୀ ମହିଳା, କିଶୋର କିଶୋରୀ ମାନଙ୍କ ସହ ଭେଟି ଦକ୍ଷତା ବିକାଶ ନେଇ ଆଲୋଚନା କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସିଲେଇ ପ୍ରଶିକ୍ଷକ ପ୍ରମିତା ପାତ୍ର ପ୍ରଶିକ୍ଷଣ ପ୍ରଦାନ କରିବା ସହ ଯୁବକ ଯୁବତୀମାନଙ୍କୁ ଏକଜୁଟ କରି ପ୍ରଶିକ୍ଷଣ ପ୍ରଦାନ କରିବାକୁ ସହାୟକ ହେଉଛନ୍ତି। ଆଗାମୀ ଦିନରେ ତୁମ୍ବା ଓ ଆଙ୍କୁଲି ପଞ୍ଚାୟତରୁ ଆଦିବାସୀ ଯୁବକ ଯୁବତୀ ଓ ମହିଳା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ପାଇଁ ଜନ ଶିକ୍ଷଣ ସଂସ୍ଥାନ ଲକ୍ଷ୍ୟ ରଖିଛି।



## ଶ୍ରୀଅରବିନ୍ଦ ପାଠଚକ୍ର ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବୈଠକ

ବ୍ରହ୍ମପୁର,୨୯ ।୭ (ସମିସ)




ଗଞ୍ଜାମ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ପଞ୍ଚାୟତସ୍ତରୀୟ ଓ ବ୍ଲକସ୍ତରୀୟ ଆୟୋଜକମାନେ ସେମାନଙ୍କ ରିପୋର୍ଟ ଉପସ୍ଥାପନ କରିଥିଲେ। କପିଳାସ ପ୍ରସାଦ ଦାଶ "ଭାରତର ମହାନତା' ବିଷୟ ଉପରେ ଆଲୋଚନା କରିଥିବା ବେଳେ ଅଲ୍ ଓଡ଼ିଶା ଶ୍ରୀ ଅରବିନ୍ଦ ଷ୍ଟଡି ସର୍କଲ୍ ଏବଂ ନ୍ୟୁଲାଇଫ୍ ଏଜୁକେସନାଲ୍ ଟ୍ରଷ୍ଟର ସଚିବ ପ୍ରସାଦ ତ୍ରିପାଠୀ ଓଡ଼ିଶାରେ ସଂଗଠନ କାର୍ଯ୍ୟକଳାପ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଭୁଙ୍କ ଜନ୍ମ ଶତବାର୍ଷିକୀ ଗତବର୍ଷ ଯେଉଁଠାରେ ପାଳନ କରାଯାଇ ନଥିଲା ସେଠାରେ ପାଳନ କରିବାକୁ ଅନୁରୋଧ କରିଥିଲେ। ଡିସେମ୍ବର ୫ ଏବଂ ଡିସେମ୍ବର ୯ରେ ପ୍ରଭୁଙ୍କ ମହାପ୍ରୟାଣ ଏବଂ ମହାସମାଧିର ୭୫ ତମ ବାର୍ଷିକୀ ପାଳନ ଉପରେ ମଧ୍ୟ ବକ୍ତବ୍ୟ ରଖିଥିଲେ। ୨୪ନଭେମ୍ବର ୨୦୨୬ରେ ପ୍ରଭୁଙ୍କ ଶତବାର୍ଷିକୀ ଏବଂ ମାତାଙ୍କ ସିଦ୍ଧି ଦିବସ ପାଳନର ଗୁରୁତ୍ୱ ମଧ୍ୟ ବର୍ଣ୍ଣନା କରିଥିଲେ। ଗ୍ରାମାଞ୍ଚଳରେ ସଂଗଠନର କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାର ସମସ୍ତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଉପଲବ୍ଧ ସ୍ୱାସ୍ଥ୍ୟ ସୁବିଧା ବିଷୟରେ ଏଠାରେ କୁହାଯାଇଛି। ବୈଠକରେ ଉପସ୍ଥିତ ସମସ୍ତ କର୍ମୀଙ୍କ ପକ୍ଷରୁ ପ୍ରଫେସର ମଧୁସୂଦନ ରେଡ୍ଡୀଙ୍କୁ ତାଙ୍କ ଜନ୍ମ ଶତବାର୍ଷିକୀର ପୂର୍ବ ସନ୍ଧ୍ୟାରେ କୃତଜ୍ଞତା ଅର୍ପଣ କରିଥିଲେ। ସଭାର ସଂଯୋଜନା ପ୍ରସାଦ ତ୍ରିପାଠି କରିଥିଲେ। ଶେଷରେ ମା'ଙ୍କ ସଙ୍ଗୀତ ଉପରେ ଏକ ସଂକ୍ଷିପ୍ତ ଧ୍ୟାନ ସହିତ ବୈଠକ ଶେଷ ହୋଇଥିଲା।

### ପ୍ରହସନ ପାଲଟିଛି ମିଳିତ ଅଭିଯୋଗ ଶୁଣାଣି

# ସମସ୍ୟାର ସମାଧାନ ହେଉନି; ମିଳୁଛି ତାରିଖ ପରେ ତାରିଖ

ବ୍ରହ୍ମପୁର,୨୯ ।୭ (ସମିସ)



- ଚାକିରି ନିୟମିତ ଓ ବକେୟା ପ୍ରାପ୍ୟ ପାଇଁ ୬ ମାସରେ ଦୌଡ଼ିଲେଣି ୪ଥର
- ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ଅଭିଯୋଗ କରି ହଟହଟା ସରକାରୀ ଅଧିକାରୀ
- ଅଭିଯୋଗ ଶୁଣାଣିରେ ବିଇଏମ୍‌ସି ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ତାଗିଦ୍ କଲେ ଜିଲ୍ଲାପାଳ

ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଥିବା ମିଳିତ ଅଭିଯୋଗ ଶୁଣାଣିରେ ହେଉନାହିଁ ସମସ୍ୟାର ସମାଧାନ। ବରଂ କେବଳ ତାରିଖ ପରେ ତାରିଖ ଦିଆଯାଇଛି। ଏହା ସହିତ ନୂଆ ଅଭିଯୋଗରେ ପୁରୁଣା ଚିଠି ଦେଖାଇ ମାମଲାକୁ ରଫାଦଫା କରି ଦିଆଯାଉଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଜଣେ ସରକାରୀ ଅଧିକାରୀ। ଏଭଳି ଅଭିଯୋଗ ଆଣିଛନ୍ତି ବ୍ରହ୍ମପୁର ମହାନଗର ନିଗମରେ କାର୍ଯ୍ୟରତ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଜୟ ଜଗଦୀଶ ପାଢୀ। ନିଜର ଚାକିରିର ସର୍ଭିସ ବୁକକୁ ନିୟମିତ କରିବାକୁ ଆବଶ୍ୟକ 'ଲାଷ୍ଟ ପେ'ସ୍କେଲ ସାର୍ଟିଫିକେଟ ବା (ଏଲପିସି) ଓ ବକେୟା ପ୍ରାପ୍ୟ (ଏରିଅର) ପାଇବା ପାଇଁ ସେ ବାରମ୍ବାର ଅଭିଯୋଗ ଶୁଣାଣିକୁ ଦୌଡି ଦୌଡି ନିରାଶ ହେଉଥିବା କହିଛନ୍ତି। ଗତ ୬ମାସ ମଧ୍ୟରେ ସେ ଅନ୍ୟୁନ ୪ଥର ଜନଶୁଣାଣି ପୋର୍ଟାଲରେ ଆବେଦନ କରି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ହାଜର ହେଉଥିଲେ ହେଁ ସମସ୍ୟାର ସମାଧାନ ହୋଇପାରୁନଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ପ୍ରତ୍ୟେକ ଥର ସେ ଦେଉଥିବା ନୂତନ ଅଭିଯୋଗରେ ତାଙ୍କୁ ପୁରୁଣା ଚିଠିକୁ ଗୁଞ୍ଜି ଦିଆଯାଉଥିବା ସେ କହିଛନ୍ତି। ଫଳରେ ମିଳିତ ଅଭିଯୋଗ ଶୁଣାଣି ମାଧ୍ୟମରେ ସମସ୍ୟାର ସମାଧାନ ନୁହେଁ ବରଂ କେବଳ ତାରିଖ ପରେ ତାରିଖ ମିଳୁଥିବା ସେ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ' ଇଂ. ଜୟ ଜଗଦୀଶ ପାଢୀ ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ପରେ ତାଙ୍କର କଟକ ମହାନଗର ନିଗମକୁ ବଦଳି ହୋଇଥିଲା। ସେଠାରେ ତାଙ୍କର କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ହୋଇଥିଲା। ପରେ ରାଉରକେଲା ମହାନଗର ନିଗମ ଓ ସେଠାରୁ ୨୦୨୨ମସିହାରେ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ବଦଳି ହୋଇଥିଲେ। ପିପିଲିରୁ ପୁଣି ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ବଦଳି ହେବାପରେ ସେଠାରୁ ଗତ କିଛିମାସ ପୂର୍ବେ ତାଙ୍କର ପଦୋନ୍ନତି ହୋଇ ବ୍ରହ୍ମପୁର ମହାନଗର ନିଗମକୁ ସହକାରୀ ନିର୍ବାହୀଯନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତେବେ ପିପିଲି ଏନଏସି ଓ ପରେ ଛତ୍ରପୁର ଏନଏସସିରୁ ତାଙ୍କର ସର୍ଭିସ ବୁକ୍‌ରେ ଚାକିରି ନିୟମିତ କରିବାରେ କିରାଣିଙ୍କ ସ୍ତରରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ତାଙ୍କର ବକେୟା ପ୍ରାପ୍ୟ ତାଙ୍କୁ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସେ ଦୀର୍ଘଦିନରୁ ଅର୍ଥାତ୍ ଏନଏସି ନିର୍ବାହୀ ଅଧିକାରୀ, ପୁରୀ ଜିଲ୍ଲାପାଳ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଭଳି ବିଭିନ୍ନ ସ୍ତରରେ ନିଜର ଚାକିରିରେ ଥିବା ସମସ୍ୟାର ସମାଧାନ ପାଇଁ ଅଭିଯୋଗ ଓ ଆବେଦନ କରିସାରିଛନ୍ତି। ଏହାକୁ ନେଇ ସେ ବାରମ୍ବାର ଅଭିଯୋଗ ଶୁଣାଣିରେ ହାଜର ହେବା ସହିତ ସୂଚନା ଅଧିକାର ଆଇନ ବଳରେ ମଧ୍ୟ ତଥ୍ୟ ସଂଗ୍ରହ କରିଛନ୍ତି। ତେବେ ଦୀର୍ଘବର୍ଷ ପରେ ମଧ୍ୟ ତାଙ୍କର ସମସ୍ୟାର ସମାଧାନ ହୋଇପାରିନଥିବା ସେ ସିଧାସଳଖ ଅଭିଯୋଗ କରିଛନ୍ତି। ନିକଟ ଅତୀତରେ ବିଇଏମସି କମିଶନରଙ୍କ ହସ୍ତକ୍ଷେପ ପରେ ଛତ୍ରପୁରରୁ ତାଙ୍କର ଏଲପିସି ଆସିଥିଲେ ହେଁ ଏପର୍ଯ୍ୟନ୍ତ ଏରିଅର ବାବଦ ଲକ୍ଷାଧିକ ଟଙ୍କା ମିଳିନଥିବା ସେ କହିଛନ୍ତି। ଯାହାକୁ ନେଇ ଇଂ. ପାଢୀ ଗତ ସୋମବାର ଦିନ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଅଭିଯୋଗ ପଞ୍ଜିକରଣ କରି ହାଜର ହୋଇଥିଲେ। ଅଭିଯୋଗ ଶୁଣାଣିରେ ସୋମବାର ନୂତନ ଭାବେ ଗଞ୍ଜାମର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଭି. କୀର୍ତ୍ତିଭାସନ ଉପସ୍ଥିତ ରହି ଇଂ. ଜୟଜଗଦିଶ ପାଢୀଙ୍କ ଅଭିଯୋଗକୁ ମଧ୍ୟ ଶୁଣିଥିଲେ। ତେବେ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଜନଶୁଣାଣି ପୋର୍ଟାଲରେ ଜଣେ ସରକାରୀ କର୍ମଚାରୀ ପଞ୍ଜିକରଣ କରି ଅନ୍ୟମାନଙ୍କ ସମୟ ବରବାଦ କରୁଥିବା ଦର୍ଶାଇ ତାଙ୍କୁ ଜିଲ୍ଲାପାଳ ତାଗିଦ କରିଥିବା ଜଣାପଡିଛି। ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ସହିତ ଖୋଦ୍ ବିଇଏମସିର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ମଧ୍ୟ ଉପସ୍ଥିତ ଥିଲେ। ଏଣୁ ଜଣେ ସରକାରୀ କର୍ମଚାରୀ ଭାବେ ନିଜର ଚାକିରି ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ନିଜ ଉପରିସ୍ତ ଅଧିକାରୀଙ୍କ ମାଧ୍ୟମରେ ଅଥବା ଜନଶୁଣାଣି ପୋର୍ଟାଲରେ ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ଆବେଦନ କରିବାକୁ ଇଂ. ପାଢୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ତେବେ ସହକାରୀ ନିବାହୀଯନ୍ତ୍ରୀ ଇଂ. ପାଢୀ ଡ୍ୟୁଟି ସମୟରେ ଉପରିସ୍ତ ଅଧିକାରୀଙ୍କ ଠାରୁ ଅନୁମତି ନନେଇ ଅଭିଯୋଗ ଶୁଣାଣିକୁ ଯାଇଥିବା ସୂଚନା ମିଳିଛି। ଯାହାକୁ ନେଇ ବର୍ତ୍ତମାନ ସହକାରୀ ନିର୍ବାହୀଯନ୍ତ୍ରୀ ଜୟ ଜଗଦିଶ ପାଢୀଙ୍କୁ କାରଣ ଦର୍ଶାଅ ନୋଟିସର ସମ୍ମୁଖୀନ ହେବାକୁ ପଡିପାରେ ବୋଲି ମଧ୍ୟ ଆଲୋଚନା ହେଉଛି।

## ଏମ୍‌କେସିଜିକୁ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ଶରୀର ଦାନ

ବ୍ରହ୍ମପୁର/ଧରାକୋଟ,୨୯ ।୭ (ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଅନ୍ତର୍ଗତ ମାଣିକ୍ୟପୁର ଗ୍ରାମର ଅବସରପ୍ରାପ୍ତ ଡାକ କର୍ମଚାରୀ ଦୁର୍ଯ୍ୟୋଧନ ନାୟକଙ୍କ ସୋମବାର ସନ୍ଧ୍ୟାରେ ୭୮ ବର୍ଷ ବୟସରେ ପରଲୋକ ଘଟିଥିଲା। ତାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ପରିବାର ବର୍ଗ ଗତକାଲି ରାତିରେ ତାଙ୍କ ମୃତ୍ୟୁ ପରେ ମରଶରୀରକୁ ନିଜ ଗାଁରୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜର ଆନାଟୋମୀ ବିଭାଗକୁ ଆଣିଥିଲେ। ପ୍ରଥମେ ଚକ୍ଷୁ ବିଭାଗର ଡାକ୍ତରମାନଙ୍କ ଦ୍ୱାରା ତାଙ୍କର ଚକ୍ଷୁଦାନ କରାଯିବା ପରେ ମୃତ ଶରୀରକୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ତଥା ଭେଷଜ ଗବେଷଣା ପାଇଁ ପ୍ରଦାନ କରାଯାଇଥିଲା । ଆନାଟୋମୀ ବିଭାଗ ପକ୍ଷରୁ ପ୍ରଫେସର ରାଜଲକ୍ଷ୍ମୀ ପଣ୍ଡା ମରଶରୀରକୁ ଗ୍ରହଣ କରି ପ୍ରାପ୍ତି ସ୍ୱୀକାରର ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏମ୍‌କେସିଜି ମେଡିକାଲ କଲେଜରେ ଗତ ୨୦୧୩ ମସିହାରୁ ଆରମ୍ଭ ହୋଇଥିବା ଏହି ଶରୀରଦାନ ଅଭିଯାନରେ ଏହା ୩୦ ତମ ଦାନ ଅଟେ। ରାଜ୍ୟରେ ସବୁଠାରୁ ଅଧିକ ଶରୀରଦାନ କରାଇ ବ୍ରହ୍ମପୁର ଓ ଏମକେସିଜି ମେଡିକାଲ କଲେଜ ଏ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିପାରିଛନ୍ତି।

ଶରୀରଦାନ ସମୟରେ ମୃତ ଦୁର୍ଯ୍ୟୋଧନ ନାୟକଙ୍କ ପୁଅ ତଥା ଅଖିଳ ଭାରତ କିଶାନ୍ ମଜଦୂର ସଭାର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ସଗଠନର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ମାନବବାଦୀ ହେତୁବାଦୀ ସଂଗଠନର ଜିଲ୍ଲା ସମ୍ପାଦକ କେ ନାଦେଶୁ ସେନାପତି, ଲେଖିକା ଡ. ବିଧୁପ୍ରଭା ରଥ, କିଶୋର ମିଶ୍ର, ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା, ଆଇଏଫଟିୟୁ ସଭାପତି ତଥା କର୍ମଚାରୀ ନେତା ପ୍ରତାପ ପ୍ରଧାନ, ସାମାଜିକକର୍ମୀ ଆଦିତ୍ୟ ରଥ, ବାସବରାଜୁ, ଜାମୁଲା ସୁରେଶ, ଯୁବନେତା ଧରମବୀର, ଉଲ୍ଲା ନାୟକ, ଛାତ୍ରନେତା କାହ୍ନୁ ପ୍ରଧାନ, ପ୍ରଦୀପ ପ୍ରଧାନ, ଫ୍ରେଣ୍ଡସ୍ ହେଲପିଙ୍ଗ୍ କ୍ଲବର ସଭାପତି ସତ୍ୟକାମ ପାତ୍ର, ଉପ ସଭାପତି ପି . ଶ୍ରୀନିବାସ ରାଓ, ପି କିରଣ କୁମାର, କେ ପୁରୁଷୋତ୍ତମ ସୁବୁଦ୍ଧି, ମେଡିକାଲ ସିକ୍ୟୁରିଟୀ କର୍ମଚାରୀ ୟୁନିଅନର ନେତୃତ୍ୱ ତଥା ପରିବାରର ଅନେକ ସଦସ୍ୟ ଯୋଗ ଦେଇଥିଲେ।







ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥାର ଅମୂଲ୍ୟ ସମ୍ପଦ ପ୍ରଦର୍ଶନ

# ପିଣ୍ଡି ପଡ଼ିଛି; ପ୍ରଦର୍ଶନୀ ପଥର ଗାଏବ୍


ଏବେ


ପୂର୍ବରୁ

ଭୁବନେଶ୍ୱର, ୨୯।୭ (ସମିସ)

ନୂଆପଲ୍ଲୀସ୍ଥିତ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ବାହାରେ ପାଖାପାଖି ୨୫ଟି ପଥରକୁ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟାଳୟ ପରିସର ବାହାରେ ହିଁ ଛୋଟ ଛୋଟ ପିଣ୍ଡିରେ ଏହା ପ୍ରଦର୍ଶିତ ହେଉଥିଲା। ତା ସହ ଯେଉଁଠି ପଥର ସବୁ ରଖାଯାଇଥିଲା ତା' ପଛ କାନ୍ଥରେ ଭୂବିଜ୍ଞାନ ସମ୍ବନ୍ଧିତ ଅନେକ ତଥ୍ୟ ଲେଖାଥିଲା। ହେଲେ ବର୍ତ୍ତମାନର ଦୃଶ୍ୟ ଓଲଟା ଦେଖିବାକୁ ମିଳୁଛି। ନା ଆଉ ପଥର ଅଛି ନା ତା ପଛରେ ଥିବା କାନ୍ଥ ଚିତ୍ର। ପଡ଼ିରହିଛି କେବଳ ଶିଉଳି ଲଗା ପିଣ୍ଡି।

ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ, ଭୁବନେଶ୍ୱର ୟୁନିଟ୍ ନୂଆପଲ୍ଲୀ ପକ୍ଷରୁ ଏକ ନିଆରା ପଦକ୍ଷେପ ନିଆଯାଇଥିଲା। ଯେଉଁ ମୂଲ୍ୟବାନ ପଥର ସବୁ ଓଡ଼ିଶାରେ ମିଳୁଛି ସେ ସବୁକୁ ଲୋକ ଜାଣିବା ପାଇଁ ୨୦୧୮ ମସିହାରେ ୨୫ଟି ପଥରକୁ ପ୍ରଦର୍ଶିତ କରିବା ପାଇଁ ରଖାଯାଇଥିଲା। ଛୋଟ ଛୋଟ ପିଣ୍ଡିରେ ଏହାକୁ ପ୍ରଦର୍ଶିତ କରିବା ସହ ପିଣ୍ଡି ପଛ କାନ୍ଥରେ ଭୂବିଜ୍ଞାନ ସମ୍ବନ୍ଧିତ ଅନେକ ତଥ୍ୟ ଲେଖାଥିଲା। ଫଳରେ ଲୋକ ସେ ବିଷୟରେ ଅଧିକ ତଥ୍ୟ ଜାଣିବା ସହ ପରିବେଶକୁ ନେଇ ଅଧିକ ସଚେତନ ମଧ୍ୟ ହୋଇପାରିବାର ଲକ୍ଷ୍ୟ ରଖାଯାଇଥିଲା। ପରିବେଶ ଆମକୁ ମିଳୁଥିବା ଏହି ମୂଲ୍ୟବାନ ସମ୍ବଳର ଉପଯୋଗ ଏବଂ ଏଥିପ୍ରତି ସଚେତନତା ହି ଏହାର ଉଦେଶ୍ୟ ଥିଲା। ଏଥିରେ ମାଙ୍ଗାନିଜ, କ୍ରୋମାଇଟ୍, ଗ୍ରାଫାଇଟ୍, ବକ୍ସାଇଟ୍ ଆଦି ପଥର ଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ତେବେ ସେଥିରୁ ପରବର୍ତ୍ତୀ ସମୟରେ ଆଉ ମାତ୍ର ୪ଟି ପଥର ଦୃଶ୍ୟମାନ ହେଉଥିବାବେଳେ ଏବେ ଶିଉଳି ଲଗା ପିଣ୍ଡି ବ୍ୟତିତ ଆଉ କିଛି ଦେଖିବାକୁ ମିଳୁନି। ପୂର୍ବରୁ ଏ ସମ୍ପର୍କରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ, ଭୁବନେଶ୍ୱର ୟୁନିଟ୍‌ର ନିର୍ଦ୍ଦେଶକ କେ.ସି ଦାସ କହିଥିଲେ ପ୍ରଥମେ କିଛି ଦିନ ଏହା ଲୋକଙ୍କୁ ବେଶ୍ ଆକର୍ଷିତ କଲା। ହେଲେ ପରେ ପରେ ଲୋକଙ୍କ କାର୍ଯ୍ୟକଳାପ ଯୋଗୁଁ ଏହି ମୂଲ୍ୟବାନ ପଥର ସବୁ ଆକର୍ଷଣ ହରାଇବାକୁ ଲାଗିଲା। ପାନ ଛେପ ସହ ବିଭିନ୍ନ ଅଳିଆ ଆବର୍ଜନାରେ ପକାଇଲେ ଶେଷରେ ତାକୁ ଉଠାଇ ନେଇଗଲେ।

ବର୍ତ୍ତମାନ ସମୟରେ କୌଣସି ମଧ୍ୟ ପଥର ସେଠାରେ ଆଉ ଦେଖିବାକୁ ମିଳୁନି। ଏପରିକି କାନ୍ଥରେ ଚିତ୍ରିତ ସେହି ତଥ୍ୟଗୁଡ଼ିକୁ ବଦଳେଇ ଅନ୍ୟ ରଙ୍ଗ କରାଯାଇଛି। ବାକି ସେହି ପିଣ୍ଡିରେ ପଥର ଅନୁଯାୟୀ ଯେଉଁ ନାମ ଲେଖା ଯାଇଥିଲା ତାହା ମଧ୍ୟ ଶିଉଳି ମାଡି ଆଉ ଜଣା ପଡୁନି।

# ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମୀକ୍ଷା ବୈଠକ



ଭୁବନେଶ୍ୱର, ୨୯।୭ (ସମିସ): ସ୍ଥାନୀୟ କୃଷିଭବନ ଅଡିଟୋରିଅମଠାରେ ମାନ୍ୟବର ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ୩୦ ଗୋଟି ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ ଯୋଗ ଦେଇଥିଲେ।

ଏଥିରେ ମାନ୍ୟବର ମନ୍ତ୍ରୀ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ କାର୍ଯ୍ୟକ୍ଷମ ସମସ୍ତ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ହିତାଧିକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରି ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ମାନ୍ୟବର ମନ୍ତ୍ରୀ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ କିସାନ କ୍ରେଡିଟ୍ କାର୍ଡ, ଭିତ୍ତିଭୂମି ବିକାଶ, ମାଛ ଚାଷୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଉପରେ ସବିଶେଷ ସମୀକ୍ଷା କରିଥିଲେ।

ରାଜ୍ୟରେ ଉନ୍ନତ ମାନର ଗୁଣାତ୍ମକ ଯାଆଁଳ ଉତ୍ପାଦନ ଓ ସଠିକ ସମୟରେ ମାଛ ଚାଷୀଙ୍କ ନିକଟରେ ଏହାର ଉପଲବ୍ଧତା ଉପରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜଳକୃଷି ବୀମା ନିମନ୍ତେ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ରେଜିଷ୍ଟ୍ରେସନ ଉପରେ ପ୍ରାଧାନ୍ୟ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଅଗ୍ରାଧିକାର ଦିଆଯାଇଥିଲା।

କଉଡ ମାଧ୍ୟମରେ ମାଛ ଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ସମସ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଦରଖାସ୍ତ ସଂଗ୍ରହ କରି ବ୍ୟାଙ୍କ କୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାମହରି ଓ ଲକ୍ଷ୍ମୀକାନ୍ତଙ୍କୁ 'ଗୁରୁ ଦକ୍ଷିଣା ସମ୍ମାନ'




ଭୁବନେଶ୍ୱର, ୨୯।୭ (ସମିସ): କଳାଶ୍ରଣ ସାଂସ୍କୃତିକ ଅନୁଷ୍ଠିତ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଦୁଇ ଦିନିଆ ଗୁରୁ ଦକ୍ଷିଣା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ଉପଦେଷ୍ଟା ମନୋଜ ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଅଶୋକ ତ୍ରିପାଠୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ଜେନା, ଓଡିଶୀ ନୃତ୍ୟ ଗୁରୁ ବିମ୍ବାଧର ଦାସ, ଓଡିଶୀ ନୃତ୍ୟ ଗୁରୁ ବିଜୟ ଦାସ, ଅମିତ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତର ଦୁଇ ଜଣ ସାଧକ ଗୁରୁ ରାମହରି ଓ ଲକ୍ଷ୍ମୀକାନ୍ତ ପାଲିତଙ୍କୁ 'ଗୁରୁ ଦକ୍ଷିଣା - ୨୦୨୫ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁଙ୍କୁ 'ସୃଜନଶୀଳ ପ୍ରତିବା ସମ୍ମାନ' ପ୍ରଦାନ କରାଯାଇଛି। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଇଂ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଭେଟିଲେ କେଭି ସିଂହଦେଓ

ଭୁବନେଶ୍ୱର, ୨୯।୭ (ସମିସ): କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହର ଲାଲ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କେଭି ସିଂହଦେଓ ଆଜି ଦିଲ୍ଲୀରେ ସାକ୍ଷାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଉଭୟଙ୍କ ଭିତରେ ଆଲୋଚନା ହୋଇଥିଲା। ବିଶେଷକରି ପୁନଃବିନ୍ୟାସ କ୍ଷେତ୍ର ଯୋଜନାଅଧୀନରେ ୩୦୬୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ଉପରେ ଆଲୋଚନା ହୋଇଥିଲା। ଏଥିସହ ଓଡ଼ିଶା ବାରମ୍ବାର ଘୂର୍ଣ୍ଣିଝଡ଼ ଏବଂ ବନ୍ୟାର ସମ୍ମୁଖୀନ ହେଉଥିବାରୁ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମିଳିତ ଉପକୂଳ ଅଞ୍ଚଳରେ ଭୂତଳ କେବୁଲ ୩୦ କିଲୋମିଟର ସହିତ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପ୍ରସ୍ତାବ ରହିଛି। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଓଡ଼ିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ତୁରନ୍ତ କେନ୍ଦ୍ରୀୟ ଆର୍ଥିକ ସହାୟତା ଯୋଗାଇଦେବାକୁ ଶ୍ରୀ ସିଂହଦେଓ ଅନୁରୋଧ କରିଛନ୍ତି।

**ଓଡ଼ିଶା ବିଦ୍ୟୁତ୍ ସୁଦୃଢ଼ କରିବା ଉପରେ ଆଲୋଚନା**

# ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୯।୭ (ସମିସ): ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ଏଗାରତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ନେଜାତୀ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ପୁସ୍ତକ ଉନ୍ମୋଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୂତନ ସଭାପତି ଚୟନ ଆଦି ଅନ୍ତର୍ଭୁକ୍ତ ଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅନ୍ମଥ କୁମାର ଦାସ, ଧିମାନ ଅଭିରାମ ମଲ୍ଲିକ, ଉପଷ୍ଟୋ ଧିମାନ ମୁକେଶ ସୁନା, ଶ୍ରୀପତୀ କୁମ୍ଭାର, ରାଜ୍ୟ ସଂଗଠକ ବିଭ୍ରାନ୍ତ ବିଶ୍ୱଜିତ, କବି ହେମନ୍ତ ଦଳପତି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଧ୍ୟାପକ ଅନପା ମାରାଣ୍ଡି ଏବଂ ସାମାଜିକ କର୍ମୀ ଅନୁପମା ସେଠୀ, ମୂଳନିବାସୀ ସମତା ପରିଷଦର ସଭାପତି ବଖତର ଅଲ୍ଲୀ ତନବୀର ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମର ପରିଚାଳନା ରମାକାନ୍ତ ଜେନାଙ୍କ ଦ୍ୱାରା ଅତି ସୁନ୍ଦର ଭାବରେ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଜନବାଦୀ କବି ଚନ୍ଦନ ନାଗଙ୍କ କବିତା ସଂକଳନ 'ବାରନ୍' ଏବଂ ଅଭିରାମ ମଲ୍ଲିକଙ୍କ ଦ୍ୱାରା ରଚିତ ପୁସ୍ତକ 'ଫତିମା ଶେଖଙ୍କ ଜୀବନୀ' ଓ 'କ୍ରାନ୍ତିବୀର ସଦ୍‌ଗୁରୁ ଘାସିଦାସ' ଉନ୍ମୋଚନ କରାଯାଇଥିଲା। ଏହି ଉତ୍ସବରେ ବିଜୟ କୁମାର ଭୋଇଙ୍କୁ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ନୂତନ ସଭାପତି ଭାବେ ଚୟନ କରାଯାଇଥିଲା। ଏହି ନିଷ୍ପତ୍ତି ସମସ୍ତଙ୍କ ଦ୍ୱାରା ସାଦରେ ଗ୍ରହଣ କରାଯାଇଥିଲା ଏବଂ ଶ୍ରୀ ଭୋଇଙ୍କ ନେତୃତ୍ୱରେ ସଂଗଠନର ଭବିଷ୍ୟତ କାର୍ଯ୍ୟକ୍ରମ ଅଧିକ ସଶକ୍ତ ହେବ ବୋଲି ଆଶା କରାଯାଉଛି। ସଞ୍ଜୟ ସାଗରିଆ, ଗୋପବନ୍ଧୁ ସିକା, ନରୋତ୍ତମ ମହାନନ୍ଦ, ଭାଗତ ଦାସ, ଅନିଲ୍ ଜେନା ଏବଂ ମନୋଜ ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ'

ଭୁବନେଶ୍ୱର, ୨୯।୭ (ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳିତ ହୋଇଛି। ଚଳିତ ଥରର 'ଜନସାଧାରଣଙ୍କ ସହିତ ଉଦ୍ଭିଦକୁ ଯୋଡିବା, ବନ୍ୟପ୍ରାଣୀ ସଂରକ୍ଷଣରେ ଡିଜିଟାଲ୍ ଭିତ୍ତିକ ନବସୃଜନର ପ୍ରୟୋଗ' ବିଶ୍ୱସ୍ତରୀୟ ବିଷୟବସ୍ତୁ ରହିଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଫେସର ଡ. ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ଚଳିତ ବର୍ଷର ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆମ ଦୈନନ୍ଦିନ ଜୀବନରେ ଦେଖୁଥିବା କିଛି ଉଦ୍ଭିଦ ସେ ପ୍ରଦର୍ଶିତ କରବା ସହ ସେମାନଙ୍କର ଔଷଧୀୟ ଗୁଣାବଳି ଉପରେ ଅଲୋକପାତ କରିଥିଲେ। ଏହା ବ୍ୟତୀତ କୁଇଜ୍, ସ୍ଲୋଗାନ୍ ପ୍ରତିଯୋଗିତା, ପ୍ରକୃତିଭିତ୍ତିକ ବୃତ୍ତଚିତ୍ର ପ୍ରଦର୍ଶନ ଏବଂ ପ୍ରାକ-ଐତିହାସିକ ଜୀବ ଉଦ୍ୟାନରେ ଏକ ପ୍ରକୃତି ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଇଜ୍‌ରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବକ୍ତା ଡ. ପୁଷ୍ପାଞ୍ଜଳି ମିଶ୍ର ପୁରସ୍କୃତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ମୋଟ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଫେମିନା ୱିମେନ୍ ଆଚିଭର୍ସ ସମ୍ମାନ

# ମହିଳା ୱାର୍କଫୋର୍ସକୁ ସୋଆର ସମ୍ମାନ

ଭୁବନେଶ୍ୱର, ୨୯।୭ (ସମିସ): ଶନିବାର ଫେମିନା ଆଚିଭର୍ସ ଆୱାର୍ଡ ସମ୍ମାନ, ଓଡ଼ିଶା ୨୦୨୫ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା, କଳା, ସାହିତ୍ୟ, ବିଜ୍ଞାନ, ଗବେଷଣା, ବ୍ୟବସାୟ, କ୍ରୀଡ଼ା, ଫେଶନ୍, ସାମାଜିକ ନେତୃତ୍ୱ, ସମାଜ ସେବା, ଚଳଚ୍ଚିତ୍ର, ସାମ୍ବାଦିକତା, ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଆଦ୍ୟାଶା ଶତପଥୀ, ଶ୍ରୁତି ମହାପାତ୍ର, ଶୁଭଦର୍ଶନୀ ମିଶ୍ରଙ୍କ ସମେତ ପ୍ରାୟ ୨୫ ଜଣ ମହିଳାଙ୍କୁ ଫେମିନା ଆଚିଭର୍ସ ସମ୍ମାନ ପ୍ରଦାନ କରାଯାଇଥିଲା।

ଏଥିରେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଏସ୍. ଏନ୍‌ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଜ୍ୟାକ୍ ଅଲିଭଲ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ରାଜଶ୍ରୀ ଦାସ, ନିର୍ଦ୍ଦେଶିକା ତପତି ଦାସ, ଫେମିନାର ମ୍ୟାନେଜିଂ ଏଡିଟର ପ୍ରିମ୍‌ରୋଜ ମଣ୍ଟେରିଓ ଡି'ସୁଜା ତଥା ଟାଇମ୍ସ ଗ୍ରୁପର ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ତଥା ରିଜିଓନାଲ୍ ହେଡ୍ (ଇଷ୍ଟ) ବିମାନ ଦତ୍ତ ପ୍ରମୁଖ ଅତିଥି ଓ ବଲିଉଡ୍ ଅଭିନେତା ଅମୋଲ୍ ପରାଶର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ଓ ଏହାରଅଗ୍ରଣୀ ଭୂମିକା ନିମନ୍ତେଶିକ୍ଷାଓଅନୁସନ୍ଧାନ (ସୋଆ) ରମହିଳାୱର୍କଫୋର୍ସକୁଫେମିନା ୱିମେନ୍ ଆଚିଭର୍ସ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅରୋଲିପି ଦାସ, ଇଂ ମନୋରମା ପରିଡ଼ା, ପୁଷ୍ପାଞ୍ଜଳୀ ରାଉତ୍, ମୀନତି ମିଶ୍ର, କମଳିନୀ ମଲ୍ଲିକ, ହନୀ ପଟ୍ଟନାୟକ, ପ୍ରଫେସର ସ୍ନିଗ୍ଧା ପଟ୍ଟନାୟକ, ପ୍ରଫେସର ସସ୍ମିତା ମହାନ୍ତି ଓ ପ୍ରଫେସର ସ୍ମିତା ସୁଚରିତା ମହାପାତ୍ର




ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, ପ୍ରଫେସର ସଂଘମିତ୍ରା ମିଶ୍ର, ପ୍ରଫେସର ରୁଚି ଭୂୟାଁ, ପ୍ରଫେସର ପ୍ରଭାତି ତ୍ରିପାଠୀ, ପ୍ରଫେସର ସସ୍ମିତା ଦାସ, ପ୍ରଫେସର ଦେବାହୁତି ମିଶ୍ର, ପ୍ରଫେସର ରେଣୁ ଶର୍ମା ପ୍ରଫେସର ଅନୀତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। ସୋଆ ପକ୍ଷରୁ ପ୍ରତିମା ରାଉତରାୟ, ଡକ୍ଟର ଜସ୍ମିନ ପଣ୍ଡା, ପ୍ରଫେସର ଏବଂ ସୋଆ ଆଲୁମିନାଇର ସଭାପତି ଡକ୍ଟର ସୁସ୍ମିତା ପଣ୍ଡାଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆ ଗ୍ରୁପ୍ ଅଫ୍ ହସ୍ପିଟାଲ୍‌ସର ମହିଳା ଶାଖାକୁ 'ଆଉଟଷ୍ଟାଣ୍ଡିଙ୍ଗ କଣ୍ଟ୍ରିବ୍ୟୁସନ୍ ଟୁ ୱିମେନ୍ ଏମ୍ପାୱାରମେଣ୍ଟ ଇନ୍ ଏଜୁକେସନ ଆଣ୍ଡ ହେଲ୍‌ଥ କେୟାର' ସମ୍ମାନ ପ୍ରଦାନ କରାଯାଇଥିଲା।

# ସାରସ୍ୱତ ସମାଜର ସାହିତ୍ୟ ଆସର

ଭୁବନେଶ୍ୱର, ୨୯।୭ (ସମିସ): ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ କବି ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ସାରସ୍ୱତ ସମାଜର ସାହିତ୍ୟ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଓ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର, ଅଧ୍ୟାପିକା ଡ. ସରୋଜିନୀ ପାଣି ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ଅନୁଷ୍ଠାନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ କବି ଶୁଭ୍ରା ନନ୍ଦ ଏବଂ କବି ଭକ୍ତିଲତାଙ୍କ ସଞ୍ଚାଳନରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଶେଷରେ କବି ରଶ୍ମି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧ ଜଣଙ୍କୁ ମିଳିଲା ସନମାର୍ଗର 'ଉଦୟ ସମ୍ମାନ'

ଭୁବନେଶ୍ୱର, ୨୯।୭ (ସମିସ): ଦୈନିକ ଜାତୀୟ ହିନ୍ଦୀ ଖବର କାଗଜ ସନମାର୍ଗ ଭୁବନେଶ୍ୱର ସଂସ୍କରଣ ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲରେ ଉଦୟ ସମ୍ମାନ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୧ଜଣ ବ୍ୟକ୍ତି ବିଶେଷଙ୍କୁ ଉଦୟ ସମ୍ମାନ -୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ୩ଜଣଙ୍କୁ କରୱାଚଉଥ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ରାଷ୍ଟ୍ରଭାଷା ହିନ୍ଦୀ ଖବର କାଗଜ ଓଡ଼ିଶାରେ ସାମାଜିକ, ସାଂସ୍କୃତିକ, ଅର୍ଥନୀତି, ପର୍ଯ୍ୟଟନ, ମହିଳା ସଶକ୍ତୀକରଣ, ପରିବେଶ, ଆଦି ଅନେକ କ୍ଷେତ୍ରରେ ଅହରହ କାମ କରିଚାଲିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବିଧାନସଭା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ସରକାର ବଦଳିବା ପରେ ସମ୍ବାଦ ପତ୍ରର ସ୍ୱର ବଦଳିଯାଇଛି। ସାମ୍ବାଦିକମାନଙ୍କ କାମ ହେଲା ସତ୍ୟ, ନିର୍ଭିକ, ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପରିବେଷଣ କରିବା। ଏହାଦ୍ୱାରା ସମାଜର ମଙ୍ଗଳ ହେବ ବୋଲି କହିଥିଲେ। ସମ୍ମାନିତ ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ ସମ୍ବାଦପତ୍ରର ଭୂମିକା ସମ୍ପର୍କରେ ମତ ଉପସ୍ଥାପନ କରିଥିବା ବେଳେ ବିଧାୟକ ଡ଼. ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ ଯେ, ଓଡ଼ିଶାର ୧୦% ଲୋକ ଖବର କାଗଜ ପଢୁଛନ୍ତି। ତେଣୁ ଖବର କାଗଜ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି ବୋଲି ସେ କହିଥିଲେ। ସନମାର୍ଗର ସମ୍ପାଦକ ରାମକୃଷ୍ଣ ଖଣ୍ଡେଲୱାଲ ଅତିଥି ପରିଚୟ ଦେଇଥିବା ବେଳେ ସନମାର୍ଗ ଏଚ ଆର ରୁଚି ଖଣ୍ଡରୱାଲ ଧନ୍ୟବାଦ ଦେଇଥିଲେ। ସଭା ଓ ସମ୍ମାନ ପ୍ରଦାନ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ନାରୀ ନିର୍ଯାତନା ଘଟଣାରେ ବିଜେପି ମହିଳା ମୋର୍ଚ୍ଚା ଲୁଚୁଛି

# 'ନାରୀ ନ୍ୟାୟ ପାଇଁ ରାସ୍ତାରେ କୁମ୍ଭୀର କାନ୍ଦଣା କାନ୍ଦୁଛି'

ଭୁବନେଶ୍ୱର, ୨୯।୭ (ସମିସ)

ଦୁଷ୍କର୍ମ ଏବଂ ନାରୀ ନିର୍ଯାତନାରେ ସାରା ଦେଶରେ ଚାଞ୍ଚଲ୍ୟ କରିଛି ଓଡ଼ିଶା। ଗୋପାଳପୁର, ମାଲକାନଗିରି, ଜଗତସିଂହପୁର ଦୁଷ୍କର୍ମ ରାଜ୍ୟକୁ ଲଜ୍ଜାରେ ପୋତି ଦେଇଛି। ଏବିଭିପିର ସଦସ୍ୟା ସୌମ୍ୟାଶ୍ରୀ ଘଟଣା, ବଳଙ୍ଗା ପୋଡ଼ି ଘଟଣା ଏହାର ସଦ୍ୟ ଉଦାହରଣ। କିନ୍ତୁ ଘୋର ଆଶ୍ଚର୍ଯ୍ୟର କଥା, ବିଜେପି ମହିଳା ମୋର୍ଚ୍ଚା ଏସବୁ ନିର୍ଯାତନା ଘଟଣାରେ ଲୁଚିଥିବା ବେଳେ ବର୍ତ୍ତମାନ ନାରୀ ନ୍ୟାୟ ପାଇଁ ରାଜରାସ୍ତାରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଯେଉଁ ଦଳ ସରକାରରେ ଅଛି ବ୍ୟବସ୍ଥା ଦେଖୁଛି, ସେହି ଦଳର ମହିଳା ମୋର୍ଚ୍ଚା ଆଜି ରାଜରାସ୍ତାରେ ପ୍ରଦର୍ଶନ କରୁଛନ୍ତି। ବିଭିନ୍ନ ଟୀକା ଟିପ୍ପଣୀ ଦେଉଛନ୍ତି। ବିଜେପି ନିଚ୍ଚତାର ସୀମା ଲଙ୍ଘନ କରି ନିଜ ଦୋଷ ଘୋଡ଼ାଇବା ପାଇଁ ଆଜି ମହିଳାଙ୍କ ଆଶ୍ରୟ ନେବାକୁ ମଧ୍ୟ ପଛାଉନାହିଁ ବୋଲି ସେ କହିଛନ୍ତି।

ସେହିପରି ଦଳର ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ କହିଛନ୍ତି ଯେ ଆମେ ଆଜି କିଛି ଚୂଡ଼ି ନେଇକି ଆସିଛୁ। ଚୂଡ଼ି ପିନ୍ଧିବା କେତେଯେ କଷ୍ଟ ସେମାନେ ହୃଦୟଙ୍ଗମ କରନ୍ତୁ। ସେମାନେ ଯଦି ଏହି କଷ୍ଟ ଜାଣିଥାନ୍ତେ, ତେବେ ସେମାନେ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ବେଳେ ଆଗକୁ ଆସିଥାନ୍ତେ, ଲୁଚି ନଥାନ୍ତେ। ବୋଧହୁଏ ବିଜେପି ମହିଳା ମୋର୍ଚ୍ଚା ନିଜ ସରକାରଙ୍କ ଉପରେ ଭରସା ନାହିଁ। ସେଥିପାଇଁ ରାଜରାସ୍ତାରେ ଆସି ହାସ୍ୟାସ୍ପଦ ବିରୋଧ ପ୍ରଦର୍ଶନ କରୁଛନ୍ତି ବୋଲି ସେ କହିଛନ୍ତି। ମୁଖପାତ୍ର ଜୟଶ୍ରୀ ପାତ୍ର ତାଙ୍କ ବିବୃତ୍ତିରେ କହିଲେ ଯେ ବିଜେପି ସରକାରରେ ଅଛି। ହେଲେ ତାଙ୍କ ଦଳର ଲୋକ ରାଜରାସ୍ତାରେ ଚିତ୍କାର କରୁଛନ୍ତି। ଏହା ଆଶ୍ଚର୍ଯ୍ୟକର। ଠିକ ସେମିତି ମୁଖପାତ୍ର ଝୁନା କୁମାରୀ ବିଜେପି କେତେ ନିଚ୍ଚ ଏବଂ ଅସହିଷ୍ଣୁ ତା'ର ଉଦାହାରଣ ବାଣୀବିହାରରେ ଦେଖିବାକୁ ମିଳିଲା ବୋଲି ସେ କହିଛନ୍ତି। ସେଠାରେ ବିଜେପି ପୋଷ୍ଟର ନିଖୁଣ ଥିବା ବେଳେ ପାଖରେ ଲଗାଯାଇଥିବା ସୌମ୍ୟାଶ୍ରୀର ଶ୍ରଦ୍ଧାଞ୍ଜଳି ପୋଷ୍ଟର ଚିରାଯିବା ଘଟଣା ସମ୍ପର୍କରେ ସେ ସୂଚନା ଦେଇ ବିଜେପିକୁ ସମାଲୋଚନା କରିଛନ୍ତି।



### ବନବିଭାଗର ଭଙ୍ଗା ଘରେ ଚାଲିଛି ଧରଣୀମାସ୍କା ବିଦ୍ୟାଳୟ

# ଛାତ ଗଳିପଡ଼ିବା ଭୟରେ ସ୍କୁଲ ଆସୁନାହାନ୍ତି ଛାତ୍ରଛାତ୍ରୀ

ତୁମୁଡିବନ୍ଧ, ୨୯।୭ (ସମିସ)

ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଉନ୍ନତମାନର ଭିତ୍ତିଭୂମି ଅଭାବ ଯୋଗୁଁ ଏହା ଫେଲ୍ ମାରୁଛି। ଯାହାର ଉଦାହରଣ ହେଉଛି କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବିଲାମାଳ ପଞ୍ଚାୟତର ଧରଣୀମାସ୍କା ବିଦ୍ୟାଳୟ। ଏହି ବିଦ୍ୟାଳୟଟି ବିପଦସଂକୁଳ ଅବସ୍ଥାରେ ଥିବା ବନବିଭାଗର କମିଟି ଗୃହରେ ଚାଲିଛି। ଛାତ୍ରଛାତ୍ରୀ ଲଗାଣ ବର୍ଷାକୁ ଦେଖି ଛାତ ଗଳିପଡ଼ିବା ଭୟରେ ବିଦ୍ୟାଳୟ ଆସୁନାହାନ୍ତି। ଏହି ଅଞ୍ଚଳ ହେଉଛି ଏକ ଅପହଞ୍ଚ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ପଞ୍ଚାୟତରେ ଶତ ପ୍ରତିଶତ କୁଟିଆ କନ୍ଧ ସମ୍ପ୍ରଦାୟ ଲୋକେ ବସବାସ କରନ୍ତି। ଭିତ୍ତିଭୂମିର ଅଭାବ ଯୋଗୁଁ ସେମାନଙ୍କ ପାଇଁ ଉନ୍ନତମାନର ଶିକ୍ଷା ଏକ ପ୍ରକାରର ସପ୍ନ ପାଲଟିଛି।

ବିଲାମାଳ ପଞ୍ଚାୟତର ଧରଣୀମାସ୍କା ବିଦ୍ୟାଳୟ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିପଦସଂକୁଳ ଦୁର୍ବଳ କୋଠା ଭିତରେ ଚାଲିଛି ଶିକ୍ଷାଦାନ। ବିଦ୍ୟାଳୟ ଛାତର ଅବସ୍ଥା ଅତି ଦୁର୍ବଳ ହୋଇପଡ଼ିଥିବାବେଳେ




ବର୍ଷା ହେଲେ ପାଣି ଝରୁଛି। ଚଟାଣ ଉପରେ ଭାସୁଥିବା ପାଦେ ଉଚ୍ଚର ପାଣି କାଦୁଅ ଛିଟା ଉପରେ ବସି ୩୫ ବିଦ୍ୟାର୍ଥୀ ପାଠ ପଢୁଛନ୍ତି। ବିଦ୍ୟାଳୟର ଉପର ଭାଗ ଦୁର୍ବଳ ଥିବାବେଳେ ତଳ ଭାଗର ଫାଉଣ୍ଡେସନ ମଧ୍ୟ ଦୁର୍ବଳ ହୋଇପଡ଼ିଲାଣି। ଫାଉଣ୍ଡେସନରୁ ପଥର ଖସି ବାହାରି ଯାଉଛି। ଏଭଳି ବିପଦପୂର୍ଣ୍ଣ ସ୍ଥିତିରେ ୩୫ ଜଣ ବିଦ୍ୟାର୍ଥୀ ପାଠ ପଢୁଛନ୍ତି। କେତେବେଳେ କଣ ଘଟିବ କହିବା ମୁସ୍କିଲ। କିଛିଦିନ ହେଲା ଲଗାଣ ବର୍ଷା ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ତ୍ତୃପକ୍ଷ ନାହିଁ ନଥିବା ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛି ଛାତ୍ରଛାତ୍ରୀ ଲଗାଣ ବର୍ଷାକୁ ଦେଖି ଛାତ ଗଳିପଡ଼ିବା ଭୟରେ ବିଦ୍ୟାଳୟ ଆସୁନାହାନ୍ତି।

ସବୁଠୁ ଗୁରତ୍ୱପୂର୍ଣ୍ଣ ବିଷୟ ହେଲା ଯେଉଁ କୋଠାରେ ବିଦ୍ୟାଳୟ ଚାଲିଛି ତାହା ଶିକ୍ଷା ବିଭାଗ ପରିବର୍ତ୍ତେ ବନବିଭାଗର କମିଟି ଗୃହ। ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିଲା ଏବଂ କାମ ଆରମ୍ଭ ହୋଇଥିଲା। ହେଲେ ତାହା ହଠାତ ବନ୍ଦ ହୋଇଯାଇଥିଲା। ଖବର ପ୍ରକାଶ ପରେ ନୂଆ ଗୃହ ନିର୍ମାଣ କରାଯାଉଛି। ମଙ୍ଗଳବାର ଦିନ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ ଧରଣୀମାସ୍କା ଗସ୍ତ କରି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି ଏବଂ ଦ୍ରୁତଗତିରେ ନିର୍ମାଣ କରିବାକୁ ପରାମର୍ଶ ଦେଇଛନ୍ତି। ଦୁର୍ବଳ କୋଠାକୁ ଆଖିରେ ରଖି କୌଣସି ଅଘଟଣ ଘଟିବା ପୂର୍ବରୁ ବିଦ୍ୟାଳୟ କାମ ସରିବା ପର୍ଯ୍ୟନ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟୟରେ ୩୫ ଜଣ ଛାତ୍ରଛାତ୍ରୀ ଥିବାବେଳେ ୨ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ହେଲେ ଦୁଇ ଶିକ୍ଷକ ନିୟମିତ ଆସୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀ ଜଣକ କେବଳ ପ୍ରତିଦିନ ବିଦ୍ୟାଳୟ ଆସୁଥିବା ଗ୍ରାମବାସୀ ବ୍ଲକ ଅଧ୍ୟକ୍ଷାଙ୍କୁ ଜଣାଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଏହାର ତୁରନ୍ତ ସମାଧାନ କରାଯିବ ବୋଲି ଅଧ୍ୟକ୍ଷା ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ଅବହେଳିତ ଅବସ୍ଥାରେ କାଶୀନଗର ରେଳଷ୍ଟେସନ




କାଶୀନଗର, ୨୯।୭ (ସମିସ): ଗଜପତି ଜିଲ୍ଲା କାଶୀନଗର ରେଳଷ୍ଟେସନରେ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଯୋଗ୍ୟ ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ମୁଖ୍ୟ ବିନ୍ଧାଣୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶାସନ ଅମଳରେ ପାରଳାଖେମୁଣ୍ଡି ଠାରୁ ପ୍ରଥମେ କାଶୀନଗର ଓ ପରେ ଗୁଣପୁର ଯାଏଁ ଯଥାକ୍ରମେ ୧୯୨୯ ଓ ୧୯୩୧ରେ ରେଳପଥର ସମ୍ପ୍ରସାରଣ ହୋଇଥିଲା। କାଶୀନଗର ରେଳ ଷ୍ଟେସନ ବି ସେହି ସମୟଠାରୁ କାର୍ଯ୍ୟ କରି ଆସୁଥିବା ଜଣାଯାଏ।

ବୟସ୍କ ବ୍ୟକ୍ତିଙ୍କ କହିବା ଅନୁଯାୟୀ ଏହି ରେଳ ଷ୍ଟେସନ ସହିତ କେବଳ କାଶୀନଗର ନୁହେଁ, ଗଜପତି ଜିଲ୍ଲାର ଗୌରବମୟ ଇତିହାସ ବି ଜଡିତ। କିନ୍ତୁ ଆଗରୁ ଥିବା ନ୍ୟାରୋଗେଜ୍ ରେଳପଥ ବ୍ରଡ଼ଗେଜ୍‌ରେ ପରିଣତ ହେବା ପରେ ବି କାଶୀନଗର ଷ୍ଟେସନର ଆଧୁନିକୀକରଣ ସକାଶେ କୌଣସି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇନାହିଁ। ପୂର୍ବତଟ ରେଳପଥରେ ରହିଥିବା କାଶୀନଗର ଦେଇ ପୁରୀ-ଗୁଣପୁର, ବିଶାଖପାଟଣା-ଗୁଣୁପୁର ଓ ରାଉରକେଲା-ଗୁଣପୁର ଟ୍ରେନ୍ ନିୟମିତ ଚଳାଚଳ କରୁଛି। କିନ୍ତୁ ପ୍ଲାଟଫର୍ମର ଉଚ୍ଚତା କମ୍ ଥିବା ଯୋଗୁଁ ଯାତ୍ରୀ ବିଶେଷ କରି ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ବ୍ୟକ୍ତି ଓ ଶିଶୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆପ୍ରୋଚ୍ ରୋଡ୍, ପ୍ରତୀକ୍ଷାଳୟ କି ଆଲୋକର ବ୍ୟବସ୍ଥା ନଥିବା କାରଣରୁ ରାତିରେ ମୋବାଇଲ୍ ଲାଇଟ୍ ଜଳାଇ ଟ୍ରେନ୍ ପାଇଁ ଯାତ୍ରୀମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ରେଳବିଭାଗର ୩ ଓ ଏନ୍‌ଏସିର ୨ ବତୀଖୁଣ୍ଟି ଷ୍ଟେସନ ପରିସରରେ ଥିଲେ ବି କେବଳ ଏନ୍‌ଏସିର ଗୋଟିଏ ବତିଖୁଣ୍ଟରେ ଅଳ୍ପ ଆଲୋକ ଯୁକ୍ତ ଗୋଟିଏ ବଲ୍‌ବ ଦିକିଦିକି ଜଳୁଛି। ଏହା ଅଞ୍ଚଳକୁ ଶଙ୍ଖେ ଆଲୁଅ ବୋଲି ରବୀନ୍ଦ୍ର କୁମାର ପଣ୍ଡା, ତ୍ରିନାଥ ନାୟକ, ସୁରେନ୍ଦ୍ର ସାହୁଙ୍କ ସମେତ ବହୁ ସଚେତନ ନାଗରିକ କହିଛନ୍ତି। ଏହାଛଡା ପ୍ରତୀକ୍ଷାଳୟ ଆବଶ୍ୟକତା ପୂରଣ ପାଇଁ ଏନ୍.ଏ ସି ପକ୍ଷରୁ ଷ୍ଟେସନ୍ ପରିସରରେ ଏକ ଅସ୍ଥାୟୀ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ତୁରନ୍ତ କାଶୀନଗର ରେଳ ଷ୍ଟେସନର ଆଧୁନିକୀକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି।

## ଜିଲ୍ଲା ପ୍ରଶାସନ ଓ ଆଦିତ୍ୟ ଏଜୁକେସନାଲ ସୋସାଇଟି ମଧ୍ୟରେ ଚୁକ୍ତି



ପାରଳାଖେମୁଣ୍ଡି, ୨୯।୭ (ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ ଓ ଆଦିତ୍ୟ ଏଜୁକେସନାଲ ସୋସାଇଟି ମଧ୍ୟରେ ନିଯୁକ୍ତି ଭିତ୍ତିକ ତାଲିମ୍ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିରେ ଜିଲ୍ଲା ତଥା ରାଜ୍ୟର ୨୪୦ ଜଣ +୨ ପାସ୍ କିମ୍ବା ଫେଲ୍ ହୋଇଥିବା ଯୁବକ/ଯୁବତୀଙ୍କୁ ମାଗଣା ଆବାସିକ ତାଲିମ୍ ତଥା ନିଯୁକ୍ତିର ସୁଯୋଗ ଯୋଗାଇ ଦିଆଯିବ। ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଓ ଆଦିତ୍ୟ ଏଜୁକେସନାଲ ସୋସାଇଟି ଶ୍ରୀକାକୁଲମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ୨୪୦ ଜଣ ଯୁବକ/ଯୁବତୀଙ୍କୁ ଏସୋସିଏଟ୍ ଷ୍ଟୋର୍ ଫାର୍ମା ଓ ପେସେଣ୍ଟ୍ ରିଲେସନ୍, ଆସୋସିଏଟ୍ ଟ୍ରେଡ୍‌ରେ ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ମିଆଦି ତାଲିମ୍ ପ୍ରଦାନ କରାଯିବ ନେଇ ସୂଚନା ପ୍ରଦାନ କରାଯାଇଛି।

## ଜୁଡ଼ୋ ତାଲିମ ଶିବିର ଉଦ୍‌ଯାପିତ

ରାଇକିଆ, ୨୯।୭ (ସମିସ): ରାଇକିଆ ବିଜୟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଦୁଇ ଦିନିଆ ବ୍ଲକସ୍ତରୀୟ ଜୁଡୋ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଇକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାରଥୀ କହଁରଙ୍କ ତତ୍ତ୍ୱାବଧାନରେ ତାଲିମ୍ ଶିବିରରେ ୭୦ ଜଣ ଛାତ୍ର ଛାତ୍ରୀ ରାଇକିଆ ବ୍ଲକର ବିଭିନ୍ନ ହାଇସ୍କୁଲ୍‌ରୁ ଯୋଗଦାନ କରିଥିଲେ। ପୁରୀ ଜିଲ୍ଲାର ଜୁଡୋ କୋଚ୍ ଦେବଦତ୍ତ ମିଶ୍ର ତାଲିମ୍ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସଞ୍ଜୟ ପାତ୍ର ଯୋଗଦେଇ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ତାଲିମ୍ ଶିବିରକୁ କ୍ରୀଡ଼ା ଶିକ୍ଷକ ତଥା ବ୍ଲକ ସ୍କୁଲ୍ ସ୍ପୋର୍ଟସ ଆସୋସିଏସନ୍ ସମ୍ପାଦକ କାର୍ତ୍ତିକ ନାୟକ ପରିଚାଳନା କରିଥିଲେ। ବିଜୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ନୀଳମଣି ମଣ୍ଡଳ କାର୍ଯ୍ୟକ୍ରମ ଅୟୋଜନରେ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ସୈଳେନ୍ଦ୍ର ଦିଗାଲ୍, ଶ୍ରୀଛନ୍ଦା ପ୍ରଧାନ, ବିଜୟା କୁମାରୀ କାନ୍ହୁଲନା, ରବୀନ୍ଦ୍ର ସାହୁ, କବିତା ପ୍ରଧାନ, ଜଗନ୍ନାଥ ବେହେରା ଓ ନରେଶ ଚନ୍ଦ୍ର ନୟକ ଯୋଗ ଦେଇଥିଲେ।



### ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ

## ରାସ୍ତା ନିର୍ମାଣ ନସରୁଣୁ ଗାତ ଖୋଳି କରାଯାଉଛି ନଷ୍ଟ

ପାରଳାଖେମୁଣ୍ଡି, ୨୯।୭ (ସମିସ): ଗଜପତି ଜିଲ୍ଲାରେ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ବିକାଶରେ ବାଧକ ସାଜୁଛି। ଗୋଟିଏ ବିଭାଗ ବିକାଶମୂଳକ କାର୍ଯ୍ୟ କରୁଥିବା ବେଳେ ଆଉ ଗୋଟିଏ ବିଭାଗ ସେଠାରେ ବିନାଶ କରିବାରେ ଲାଗିଛି। ତାର ଜ୍ୱଳନ୍ତ ଉଦାହରଣ ପାରଳାଖେମୁଣ୍ଡି ଫରେଷ୍ଟ ଗେଟ୍ ରୋଡ୍‌ରେ ଦେଖିବାକୁ ମିଳିଛି। ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ଥିଲା। ଏଥିଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ସେଥିରେ ବହୁ ଲୋକ ମୃତାହତ ହୋଇଥିବାର ନଜିର ରହିଛି। ଲୋକଙ୍କ ଦାବିକୁ ଗ୍ରହଣ କରି ପୂର୍ତ୍ତ ବିଭାଗ ରଥଯାତ୍ରା ପୂର୍ବରୁ ରାସ୍ତା ନିର୍ମାଣ କରଥିଲା। ଉକ୍ତ ରାସ୍ତା ନିର୍ମାଣ ହେବା ଫଳରେ ଲୋକେ ସାମାନ୍ୟ ଆଶ୍ୱସ୍ତି ହୋଇଥିଲେ। କିନ୍ତୁ ରାସ୍ତା ନିର୍ମାଣର ହାତଗଣତି କିଛି ଦିନ ପୂର୍ବରୁ ଗେଲ୍ ଇଣ୍ଡିଆ ତରଫରୁ ବିଭିନ୍ନ ସ୍ଥାନରେ ରାସ୍ତାଖୋଳି ଗ୍ୟାସ୍ ପାଇପ ବିଛାଇବା କାମ



ଆରମ୍ଭ ହୋଇଛି। ଯାହା ଫଳରେ ସଡ଼କର ଅବସ୍ଥା ପୂର୍ବ ସ୍ଥିତିକୁ ଆସିଯାଇଛି। ରାସ୍ତା ପୁଣି ଖାଲଖମା ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ସାଧାରଣ ଜନତାଙ୍କ ସକାଶେ ସରକାର କୋଟି କୋଟି ଟଙ୍କା ବିକାଶ ନାମରେ ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଜନତାଙ୍କ ବିକାଶ ପରିବର୍ତ୍ତେ ବିନାଶ ହେବାରେ ଲାଗିଛି। ଗଜପତି ଜିଲ୍ଲାରେ ସରକାରଙ୍କ ଅଧିକାଂଶ ଯୋଜନା ଏହି କାରଣରୁ ସଫଳ ରୂପାୟନ ହୋଇପାରୁନଥିବା ଅଭିଯୋଗ ହେଉଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

## ଉତ୍କଳ ସାମ୍ବାଦିକ ସଂଘ ଗଜପତି ଜିଲ୍ଲା ଶାଖା ପକ୍ଷରୁ ଦାବିପତ୍ର



ପାରଳାଖେମୁଣ୍ଡି, ୨୯।୭ (ସମିସ): ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ଓ ପେନସନ୍ ପ୍ରଦାନ ଦାବିରେ ଉତ୍କଳ ସାମ୍ବାଦିକ ସଂଘ ଗଜପତି ଜିଲ୍ଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଗଜପତି ଜିଲ୍ଲା ଶାଖା ସଭାପତି ବିଧାନଚନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ବହୁ ସାମ୍ବାଦିକ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସାମ୍ବାଦିକମାନଙ୍କ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାର ୨୦୨୫-୨୬ ବର୍ଷ ପାଇଁ ନବୀକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ସେଥିରେ ସାମ୍ବାଦିକ ମାନଙ୍କ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତ ନିର୍ଭରଶୀଳ ସନ୍ତାନଙ୍କୁ ସାମିଲ କରିବା, ସ୍ୱାସ୍ଥ୍ୟ ବୀମା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ଆୟୁଷ୍ମାନ ଯୋଜନାରେ ସାମିଲଥିବା ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦେବା ନିଷ୍ପତ୍ତିର ପୁନର୍ବିଚାର, ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ ଉଭୟ ଯୋଜନାର (ଆୟୁଷ୍ମାନ୍ ଭାରତ ଏବଂ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା) ସୁବିଧା ଉପଲବ୍ଧ କରିବା ଉଲ୍ଲେଖ ରହିଛି। ଏହାବ୍ୟତୀତ ଦେଶର ୧୮ ଗୋଟି ରାଜ୍ୟ ଭଳି ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ସାମ୍ବାଦିକ ପ୍ରଦୀପ କୁମାର ନାୟକ, ଦ୍ୱିଜେନ୍ ପାଢ଼ୀ, ସନ୍ତୋଷ କୁମାର ପଟ୍ଟନାୟକ, ଲୋକନାଥ ପଣ୍ଡା, ସରୋଜ ବୀର, ପ୍ରେମଲାଲ ମିଶ୍ର, କୃଷ୍ଣକୁମାର ବେହେରା, ପ୍ରଭାତ ପାତ୍ର, ନରସିଂହ ପ୍ରସାଦ ପଟ୍ଟନାୟକ, ଦିଲୀପ କୁମାର ଶତପଥୀଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

## ସିୟୁଟିଏମ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା କୃଷିମେଳା



ଗୋଷାଣି, ୨୯।୭ (ସମିସ): ପାରଳାଖେମୁଣ୍ଡି ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ ସ୍ନାତକ ଅନ୍ତିମ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରାମୀଣ କୃଷି ଅଭିଜ୍ଞତା କାର୍ଯ୍ୟକ୍ରମ ଅନ୍ତର୍ଗତ କୃଷିମେଳା ଗୋଷାଣି ବ୍ଲକ ଶରଧାପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମେଳାରେ ମୁଖ୍ୟଅତିଥି ଭାବେ ଗୋଷାଣି ବ୍ଲକ ସହକାରୀ କୃଷି ଅଧିକାରୀ ମହେନ୍ଦ୍ର ପ୍ରସାଦ ପାଇକ ଏବଂ ସମ୍ମାନୀତ ଅତିଥି ଭାବେ ଶରଧାପୁର ସରପଞ୍ଚ ସି.ଏଚ ପ୍ରସାଦ ରାଓ ଏବଂ ଖରଷଣ୍ଡା ସରପଞ୍ଚ ଜି. ଡିଲ୍ଲମ୍ମା, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଉଦ୍ୟାନ କୃଷି ବିଭାଗର ପ୍ରଧାପକ ଡ. ଚିନ୍ତାମଣି ପଣ୍ଡା, କୃଷି ସମ୍ପ୍ରସାର ବିଭାଗର ସହକାରୀ ପ୍ରଧାପକ ଡ.ପେଡ଼ି ନାଗା ହର୍ଷବର୍ଦ୍ଧନ, କୃଷି ବିଜ୍ଞାନ ଓ ବନ କୃଷି ବିଭାଗର ସହକାରୀ ପ୍ରଧାପକ ଡ. ଜି. ଶେଖର, ଉଦ୍ୟାନ କୃଷି ବିଭାଗର ସହକାରୀ ପ୍ରଧାପିକା ଡ. ଭି. ତ୍ରିବେଣୀ, ଡ. ଜ୍ଞାନା ଭାରତୀ ପଲେଇ, ଡ.ଆର୍. ପ୍ରବଳିକାଶ୍ରୀ ଓ ଡ.ଅମିତ ଲୋହର ଯୋଗ ଦେଇ କୃଷିମେଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କର ବକ୍ତବ୍ୟ ରଖିଥିଲେ। କୃଷି ସମ୍ପର୍କିତ ଯୋଜନା, ଆବେଦନ ପ୍ରକ୍ରିୟା ଏବଂ ଜୈବିକ କୃଷି ସମ୍ପର୍କରେ ସଚେତନତ କରାଯାଇଥିଲା। ସମ୍ମାନିତ ଅତିଥିମାନେ କୃଷି ସମ୍ପର୍କିତ ତଥ୍ୟ ଓ ରୋଗପୋକ ନିୟନ୍ତ୍ରଣ ସନ୍ଦର୍ଭ ଉପସ୍ଥାପନା କରି କୃଷକଙ୍କ ସହ ଆଲୋଚନା କରି ସମନ୍ୱୟ କୃଷି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶରଧାପୁର, ଯୁବରାଜପୁର, ଟିଏସ୍‌ପୁର, ମଧୁସୂଦନପୁର, ଖରଷଣ୍ଡା ଆଦି ଗ୍ରାମର ଚାଷୀ ଯୋଗ ଦେଇଥିଲେ।

## ଡାକ୍ତରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ମୋହନା, ୨୯।୭ (ସମିସ): ମୋହନା ବ୍ଲକ ବିରିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ପ୍ରଶାନ୍ତ କୁମାର ସାହୁଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଆଜି ବିରିକୋଟ ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ସରପଞ୍ଚ ମଶା ମାଝିଙ୍କ ସଂଯୋଜନାରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ବିଦାୟକାଳୀନ ସଭାରେ ୭ ପଞ୍ଚାୟତର ବହୁ ଜନ ପ୍ରତିନିଧି, ବୁଦ୍ଧିଜୀବୀ, ଅଙ୍ଗନବାଡି କର୍ମୀ, ମହିଳା ସଂଘ ଓ ଜନ ସାଧାରଣ ଯୋଗ ଦେଇଥିଲେ। ବିଦାୟୀ ଡାକ୍ତର ଶ୍ରୀ ସାହୁ ୨୦୧୦ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଥିଲେ। ଯେତେବେଳେ ଏହି ଅଞ୍ଚଳ ମାଓପ୍ରବଣ ଥିଲା। ଦୀର୍ଘ ୧୫ ବର୍ଷ ଧରି ନିଷ୍ଠାର ସହ ଲୋକଙ୍କ ସେବା କରିଥିବାରୁ ବିଦାୟକାଳୀନ ସଭାରେ ଲୋକେ କାନ୍ଦି କାନ୍ଦି ଡାକ୍ତରଙ୍କୁ ବିଦାୟ ଦେଇଥିଲେ। ବିଦାୟୀ ଡାକ୍ତରଙ୍କୁ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟରୁ ତାଙ୍କ କ୍ୱାର୍ଟରର୍ସ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନେଇ ଛାଡିଥିଲେ। ଲୋକଙ୍କ ସହଯୋଗ ପାଇଥିବା ଯୋଗୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଡା.ସାହୁ। ବିଦାୟକାଳୀନ ସଭାରେ କୁଇ କନ୍ଧ ଉନ୍ନୟନ ସମିତି ସଭାପତି ବାଡିସା ମାଝୀ ଓ ବିରୋକୋଟ ପଞ୍ଚାୟତ ନାଏବ ସରପଞ୍ଚ ଯୋଗ ଦେଇଥିଲେ।

## କାର୍ ଓ ଅଟୋ ସହ ୧୨୦ କେଜି ଗଞ୍ଜେଇ ଜବତ; ୩ ଗିରଫ

ଫିରିଙ୍ଗିଆ, ୨୯।୭ (ସମିସ): ଫିରିଙ୍ଗିଆ ଥାନା ପୁଲିସ ୧୨୦ କେଜି ଗଞ୍ଜେଇ ସହ କାର ଏବଂ ଅଟୋ ଜବତ କରିଛି। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ତରଫରୁ ସୂଚନା ମିଳିଛି। ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ମାଶ୍ରୀପଡ଼ା ଛକ ନିକଟରେ ପାଟ୍ରୋଲିଂ କରୁଥିଲା। କେଳାପଡ଼ା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ଏବଂ ଗୋଟିଏ ଅଟୋକୁ ଅଟକାଇ ଯାଞ୍ଚ ପରେ କାର ଏବଂ ଅଟୋରୁ ଗଞ୍ଜେଇ ଜବତ କରିବା ସହ ଦୁଇ ଗାଡିକୁ ଜବତ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରାଯିବା ପରେ ୧୨୦ କିଲୋ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୁଲିସ ଏସମ୍ପର୍କରେ ମାମଲା ରୁଜୁ କରିବା ସହ ୩ ଜଣ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ହେଲେ ଫିରିଙ୍ଗିଆ ଥାନା ଗେରୁପଡ଼ା ଗାଁର ଶ୍ରୀକାନ୍ତ କୁମାର ନାୟକ, କେଳାପଡ଼ା ଗାଁର ସିଦ୍ଧାର୍ଥ ଦିଗାଲ ଓ ଅନ୍ୟଜଣେ ଫୁଲବାଣୀ ଟାଉନ ଥାନା ନୂଆସାହିର କାହ୍ନୁ ଦିଗାଲ। ପୁଲିସ ଏସମ୍ପର୍କରେ ଅଧିକ ତଦନ୍ତ କରୁଛି।

# ଅଙ୍ଗନବାଡ଼ି କେନ୍ଦ୍ର ଅଧାପନ୍ତରିଆ; ବଢୁଛି ଅସନ୍ତୋଷ

ପାରଳାଖେମୁଣ୍ଡି, ୨୯।୭ (ସମିସ)

ଗର୍ଭବତୀ ମହିଳା, ପ୍ରସୂତି ଓ ୬ ବର୍ଷରୁ କମ୍ ଶିଶୁଙ୍କ ସାମଗ୍ରୀକ ବିକାଶ ଅଙ୍ଗନବାଡି କେନ୍ଦ୍ର ସ୍ଥାପନର ମୁଖ୍ୟ ଉଦ୍ଦେଶ୍ୟ ରହିଛି। କିନ୍ତୁ ଏହି ଯୋଜନା ଗଜପତି ଜିଲ୍ଲାର କିଛି ସ୍ଥାନରେ ବାଟ ହୁଡ଼ିଥିବା ଦେଖାଯାଇଛି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡ଼ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର କେଉଁଠାରେ ରହିଛି ଜଣାପଡୁନି। ଉକ୍ତ ଗ୍ରାମରେ ଲୋକ ସଂଖ୍ୟା ହଜାରେରୁ ଅଧିକ ରହିଥିବା ବେଳେ ସରକାରୀ ନଥିପତ୍ରରେ ୨ ଅଙ୍ଗନବାଡି କେନ୍ଦ୍ର ରହିଛି। ଗୋଟିଏ ଅଙ୍ଗନବାଡ଼ି(ଏ) ଓ ଅନ୍ୟଟି ଅଙ୍ଗନବାଡ଼ି(ବି)। ଉଭୟ କେନ୍ଦ୍ରର ନିଜର କୋଠା ନାହିଁ। ଅଙ୍ଗନବାଡି(ବି) ନାମନଗଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ବେଳେ ସୂଚନାଫଳକ ନାହିଁ। ଏଠାରେ ୫ଜଣ ଶିଶୁ ସାମଗ୍ରୀକ







ବିକାଶ ପାଇଁ ପଞ୍ଜୀକୃତ ହୋଇଛନ୍ତି। ସେହିପରି ଅଙ୍ଗନବାଡ଼ି(ଏ) କେନ୍ଦ୍ରର ମଧ୍ୟ ନିଜସ୍ୱ କୋଠା ନାହିଁ କି ସୂଚନାଫଳକ ନାହିଁ। କିଛି ମାସ ପୂର୍ବେ ଜଣେ ଅଙ୍ଗନବାଡ଼ି କର୍ମୀ ଅବସର ନେଇଛନ୍ତି। ତାଙ୍କ ଘରେ ହିଁ ଏହି କେନ୍ଦ୍ର ଚାଲୁଥିଲା। ସେ ଅବସର ନେବା ପରେ ବର୍ତ୍ତମାନ ପ୍ରଧାନସାହିର ଜଣେ ନୂତନ ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତି ପାଇବା ପରେ କେବେ ନିଜ ଘରେ, କେବେ ଆଖପାଖ ଘରେ, ପଡ଼ିଆରେ ଅଙ୍ଗନବାଡ଼ି କେନ୍ଦ୍ର ଚଳାଉଛନ୍ତି। ଏହି କେନ୍ଦ୍ରର ଉପକରଣ କହିଲେ ଏକ ଟ୍ରଙ୍କ ପେଡ଼ି, ମାପକ ଯନ୍ତ୍ର ଛଡ଼ା ଆଉ କିଛି ନାହିଁ। ଏଠାରେ ୧୫ଜଣ ଶିଶୁ ସାମଗ୍ରୀକ ବିକାଶ ପାଇଁ ପଞ୍ଜୀକୃତ ହୋଇଛନ୍ତି। ନାମନଗଡ଼ ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ଏହି କେନ୍ଦ୍ର କିଛିବର୍ଷ ପୂର୍ବେ ଏକ ଟିଣ ଘରେ ଚାଲୁଥିଲା। କିନ୍ତୁ ସରକାର ଅନୁଦାନ ଆସିବା ପରେ ଏହାର ନିର୍ମଣ ଆରମ୍ଭ ହୋଇଥିଲା। ସେହି ଗ୍ରାମର ଜଣେ ଠିକାଦାର ନିର୍ମାଣ ଆରମ୍ଭ କରିଥିଲେ। ସେ କରୋନା ପ୍ରଥମ ପର୍ଯ୍ୟାୟରେ ପ୍ରାଣ ହରାଇଥିଲେ। ତାଙ୍କର ମୃତ୍ୟୁ ପରେ ଏହି ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ ପାଇଁ ନିର୍ବାଚିତ ପ୍ରତିନିଧି, ପ୍ରଶାସନ କିମ୍ବା ସମନ୍ୱିତ ଶିଶୁ ବିକାଶ ବିଭାଗ ନଜର ଦେଉନାହାନ୍ତି। ଫଳସ୍ୱରୁପ ଆଜି ମଧ୍ୟ ଏହି କେନ୍ଦ୍ରର ନିର୍ମାଣ ଅଧାପନ୍ତରିଆ ରହିଛି। ଅନାବନା ଗଛ ସମେତ ନିର୍ମାଣ ହୋଇଥିବା କିଛି ଅଂଶ ମଧ୍ୟ ଶିଉଳି, ଲଟିରେ ପରିପୂର୍ଣ୍ଣ ହୋଇଯାଇଛି। ଏପରିକି ବିଭାଗୀୟ କର୍ମଚାରୀ ଏହି କେନ୍ଦ୍ର ଦ୍ୱୟର ସମୀକ୍ଷା କିମ୍ବା ପରିଦର୍ଶନ ପାଇଁ ଦୀର୍ଘବର୍ଷ ହେବ ଆସୁନାହାନ୍ତି। ଅଙ୍ଗନ୍‌ବାଡ଼ି କର୍ମୀ ଓ ଗ୍ରାମବାସୀ ଏସମ୍ପର୍କରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି।

# ମୋବାଇଲ ଟାୱାରରୁ ତାର ଚୋରି, ୫ ଗିରଫ



ସୋହେଲା,୨୯।୭(ସମିସ): ଅଞ୍ଚଳରେ ମୋବାଇଲ ସେବା ପ୍ରଦାନ କରୁଥିବା ବିଭିନ୍ନ ଟେଲିକମ କମ୍ପାନୀର ମୋବାଇଲ ଟାୱାର ମାନଙ୍କରୁ କେବୁଲ ତାର, ବ୍ୟାଟେରୀ ଆଦି ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ଧରିବାରେ ସୋହେଲା ପୁଲିସକୁ ସଫଳତା ମିଳିଛି। ସୋହେଲା ଥାନା ଅଧୀନ ଛୁରିଆପାଲି ଠାରେ ଥିବା ଏୟାରଟେଲ କମ୍ପାନୀର ମୋବାଇଲ ଟାୱାରରୁ ଗତ ୨୭ ତାରିଖ ରାତିରେ କେବୁଲ ତାର ଚୋରି ହୋଇଥିଲା। ଏନେଇ କମ୍ପାନୀ କର୍ମଚାରୀ ରାଜେନ୍ଦ୍ର ପାଇକ ସୋହେଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସୋହେଲା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଗୁଡିମୁଣ୍ଡା ଗାଁର କର୍ମା ସେଠ (୩୩) ଓ ତାରାକାନ୍ତ ସେଠ (୨୫), ମାନପାଲି ଗାଁର ସୁରେଶ ସେଠ (୨୫), ଘସିଆପଡାର ମନୋଜ ବନଛୋର (୨୪) ଏବଂ ବରଗଡ଼ ଜିଲ୍ଲା ବିଜେପୁର ଥାନା ବେନିଆଟାଲ ଗାଁର ଆକାଶ ମହାନନ୍ଦ (୨୨)। ସେମାନଙ୍କ ନିକଟରୁ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କାର ପ୍ରାୟ ୭ଶହ ମିଟର କେବୁଲ ତାର, ଚୋରିରେ ବ୍ୟବହୃତ ଟାଟା ଇଣ୍ଡିକା କାର, ତାର କଟା କଟର, ଆରିପତି, ୪ଟି ମୋବାଇଲ ଫୋନ ପୁଲିସ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସୋହେଲା ଥାନା ଆଇଆଇସି ହରିଶ ଭୋଇ ସୂଚନା ଦେଇଛନ୍ତି।

**ଚୋରି ତାର ସମେତ କାର ଜବତ**

## ସାହେବ ସାହୁଙ୍କ ପୁସ୍ତକ ଲୋକାର୍ପିତ



ବରଗଡ଼,୨୯।୭(ସମିସ): ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ର କାର୍ଯ୍ୟାଳୟ ପ୍ରାଙ୍ଗଣରେ 'ଏଷ୍ଟେଫି ପର୍ଚେଟ ଇନ ଦାନ ଜେନେରେସନ ଆଣ୍ଡ ଅଦର ଏସେଜ' ପୁସ୍ତକର ଉନ୍ମୋଚନ ହୋଇଯାଇଛି। ପୁସ୍ତକକୁ ଆମେରିକାରେ ରହୁଥିବା ଡ.ସାହେବ ସାହୁ ଲେଖିଥିବା ବେଳେ ଏହାକୁ ସାକେତ ଶ୍ରୀଭୂଷଣ ସାହୁ ସମ୍ପାଦନା କରିଛନ୍ତି। ପୁସ୍ତକରେ ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ଓ ଦର୍ଶନ ବିଭାଗରେ ସମୁଦାୟ ୭୬ଟି ଆଲେଖ ସମ୍ମିଳିତ ଅଛି। ଅତ୍ୟନ୍ତ ଜ୍ଞାନ ଗର୍ଭକ ଏହି ପୁସ୍ତକଟି ଡ.ସାହେବ ସାହୁ ଛାତ୍ର, ବିଦ୍ୟାଳୟ ଓ ଲାଇବ୍ରେରୀ ମାନଙ୍କୁ ମାଗଣାରେ ଉପଲବ୍ଧ କରିବା କରିବା ପାଇଁ ପ୍ରକାଶିତ କରିଛନ୍ତି। ପୁସ୍ତକ ଉନ୍ମୋଚନ ବେଳେ ବୁର୍ଲା ଏନ୍‌ଏସିକଲେଜରଅଧ୍ୟକ୍ଷ ପ୍ରଫେସର ସୁଜିତ ମିଶ୍ର, କମର୍ସ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରେମାନନ୍ଦ ପଟେଲ, ପ୍ରଫେସର ରବିନାରାୟଣ ସାହୁ, ପୁସ୍ତକର ସମ୍ପାଦକ ସାକେତ ଶ୍ରୀଭୂଷଣ ସାହୁ, ଅବସରପ୍ରାପ୍ତ ଆଇଟି ଡିପ୍ କମିଶନର ପ୍ରଫୁଲ୍ଲ ଦାଶ, ଅବସରପ୍ରାପ୍ତ ଅର୍ଥନୀତି ଅଧ୍ୟାପକ ଦେବେନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ପ୍ରଧାନ ଓ ଶକୁନ୍ତଳା ବିଦ୍ୟାଧର ଟ୍ରଷ୍ଟର ଟ୍ରଷ୍ଟି ରଞ୍ଜିତ ପ୍ରଧାନ ଉପସ୍ଥିତ ଥିଲେ।

## ବିଜେପୁର ବସ୍‌ଷ୍ଟାଣ୍ଡରୁ ଜବରଦଖଲ ଉଚ୍ଛେଦ



ବିଜେପୁର,୨୯।୭(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଏନଏସି ସ୍ଥିତ ବସଷ୍ଟାଣ୍ଡ ପରିସରରେ ଜବରଦଖଲ ଥିବା ଦୋକାନ ଓ ହୋଟେଲକୁ ପ୍ରଶାସନ ପକ୍ଷରୁ ଜେସିବି ମାଧ୍ୟମରେ ଭାଙ୍ଗି ଉଚ୍ଛେଦ କରାଯାଇଛି। ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞ ବିଭୁଦତ୍ତ ସାହୁଙ୍କ ଉପସ୍ଥିତିରେ ଘର ଭଙ୍ଗା ଯାଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆଇଆଇସି ସୁକାନ୍ତ ମଣି ମହାନ୍ତିଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଏନଏସିର କର୍ମଚାରୀ ଗଣ ମଧ୍ୟ ଉଚ୍ଛେଦ ସମୟରେ ରହିଥିଲେ। ଦୁଇମାସ ପୁର୍ବରୁ ବସଷ୍ଟାଣ୍ଡ ପରିସରରେ ଜବରଦଖଲରେ ଥିବା ବିଭିନ୍ନ ଦୋକାନ ଘରଗୁଡିକୁ ଭଙ୍ଗା ଯାଇଥିଲା। କିନ୍ତୁ ହୋଟେଲକୁ ନ ଭାଙ୍ଗିବା ପାଇଁ ହୋଟେଲ ମାଲିକ ହାଇକୋର୍ଟରୁ ରହିତାଦେଶ ଆଣିଥିଲେ। ପରେ ସ୍ଥାନୀୟ ଜେଏମ୍‌ଏଫସି କୋର୍ଟ ମାମଲାର ବିଚାର କରି ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ଅମ୍ବାଭୋନା,୨୯।୭(ସମିସ): ଅମ୍ବାଭୋନା ବ୍ଲକ୍ ଅଧୀନ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ଭୁକ୍ତାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଓ ବିଜ୍ଞାନ ଶିକ୍ଷକ ଚୌବର୍ଗ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ଅଲିନା ଦାଶ ସଭାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀ ମାନଙ୍କୁ ନେଇ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ଗୋଲେଖ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିକ ସମାଜ ତରଫରୁ ଚାରାରୋପଣ ଓ ଜଳାଭିଷେକ



ବରଗଡ଼,୨୯।୭(ସମିସ): ବରଗଡ଼ ସ୍ଥିତ ଗୋବିନ୍ଦପାଲି ଧବଳେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ବରଗଡ଼ ବାରିକ ସମାଜ ତରଫରୁ ମଙ୍ଗଳବାର ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି। ବାରିକ ସମାଜର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ସମାଜ ତଥା ବିଶ୍ୱର ମଙ୍ଗଳ ସକାଶେ ବାବା ଧବଳେଶ୍ୱରଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମାଜର ସମସ୍ତ ସଭ୍ୟା ଓ ସଭ୍ୟଙ୍କ ନିଷ୍ପତ୍ତି କ୍ରମେ ଭେଡେନ ରାସ୍ତାର ଉଭୟ ପାର୍ଶ୍ୱର୍ରେ ବୃକ୍ଷରୋପଣ କରାଯାଇଥିଲା। କର୍ତ୍ତା ଭାବେ କବି ନବ ବାରିକ ତାଙ୍କ ଧର୍ମପତ୍ନୀ ହେମନନ୍ଦିନୀ ବାରିକ ଦାୟିତ୍ୱ ତୁଲାଇଥିଲେ। ସମାଜର ସଭାପତି ରୋହିତ ବାରିକ, ସମ୍ପାଦକ ଘନଶ୍ୟାମ ବାରିକ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ବାରିକ, ବଳଦେବ ବାରିକ, ସୁଶୀଳା ପଶାୟତ, ଲାଭ ବାରିକ, ମନୋରଞ୍ଜନ ବାରିକ, ରାଜୁ ବାରିକ, ସୁରେଶ ବାରିକ, ପବିତ୍ର ବାରିକ, ରାଜେଶ ବାରିକ, ତୁଲାରାମ ବାରିକ, ନନ୍ଦୁ ପଶାୟତ, ରଜତ ବାରିକ, ସିବିଲ ବାରିକ, ବିପ୍ଳବ ବାରିକ, ମଙ୍ଗୁଲାଲ ବାରିକଙ୍କ ସମେତ ଶତାଧିକ ସଭ୍ୟ ଆଉ ସଭ୍ୟା ଉପସ୍ଥିତ ଥିଲେ।

## କ୍ରାନ୍ତିପଡାର ପାନୀୟଜଳର ସମସ୍ୟା ଦୂର ହେଲା




ଥୁଆପାଲି,୨୯।୭(ସମିସ): ବରଗଡ଼ ଜିଲ୍ଲା ଭେଡେନ ସଂକ୍ରିଡା ପଞ୍ଚାୟତର ଝରାପାଲି ମାର୍କେଟ କ୍ରାନ୍ତିପଡାରେ ଅଚଳାବସ୍ଥାରେ ପଡିରହିଥିବା ନଳକୂଅ ମରାମତି କରାଯାଇଛି। ନଳକୂପଟି ଅଚଳା ଅବସ୍ଥାରେ ପଡ଼ିଥିବା ଖବର ସକାଳ ଖବରକାଗଜରେ ପ୍ରକାଶିତ ହେବାପରେ ଟୁଇଟର ମାଧ୍ୟମରେ ରମେଶ ମେହେର, ବିନୋଜ କନ୍ଧେର ପ୍ରମୁଖ ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ଭେଡେନ ଆରଡବ୍ଲ୍ୟୁଏସଏସ ବିଭାଗୀୟ ଜେଇ ଅନୀତା ସ୍ୱାଇଁ ତାଙ୍କର ଷ୍ଟାଫ ପଠାଇ ନଳକୂଅ ମରାମତି କରି ପାନୀୟଜଳର ସମସ୍ୟା ଦୂର କରିଛନ୍ତି। କ୍ରାନ୍ତିପଡାର ରାମ ଛତ୍ରିଆ, କେନାଲୁ କୁମ୍ଭାର, କାଳିଆ ସୁନା, ଉପିନ କୁମ୍ଭାର, ବସୁଦେବ ସୁନା, ସୁଲୋଚନା ସୁନା, ଉଷା ସୁନା, କମଳା ସୁନା, ସୂର୍ଯ୍ୟ ହରିପାଲ ଓ ସାବିତ୍ରୀ ମହାନନ୍ଦ ପ୍ରମୁଖ 'ସକାଳ' ଖବରକାଗଜ ଓ ଭେଡେନ ବ୍ଲକ୍ ଆରଡବ୍ଲ୍ୟୁଏସଏସ ଜେଇ ଅନୀତା ସ୍ୱାଇଁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ରଜାପଡ଼ା ଶ୍ମଶାନଘାଟରେ ଚାରାରୋପଣ

ପଦ୍ମପୁର,୨୯।୭(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ରଜପଡା ପାଖରେ ନୂତନ ଭାବେ ନିର୍ମିତ ହୋଇଥିବା ଶ୍ମଶାନ ଘାଟରେ ବରିଷ୍ଠ ନାଗରିକ ସଂଘ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ମିଳିତ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ସଭାପତି ଜୟନାରାୟଣ ତ୍ରିପାଠୀ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ବୃକ୍ଷରୋପଣର ଉପକାରୀତା ଉପରେ ଆଲୋଚନା କରିବା ସହିତ ଶ୍ମଶାନ ଘାଟର ସଫା ସୁତରା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାସୁଯୋଗ ଉପରେ ମତାମତ ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ପୁରନ୍ଦର ଦୋରା, ଗୋବିନ୍ଦ ପାଣିଗ୍ରାହୀ, ବାସୁଦେବ ଦୋରା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରବିନାରାୟଣ ଦୋରା, ଜିତେନ୍ଦ୍ର ଦାଶ, ଶେଷଦେବ ମେହେର, ବିଦ୍ୟାଧର ଦାଶ, ଗୌରୀଶଙ୍କର ମେହେର, ନବକିଶୋର ସାହୁ, ସୋନୁ ବାଗଙ୍କ ସହିତ କାଉନସିଲର କ୍ଷୀର ସନବରଷା, ବାସନ୍ତୀ ବରିହା, ଯୁଗଳ କିଶୋର ସାହୁ, ଜୟରାମ ମହାପାତ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦର ସାନିଟାରୀ ଅଫିସର ଦୀନବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିରୋଜ ଦୋରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## କୁଲୁଣ୍ଡା ହାଇସ୍କୁଲରେ ଚାରାରୋପଣ

ବରଗଡ଼,୨୯।୭(ସମିସ): ଅତାବିରା ବ୍ଲକ୍ ଅଧୀନ କୁଲୁଣ୍ଡା ହାଇସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯାଦବ ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷକ ସଚ୍ଚିଦାନନ୍ଦ ପୂଜାରୀ ପିଲା ମାନଙ୍କୁ ବୃକ୍ଷରୋପଣର ଉପକାରୀତା ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ଉକେ କ୍ଲବ୍ ଇନଚାର୍ଜ ପୁରନ୍ଦର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଶୋକ ଭୋଇ, ସୁବାଷ ରଣା, ସୁଶିଲ ଦାସ, ଅନିଲ ସାହୁ, ରବି ପଧାନ, ଚନ୍ଦ୍ରମଣି ସିଂ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ।

## କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୋସ୍ ଆଇନ ସଚେତନତା




ବରଗଡ଼,୨୯।୭(ସମିସ): ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ଅନୁଷ୍ଠାନରେ ପୋସ ଆଇନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଗ୍ରାମାଞ୍ଚଳ ଥାନା ଆଇଆଇସି ଶର୍ମିଷ୍ଠା ପ୍ରଧାନ, ବରଗଡ଼ ଟାଉନ ଆଇଆଇସି ସୁରେନ୍ଦ୍ର ଛତର ପ୍ରମୁଖ ଯୋଗ ଦେଇ ପୋସ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଇଓ ସୁରେନ୍ଦ୍ର ସାହୁ ଇଣ୍ଟର୍ନାଲ୍ କର୍ମେଣ୍ଟ କମିଟି ବିଷୟରେ ମତବ୍ୟକ୍ତ କରିଥିଲେ। କ୍ରିଷ୍ଣା ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡ.ସମରେନ୍ଦ୍ର ପଣ୍ଡା ସାମାଜିକ ଗଣମାଧ୍ୟମର ଅପବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଆଇନ ଶୃଙ୍ଖଳା ପରିସ୍ଥିତି ରୋକିବାରେ ଛାତ୍ରଛାତ୍ରୀଙ୍କର ଭୂମିକା ସମ୍ପର୍କରେ କହିଥିଲେ। ସିନିଅର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍.କାନ୍ତାରାଓ, କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୟୁଏସ୍ ସିଷ୍ଟମ ସମ୍ବନ୍ଧରେ ଦାବିପତ୍ର



ସୋହେଲା,୨୯।୭(ସମିସ): ନୂତନ ପ୍ରଚଳିତ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ୍)ରେ ଅନେକ ବୈଷୟିକ ତ୍ରୁଟି ରହିଥିବା କାରଣରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ମଙ୍ଗଳବାର ସୋହେଲା ବ୍ଲକ୍ ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆଶୁତୋଷ ପାତ୍ରଙ୍କ ନେତୃତ୍ୱରେ ଶିକ୍ଷକ ମାନେ ସୋହେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ମନୋହର ଉଟିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ୟୁଏଏସ୍ ପୋର୍ଟାଲ ବ୍ୟବହାର ସମୟରେ ବୈଷୟିକ ତ୍ରୁଟି କାରଣରୁ ପୋର୍ଟାଲ ବ୍ୟବହାର କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ନିର୍ଦ୍ଧାରିତ ସମୟରେ ଆବଶ୍ୟକ ରିପୋର୍ଟ ଦେଇ ନପାରି ଅଧିକାରୀ ମାନଙ୍କ ରୋଷର ଶିକାର ହେଉଛନ୍ତି। ଯାହାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନସିକ ଚାପରେ ରହୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ୟୁଏଏସ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ ନ କରିବାକୁ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଦାବି କରି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ କ୍ଷୀରୋଦ୍ର ସାହୁ, ତୁଳସୀରାମ ପାଣି, ଅରୁଣ ସାହୁ, ବୈରୀ ସିଂ ଦୀପ, କେଶବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସୁଶାନ୍ତ ସାହୁ ବରଗଡ଼ ଜିଲ୍ଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି

ବରଗଡ଼,୨୯।୭(ସମିସ): ବରଗଡ଼ ଜିଲ୍ଲା ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲ୍ଲା ସଭାପତି ଭାବେ ସୁଶାନ୍ତ ସାହୁଙ୍କୁ ଦାୟିତ୍ୱ ମିଳିଛି। ଶ୍ରୀ ସାହୁ ପ୍ରଥମେ କଂଗ୍ରେସର ବିଭିନ୍ନ ପଦ ପଦବୀରେ ଦାୟିତ୍ୱ ବହନ କରି ଆସିଛନ୍ତି। ରାଜ୍ୟରେ କଂଗ୍ରେସ ଆଗକୁ ବଢୁଥିବା ବେଳେ ତୃଣମୂଳ ସ୍ତରର ସଂଗଠନକୁ ମଜଭୁତ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ନୂତନ ଯୁବ ସଭାପତି ଭାବେ ଦାୟିତ୍ୱ ମିଳିଥିବାରୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ତଥା ରାଜ୍ୟ ସଭାପତି ଡ.ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ବରଗଡ଼ ଜିଲ୍ଲାର ସଭାପତି ବ୍ରହ୍ମାନନ୍ଦ ମହାକୁଡ ଏବଂ ହରଦିପ ସିଂ ପ୍ରମୁଖ ଜିଲ୍ଲା କଂଗ୍ରେସ କମିଟିର ସଭାପତିଙ୍କୁ କୃତଜ୍ଞତା ସହିତ ଧନ୍ୟବାଦ ଜଣାଇଛନ୍ତି।



## ଅଟୋରିକ୍ସା ମାଲିକ ସଂଘର ବାର୍ଷିକ ଉତ୍ସବ



ବରଗଡ଼,୨୯।୭(ସମିସ): ବରଗଡ଼ ଅଟୋରିକ୍ସା ମାଲିକ ସଂଘ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ସଭାପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ସଂଘର ୨୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଟୋ ଚାଳକ ମାନଙ୍କର ବିରାଟ ଅଟୋ ରାଲି ରାଜେଶ ମୁରଜାନୀଙ୍କ ନେତୃତ୍ୱରେ ଲୋକମଣ୍ଡପ ପଡିଆରୁ ବାହାରି ନଗର ଭ୍ରମଣ କରି ଟାଉନ ହଲକୁ ଆସିଥିଲା। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ପରିବହନ ଅଧିକାରୀ ସାବୁଆ ମାଝୀ, ସମ୍ମାନିତ ଅତିଥି ଭାବେ ବରଗଡ଼ ଟାଉନ ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆ, ଉପଦେଷ୍ଟା ଆଶୁତୋଷ ରଥ, ରାଜ ଡାଇଗ୍ନୋଷ୍ଟିକ ସେଣ୍ଟରର ଡାଇରେକ୍ଟର ରାଜକିଶୋର ପାଣିଗ୍ରାହୀ, ସମ୍ପାଦକ ସୁଦର୍ଶନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦିବଂଗତ ଅଟୋଚାଳକ ମାନଙ୍କ ପାଇଁ ନୀରବ ପ୍ରାର୍ଥନା କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଯାଇଥିଲା। ଏଥିସହ ୨୦ ତାରିଖରେ ଅନୁଷ୍ଠିତ ହୋଇଥିବା ରକ୍ତଦାତା ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇ ଥିଲା। ମୁଖ୍ୟ ଅତିଥି ବିଧାୟକ ତାଙ୍କ ବକ୍ତବ୍ୟରେ ସଂଘ ପାଇଁ କାର୍ଯ୍ୟାଳୟର ଏବଂ ଅଟୋଷ୍ଟାଣ୍ଡ ପାଇଁ ସ୍ଥାୟୀ ଜାଗା ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଜୟ ତାଣ୍ଡି, ରାଜେଶ ମୁରଜନୀ, ହରିଷ କୁମ୍ଭାର, ସପ୍ତରଥୀ ମିଶ୍ର, ସାରଥି ମେହେର, ତରଣୀ ସୁରଜାଲ, ପ୍ରଶାନ୍ତ କୁମ୍ଭାର, ଇନ୍ଦ୍ର ସାହୁ, ସୁଶାନ୍ତ ଦାଶ, ସନ୍ଦୀପ ପାଢ଼ୀ, ପ୍ରଫୁଲ୍ଲ ସୁନା, ବୃନ୍ଦାବନ ବେହେରା, ବନମାଳୀ ପାତ୍ର, ବୁଲୁ ଭାଇ, ରମେଶ ଦାସ ଏବଂ କୋର କମିଟିର ସଦସ୍ୟ, ପଦାଧିକାରୀ ଓ ସମସ୍ତ ଷ୍ଟାଣ୍ଡ ପ୍ରମୁଖ ସଦସ୍ୟ ମାନେ ସହଯୋଗ କରିଥିଲେ।

## ଶ୍ରୀଗିରିଧର ଗୋଶାଳାର ଶତବାର୍ଷିକୀ ସମାରୋହ

ସୋହେଲା,୨୯।୭(ସମିସ): ସୋହେଲା ସ୍ଥିତ ଶ୍ରୀ ଗିରିଧର ଗୋଶାଳାର ଶତବାର୍ଷିକୀ ସମାରୋହ ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସକ ଡ.ବିରୂପାକ୍ଷ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଶାଳା କମିଟିର ସଭାପତି ଚନ୍ଦ୍ର ଅଗ୍ରୱାଲ, ଉପ ସଭାପତି ବଲବୀର ସିଂ ଠାକୁର ମଞ୍ଚାସୀନ ଥିଲେ। ସମ୍ପାଦକ ଉତ୍ତମ ଅଗ୍ରୱାଲ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଗୋଶାଳା ପରିଚାଳନାରେ ଆର୍ଥିକ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ସୋହେଲା ଅଞ୍ଚଳରେ ଗୋରକ୍ଷା ପାଇଁ କାମ କରୁଥିବା ରୁଦ୍ର ପ୍ରତାପ ସାହୁ, ରାଜେଶ ନନ୍ଦ, ରୋହିତ ମାଝୀଙ୍କୁ ମଧ୍ୟ ସମ୍ମାନିତ କରାହୋଇଥିଲା। ଆଲୋକ ଅଗ୍ରୱାଲ, ରାହୁଲ ଅଗ୍ରୱାଲ ପ୍ରମୁଖ ସଭା ପରିଚାଳନା କରିଥିଲେ। ରାଉରକେଲାରୁ ପ୍ରବଚକ ସଞ୍ଜୟ ଜୀ ପ୍ରବଚନ ଦେଇଥିଲେ। ବଲବୀର ସିଂ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ଫସଲ ବୀମାଭୁକ୍ତ ତାରିଖ ବୃଦ୍ଧି ପାଇଁ ଦାବି

ବରଗଡ଼,୨୯।୭(ସମିସ): ଚଳିତ ଖରିଫ ଫସଲ ୨୦୨୫ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ ରାଜ୍ୟରେ ବହୁ ବିଳମ୍ବରେ ଆରମ୍ଭ ହୋଇଛି। ପ୍ରଥମେ ଏଗ୍ରିଷ୍ଟେକ ପୋର୍ଟାଲରେ ନାମ ନ ଥିଲେ ଚାଷୀ ପଞ୍ଜୀକୃତ ହୋଇପାରିଲେ ନାହିଁ। ତାହାକୁ ବିରୋଧ କରି ସଂଯୁକ୍ତ କୃଷକ ସଂଗଠନ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ସରକାର କୃଷକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁରୁଣା ବ୍ୟବସ୍ଥା ଅନୁସାରେ ବୀମା କରିବା ପାଇଁ ସହମତ ହୋଇଥିଲେ। ଜୁଲାଇ ୨୩ରୁ ଠିକ ଭାବେ ଫସଲ ବୀମା କରାଯାଇଥିଲା। ସମୟ ସ୍ୱଳ୍ପତା ଏବଂ ଘରୋଇ କମ୍ପାନୀ ମାନଙ୍କ କାରଣରୁ ଅନ୍ୟ ବର୍ଷ ତୁଳନାରେ ବହୁତ କମ ଚାଷୀ ବୀମା ଭୁକ୍ତ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟରେ ୪,୮୨,୮୬୬ ଜଣ ଚାଷୀଙ୍କ ୩,୩୮,୧୨୦ ହେକ୍ଟର ଜମି ପଞ୍ଜୀକୃତ ହୋଇଛି। ବରଗଡ଼ରେ ମଧ୍ୟ ସେପରି ୪୪,୮୨୧ ଜଣ ଚାଷୀ ୫୨,୨୫୦ ହେକ୍ଟର ଜମି ବୀମା ଭୁକ୍ତ କରିପାରିଛନ୍ତି। ସବୁଠାରୁ କମ କନ୍ଧମାଳ ଜିଲ୍ଲାରେ ୧୯୯୬ ଜଣ ଚାଷୀଙ୍କ କେବଳ ୫୦୦ ହେକ୍ଟର ଜମି ବୀମା ଭୁକ୍ତ ହୋଇପାରିଛି। ରାଜ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଏଣୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଫସଲ ବୀମା ପଞ୍ଜୀକରଣ ତାରିଖ ବୃଦ୍ଧି ହେଲେ ଏବଂ ଘରୋଇ କମ୍ପାନୀ ପରିବର୍ତ୍ତେ ସରକାର ନିଜେ ପରିଚାଳନା ଦାୟିତ୍ୱ ନେବା ସହ ବୀମା କ୍ଷତି ଆକଳନ ସରଳ କଲେ ଚାଷୀ ପ୍ରାକୃତିକ କ୍ଷୟକ୍ଷତିର ଉଚିତ କ୍ଷତିପୂରଣ ପାଇପାରିବେ। ଏଣୁ ଓଡ଼ିଶାର ଏବଂ ବିଶେଷ କରି ବରଗଡ଼ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସମୟ ସୀମା ବୃଦ୍ଧି ହେଲେ ଚାଷୀ ବିଶେଷ ଉପକୃତ ହେବେ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।



● ଏଲଆଣ୍ଡଟି କମ୍ପାନୀର ମନମାନି

## ରାସ୍ତା ଖୋଳିଦେଇ ମରାମତି କଲାନି



ବୌଦ୍ଧ,୨୯ ।୭(ସମିସ): ବୌଦ୍ଧ ଜିଲ୍ଲାର ହରଭଙ୍ଗା ଓ କନ୍ଧମାଳ ଜିଲ୍ଲାକୁ ପାନୀୟ ଜଳ ଯୋଗାଣ ପାଇଁ ହରଭଙ୍ଗା ବ୍ଲକ୍ ପାଣିଘରାରେ ମହାନଦୀରୁ ଜଳ ଉଠାଇ ପ୍ରତି ଘରକୁ ଜଳ ଯୋଗାଇ ଦେବା ନେଇ ସରକାର ପ୍ରକଳ୍ପ ଚାଲୁ କରିଛନ୍ତି । ଏହି ପ୍ରକଳ୍ପ ଏଲଆଣ୍ଡଟି କମ୍ପାନୀ ନିଜ ହାତକୁ ନେଇଥିବା ବେଳେ କଚ୍ଛପ ଗତିରେ କାର୍ଯ୍ୟ ଚାଲୁଛି । ସେପଟେ କମ୍ପାନୀ କିଛି ଘରୋଇ ଠିକା ସଂସ୍ଥାକୁ କାର୍ଯ୍ୟ ଟେକି ଦେଇଥିବା ବେଳେ ଗାଁ ଗାଁକୁ ପାଇପ୍ ଯୋଗାଣ କାର୍ଯ୍ୟରେ ବହୁ ଅନିୟମିତତା ଦେଖିବାକୁ ମିଳୁଛି । ପକ୍କା ରାସ୍ତା, ପିଚୁ ରାସ୍ତା, ବିଲ ଖୋଳି ପାଇପ୍ ବିଛା ଯାଉଛି । ଗ୍ରାମବାସୀ, ସାହି ବାସିନ୍ଦାଙ୍କଠାରୁ ଅନୁମତି ନେଇ ରାସ୍ତା ଖୋଳିବା ଓ ପୁଣି ମରାମତି କରିବା ନିୟମ ଥିବା ବେଳେ ଅସାଧୁ ଠିକାଦାରମାନେ ନିୟମ ଉଲ୍ଲଙ୍ଘନ କରି କାର୍ଯ୍ୟ କରୁଛନ୍ତି । ରାମଗଡ ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଗ୍ରାମରେ ଓ ପ୍ରତି ସାହିକୁ ଯାଇଥିବା ପକ୍କା ରାସ୍ତାକୁ ମନଇଚ୍ଛା ବିଭିନ୍ନ ସ୍ଥାନରେ ଖୋଳି ଆଜି ପର୍ଯ୍ୟନ୍ତ ମରାମତି କରାଯାଇନି । ଏହାଫଳରେ ବହୁ ସମୟରେ ଖାଲ ରେ ପଡି ଗ୍ରାମବାସୀ ଦୁର୍ଘଟଣା ର ଶିକାର ହେଉଛନ୍ତି । କାର୍ଯ୍ୟ କରିଥିବା ଠିକାଦାରଙ୍କୁ ମରାମତି ପାଇଁ ଯୋଗାଯୋଗ କରିଲେ କୌଣସି ଉତ୍ତର ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ ଆଣୁଛନ୍ତି । ଏଣୁ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଠିକାଦାରଙ୍କୁ ତାଗିଦ କରିବା ସହିତ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ୨ ମାସ ହେଲା ନଳକୂଅ ଅଚଳ

ଶଗଡା,୨୯ ।୭(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳି ପଦର ପଞ୍ଚାୟତ କିର୍ଲା ଗାଁ ମୁଣ୍ଡରେ ଥିବା ନଳକୂପଟି ୨ମାସ ହେବ ଅଚଳ ହୋଇପଡିଛି । ଗାଁର ୪୫ ପରିବାରର ୨୦୦ ଜଣ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି । ସେହିପରି ଶିମିଳିପଦର ପଞ୍ଚାୟତ ଡାହିମାଳ ଗ୍ରାମରେ ଥିବା



ନଳକୂପ ମଧ୍ୟ ୨ମାସ ହେବ ଅଚଳ ହୋଇ ପଡ଼ିଥିଲେ ସୁଦ୍ଧା ଅଧିକାରୀଙ୍କୁ ଫୋନ୍ କରି ଜଣାଇବା ପରେ ମଧ୍ୟ ମରାମତି କରାଯାଇ ନାହିଁ । ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୨ ମାସରୁ ଅଧିକ ହେବ ୨ଟି ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଉଭୟ ଗ୍ରାମବାସୀ କହିଛନ୍ତି । ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚି ସୃଷ୍ଟି ହେଉଛି । ପିଇବା ପାଣି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଏହି ଗ୍ରାମ ଦ୍ୱୟର ଅଚଳ ଥିବା ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଚାଷ ଆରମ୍ଭରୁ ବିହନ, ସାର ଓ କୀଟନାଶକ କଳାବଜାର

ବୀରମହାରାଜପୁର,୨୯ ।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ବିହନ, ସାର ଓ କୀଟନାଶକ ବ୍ୟାପକ କଳାବଜାର ଯୋଗୁଁ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି । ଦିନଥିଲା ଏହି ଅଞ୍ଚଳରେ ଚାଷୀମାନେ ଆଗୁଆ ଚାଷକରି ଅନ୍ୟ ଅଞ୍ଚଳ ଅପେକ୍ଷା ଅଧିକ ପରିମାଣରେ ଧାନ ଓ ପନିପରିବାରେ ଉତ୍ପାଦନ କରୁଥିଲେ । ବର୍ତ୍ତମାନ ପରିସ୍ଥିତିରେ ବିଭିନ୍ନ ନକଲି ରାସାୟନିକ ସାର, କୀଟନାଶକ ଔଷଧ, ଭିଟାମିନ ଇତ୍ୟାଦିର୍ ବ୍ୟବହାର ଫଳରେ ଧାନ ଓ ପନିପରିବା ଅମଳ କମି ଯାଉଥିବା ଚାଷୀ ପ୍ରକାଶ କରିଛନ୍ତି । ସେହିପରି ନକଲି ସାମଗ୍ରୀକୁ ଅଧିକ ଦରରେ କିଣି ଚାଷୀ ତଳିତଳାନ୍ତ ହେଉଥିବା ଅଭିଯୋଗ ହୋଇଛି । କୃଷି ବିଭାଗ ପକ୍ଷରୁ ଆବଶ୍ୟକ ସଚେତନତା ସୃଷ୍ଟି ହେଉନି । ବେଆଇନ ନକଲି ଦୋକାନଗୁଡିକ ଉପରେ ଚଢ଼ଉ କରାଯାଉନି । ଓଲଟି ସେମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି । ବିଭାଗୀୟ ଅବହେଳା ଯୋଗୁଁ ବୀରମହାରାଜପୁର, ସୁବଳୟା, ଖଣ୍ଡହତା, ମୃର୍ଷୁଣ୍ଡୀ, ଉଲୁଣ୍ଡା ପ୍ରଭୃତି ସ୍ଥାନରେ ଅଣଲାଇସେନ୍ସପ୍ରାପ୍ତ ସାର, କୀଟନାଶକ ଔଷଧ ଦୋକାନ ଛତୁଫୁଟିଲା ଭଳି ଖୋଲିଛି । ଏହି ଅଞ୍ଚଳରେ ବର୍ତ୍ତମାନ ଧାନଚାଷରେ ୟୁରିଆ ସାର, ଗ୍ରୋମର, ପଟାସ ସାର ଜରୁରୀ ଆବଶ୍ୟକତା ରହିଛି । ଲଗାତର ବର୍ଷା ଯୋଗୁଁ ଧାନ ପଲ୍ଲା ଠିକ୍ ଭାବରେ ନ ଉଠି ନ ପାରି ନଷ୍ଟ ହୋଇଯାଇଛି । ଆଉ ଥରେ ପଲ୍ଲା ପକାଇବାକୁ ଚାଷୀ ବିହନ ପାଇ ପାରୁନାହିଁ ।

## ମହାନଦୀରେ ବିରଳ ପ୍ରଜାତିର ମାଛ

ବିନିକା,୨୯ ।୭(ସମିସ): ବିନିକା ସହର ଦେଇ ପ୍ରବାହିତ ମହାନଦୀରେ ମଙ୍ଗଳବାର ବିରଳ ପ୍ରଜାତିର ମାଛ ଦେଖିବାକୁ ମିଳିଛି । ବିନିକା ସହରର ମହାନଦୀ ବ୍ରିଜ ନିକଟରେ ଦୁଇଟି ବିରଳ ପ୍ରଜାତିର ମାଛ ପାଣିରେ ଖେଳୁଥିବା ଦେଖିବାକୁ ମିଳିଥିଲା । ଏହି ମାଛ ଦେଖିବା ପାଇଁ ଲୋକଙ୍କ ଭିଡ ହୋଇଥିଲା । ତେବେ ଏହି ମାଛକୁ କିଏ ଡଲଫିନ କହୁଛି ତ ଆଉ କିଏ ପୁଣି ସିଲ୍ ମାଛ କହୁଛି ।

# ବିପଦସଙ୍କୁଳ ପ୍ରକୋଷ୍ଠରେ ଦେଶର ଭବିଷ୍ୟତ





- ୮ ଶ୍ରେଣୀ ପାଇଁ ୨ଟି ପ୍ରକୋଷ୍ଠ
- ଅଧ୍ୟୟନ କରୁଛନ୍ତି ୧୭୦ ଛାତ୍ରଛାତ୍ରୀ
- ସମସ୍ତ ପ୍ରକୋଷ୍ଠ ଜରାଜୀର୍ଣ୍ଣ
- ଜମି ବିବାଦ ପାଇଁ ଅଟକିଛି ସ୍କୁଲ ନିର୍ମାଣ କାର୍ଯ୍ୟ

କଳମପୁର,୨୯ ।୭(ସମିସ)

କଳାହାଣ୍ଡି ଜିଲ୍ଲା କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ହାରାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ୧୭୦ ଜଣ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି । ସେମାନଙ୍କ ପାଇଁ ମାତ୍ର ୨ଟି ଶ୍ରେଣୀ ଗୃହ ରହିଛି । ସେହି ଦୁଇଟି ଶ୍ରେଣୀ ଗୃହ ବିପଦ ସଂକୁଳ ଅବସ୍ଥାରେ ରହିଛି । କେତେବେଳେ କ'ଣ ଘଟିଯିବ କିଛି କହି ହେବ ନାହିଁ । ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠ ମଧ୍ୟ ବିପଦ ସଂକୁଳ ରହଛି । ପ୍ରାୟ ସମୟରେ ସରୀସୃପଙ୍କ ପ୍ରାଦୁର୍ଭାବ ଲାଗି ରହିଛି । ଏଭଳି ପରିସ୍ଥିତି ଯୋଗୁ ଶିକ୍ଷକମାନେ ବାଧ ହୋଇ କିଛି ଛାତ୍ରଛାତ୍ରୀଙ୍କୁ ବାରଣ୍ଡାରେ ବସାଇ ଶିକ୍ଷା ଦାନ କରୁଛନ୍ତି । ଏଠାରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀ କେଉଁ ପରିସ୍ଥିତି ଦେଇ ଗତି କରୁଥିବେ ତାହା ଏଥିରୁ ହିଁ ଅନୁମେୟ । ଏହି ବିଦ୍ୟାଳୟ ୧୯୫୮ ମସିହାରୁ ସ୍ଥାପିତ ହୋଇଛି । ଏତେ ବର୍ଷ ହେଲା ଛାତ୍ରଛାତ୍ରୀମାନଙ୍କ ଅଧ୍ୟୟନ କଳାଭଳି ପରିବେଶ ସୃଷ୍ଟି ହୋଇ ନ ପାରିବା ପରିତାପର ବିଷୟ ପାଲିଟିଛି । ଏହାର ପ୍ରମୁଖ କାରଣ ଜମି ବିବାଦ ବୋଲି ଜଣା ପଡିଛି । ବିଦ୍ୟାଳୟଟି ମହାଜନୀ ଜମିରେ ରହଛି । ଜମି ମାଲିକଙ୍କ ଉତ୍ତରାଧିକାରୀ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ଦାବି କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଇଛି । ଏ ନେଇ ଉକ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ । ବିଇଓ ସୁଶ୍ରୀ ମଧୁସ୍ମିତା ନାଏକ ବିଦ୍ୟାଳୟ ପାଇଁ ସରକାରୀ ଜମି ଯୋଗାଇ ଦେବାକୁ ତହସିଲଦାର ସ୍ମରଣିକା ତୁଳଙ୍କୁ ପତ୍ର ପଠାଇଥିଲେ । ତହସିଲଦାର ଶ୍ରୀମତୀ ତୁଳ ରାଜସ୍ୱ ନିରୀକ୍ଷକଙ୍କୁ ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ସେଠାରେ ସରକାରୀ ଜମି ନ ଥିବା ରିପୋର୍ଟ ଦିଆଯାଇଥିଲା । ଏହାଫଳରେ ଏ ବିଦ୍ୟାଳୟର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇ ଯାଇଛି । ସ୍ଥାନୀୟ କିଛି ଶିକ୍ଷା ପ୍ରେମୀ ବିଦ୍ୟାଳୟ ବଞ୍ଚାଇବା ପାଇଁ ଅଣ୍ଟା ଭିଡିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସଫଳ ହୋଇପାରି ନାହାନ୍ତି । ବିଦ୍ୟାଳୟ ପାଇଁ ସମସ୍ତ ଅନୁଦାନ ଓ ଆନୁସଙ୍ଗିକ ସାମଗ୍ରୀ ଆସି ଏଭଳି ସମସ୍ୟା ଯୋଗୁ ଫେରି ଯାଉଛି ।

## କୋଶଲି ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ସମୀକ୍ଷା ବୈଠକ

ବଲାଙ୍ଗିର,୨୯ ।୭(ସମିସ): ସ୍ଥାନୀୟ ଗନ୍ଧରେଲ ରାଧାରମଣ ମନ୍ଦିର ପରିସରରେ ବଲାଙ୍ଗିର କୋଶଲି ସାହିତ୍ୟ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠାନର ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇସାରିଛି । ବିଶିଷ୍ଟ କୋସଲି ସଂଗଠକ ଶରତ ଚନ୍ଦ୍ର ହୋତାଙ୍କ ପୋ÷÷ରହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ମୁଖପତ୍ର ମୁହୁରିର ଅପାର ସଫଳତା ପରେ ବୈଠକର ଗୁରୁତ୍ୱ ସହଜେ ଅନୁମେୟଥିଲା । ସଂଗଠନର ସଚିବ ମଧୁସୂଦନ ଦାସ ଓ କବି ସୁଶାନ୍ତ ବାଗଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ତଥା ଟ୍ରଷ୍ଟି ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କ ବାଦାନ୍ୟତା ଓ ମାର୍ଗଦର୍ଶନ ପାଇଁ ସଦସ୍ୟମାନଙ୍କ ତରଫରୁ ସାମୂହିକ କୃତଜ୍ଞତା ଓ ଧନ୍ୟବାଦ ଦିଆଯାଇଥିଲା । କାର୍ଯ୍ୟକାରୀ କମିଟି ତରଫରୁ କବି ସୁଜିତ କୁମାର ଶତପଥୀ, ତପସ୍ୱିନୀ ପଶାୟତ, ନିର୍ମାଲ୍ୟ ସ୍ୱାଇଁ ଓ ଅଭିଜିତ ଫରିକାର ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଆଗକୁ କିପରି କୋଶଲି ଭାଷାର ପ୍ରଚାର ପ୍ରସାର ହେବ, ନୂଆଁଖାଇ ଓ ପୁସପୁନି କୁ ନେଇ କୋଶଲି ଭାଷାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଆୟୋଜନ କରାଯିବ ସେ ବିଷୟରେ ବି ଆଲୋଚନା ହୋଇଥିଲା । ସରକାରୀ ସ୍ତରରେ କିଭଳି ଆମ ଭାଷାକୁ ମାନ୍ୟତା ମିଳିବ ସେ ବିଷୟରେ ମଧ୍ୟ ଗଭୀର ଦୃଷ୍ଟିପାତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଟ୍ରଷ୍ଟ ସଦସ୍ୟ କିଶୋର ଚନ୍ଦ୍ର ପୁରୋହିତ, ରଘୁନାଥ ବାବୁ, ବିରେନ୍ଦ୍ର କୁମାର ବନଛୋର, ମଧୁସୁଦନ ଦାଶ, ଆଶୁତୋଷ ମିଶ୍ର, କବି ସୁଶାନ୍ତ ବାଗ, ପୁସ୍ତମ ଜୁଆଡି, ଶ୍ରୀପାଳ ପଣ୍ଡା ପ୍ରମୁଖ ଯୋଗ ଦେଇ ତୃଣମୂଳସ୍ତରରୁ କୋଶଲି ଭାଷାର ବିକାଶ ତଥା ପରିଷଦର ମୁଖପତ୍ର 'ମୁହୁରି'ର କୋଶଳାଞ୍ଚଳର ସବୁ ଅଞ୍ଚଳରେ ପହଞ୍ଚାଇବାର ପ୍ରୟାସ ଉପରେ ଗୁରୁତ୍ୱ ଦେଇଥିଲେ ।



## ଅସୁସ୍ଥ ଗାଈର ଚିକିତ୍ସା କରାଇଲେ ଯୁବକ ସଂଘ କର୍ମକର୍ତ୍ତା

କୋକସରା,୨୯ ।୭(ସମିସ): ବେହେରା ଦନ୍ତେଶ୍ୱରୀ ଯୁବକ ସଂଘ କର୍ମକର୍ତ୍ତା ଅସୁସ୍ଥ ଅବସ୍ଥାରେ ରାସ୍ତା କଡ଼ରେ ରହିଥିବା ଏକ ବୁଲା ଗାଈକୁ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି । ଚିକିତ୍ସା ପରେ ସୁରକ୍ଷିତ ସ୍ଥାନକୁ ନେଇ ଗାଈର ଯତ୍ନ ନେଉଛନ୍ତି । କିଛି ଦିନ ତଳେ ଗୋରୁ ବେପାରୀମାନେ ବଜାରରୁ ଗାଈଗୋରୁ କିଣି ନେବା ସମୟରେ ଅସୁସ୍ଥ ଥିବା ଏହି ଗାଈଟିକୁ ଛାଡ଼ି ଚାଲିଯାଇଥିଲେ । ଗାଈଟିର ଗୋଡ଼ରେ ଖଣ୍ଡିଆ ହୋଇଥିଲା ।

ଗୁରୁତର ଅବସ୍ଥାରେ ଗାଈଟି ପଡ଼ି ରହିଥିଲା । ଏହା ଦେଖିବା ପରେ ଦନ୍ତେଶ୍ୱରୀ ଯୁବକ ସଂଘର କର୍ମକର୍ତ୍ତା ଗାଈକୁ ଉଦ୍ଧାର କରିବା ସହ ପ୍ରାଣୀ ଚିକିତ୍ସା କେନ୍ଦ୍ରର ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିଥିଲେ । ଏହାପରେ ପର୍ଲା ପ୍ରାଣୀ ଚିକିତ୍ସା କେନ୍ଦ୍ରର କର୍ମଚାରୀ ପହଞ୍ଚି ଅସୁସ୍ଥ ଗାଈର ଚିକିତ୍ସା କରିଛନ୍ତି । ଏବେ ଯୁବକ ସଂଘ ପକ୍ଷରୁ ସୁରକ୍ଷିତ ସ୍ଥାନରେ ଗାଈକୁ ରଖି ଯତ୍ନ ନିଆଯାଉଛି ।

## କୂଅ ଭିତରୁ ବିଲୁଆ ଉଦ୍ଧାର

କୋକସରା,୨୯ ।୭(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ସାନପୋଡାଗୁଡା ଗ୍ରାମର ମୋହନ ଝାଙ୍କରଙ୍କ ଘର ବାଡ଼ି ପଟେ ଥିବା କୂଅରୁ ମଙ୍ଗଳବାର ଏକ ବିଲୁଆକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ବିଲୁଆଟି କୂଅରେ ଖସିପଡି ଚିତ୍କାର କରୁଥିଲା । ଏହା ଜାଣିବାକୁ ପାଇ ସ୍ଥାନୀୟ ଯୁବକ ଚୌବନ ମେହେର କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଏହାପରେ ପରେ ଅଗ୍ନିଶମର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ସୁନୀଲ ରଞ୍ଜନ ବାରଲ, ରାଧେଶ୍ୟାମ ପ୍ରଧାନୀ, ମନୋଜ ବିଶ୍ୱାଳ, ହେମନ୍ତ ନାଏକ, ଦିଗାମ୍ବର ଶବର ପ୍ରମୁଖ ପହଞ୍ଚି ସୁରକ୍ଷିତ ଭାବରେ କୂଅ ଭିତରୁ ବିଲୁଆକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି । ଗ୍ରାମର ବିରସିଂ ମାଝୀ, ମଧୁବନ ପାତ୍ର, ମାନଗୋବିନ୍ଦ ଗୋପାଳ, ମଣ୍ଟୁ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ଫୁଲମୁଠି-ମହଦା ରାସ୍ତା ଶୋଚନୀୟ

ବିନିକା,୨୯ ।୭(ସମିସ): ବିନିକା-ସୋନପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଫୁଲମୁଠି-ମହଦା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଏଣୁ ବର୍ଷା ପାଣି ଜମି ରହୁଛି । ଏହାଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଗ୍ରାମାଞ୍ଚଳରେ ଜଳଯୋଗାଣ ସକାଶେ କଂକ୍ରିଟ ରାସ୍ତାକୁ ଭାଇବ୍ରେଟର ମେସିନ ଦ୍ୱାରା ଫଟାଇ ପାଇପ୍ ବିଛା ଯାଇଛି । ସେହି ସ୍ଥାନରେ ପୁନର୍ବାର କଂକ୍ରିଟ କରା ନ ଯିବାରୁ କେତେକ ସ୍ଥାନରେ ବିରାଟ ଘାଇ ସୃଷ୍ଟି କରିଛି । ଏହା ଫଳରେ ଚାରି ଚକିଆ ଗାଡ଼ିର ଚେଚିସ ଲାଗି ଯାଉଛି । ଗର୍ତ୍ତରେ ପାଣି ଭରି ରହିଥିବାରୁ ତାହା କେତେ ଖାଲ ରହିଛି କିଛି ଜଣାପଡୁନି । ବିଶେଷ କରି ସାଇକଲ, ବାଇକ୍ଆରୋହୀ ଖାଲରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛଲତା ଓ କୁଡକୁଡ ଆବର୍ଜନା ରହିଥିବାରୁ ଯିବା ଆସିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।



ସେହିପରି ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ଥିବାରୁ ଯାନବାହାନ ଅତିକ୍ରମ ବେଳେ ପରିସ୍ଥିତି ଜଟିଳ ହେଉଛି । ବିଭିନ୍ନ ସ୍ଥାନରୁ ପିଚୁ ଉଠି ଯିବାରୁ ରାସ୍ତାରୁ ବର୍ତ୍ତମାନ ଖାଲ ଖମାରେ ପରିଣତ ହୋଇଛି । ଦୀର୍ଘ ବର୍ଷ ହେଲା ମରାମତି ମଧ୍ୟ ହେଉନାହିଁ ।

## ନବୋଦୟ ବିଦ୍ୟାଳୟରେ ବିଜ୍ଞାନ ମେଳା



ବେଲପଡ଼ା,୨୯ ।୭(ସମିସ): ବେଲପଡ଼ା ସହରସ୍ଥିତ ପିଏଶ୍ରୀ ଜବାହର ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଉଛି । ଯେଉଁଥିରେ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ପ୍ରୋଜେକ୍ଟ ମାନ ପ୍ରଦର୍ଶନ କରିଥଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜ ନାରାୟଣ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ପ୍ରଦର୍ଶନୀ ମେଳାରେ କଣ୍ଟାବାଞ୍ଜି ଜେଏମ୍‌ଜେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତି ମାରିଆ ଦେବରକୋଣ୍ଡା ମେଳାର ଶୁଭାରମ୍ଭ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥଲେ । ଏଥିରେ ବିଭିନ୍ନ ପ୍ରକାରର କଳ । ।କ ସାମଗ୍ରୀ ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

● ବିଶାଖାପାଟଣାରେ ଆୟୁଷ୍ମାନ କାର୍ଡ ଅକାମୀ ଘଟଣା

## ହାତ ବଢ଼ାଇଲା 'ଆମେ ବିପଦର ବନ୍ଧୁ'



ଲାଞ୍ଜିଗଡ,୨୯ ।୭(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବାତେଲିମା ଗାଁର ମିଥୁନ ହରିଜନ ନାମକ ଜଣେ ଯୁବକ ଅତ୍ୟନ୍ତ ଗୁରୁତର ଭାବେ ବିଶାଖାପାଟଣାସ୍ଥିତ ସେଭେନ ହିଲ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ସେଠାରେ ଆୟୁଷ୍ମାନ ଭାରତ କାର୍ଡ କାମ ଦେଉନି । ଏଣୁ ମିଥୁନଙ୍କ ପରିବାର ଚିନ୍ତାରେ ପଡିଛନ୍ତି । ଆଇସିୟୁ ଭିତରେ ଥିବା ମିଥୁନଙ୍କ ଦୈନିକ ଚିକିତ୍ସା ଖର୍ଚ୍ଚ ୫୦ ହଜାର ଟଙ୍କା ହେଉଛି । ତାଙ୍କ ବୃଦ୍ଧ ବାପମାଆ ଟଙ୍କା ଯୋଗାଡ଼ କରି ପାରୁ ନାହାନ୍ତି । ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ 'ଆମେ ବିପଦର ବନ୍ଧୁ ହ୍ୱାଟ୍ସଆପ ଗ୍ରୁପର ସଦସ୍ୟମାନେ ହାତ ବଢାଇଛନ୍ତି । ୪୫ ହଜାର ୫୦୦ ଟଙ୍କା ସଂଗ୍ରହ ପରେ ମିଥୁନଙ୍କ ଜମାଖାତାକୁ ପଠାଇ ଦିଆଯାଇଛି ।

● ଜୁନାଗଡ ସାହିତ୍ୟ ସଂସ୍କୃତି ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଓ ଶ୍ରାବଣ ସାହିତ୍ୟ ଆସର

# ସାହିତ୍ୟରେ ଏକନିଷ୍ଠ ସାଧନା ଏକାନ୍ତ ଆବଶ୍ୟକ

ଜୁନାଗଡ,୨୯ ।୭(ସମିସ)



ସାହିତ୍ୟରେ ଏକନିଷ୍ଠ ସାଧନା ଏକାନ୍ତ ଆବଶ୍ୟକ । କବିମାନେ ମାଟିର କଥା କୁହନ୍ତୁ । ଜୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜୁନାଗଡ ସାହିତ୍ୟ ସଂସ୍କୃତି ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଓ ଶ୍ରାବଣ ସାହିତ୍ୟ ଆସରରେ ଏହି ମତ ପ୍ରକାଶ ପାଇଛି । ସଭାପତି ଅଜୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ଅଶୋକ ପଟ୍ଟନାୟକ, ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରବଣ ସାହୁ, ବିଶ୍ୱନାଥ କର, ଅଧାପକ ରାଜେଶ ମୁଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଯୁଗ ଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ । କିରଣମୟ ସେନାପତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ନବଘନ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା ସହ ଧନ୍ୟବାଦ ଅର୍ପଣ କରିଥିଲେ । କବି ପ୍ରତାପ ଚନ୍ଦ୍ର ପଣ୍ଡା, ଅର୍ଜୁନ ଗୋପାଳ, ଦୀନେଶ ମେହେର, ଶିବ ପ୍ରସାଦ ମହାରଣାଙ୍କ ସଂଯୋଜନାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୬୦ ଜଣ କବି ଯୋଗ ଦେଇ କବିତା ପାଠ କରିଥିଲେ । ବ୍ରଜକିଶୋର ମିଶ୍ର, ଚନ୍ଦ୍ରଶେଖର ସିଂ, ମନୋଜ ମେହେର, ବେଣୁଧର ବାଗ, ହୃଷିକେଶ ମିଶ୍ର, ହିତେଶ ପାଢ଼ୀ, ଶ୍ୟାମ ସୁନ୍ଦର ପାଢ଼ୀ, ଗୋପଳ ପାତ୍ର, କାଜଲ ମହାରଣା ଓ କୁମୁଦିନୀ ଘି ପ୍ରମୁଖ ସହଯୋଗ କରିଥିଲେ ।

## ମାଧିଆପାଲି ଲୁଟ୍ ଘଟଣାରେ ୭ ଗିରଫ

- ବଢୁଛି ଅପରାଧିକ କାର୍ଯ୍ୟକଳାପ
- ଲୁଟର ଶିକାର ହେଉଛି ଯାତ୍ରୀ

ବଲାଙ୍ଗିର,୨୯।୭(ସମିସ): ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ମାଧିଆପାଲି ନିକଟରେ ଟାଟା ଏସି ଡ୍ରାଇଭର ଓ ଅନ୍ୟ ମାନଙ୍କୁ ଲୁଟ ଘଟଣାରେ ପୁଲିସ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୋଗ ଅନୁସାରେ ଗତ ୧୭ ତାରିଖରେ ରାତ୍ରୀ ପ୍ରାୟ ୨ଟାରେ ଏକ ଟାଟା ଏସ୍‌ଗାଡି ନଂ-ଓଡି ୩୧ ୫୬୫୨ରେ ଡ୍ରାଇଭର ରାଜେଶ ପଧାନ, ଅମର ଦୀପ, ରିଙ୍କୁ ନାଏକ ଆସୁଥିବା ବେଳେ ମାଧିଆପାଲି କ୍ୟୁବୋଟା ସୋରୁମ ନିକଟରେ ବାଇକରେ ଆସି କିଛି ଯୁବକ ତାଙ୍କୁ ଅଟକାଇଥିଲେ । ଅଟକାଇବା ପରେ ତାଙ୍କୁ ମାଡ ମାରିବା ସହ ସେମାନଙ୍କ ପାଖରେ ଥିବା ନଗଦ ଟଙ୍କା, ମୋବାଇଲ ଫୋନ ଛଡାଇ ଫେରାର ହୋଇଯାଇଥିଲେ । ଏନେଇ ରାଜେଶ ପଧାନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ସଦର ପୁଲିସ କେସ ନଂ ୩୦୧/୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗକାରୀଙ୍କ ସୂଚନାକ୍ରମେ ବଲାଙ୍ଗିର ଲକ୍ଷ୍ମୀନଗରପଡାର ଶିବୁ ସ୍ୱାଇଁ, କନ୍ଦପାଲିପଡାର ବିଶ୍ୱରଞ୍ଜନ ତାଣ୍ଡିଙ୍କ ସମେତ ସହଯୋଗୀ ଚିମନୀଭାଟିପଡାର ନରେଶ ସାହୁ, ବରପାଲିପଡାର ରିତେଶ ବେହେରା, ସୌମ୍ୟରଞ୍ଜନ କବାଟ, ରାମେଶ୍ୱରନଗରର ସୁମନ୍ତ ପଣ୍ଡା ଓ ତରଭାର ଶକ୍ତି ଦାସକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ତେବେ ବଲାଙ୍ଗିର ସହର ଡେଇଁବା ପରେ ମାଧିଆପାଲି ରହିଛି । ଏହି ଅଞ୍ଚଳର ଟାଉନ,ସଦର ଓ ପୁଇଁନ୍ତଲା ଥାନାର ସୀମା ହୋଇଥିବାରୁ ପ୍ରାୟତଃ ଏହି ଅଞ୍ଚଳରେ ଉପରେ ପୁଲିସର ନଜର ନାହିଁ । ଫଳରେ ଏହି ଅଞ୍ଚଳରେ ଦିନକୁଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି । ଏହି ଅଞ୍ଚଳରେ କୌଣସି ପ୍ରକାର ଫାଣ୍ଡି ମଧ୍ୟ ନଥିବା ବେଳେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କୁ ଅନେକ ସମୟରେ ଲୁଟ, ଆକ୍ରମଣର ଶୀକାର ହେବାକୁ ପଡୁଛି । ପୁଲିସ ପକ୍ଷରୁ ଏହି ଅଞ୍ଚଳରେ ପାଟ୍ରୋଲିଂ ମଧ୍ୟ କୌଣସି ବ୍ୟବସ୍ଥା ନଥିବାରୁ ଏହିଭଳି ଘଟଣା ଦିନକୁଦିନ ବଢିଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ଲୋକେ ଦାବି କରିଛନ୍ତି । ଜିଲ୍ଲା ପୁଲିସ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ଭୁବନେଶ୍ୱର ସିଟି



## ପାଣି କାଦୁଅ ଘେରରେ ସହିଦନଗର

# ଖାଲଖମା ଭର୍ତ୍ତି ରାସ୍ତାରେ ଜମୁଛି ବର୍ଷାପାଣି

ଭୁବନେଶ୍ୱର, ୨୯।୭ (ସମିସ)



ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି। ଘରୁ ବାହାରିଲେ ପଚ ପଚ ପାଣି କାଦୁଅ। ଝିପିଝିପି ବର୍ଷାରେ ରାସ୍ତା ଉପରେ ପାଣି ଜମି ରହୁଥିବା ବେଳେ ପ୍ରବଳ ବର୍ଷା ସମୟରେ ନଦୀର ଭ୍ରମ ଦେଖିବାକୁ ମିଳୁଛି। ଫଳରେ ସ୍ଥାନୀୟ ଲୋକମାନେ ପଦାକୁ ବାହାରିବା ଅସମ୍ଭବ ହୋଇପଡୁଛି। ତଥାପି ବାଧ୍ୟ ହୋଇ ପାଣି ଭିତରେ ପଶି ଯିବା ଆସିବା କରୁଛନ୍ତି ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କର୍ମଜୀବୀ ମାନେ। ଏଭଳି ଦୃଶ୍ୟ କୌଣସି ଗ୍ରାମାଞ୍ଚଳ କିମ୍ବା ଅପହଞ୍ଚ ଇଲାକାରେ ନୁହେଁ ବରଂ ଖୋଦ୍ ରାଜଧାନୀର ହାର୍ଟ କୁହାଯାଉଥିବା ସହିଦ ନଗରରେ ଦେଖିବାକୁ ମିଳିଛି। ବର୍ଷ ବର୍ଷ ଡ୍ରେନ୍‌ରେ ଆବର୍ଜନା ପକାଇବା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମହଙ୍ଗା ପଡ଼ିଛି।

ରାଜଧାନୀର ସବୁଠୁ ଚଳଚଞ୍ଚଳ ଅଞ୍ଚଳ ଭାବେ ପରିଚିତ ସହିଦନଗର। ଜାତୀୟ ରାଜପଥ ଠାରୁ ମାତ୍ର ଅଳ୍ପ ଦୂରରେ ରହିଥିବା ଏହି ଜନଗହଳି ସ୍ଥାନରେ ରହିଛି ବଡ଼ବଡ଼ ସପିଂ ମଲ୍ ଠାରୁ ଆରମ୍ଭ କରି ବ୍ୟବସାୟିକ ପ୍ରତିଷ୍ଠାନ ଓ କର୍ପୋରେଟ୍ ସଂସ୍ଥା। ଏହାସହ ପ୍ରମୁଖ ରାଜନେତାଙ୍କ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ବାସଭବନ ସାଙ୍ଗକୁ ହସ୍ପିଟାଲ ମଧ୍ୟ ରହିଥିବାରୁ ପ୍ରତିଦିନ ହଜାର ହଜାର ଲୋକେ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ଆସିଥାନ୍ତି। ବିଏମ୍‌ସି ୱାର୍ଡ ନମ୍ବର ୩୦ ଅଧୀନରେ ରହିଥିବା ଏହି ଅଞ୍ଚଳଟି ଭୁବନେଶ୍ୱର ସର୍ବପୁରାତନ ଅଞ୍ଚଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ଘରଭଡ଼ା ମଧ୍ୟ ଆକାଶ ଛୁଆଁ। କେବଳ ବଡ଼ବଡ଼ିଆଙ୍କ ରହଣିସ୍ଥାନ କୁହାଯାଉଥିବା ଏହି ଭିଆଇପି ଅଞ୍ଚଳ ଏବେ ପାଣି କାଦୁଅ ଘେରରେ। କାରଣ ଏଠାରେ ୨୦ ବର୍ଷ ପୂର୍ବରୁ ରହିଥିବା ପୁରୁଣା ଡ୍ରେନ୍ ସମ୍ପୂର୍ଣ୍ଣ ପୋତି ହୋଇଯିବାରୁ ବର୍ଷା ପାଣି ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ପ୍ରବାହିତ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଫଳରେ ପ୍ରତିବର୍ଷ ଜଳବନ୍ଦୀ ଜୀବନ କାଟୁଛନ୍ତି ଅଞ୍ଚଳବାସୀ। ବିଭିନ୍ନ କାରଣରୁ ରାସ୍ତା ଗୁଡ଼ିକ ଖୋଳାଯାଉଥିବାରୁ ବର୍ଷାରେ ମାଟି ଧୋଇ ପକ୍କା ରାସ୍ତା ପାଲଟିଛି କାଦୁଅ ରାସ୍ତା। ବର୍ଷା ପାଣି ସୁଅ ଏତେ ପ୍ରଖର ଯେ କଂକ୍ରିଟ ରାସ୍ତା କୁ ମଧ୍ୟ ଧୋଇ ଦେଉଥିବା ଦେଖିବାକୁ ମିଳିଛି। ତା ସାଙ୍ଗକୁ ଚାରିଆଡ଼େ ପାଣି ଆଉ ପାଣି। ସେହିପରି ଅଧିକାଂଶ ସ୍ଥାନରେ ରାସ୍ତା ଗୁଡ଼ିକ ଭାଙ୍ଗି ନଷ୍ଟ ହେବା ସହ ଖାଲଖମାରେ ଭର୍ତ୍ତି ହୋଇଛି। ଖାଲରେ ବର୍ଷାପାଣି ଭର୍ତ୍ତି ହୋଇ ନିୟମିତ ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖିବାକୁ ମିଳିଛି। ଯାହା ଗାଁ ଗହଳିର ମାଟି ରାସ୍ତାକୁ ବଳିଯାଇଛି। ଫଳରେ ରାସ୍ତା ଭିତେରେ ଖାଲଖମା ଭର୍ତ୍ତି ହୋଇଥିବାରୁ ବର୍ଷା ସମୟରେ ଯିବା ଆସିବା କରିବାରେ ସମସ୍ୟା ଭୋଗୁଛନ୍ତି ଲୋକେ। ତେବେ ଏଠାରେ ରହିଥିବା ବହୁ ପୁରାତନ ଡ୍ରେନ୍ ଜାମ୍ ହୋଇଯିବାରୁ ପାଣି ନିଷ୍କାସନ ହେଉନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ଶିକ୍ଷାନୀତିର ପଞ୍ଚମ ବର୍ଷ ପୂର୍ତ୍ତି ଉତ୍ସବ



ଭୁବନେଶ୍ୱର, ୨୯।୭ (ସମିସ): ଶିକ୍ଷାକୁ ବହି ବା ବିଦ୍ୟାଳୟରେ ସୀମିତ ନ ରଖି ବ୍ୟାପକ ଓ ବିସ୍ତୃତ କରିବାରେ 'ଜାତୀୟ ଶିକ୍ଷାନୀତି' ସଫଳ ହୋଇଛି। ଶିକ୍ଷାକ୍ଷେତ୍ରରେ ଭାରତ ବର୍ଷକୁ ସମୃଦ୍ଧ ଓ ବିକଶିତ କରିବା ଦିଗରେ ଅଗ୍ରସର କରାଇବ। 'ଜାତୀୟ ଶିକ୍ଷାନୀତି ୨୦୨୦' କାର୍ଯ୍ୟାନ୍ୱୟନର ପଞ୍ଚମ ବର୍ଷ ପୂର୍ତ୍ତି ଅବସରରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏନ୍‌ସିଇଆର୍‌ଟିର ପ୍ରାକ୍ତନ ନିର୍ଦ୍ଦେଶକ ତଥା ପ୍ରତିଷ୍ଠାନର ପ୍ରଫେସର ହୃଷୀକେଶ ସେନାପତି, ଡିଏମ୍ ସ୍କୁଲ ପ୍ରଧାନଶିକ୍ଷକ ଅଖିଳେଶ୍ୱର ମିଶ୍ର ଯୋଗଦେଇ ଶିକ୍ଷାନୀତିର ବହୁଭାଷିକତା ଓ ସ୍ଥାନୀୟତାକୁ ପ୍ରାଥମିକତା ଦିଆଯାଇଥିବା କହିଛନ୍ତି। ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ନିଜର ଆଭିମୁଖ୍ୟ ଓ ଅନୁଭୂତି ବର୍ଣ୍ଣନା କରିଛନ୍ତି। ଡ. ପୁଷ୍ପଲତା ନେଗିଙ୍କ ତତ୍ତ୍ୱାବଧାନରେ ଏକ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିବାବେଳେ ଡ. ମାର୍କଣ୍ଡେୟ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

## ୮୭ ବର୍ଷ ବୟସ୍କାଙ୍କ ଦୁଇ ଆଣ୍ଠୁ ପ୍ରତିରୋପଣ



ଭୁବନେଶ୍ୱର, ୨୯।୭ (ସମିସ): କିମ୍ସ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଜଣେ ୮୭ ବର୍ଷୀୟା ମହିଳାଙ୍କ ଉଭୟ ଆଣ୍ଠୁର ସଫଳ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି। ସୂଚନା ଅନୁସାରେ, ମହିଳା ଜଣକ ଗତ ୧୫ବର୍ଷ ଧରି ଗୁରୁତର ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ଦିନକୁ ଦିନ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କିମ୍ସ ଆଣ୍ଠୁ ଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡ. ବସନ୍ତ ବେହେରାଙ୍କ ସହ ପରାମର୍ଶ କରାଯାଇଥିଲା। ନିଶ୍ଚେତକ ବିଶେଷଜ୍ଞ ଡ. ରାଜ ମୋହନ ଓ ତାଙ୍କ ଦଳ ନର୍ଭ ବ୍ଲକ ସହ ମେରୁଦଣ୍ଡ ନିଶ୍ଚେତକ ବ୍ୟବହାର କରିଥିଲେ। ଶଷ ଅସ୍ତ୍ରୋପଚାରର ମାତ୍ର ୫ଦିନ ପରେ କୌଣସି ଜଟିଳତା ନ ଥାଇ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା।

## 'ପାଠ୍ୟକ୍ରମରେ ଏଆଇ ବ୍ୟବହାରର ଆବଶ୍ୟକତା ରହିଛି'

ଭୁବନେଶ୍ୱର, ୨୯।୭ (ସମିସ): ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ଓ ସାଇବର ସିକ୍ୟୁରିଟି ସମାଜର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିବା ବେଳେ ବିଭିନ୍ନ ପାଠ୍ୟକ୍ରମରେ ଏହାକୁ ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ




ଆନ୍ତର୍ଜାତିକ ସମ୍ମିଳନୀ 'ଇନୋଭେସନ୍‌ସ୍ ଇନ୍ ଇନ୍‌ଟେଲିଜେନ୍ସ ସିଷ୍ଟମ୍ସ: ଆଡଭାନ୍ସମେଣ୍ଟସ ଇନ୍ କମ୍ପ୍ୟୁଟିଙ୍ଗ, କମ୍ୟୁନିକେସନ୍ ଆଣ୍ଡ ସାଇବର ସିକ୍ୟୁରିଟି' (ଆଇଏସ୍‌ଏସି ୩-୨୦୨୫) କାର୍ଯ୍ୟକ୍ରମରେ ସାଉଥ କୋରିଆର ବେକ୍‌ସିଓକ୍ ବିଶ୍ୱବିଦ୍ୟାଳୟର ଇନ୍‌ଫର୍ମେସନ୍ ଆଣ୍ଡ କମ୍ୟୁନିକେସନ୍ ବିଭାଗର ପ୍ରଫେସର ଚେ ଗ୍ୟୁ ସୁ ଯୋଗଦେଇ ଏଆଇର ଆବଶ୍ୟକତା ସବୁ କ୍ଷେତ୍ରରେ ରହିଛି ଏବଂ ଏହାର ବ୍ୟବହାର ସବୁ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଜାଣିବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ କ୍ୱାଣ୍ଟମ୍ ସିକ୍ୟୁରିଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ଆଇଇଇଇ ଏସ୍‌ଏଲ୍‌ଏଟିଇର ସଦସ୍ୟ ପ୍ରଫେସର ପ୍ରମୋଦ କୁମାର ମେହେର, ଆଇଇଇଇ ଭୁବନେଶ୍ୱର ଶାଖାର ଚେୟାର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଫେସର ଦେବାହୁତି ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଏସ୍‌ଏସି୩-୨୦୨୫ର ପ୍ରୋଗ୍ରାମ ଚେୟାର ଡ. ଭାରତଜ୍ୟୋତି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ନିବାରଣ ଆଇନ ସଚେତନତା



ଭୁବନେଶ୍ୱର, ୨୯।୭ (ସମିସ): ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ 'କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା (ସୁରକ୍ଷା, ନିବାରଣ ଏବଂ ପ୍ରତିକାର) ଆଇନ-୨୦୧୩' ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳଙ୍କ କମିଶନର ତଥା ଶାସନସଚିବ ରୂପା ରୋଶନ ସାହୁ କହିଛନ୍ତି ଯେ, ଯେକୌଣସି ପ୍ରକାରର ଯୌନ ନିର୍ଯାତନା ସମାନତା ଏବଂ ମାନବିକ ମର୍ଯାଦା ନୀତିର ଅପମାନ। କହିବା ସହ ସତର୍କତା ଏବଂ ସଂକଳ୍ପର ସହ ଏପରି ଆଚରଣକୁ ରୋକିବା ଏବଂ ସମାଧାନ କରିବା ସମସ୍ତଙ୍କର ମିଳିତ କର୍ତ୍ତବ୍ୟ ହେଉ ବୋଲି କହିଥିଲେ। ଏଥିରେ ପୁଲିସ୍ କମିସନରେଟର ଆଇ.ଟି ଏବଂ ସୋସିଆଲ ମିଡିଆ ସେଲ୍‌ଫ ଏସିପି ସୁଚିସ୍ମିତା ଦାସ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା ନିବାରଣ ଆଇନ୍ ସମ୍ପର୍କରେ ଅବଗତି କରାଇଥିଲେ।

## 'ଏଣ୍ଡୁଷ୍ଟ ତେଣ୍ଡୁଷ୍ଟ' ଉନ୍ମୋଚିତ



ଭୁବନେଶ୍ୱର, ୨୯।୭ (ସମିସ): ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳୀ ପକ୍ଷରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ପ୍ରାକ୍ତନ ଅଧିକ୍ଷକ ପ୍ରହଲ୍ଲାଦ ସାହୁଙ୍କ ଦ୍ୱାରା ସଂଗୃହିତ 'ଏଣ୍ଡୁଷ୍ଟ ତେଣ୍ଡୁଷ୍ଟ' ପୁସ୍ତକ ଜୟଦେବ ବିହାରସ୍ଥିତ ଭଗବତୀ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଇଂ ଗଣେଶ ଚନ୍ଦ୍ର ପଣ୍ଡା, ପ୍ରଫେସର ଭାରତ ଭୂଷଣ ରଥ, ସୁକାନ୍ତ ପ୍ରଧାନ, ଅଧ୍ୟାପକ ହରେକୃଷ୍ଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଦସ୍ୟ ଅନୁପ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜ୍ଞାନରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୈଳାସ ଚନ୍ଦ୍ର ରଥ, ଆଲୋକ ସାହୁ, ଶୁଭଶ୍ରୀ ସାହୁ, ମଧୁସ୍ମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ହେପାଟାଇଟିସ୍ ଦିବସରେ ଡାକ୍ତର, ପୁଲିସ, ଅଭିନେତା ଏକାଠି




ଭୁବନେଶ୍ୱର, ୨୯।୭ (ସମିସ): ଗ୍ୟାଷ୍ଟ୍ରୋ ଏବଂ ଲିଭର କେୟାର ଫାଉଣ୍ଡେସନ ଓ କମିଶନରେଟ ପୁଲିସ ରେଡକ୍ରସର ମିଳିତ ସହଯୋଗରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର, ପୁଲିସ, ସ୍କାଉଟ୍‌ଗାଇଡ୍, ଏନ୍‌ଏସଏସ, ଚଳଚିତ୍ର ଅଭିନେତା ଓ ଅଭିନେତ୍ରୀ ଯୋଗଦେଇ କଳିଙ୍ଗଷ୍ଟାଡ଼ିୟମ ଠାରୁ ଏକ ରାଲିରେ ବାହାରି କମିସନରେଟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ପହଁଚିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଡ଼ିସିପି ମାନସ ଗଡ଼ନାୟକ, ଏସିପି ସୁରକାନ୍ତ ମହାନ୍ତି, ଲିଭର ଫାଉଣ୍ଡେସନର ମୁଖ୍ୟ ଡ଼. ମନୋଜ ସାହୁ, ଅଭିନେତା ରୁଷି ପଟ୍ଟନାୟକ, ଏନ୍‌ଏସଏସର ଅଞ୍ଚଳିକ ନିର୍ଦ୍ଦେଶକା ସରିତା ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓୟୁଏଟି ସିପିଜିଏସ୍ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର, ୨୯।୭ (ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସେଣ୍ଟର ଫର ପୋଷ୍ଟ ଗ୍ରାଜୁଏଟ ଷ୍ଟଡ଼ିଜ (ସିପିଜିଏସ୍) ଠାରେ ଅନୁଷ୍ଠାନର ଏସ୍‌ଏସ୍‌ଜି କର୍ମକର୍ତ୍ତାଙ୍କ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସ୍ନାତକୋତ୍ତର ଅଧ୍ୟକ୍ଷ ପ୍ରଫେସର ଚନ୍ଦ୍ରମଣି ପଣ୍ଡା, ଛାତ୍ର ମଙ୍ଗଳ ଅଧ୍ୟକ୍ଷ ପ୍ରଫେସର ସୁରେଶ କୁମାର ପଣ୍ଡା, ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ଗୋପୀମୋହନ ପଟ୍ଟନାୟକ ଏବଂ ଅନ୍ୟ ଡିନ୍ /ଡାଇରେକ୍ଟରମାନେ ସଦୟ ଉପସ୍ଥିତ ରହିରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସିପିଜିଏସ୍ ପରିସରରେ ଥିବା ଏମ୍‌ସିଏ ହଲ୍-୧ରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୪୦ରୁ ଅଧିକ ୟୁନିଟ୍ ରକ୍ତ ସଂଗୃହୀତ ହୋଇପାରିଥିଲା।

## ବିଏନ୍‌ଆଇ ଧଉଳୀ ଗ୍ରେଟର୍ ଓଡ଼ିଶା ୧୦ମ ଚାପ୍ଟର ଶୁଭାରମ୍ଭ

ଭୁବନେଶ୍ୱର, ୨୯।୭ (ସମିସ): ବିଏନଆଇ ଗ୍ରେଟର ଓଡ଼ିଶା ଚାପ୍ଟର ୧୦ମର ଶୁଭାରମ୍ଭ ହୋଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସିଏସ୍ ସୁନୀତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ କ୍ଷେତ୍ର ନିର୍ଦ୍ଦେଶକ କେ ସଞ୍ଜୀବ ପାତ୍ର, ଜିଲ୍ଲା ନିର୍ଦ୍ଦେଶକ ବିମଳ ସାମଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଏ.ସ ସୁନୀତା ମହାନ୍ତି, ପ୍ରଦୀପ ଅଗ୍ରୱାଲ, ଧଉଳୀ ଚାପ୍ଟରର ସଭାପତି ଜିତୁ ଶତପଥୀ, ଉପସଭାପତି ଅଭିଜିତ ମହାନ୍ତି, କୋଷାଧ୍ୟକ୍ଷ ବିବେକାନନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଅନ୍ତା, ୨୯।୭ (ସମିସ): ବାଳକାଟି ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଅଧ୍ୟକ୍ଷା ଲୀନା ପଟ୍ଟନାୟକ ସଭାପତିତ୍ୱ କରି ମହାବିଦ୍ୟାଳୟର ନୀତି ନିୟମ ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିବା ସହ ଶୃଙ୍ଖଳିତ ଅଧ୍ୟୟନ ସହ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଅଧ୍ୟାପିକା ଅଞ୍ଜଳୀ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ୩ ଶହ ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତେ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଶା ନିବାରଣ ଓ ନାରୀଶିକ୍ଷା-ସଶକ୍ତୀକରଣ ସଚେତନତା ସଭା

ଭୁବନେଶ୍ୱର, ୨୯।୭ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ରୁଦ୍ରନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ 'ନିଶା ନିବାରଣ, ନାରୀଶିକ୍ଷା ଓ ସଶକ୍ତୀକରଣ' ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ବିଶେଷଜ୍ଞ ଡ. ମହମ୍ମଦ ଇମ୍‌ରାଜନ ଅଲ୍ଲୀ 'ନିଶାମୁକ୍ତ ଓଡ଼ିଶା ଓ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ' ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ବିଶେଷଜ୍ଞ ଡ. ମମତା ଦାସ 'ମହିଳା ସଶକ୍ତୀକରଣ ଓ ନାରୀସୁରକ୍ଷା' ବିଷୟରେ ଆଲୋଚନା କରିଥିଲେ। ବିଭାଗର ଅତିଥି ଅଧ୍ୟାପକ ଡ. ସଂଗ୍ରାମ କେଶରୀ ରାଉତ ଅତିଥି ପରିଚୟ ସହିତ ସଭା ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ସହକାରୀ ପ୍ରଧାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ, ସହକାରୀ ପ୍ରାଧ୍ୟାପକ ଆନ୍‌ପା ମାର୍ଣ୍ଡି ଉପସ୍ଥିତ ଥିଲେ। ସଭାଶେଷରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ଅର୍ପିତା ସାହୁ ଡ. ଦାଶଙ୍କୁ ନୀଳକଇଁ ପୁଷ୍ପ ଅର୍ପଣ ସହିତ ଧନ୍ୟବାଦ ଦେଇଥିଲେ।

## କ୍ୟାପିଟାଲ୍ ହସ୍ପିଟାଲରେ ହନ୍ତସନ୍ତ ଲୋକେ

# ବର୍ଷା ହେଲେ ବସିବାକୁ ଜାଗା ନାହିଁ

ଭୁବନେଶ୍ୱର, ୨୯।୭ (ସମିସ)

ରୋଗ ଦେଖାଇବା ପାଇଁ ହେଉ ଅବା ରୋଗୀଙ୍କୁ ଦେଖା କରିବାକୁ ହେଉ ଆପଣ ଯଦି କ୍ୟାପିଟାଲ ହସ୍ପିଟାଲ ଆସିଛନ୍ତି ଆଉ ଏହି ସମୟରେ ବର୍ଷା ହୁଏ ତେବେ ଆପଣର ହସ୍ପିଟାଲର କେଉଁ ଏକ ସ୍ଥାନରେ ଆଗରେ ଠିଆ ହେବାକୁ ପଡ଼ିବ। ବର୍ଷା ବେଳେ ହସ୍ପିଟାଲରେ ବସିବା ପାଇଁ କୌଣସି ଉପଯୁକ୍ତ ସ୍ଥାନ ନାହିଁ। ଯେଉଁଥିପାଇଁ ରୋଗ

### ଓଦାରେ ବସୁଛନ୍ତି ଲୋକେ



ଦେଖାଇବାକୁ ଆସିଥିବା ଲୋକ ଓ ରୋଗୀଙ୍କୁ ଦେଖିବାକୁ ଆସିଥିବା ଲୋକେ ବର୍ଷା ବେଳେ ଅନେକ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ଶହଶହ ଲୋକଙ୍କ ସମେତ ଅନେକ ରୋଗୀ ଆସୁଛନ୍ତି। ପଞ୍ଜିକରଣ କେନ୍ଦ୍ରର ସମୟ ସକାଳ ୮.୩୦ରୁ ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ ରହିଥିବା ବେଳେ ଅପରାହ୍ନ ୧.୩୦ ରୁ ୪.୩୦ ପର୍ଯ୍ୟନ୍ତ ପଞ୍ଜୀକରଣ କରାଯାଉଛି। ରୋଗ ପଞ୍ଜୀକରଣ କରିବା ପାଇଁ ହେଉ କି ଔଷଧ ବିତରଣ କେନ୍ଦ୍ରରେ ଔଷଧ ନେବା ପାଇଁ ହେଉ ଏଥିପାଇଁ ଧାଡ଼ି କରି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ହେଲେ ଏହି ସମୟରେ ବର୍ଷା ହେଲେ ଲୋକ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହସ୍ପିଟାଲ ପରିସରରେ ଲୋକମାନେ ଘଣ୍ଟା ଘଣ୍ଟା ଠିଆ ହୋଇ ରହୁଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଯେତିକି ସ୍ଥାନ ବି ରହୁଛି ଏହି ସ୍ଥାନକୁ ଯିବା ଆସିବା କରି ଲୋକମାନେ ଓଦା କରି ଦେଉଛନ୍ତି। ତଥାପି ଦୂର ଦୂରାନ୍ତରୁ ଆସୁଥିବା ଲୋକମାନେ ସେହି ଓଦା ଟଟାଣରେ ବସି ରହୁଛନ୍ତି ତ ଆଉ କିଏ ଥକ୍କା ମେଣ୍ଟାଇବା ପାଇଁ ଶୋଇପଡୁଛନ୍ତି। ବର୍ଷା ନ ହେଲେ ହସ୍ପିଟାଲ ପରିସର ବାହରେ ଯିଏ ଯେଉଁଠି ପାଇଲେ ବସିପଡୁଥିଲେ ହେଲେ ଟିକେ ବର୍ଷା ରୋଗୀ, ଭୋଗୀ ସମସ୍ତେ ଏକାଠି ହୋଇଯାଉଛନ୍ତି। ଦିନ ବେଳା ବର୍ଷା ହେଲେ ବେଳେ ରାତି କଥା ନକହିବା ଭଲ। କହିଲେ ଚଳେ। ଅଶୋକ ନଗରରୁ ଆସିଥିବା ଜଣେ ମହିଳା ପଞ୍ଜୀକରଣ କେନ୍ଦ୍ର ଆଗପଟ ଛାତରୁ ପାଣି ଗଳୁଛି ବୋଲି ଅଭିଯୋଗ କରିଛନ୍ତି।

ଦୁଇ ଘଣ୍ଟା ହେଲାଣି ସେମିତି ଠିଆ ହୋଇଛୁ। ଲୋକମାନେ ଠିଆ ହେବାକୁ ସ୍ଥାନ ନାହିଁ ଆଉ ବସିବାକୁ ସ୍ଥାନ କୁଆଡୁ ମିଳିବ ବୋଲି ଜଣେ ରୋଗୀଙ୍କ ସମ୍ପର୍କୀୟ ନିତୁ ମହାପାତ୍ର କହିଛନ୍ତି। ଏତେ ବଡ଼ ହସ୍ପିଟାଲ ହେଲେ ଏହି ସବୁ ଛୋଟ ଛୋଟ କଥାର ଧ୍ୟାନ ଦିଆଯାଉନାହିଁ କିନ୍ତୁ ଏହି ଛୋଟ କଥା ଯେ ଲୋକମାନଙ୍କର କେତେ ଅସୁବିଧା ହେଉଛି ଏଥିପାଇଁ କେହି ଧ୍ୟାନ ଦେଉନାହାନ୍ତି ବୋଲି ସେ କହିଛନ୍ତି।

# ସୁନାଚେନ୍ ଲୁଟ ଘଟଣାରେ ୩ ଗିରଫ



ରାଉରକେଲା,୨୯।୭(ସମିସ): ବାସନ୍ତୀ କଲୋନୀ ଅଞ୍ଚଳରୁ ଜଣେ ଯୁବତୀଙ୍କ ବେକରୁ ସୁନା ଚେନ୍ ଲୁଟ ଘଟଣାରେ ଉଦିତନଗର ଥାନା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩ଟି ସୁନା ଚେନ୍ ଜବତ କରିଛି। ସୂଚନା ମୁତାବକ ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀର ହମିରପୁର ବସ୍ତିରେ ବାସ କରୁଥିବା ଏକାଦଶୀ ରଣାଙ୍କ ପତ୍ନୀ ମୀନା ରଣା(୫୫) ଗତ ୧୩ ତାରିଖ ଭୋର ୫ଟାରେ ଏଏମ-୧୮ କ୍ୱାର୍ଟର ନିକଟରେ ଫୁଲ ତୋଳୁଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ଚେନ୍ ଛିନତାଇ କରି ବାଇକରେ ଚମ୍ପଟ ମାରିଥିଲା। ଏନେଇ ମୀନା ରଣା ତାଙ୍କ ସ୍ୱାମୀଙ୍କ ସହ ଉଦିତନଗର ଥାନାକୁ ଯାଇ ଏତାଲା ଦେଇଥିଲେ। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ଆଜି ମାଲଗୋଦାମ ଆଇସ ଫାକ୍ଟ୍ରି ନିକଟରେ ବାସ କରୁଥିବା ଶିବ ସିଂହ (୨୬), ମଧୁସୂଦନପାଲୀ ଅଞ୍ଚଳର ଶଙ୍କର କୁମାର ପ୍ରସାଦ(୩୫) ଓ ରେଲୱେ ଷ୍ଟେସନ ରୋଡର ଅବଦୁଲ୍ଲା ଅବଦୁଲ୍ଲା (୩୮) ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ୩ଟି ସୁନା ଚେନ ଓ ୮ଟି ସୁନା ଲକେଟକୁ ପୁଲିସ ଜବତ କରିଛି। ଗିରଫ ଶିବ ସିଂହ ନାଁରେ ପ୍ଲାଣ୍ଟସାଇଟ୍, ଝିରପାଣି, ସେକ୍ଟର-୧୫ ଓ ସେକ୍ଟର-୧୯ ଥାନାରେ ବିଭିନ୍ନ ମାମଲା ରହିଥିବାବେଳେ ଶଙ୍କର ପ୍ରସାଦ ନାଁରେ ସେକ୍ଟର-୧୫ ଥାନାରେ ମାମଲା ରହିଥିବା ସୂଚନା ମିଳିଛି। ଜବତ ସୁନା ଚେନକୁ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଛି।

# ସ୍କୁଲ ଭ୍ୟାନ୍ ତଳେ ପଶିଗଲା ସ୍କୁଟି

ରାଉରକେଲା,୨୯।୭(ସମିସ): ବନ୍ଧମୁଣ୍ଡାର ଫୁଲୱାରୀ ସ୍କୁଲ ନିକଟରେ ଏକ ସ୍କୁଟି ଦ୍ରୁତ ଗତିରେ ଆସି ଗୋଟିଏ ସ୍କୁଲ ଭ୍ୟାନ୍ ସହିତ ଧକ୍କା ଦେଇଥିଲା। ଯାହା ଫଳରେ ସ୍କୁଟିଟି ସ୍କୁଲ ଭ୍ୟାନ ତଳେ ପଶି ଯାଇଥିଲା। ସ୍କୁଟିରେ ବସିଥିବା ଦୁଇଟି ଛୋଟ ପିଲା ଅଳ୍ପକେ ରକ୍ଷା ପାଇଯାଇ ଥିଲେ। ସ୍କୁଟି ସହିତ ଧକ୍କା ହେବା ଯୋଗୁଁ ସ୍କୁଲ ଭ୍ୟାନ୍‌ର କାଚଟି ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ସ୍କୁଟିର ଗତି ବହୁତ ଅଧିକ ଥିଲା ଏବଂ ଜଣେ ଛୋଟ ପିଲା ଏହାକୁ ଚଲାଉ ଥିଲା। ଏହି ଘଟଣାରେ ସ୍କୁଲ ଭ୍ୟାନ୍‌ରେ ବସିଥିବା କୌଣସି ଛାତ୍ରୀଛାତ୍ରୀଙ୍କୁ କୌଣସି ପ୍ରକାରର ଆଘାତ ଲାଗିନାହିଁ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ବନ୍ଧମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଲ ଭ୍ୟାନ୍ ଏବଂ ସ୍କୁଟିକୁ ଜବତ କରି ଥାନାକୁ ନେଇ ଥିଲେ।



# ୭ ଘଣ୍ଟା ବନ୍ଦ ରହିବ କୁକୁଡ଼ା ରେଳଫାଟକ

ରାଉରକେଲା,୨୯।୭(ସମିସ): ରାଉରକେଲା -ବିଶ୍ରା ମୁଖ୍ୟ ରାସ୍ତାରେ ଥିବା କୁକୁଡ଼ା ରେଳଫାଟକ ବୁଧବାର ରାତି ୯ଟାରୁ ଭୋର୍ ୪ ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ରେଳବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସୂଚନା ଅନୁଯାୟୀ, ମେସିନ୍ ପ୍ୟାକିଂ ଏବଂ ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ୭ ଘଣ୍ଟାର ଏହି ଅସ୍ଥାୟୀ ବନ୍ଦ କରାଯାଉଛି। ଏହି ସମୟ ମଧ୍ୟରେ ରେଳ ଟ୍ରାକ୍ ତଳେ ପଥର ପକାଇବା, ଫାଟକର ସମତଳୀକରଣ ଏବଂ ବୈଷୟିକ ପରୀକ୍ଷା କରାଯିବ। କାର୍ଯ୍ୟ ସମୟରେ ଉକ୍ତ ରେଳଫାଟକରେ କୌଣସି ପ୍ରକାରର ଯାନବାହନ ଚଳାଚଳ ହେବନାହିଁ। ଯାହା ପାଇଁ ସ୍ଥାନୀୟ ଲୋକମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଯାହାଫଳରେ ରେଳ ପ୍ରଶାସନ ଲୋକଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଏବଂ ରେଳବାଇର ସହଯୋଗରେ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଏହା ସହିତ ସ୍ଥାନୀୟ ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଛି ଯାହା ଦ୍ୱାରା କି ଟ୍ରାଫିକ୍ ବ୍ୟବସ୍ଥା ସୁଗମ ରହି ପାରିବ ବୋଲି ସୂଚନା ମିଳିଛି।

# ନାବାଳିକାକୁ ଦୁଷ୍କର୍ମ; ୨ ଗିରଫ

ରାଉରକେଲା,୨୯।୭(ସମିସ): ସ୍ଥାନୀୟ ବେଦବ୍ୟାସ ଅଞ୍ଚଳରୁ ଜଣେ ନାବାଳିକାକୁ ନେଇ କାଂଶବାହାଲ ଅଞ୍ଚଳରେ ୨ ଜଣ ନାବାଳକ ଗଣଦୁଷ୍କର୍ମ କରିଥିବା ନେଇ କାଂଶବାହାଲ ଫାଣ୍ଡିରେ ସୋମବାର ଅଭିଯୋଗ ହୋଇଥିଲା। ଏନେଇ ରାଜଗାଙ୍ଗପୁର ଥାନା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ଅଭିଯୁକ୍ତ ନାବାଳକ ଦ୍ୱୟଙ୍କୁ ଗିରଫକରି ବାଳସୁଧାରଗୃହକୁ ପଠାଇ ଦେଇଛି।

# ଆବାସ ଯୋଜନା ସାତ ସପନ
# ଇଟା ଗଳି ପଡ଼ିଲାଣି; ତଥାପି ମୁଣ୍ଡ ଗୁଞ୍ଜିଛନ୍ତି

ଶଗଡା, ୨୯ ।୭( ସମିସ):

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲି ପଦରର ଦୁଇ ଭାଇ ବିକ୍ରମ ନାଏକ ଓ ଅକ୍ଷମ ନାଏକ ଆଜି ବି ଭଙ୍ଗା ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଆଜିଯାଏ ଉଭୟଙ୍କୁ ସରକାର ପକ୍ଷରୁ 'ଆବାସ' ଯୋଜନାରେ ଘର ମିଳିପାରିଲାନି। ଏହା ଫଳରେ ବିପଦସଂକୁଳ ଅବସ୍ଥାରେ ଭଙ୍ଗା ଘରେ ଉଭୟ ପରିବାର ଦିନ କାଟୁଛନ୍ତି। ତାଲିକାରେ ଉଭୟଙ୍କ ନାମ ନ ଥିବାରୁ ଉଭୟଙ୍କୁ ଆବାସ ଘର ମିଳି ନ ଥିବା ବିକ୍ରମ ଓ ଅକ୍ଷମ କହିଛନ୍ତି। ପରିବାର ସହ ଭଙ୍ଗା ମାଟି ଚାଳ ଛପର ଘରେ ଦି ଭାଇ ପଡି ରହିଛନ୍ତି। ଘରଟି ଗତ କିଛି ଦିନ ତଳେ ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ମାଟି ଯୋଡେଇ ଇଟା ଗଳି ପଡିଛି। ଏହା ସତ୍ତ୍ୱେ ଏହି ଘରକୁ ସେମାନେ ଭରସା କରି ମୁଣ୍ଡ ଗୁଞ୍ଜିଛନ୍ତି। ଦାରିଦ୍ର୍ୟତା ହେତୁ ଦି ଭାଇ ନିଜ ଘର ସଜାଡି ପାରୁନାହାନ୍ତି। ଉଭୟ ପରିବାର ସେହି ଭଙ୍ଗା ଘରେ ଡରି ଡରି ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଯଦି ବର୍ଷା କି ଝଡ଼ତୋଫାନ ହୁଏ ଘର ଛାଡ଼ି ପଡୋଶୀ କାହା ଘରେ ଆଶ୍ରୟ ନେଇଥାନ୍ତି। ଦୁଇ ଭାଇ ଶ୍ରମିକ ଭାବରେ କାମ କରି ନିଜର ତେଲ ଲୁଣର ସଂସାର ପ୍ରତିପୋଷଣ କରିଥାନ୍ତି। ସ୍ୱଳ୍ପ ରୋଜଗାର ହେତୁ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇ ପଡଛି। ଭଙ୍ଗା ଘର ମରାମତି କରିବା ତାଙ୍କ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଦୁଇ ଭାଇ ଭାଗ୍ୟକୁ ଆଦରି ଭଙ୍ଗା ଘରେ ପଡି ରହିଛନ୍ତି। ଯେଉଁଠି ଦି ଓଳି ଠିକରେ ଖାଇବା ସମ୍ଭବ ହେଉନି, ଭୋକ ଉପାସରେ ଶୋଇବାକୁ ପଡିଥାଏ ସେଠି ଘର ମରାମତି କଥା କିଏ ପଚାରେ। ବର୍ଷା ଦିନେ ପାଣି ଗଳୁ ଥିବାରୁ ଉପାସରେ ରହିବାକୁ ପଡେ। ତେବେ ଘର ଖଣ୍ଡିଏ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଡିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନି। ଅନେକ ଅଯୋଗ୍ୟ ହିତାଧୀକାରୀ ଆବାସ ଯୋଜନାରେ ପକ୍କା ଘର ପାଉଛନ୍ତି। କିଛି ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ ବିକ୍ରମ ଓ ଅକ୍ଷମ ଭଳି ଦୁଇ ଗରିବ ନିରୀହ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡିଏ ପାଇ ପାରି ନାହାନ୍ତି।



- ଲଗାଣ ବର୍ଷାରେ ଘର ଭାଙ୍ଗିଯାଇଛି
- ଦାରିଦ୍ର୍ୟ ହେତୁ ଘର ସଜାଡି ହେଉନି
- ଡରି ଡରି ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି
- ଝଡ଼ତୋଫାନ ହେଲେ ପଡିଶା ଘରେ ଆଶ୍ରୟ

# ରଘୁନାଥ ଉଚ୍ଚବିଦ୍ୟାଳୟରେ ଟ୍ରାଫିକ୍ କ୍ଲବ୍ ଉଦ୍‌ଘାଟିତ

ସୁବଳୟା,୨୯ ।୭(ସମିସ): ବୀରମହାରାଜପୁର ବ୍ଲକ୍ ମୁର୍ଷୁଣ୍ଡି ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟଠାରେ ଟ୍ରାଫିକ୍ କ୍ଲବ୍ ଉଦ୍‌ଘାଟନ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିଆ କର୍ମୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜୁନିଅର ରେଡ଼କ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ଜୁନିଅର ରେଡ଼କ୍ରସ ଉପ ସଭାପତି ଗୀତିକୃଷ୍ଣ ମିଶ୍ର, ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ, ସ୍ଥାନୀୟ ବିସିସି ବୈକୁଣ୍ଠ ନାୟକ, ଉଲୁଣ୍ଡା ବିସିସି ବିଶ୍ୱନାଥ ପାଣିଗ୍ରାହୀ ଯୋଗଦେଇ ଟ୍ରାଫିକ୍ କ୍ଲବର ଆବଶ୍ୟକତା ଓ ଏଥିରେ ଜୁନିଅରମାନଙ୍କ ଭୂମିକା, ହେଲମେଟ ପରିଧାନ, ରାସ୍ତା ସଂକେତ, ଟ୍ରାଫିକ ସଂକେତ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ନୀଳାମ୍ବର ମେହେର ସଭା ପରିଚାଳନା କରିଥିବା ବେଳେ ଶ୍ରୀକାନ୍ତ ନାଏକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




# ପୂର୍ବତନ ଆର୍‌ଆଇ ଅଫିସ ପିଅନ ଦଣ୍ଡିତ

ଭବାନୀପାଟଣା,୨୯ ।୭ (ସମିସ): ନୂଆପଡା ସର୍କିଟ କୋର୍ଟରେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରୀ ନାରାୟଣ ନନ୍ଦ ୨୦୧୫ ମସିହାର ଏକ ଲାଞ୍ଚ ମାମଲାରେ ବିଚାର କରି ରାୟ ଶୁଣାଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ନୂଆପଡା ଜିଲ୍ଲା କୋମନା ତହସିଲ ରାଜନା ଆର୍‌ଆଇ ଅଫିସର ପୂର୍ବତନ ପିଅନ ବଙ୍କିମ ବିହାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୩ ବର୍ଷ ଜେଲ୍ ସହ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ନୂଆପଡା ଜିଲ୍ଲା ବେଲଗାଁର କ୍ଷୀରସିନ୍ଧୁ ଭୋଇ ନାମକ ଜଣେ ବ୍ୟକ୍ତି ନିଜ ମା'ଙ୍କ ନାମରେ ଏକ ସରକାରୀ ଜାଗା ପାଇଥିଲେ। ତେବେ ଏହି ସରକାରୀ ଜାଗା ପାଇଁ ସ୍ଥାନୀୟ ଆରଆଇଙ୍କ ପିଅନ ବଙ୍କିମ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ନଚେତ ପୁଣି ସେଟେଲମେଣ୍ଟ ହୋଇଥିବା ଜମି ସରକାରୀ ଖାତାକୁ ଫେରାଇ ଦେବାର ଧମକ ଦେଉଥିଲେ। ଏହାଫଳରେ କ୍ଷୀରସିନ୍ଧ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁସାରେ ଟଙ୍କା ନେବାବେଳେ ବଙ୍କିମଙ୍କୁ ଭିଜିଲାନ୍ସ ଧରିଥିଲା। ତେବେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର (ପିପି) ସୁଧୀର ପଣ୍ଡା ଓ ଇମ୍ରାନ ଖାଁ ଏହି ମାମଲାର ପରିଚାଳନା କରିଥିଲେ।

**ଭିଜିଲାନ୍ସ କୋର୍ଟରେ ଲାଞ୍ଚ ମାମଲାର ରାୟ ପ୍ରକାଶ**



# ଅଧ୍ୟାପିକା ବୈଜୟନ୍ତୀ ସାହୁ ସମ୍ମାନିତ

ବିନିକା,୨୯ ।୭(ସମିସ): ବିନିକାସ୍ଥିତ ଫୁଲମୁଠି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ଅଧ୍ୟାପିକା ବୈଜୟନ୍ତୀ ସାହୁ "ସାବିତ୍ରୀ ବାଇ ଫୁଲେ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ବରଗଡ଼ ଗାନ୍ଧୀ ସ୍ମୃତିଭବନରେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ରାଜ୍ୟସ୍ତରୀୟ ଝଙ୍କେର କବିତା ସାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କବି, ଲେଖକ ଓ ଭଗବାନ ସାହୁଙ୍କ ଶିଷ୍ୟ ଯୋଗ ଦେଇଥିଲେ। ଏଥିରେ ଅଧ୍ୟାପିକା ବୈଜୟନ୍ତୀ ସାହୁ ସମ୍ମାନିତ ହୋଇଛନ୍ତି।

# ଆରଏସ୍‌ପିରେ କର୍ମଶାଳା 'ସେଲ୍ ଦର୍ପଣ' ଶୁଭାରମ୍ଭ

ରାଉରକେଲା,୨୯।୭(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରଠାରେ ମାନବସମ୍ବଳ ପରିବର୍ତ୍ତନ କର୍ମଶାଳା 'ସେଲ୍ ଦର୍ପଣ' ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଏଚ୍‌ଆର ବିଭାଗର ସିଜିଏମ ଏମ୍‌ଆର ରଥ ଏବଂ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ ପିକେ ସାହୁଙ୍କ ସମେତ କାରଖାନାର ବିଭିନ୍ନ ବିଭାଗର ପ୍ରାୟ ୫୦ ଜଣ ଅଧିକାରୀ ଉପସ୍ଥିତ ଥିଲେ। ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ଦ୍ୱାରା ପରିଚାଳିତ ଏହି କର୍ମଶାଳାର ପରିଚାଳନା ନିର୍ଦ୍ଦେଶକ ବରୁଣ କେଜରିୱାଲ୍ ତାଙ୍କ ବିଶେଷଜ୍ଞ ଦଳ ନେତୃତ୍ୱ ନେଉଥିବା ସୂଚନା ମିଳିଛି। ପ୍ରଚଳିତ ବ୍ୟବସ୍ଥାରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ 'ସେଲ୍ ଦର୍ପଣ' କାର୍ଯ୍ୟଶାଳା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେଲ୍‌ରେ ଇପିଏଏସ ଭଳି ବ୍ୟବସ୍ଥା ସମୟ ସହିତ ତାଳଦେଇ ବିକଶିତ ହୋଇଛି ବୋଲି ଶ୍ରୀ ପଲାଇ ନିଜର ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଶ୍ରୀ ସିଂହ କହିଥିଲେ ଯେ 'ଦର୍ପଣ' ପ୍ରତିଫଳନ ଦେଖାଏ ଏବଂ ଏହା ଆତ୍ମନିରୀକ୍ଷଣର ପ୍ରତୀକ। ସେ ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଭୂମିକା ବିଷୟରେ ଅନୁଚିନ୍ତନ କରିବା ସହ ନିଜର ଅଭିଜ୍ଞତାକୁ ସେଲର ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ସମରୂପ କରିବା ପାଇଁ ଉତ୍ସାହିତ କରିଥିଲେ। ଶ୍ରୀ କେଜ୍ରିୱାଲ ଏହି ପ୍ରୟାସର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରି, କର୍ମଚାରୀ ଉତ୍ପାଦକତାକୁ ଉନ୍ନତ କରିବାରେ ମାନବସମ୍ବଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ମତ ପ୍ରକାଶ କରିଥିଲେ। ସେଲର ଭିଜନ ୨୦୩୦ ହାସଲ କରିବା ଉପରେ ଜୋର ଦେଇଥିଲେ। ଅଧିବେଶନକୁ ଏଚ୍‌ଆର - ଓଡି, ଟିଏ ଆଣ୍ଡ ଜି ବିଭାଗର ଜିଏମ୍‌ଏସ୍ ବଡ଼ପଣ୍ଡା ଏବଂ ଡେପୁଟି ମ୍ୟାନେଜର ସିମ୍ପି ପଟେଲ ସଂଯୋଜନା କରିଥିଲେ।



# ଏସ୍‌ଆର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ



ବିଶ୍ରା,୨୯।୭(ସମିସ): ବିଶ୍ରାସ୍ଥିତ ଏସ୍‌ଆର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି। ଏହି ଉଦ୍ଦେଶ୍ୟରେ ଅନୁଷ୍ଠିତ ପ୍ରବେଶିକା କାର୍ଯ୍ୟକ୍ରମରେ ଅଧକ୍ଷ ଡ. କ୍ଷୀରୋଦ କୁମାର ବରାଳ ପୌରୋହିତ୍ୟ କରି ବିଦ୍ୟାଳୟରେ ଶୃଙ୍ଖଳା ରକ୍ଷା କରିବା, ନିୟମିତ ଅଧ୍ୟୟନ କରିବା ଉପରେ ଛାତ୍ରଛାତ୍ରୀମାନଙ୍କୁ ଗୁରୁତ୍ୱ ଦେଇଥିଲେ। ଅଧ୍ୟାପକ ଅଭୟ କୁମାର ପୃଷ୍ଟି, ସରୋଜ କୁମାର ମାହାତୋ, ଡ.ନଗେନ କୁମାର ଦାସ, ବସନ୍ତକୁମାର ରଣା, ବସନ୍ତକୁମାର ନାୟକ, ପ୍ରିୟବ୍ରତ କର, ଅଧ୍ୟାପିକା ଭି ଲାବଣ୍ୟ, ଆଦର୍ଶ ଲାକ୍ରା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷା ଗ୍ରହଣ ଓ ଚରିତ୍ର ଗଠନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପିଲାମାନଙ୍କୁ ସେମାନଙ୍କର ବିଷୟ ଭିତ୍ତିକ ପାଠ୍ୟ ଖସଡ଼ା ସମେତ ଆଣ୍ଟି ରାଗିଂ ବିଷୟରେ ସଚେତନ କରାଯାଇଥିଲା। ଅନୁଷ୍ଠାନର ନୀତିନିୟମ ମାନି ଅଧ୍ୟୟନ କରିବାକୁ ମାର୍ଗଦର୍ଶନ କରାଯାଇ ଥିଲା। ମହିଳା ହେଲ୍ପଲାଇନ୍ ସମେତ ସ୍କୁଲ ଟୋଲ ଫ୍ରି ନମ୍ବର ବିଷୟରେ ଅବଗତ କରାଯାଇଥିଲା। ନିରୁପମା ଜେନା, ବସନ୍ତ କୁମାର ଦାସ, ସୁବାସ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ବରିଷ୍ଠ ଅଧ୍ୟାପକ ଅଭୟ କୁମାର ପୃଷ୍ଟି ସଭା ପରିଚାଳନା କରୁଥିବାବେଳେ ବରିଷ୍ଠ ଅଧ୍ୟାପକ ନୃସିଂହ ଚରଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟରେ ଯୋଗଦେଲେ ବୌଦ୍ଧର ନୂଆ ଜିଲ୍ଲାପାଳ



ବୌଦ୍ଧ,୨୯ ।୭(ସମିସ): ବୌଦ୍ଧ ଜିଲ୍ଲାପାଳ ଭାବେ ବିଭୁତି ଭୂଷଣ ନାୟକ ଯୋଗ ଦେଇଛନ୍ତି। ଏଠାରେ ଥିବା ସୁବ୍ରତ ପଣ୍ଡା ବିଦାୟ ନେଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ଗୃହରେ ଏକ ଅନୁଷ୍ଠିତ ହୋଇଥିଲା। କର୍ମଚାରୀ ଓ ଅଧିକାରୀମାନେ ନୂଆ ଜିଲ୍ଲାପାଳଙ୍କୁ ସ୍ୱାଗତ ଜଣାଇବା ସହ ପୂବତନ ଜିଲ୍ଲାପାଳଙ୍କୁ ବିଦାୟ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟଭୋଇ, ବିଡ଼ିଓ ଯୁଧିଷ୍ଠିର ମେହେର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାଏକ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର ପ୍ରମୁଖ ଉପସ୍ଥିତ ଥିଲେ।

■ କଣ୍ଟାମାଳରେ ମାସେ ହେଲା ଅଚଳ ପାନୀୟ ଜଳ ପ୍ରକଳ୍ପ

# ଫେଲ୍ ମାରିଛି ବସୁଧା ଯୋଜନା

ଶଗଡ଼ା,୨୯ ।୭(ସମିସ):

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ କଣ୍ଟାମାଳ, ବନ୍ଧପାଲି ଓ ଦେଉଳଡୁଙ୍ଗୁରି ଗ୍ରାମର ଲୋକ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମର ଲୋକେ ପାଣି ପାଇଁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ସହ ନଳକୂପ ଉପରେ ନିର୍ଭର କରି ଚଳୁଥିଲେ; ହେଲେ ଗତ ଏକ ମାସରୁ ଅଧିକ ସମୟ ହେବ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି। ଏହା ଫଳରେ ପାନୀୟ ଜଳ ସମସ୍ୟା ଯୋଗୁଁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ବେଳେ ଲୋକେ ପାଣି ପାଇଁ ଖରାରେ ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି। ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ନ ଥିବା ଦେଖିବାକୁ ମିଳିଛି। ସମସ୍ୟାର ସମାଧାନ ନେଇ ଉଭୟ ପଞ୍ଚାୟତ କର୍ତ୍ତୃପକ୍ଷ ଓ ପାନୀୟ ଜଳ ଯୋଗାଣ ବିଭାଗ ଦୋଷ ଲଦାଲଦି ହେଉଥିବା ବେଳେ ଗ୍ରାମବାସୀ ପାଣି ଭଳି ମୌଳିକ ଆବଶ୍ୟକତାରୁ ବଞ୍ଚିତ ହେଉଛନ୍ତି। ତେବେ ପଞ୍ଚାୟତ କର୍ତ୍ତୃପକ୍ଷ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଜଣାପଡିଛି। ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପକୁ ମରାମତି କରି ୩ ଖଣ୍ଡ ଗ୍ରାମକୁ ପିଇବା ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

**ପାଣି ପାଇଁ ଡହକବିକଳ ୩ ଗ୍ରାମବାସୀ**



# ପ୍ରାଥମିକ ସହାୟତା କାର୍ଯ୍ୟକ୍ରମ



ବୌଦ୍ଧ,୨୯ ।୭(ସମିସ): ହରଭଙ୍ଗା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ସହାୟତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର କହଁର ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ଦେହୁରୀ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କୁ ବୌଦ୍ଧ ଜିଲ୍ଲାର ଜୁନିୟର ରେଡ଼କ୍ରସ୍ ଅଫିସର ନବକିଶୋର ଦୀପ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶ୍ରୀକାନ୍ତ ଭୂୟାଁ, ସତ୍ୟରଞ୍ଜନ ବେହେରା, ସଞ୍ଜିତ ସାହୁ, ସଙ୍ଗୀତା ଛୋଟରାୟ, ସୌମିତ୍ରୀ ପ୍ରସାଦ ପଲିଆ, ଗୁଞ୍ଜରଣ ଯାନୀ, ସୁଭେନ୍ଦୁ ସାହୁ, ସବିତା ତରିଆ, କାଞ୍ଚନ ମଲିକ ପ୍ରମୁକ ସହଯୋଗ କରିଥିଲେ।

# ଡି ଡି ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚର ଗଣଧାରଣା ଆରମ୍ଭ




କେନ୍ଦୁଝର,୨୯।୭(ସମିସ)

ପୂର୍ବ ନିର୍ଦ୍ଧାରିତ ଘୋଷଣା ମୁତାବକ ଆଜିଠାରୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ କେନ୍ଦୁଝର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ତିନି ଦିନିଆ ଗଣ ଧାରଣା ଆରମ୍ଭ ହୋଇଛି। ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବ ସ୍ଥିତି ଫେରାଇ ଆଣିବାକୁ ଆଜିଠାରୁ ୩୧ ତାରିଖ ଯାଏ ଏହିପରି ଗଣଧାରଣା ପ୍ରତିବାଦ ଚାଲିବ ବୋଲି କଲେଜ ସୁରକ୍ଷା ମଞ୍ଚ ଆବାହକ ଚକ୍ରଧର ସାହୁ କହିଛନ୍ତି। ପୂର୍ବରୁ ରାସ୍ତାରେ ରୋଡ଼ମାର୍ଚ୍ଚ ପ୍ରତିବାଦ ସହ ସରକାରଙ୍କୁ କେନ୍ଦୁଝର ଜିଲ୍ଲାର ଗର୍ବ ଗୌରବ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ସୁରକ୍ଷା ଲାଗି ଦାବିପତ୍ର ଦିଆଯାଇଥିଲା। ଜିଲ୍ଲାରୁ ନିର୍ବାଚିତ ହେଲାପରେ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେଲେ ତଥାପି କେନ୍ଦୁଝରକୁ ନ୍ୟାୟ ମିଳିଲା ନାହିଁ। ଏବେ ଗୋଟେ ପରିସରରେ ଯୁକ୍ତ ୨, ଯୁକ୍ତ ୩ ସହ ସ୍ନାତକୋତ୍ତର ପାଠ୍ୟକ୍ରମ ଚାଲିଛି। ବିଶ୍ୱବିଦ୍ୟାଳୟ ଲାଗି ଗରିବ ପିଲାମାନେ ତିନି ଗୁଣ ଫି ଦେଇ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ବିଶ୍ୱବିଦ୍ୟାଳୟ ଖେଳ, ସେମିନାର ନାମରେ ଏବେ +୨,+୩ ପିଲାମାନେ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ଏପଟେ ବିଶ୍ୱବିଦ୍ୟାଳୟ ଲାଗି ନିର୍ମିତ କୋଠା ଓ ଆସବାବପତ୍ର ପୁରୁଣା ବଜାରର ସୁଲେଇ ଖମାର ଠାରେ ଉଇ ଖାଇବାକୁ ବସିଲାଣି ବୋଲି ଗୁରୁତର ଅଭିଯୋଗ ଆସିଛି। ତେଣୁ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ଧରଣୀଧର ବିଶ୍ୱବିଦ୍ୟାଳୟରୁ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଅଲଗା କରି ବିଶ୍ୱବିଦ୍ୟାଳୟକୁ ସୁଲେଇଖମାରକୁ ସ୍ଥାନାନ୍ତର ଲାଗି ଦାବି କରାଯାଇଛି। ଏଥିସହ କଲେଜର ସମସ୍ତ ଆସବାବପତ୍ର ସୁରକ୍ଷିତ ରଖି ବିଶ୍ୱବିଦ୍ୟାଳୟ ଲାଗି ସୁଲେଇଖମାରରେ ଆବଶ୍ୟକ ଅଧିକ ଜମି ଅଧିଗ୍ରହଣ ଲାଗି ପ୍ରସ୍ତାବ ଦିଆଯାଇଛି। ଏଥିସହ କାମଚଳା କୁଳପତି ପ୍ରଫେସର ପ୍ରତାପଚନ୍ଦ୍ର ମହାନ୍ତିଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି ନକରି ତାଙ୍କୁ ଏଠାରୁ ବିଦା କରିବାକୁ ସରକାରଙ୍କ ପାଖେ ଦାବି କରାଯାଇଛି। ଆଜି ଏହି ଧାରଣା କାର୍ଯ୍ୟକ୍ରମ ସଭାରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚର ଆବାହକ ଚକ୍ରଧର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ସଦସ୍ୟ ଭରତ ପାତ୍ର ସଭା ପରିଚାଳନା କରିଥିଲେ। ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ସଦର ବିଧାୟକ ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ଆପ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହ, ଆପ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ମେଘନାଥ ମାଝୀ, ପୂର୍ବତନ ଡିସିସି ସଭାପତି ମୋହନ ଚରଣ ପରିଡ଼ା, ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଦିଲୀପ କୁମାର ସାହୁ, ବରିଷ୍ଠ ରାଜନେତା ସତ୍ୟବ୍ରତ ନାୟକ, ବାର୍ଷିୟାନ ସଂଗଠକ ଜନାର୍ଦ୍ଦନ ନାୟକ,କବି ନିରଞ୍ଜନ ବାରିକ,ଆଶିଷ ଆଚାର୍ଯ୍ୟ, ଶିକ୍ଷାବିତ ଡ. ଗୟାଧର ଦାଶ, କ୍ଷୀରୋଦ ମିଶ୍ର, ଡ. ବିପିନ ବିହାରୀ ମହାପାତ୍ର, ପ୍ରଶାନ୍ତ ଦଳେଇ, ଡମ୍ବରୁଧର ଘଣା, ରମେଶ ମହାନ୍ତ, ରାମନାରାୟଣ ଦ୍ୱିବେଦୀ, ରଙ୍କନିଧି ପତି,ଉତ୍ତମ ସାହୁ, ବାବାଜୀ ପାତ୍ର, ସତ୍ୟଜିତ ମିଶ୍ର, ଜୈନୁଲ ଆବେଦିନ, ଜୟକୃଷ୍ଣ ନାୟକ, ନବକୁମାର ସାହୁ, ସୁଢଳ ସେଠୀ, ପୂର୍ଣ୍ଣ ଦାସ ସୁକୁମାର ପାଣିଗ୍ରାହୀ ଆଦି ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## ଘରେ ଛିଡ଼ା ହୋଇଛି ଗାଡ଼ି, କଟୁଛି ଇ-ଚାଲାଣ!

**ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**

ତୁରୁମୁଙ୍ଗା,୨୯।୭(ସମିସ): ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୀର୍ଘଦିନ ଧରି ଘରେ ବ୍ରେକ୍‌ଡାଉନ ହୋଇଥିବା ଏକ କାର୍‌ର ଇ-ଚାଲାଣକୁ ନେଇ ପ୍ରଶ୍ନ ଉଠିଛି। ଓଆର୍ ୦୯ ଏମ ୩୪୩୪ ନମ୍ବର ବିଶିଷ୍ଟ ଏକ କାରଟି ବ୍ରେକ୍ ଡାଉନ କାରଣରୁ ଦୀର୍ଘଦିନ ଧରି ଘରେ ଛିଡ଼ା ହୋଇଥିବା ବେଳେ ଗତ ୨୨ ଏପ୍ରିଲ ଅପରାହ୍ଣ ୩ଟା ୨୫ରେ ଖଣ୍ଡଘର ଟୋଲ୍‌ଗେଟ ଦେଇଯାଇଥିବା ଚାଲାଣରେ ଦର୍ଶାଇ ଗାଡ଼ିର ଫିଟନେସ ଆଉ ଇନ୍ସୁରାନ୍ସ ବାବଦରେ ୭ ହଜାର ଟଙ୍କା ଇ-ଚାଲାଣ କଟିଥିବା ମେସେଜ ଆସିଥିଲା। ଏହି ଇ-ଚାଲାଣ ପ୍ରତିମା ମିଶ୍ରଙ୍କ ଭାଇ ସନ୍ତୋଷ କୁମାର ପତିଙ୍କ ମୋବାଇଲ ନମ୍ବରକୁ ଆସିଛି। ଗାଡ଼ିଟି ସନ୍ତୋଷଙ୍କ ଭଉଣୀ ପ୍ରତିମାଙ୍କ ମାଲିକାନାରେ ଥିବା ବେଳେ ଗାଡ଼ିଟି ଦୀର୍ଘଦିନ ଧରି ତାଙ୍କ ଘରେ ଛିଡ଼ାହୋଇଛି। ଏନେଇ ସନ୍ତୋଷ ଟୋଲଗେଟ୍‌କୁ ଯାଇ ଅଭିଯୋଗ କରିବା ପରେ ସେଠାକାର ସିସିଟିଭିରେ ସେହି ସମୟରେ ଓଆର୍ ୦୯ ଏମ ୩୪୩୮ ନମ୍ବର ବିଶିଷ୍ଟ ଏକ ବସ୍ ଅତିକ୍ରମ କରିଥିବା ଜଣାପଡ଼ିଥିଲା। ଟୋଲଗେଟ କର୍ମଚାରୀ ଶେଷ ନମ୍ବରକୁ ଜାଣି ଶୁଣି ୮ ବଦଳରେ ୪ ମାରିଥିବାରୁ ଏହି ଚାଲାଣ କାର ମାଲିକଙ୍କ ପାଖକୁ ଆସିଥିଲା। ତେବେ ଉକ୍ତ ଇ-ଚାଲାଣ ଟୋଲ କର୍ତ୍ତୃପକ୍ଷ ଭୁଲବଶତଃ କରିଥିବା ସହ ଉକ୍ତ ଚାଲାଣ ଟୋଲ୍ କର୍ତ୍ତୃପକ୍ଷ ଭରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଟୋଲଗେଟ୍‌କୁ ଯାଇ ଗାଡି ମାଲିକ ପଚାରିବାରୁ ଟୋଲ କର୍ମଚାରୀ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହେଉଛି। ସୋମବାର ସାହାରପଡା ବ୍ଲକ ଅଭିଯୋଗ ଶୁଣାଣିରେ ସନ୍ତୋଷ ଖଣ୍ଡଘର ଟୋଲ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ସହ ଦୁର୍ବ୍ୟବହାର ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଦବୁନା ସାକ୍ରାଡିହି ଓଏମ୍‌ସି ଖଣିରୁ ପରିବହନ ଆରମ୍ଭ

ଯୋଡ଼ା,୨୯।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅନ୍ତର୍ଗତ ବଡକାଳୀ ମାଟି ଗ୍ରାମପଞ୍ଚାୟତରେ ଥିବା ତଥା ଯୋଡା ଖଣି ମଣ୍ଡଳରେ ବନ୍ଦ ହୋଇ ପଡ଼ି ରହିଥିବା ଦବୁନା ସାକ୍ରାଡିହୀ ଲୌହ ଓ ମାଙ୍ଗାନିଜ ଖଣି ଖୋଲିଛି। ସୋମବାର ଠାରୁ ଖଣିରୁ ଲୁହାପଥର ପରିବହନ ଆରମ୍ଭ କରାଯାଇଛି। ଓଡ଼ିଶା ଖଣି ନିଗମର ବଡ଼ବିଲ ଆଞ୍ଚଳିକ ଅଧିକାରୀ ଅବନିକାନ୍ତ ପ୍ରଧାନଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ଓଏମସି ଅଧୀନରେ ଏହି ଖଣିଟି ରହିଥିଲା। ବିଭିନ୍ନ କାରଣରୁ ଖଣିଟି ୨୦୦୬ରୁ ବନ୍ଦ ରହିଥିଲା। ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି ଯେ ଉକ୍ତ ଖଣିରେ ୫୦୦ରୁ ଉର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟହରା ହୋଇଥିଲେ। ଓଏମସିର ଏହି ଖଣିରେ ଉନ୍ନତ ମାନର ଲୁହାପଥର ଯାହାକି ଶତକଡା ୬୨ ଗ୍ରେଡ ଲୌହାଂଶ ବା ଏଫ୍‌ଇ ଅଂଶବିଶେଷ ଥାଏ। ଏକ ଲାଭଜନକ ଖଣି ହୋଇଥିବାରୁ ଏହାକୁ ବେସରକାରୀ ସଂସ୍ଥା ହାତେଇବା ପାଇଁ ଚେଷ୍ଟା କରିଥିଲେ। ଏହି ଖଣିଟି ଚାଲୁ ହେବାରୁ ମୁଖ୍ୟତଃ ରାଜ୍ୟରେ ଥିବା ଇସ୍ପାତ କାରଖାନାଗୁଡ଼ିକ ସଠିକ୍ ମୂଲ୍ୟରେ ନିଗମଠାରୁ ଖଣିଜ ପାଇପାରିବେ। ପରିବହନ କାର୍ଯ୍ୟ ଆରମ୍ଭ ହେବା ପରେ ରୁଗଣ ହୋଇ ପଡିଥିବା ଟ୍ରକ୍ ମାଲିକଙ୍କ ମନ ଭିତରେ ଆଶା ସଞ୍ଚାର କରିଛି। ଟ୍ରକ୍ ମାଲିକ ସଂଘ ସଭାପତି ମାତାପ୍ରସାଦ ଜୟସ୍ୱାଲ କହିଛନ୍ତି ଯେ ନିଗମର ଏହି ଖଣିଟି ଖୋଲିବା ପରେ ୩୦୦-୫୦୦ ଗାଡ଼ି ପରିବହନ କାର୍ଯ୍ୟ କରିପାରିବେ। ଆସନ୍ତା ନଭେମ୍ବରରୁ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହି ଖଣିର ବାର୍ଷିକ ଲୁହାପଥର ଉତ୍ପାଦନ କ୍ଷମତା ୩ ମିଲିୟନ ମେଟ୍ରିକ୍ ଟନ୍ ଓ ମାଙ୍ଗାନିଜ ବାର୍ଷିକ ୦.୦୫ ମିଲିୟନ ମେଟ୍ରିକ୍ ଟନ୍ କ୍ଷମତା ରହିଛି। ଲୁହାପଥର ଖଣିରେ ୩୦୦ ଓ ମାଙ୍ଗାନିଜ ଖଣିରେ ୨୦୦ ଶ୍ରମିକ ନିଯୁକ୍ତି ପାଇ ପାରିବେ। ବର୍ତ୍ତମାନ ସୁଦ୍ଧା ଯୋଡା ଖଣି ମଣ୍ଡଳରେ ଓଏମସି ଅଧୀନରେ ୮ ଟି ଖଣି ଚାଲୁଥିବା ଓଏମସିର ବଡ଼ବିଲ ଆଞ୍ଚଳିକ ଅଧିକାରୀ ଅବନିକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।



କେନ୍ଦୁଝର ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଏନ୍‌ସିସିର କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ ପରିଦର୍ଶନରେ ଆସି ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ।

## ପ୍ରତିଶ୍ରୁତି ରଖିଲେ ଏନ୍‌ଏସି ଅଧ୍ୟକ୍ଷ | ଆରମ୍ଭହେଲା ବିଦ୍ୟାଳୟ କାର୍ଯ୍ୟ

ଚମ୍ପୁଆ, ୨୯।୭(ସମିସ): ନିଜେ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷାକରିଛନ୍ତି ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ। ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବ୍ଲକ କଲୋନୀ ପ୍ରାଥମିକ ଶିକ୍ଷା କେନ୍ଦ୍ରରେ ବର୍ଷା ହେଲେ ଶ୍ରେଣୀଗୃହରେ ବର୍ଷା ପାଣି ଲହଡି ମାରୁଥଲା। ଏନେଇ ଖବର ପ୍ରକାଶ ପରେ ଏନଏସି ପକ୍ଷରୁ ନୂତନ ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୁଣା ବିଦ୍ୟାଳୟ ନିକଟକୁ ଲାଗି ଦୁଇଟି ଶ୍ରେଣୀଗୃହର ପିଲର କାର୍ଯ୍ୟ ଚାଲିଥିବା ବେଳେ ଏହା ପ୍ରାୟ ୨ମାସ ମଧ୍ୟରେ ଶେଷ କରାଯିବାର ସମ୍ଭାବନା ରହିଛି। ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ନିକଟ କମ୍ୟୁନିଟି କେନ୍ଦ୍ରରେ ବସାଇ ଶିକ୍ଷାଦାନ କରାଯାଉଛି। ଏହି ବିଦ୍ୟାଳୟରେ ବାଲବାଟିକାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୫ଟି ଶ୍ରେଣୀ ପାଇଁ ୨ଟି ଶ୍ରେଣୀ ଗୃହ ରହିଥିବା ବେଳେ ଉଭୟ ଶ୍ରେଣୀଗୃହର ଛାତରୁ ପ୍ଲାଷ୍ଟର ଖସି ରଡ ଦେଖାଯିବା ସହିତ ସାମାନ୍ୟ ବର୍ଷାରେ ବି ଶ୍ରେଣୀଗୃହରେ ବର୍ଷାଜଳ ଠୁଳ ହୋଇ ରହୁଥିଲା। ଏନେଇ ଚମ୍ପୁଆ ଭାରପ୍ରାପ୍ତ ବିଇଓ ନରେନ୍ଦ୍ର କୁମାର ନଏକଙ୍କୁ ପଚାରିବାରୁ ବାରମ୍ବାର ବ୍ଲକ ପ୍ରଶାସନ ଓ ଏନଏସି ପ୍ରଶାସନଙ୍କୁ ଅବଗତ କରୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଥିବା ବେଳେ ଏନଏସି ଅଧ୍ୟକ୍ଷ ଗିରିଜାଶଙ୍କର ସାହୁ ବିଧାୟକ ପାଣ୍ଠିରୁ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## 'ବାଇଡଙ୍କ ବାବା'ଙ୍କୁ ନୀରଦପ୍ରଭା ହାସ୍ୟ-ବ୍ୟଙ୍ଗ ସମ୍ମାନ

ହାଟଡ଼ିହୀ,୨୯।୭(ସମିସ): ହାଟଡ଼ିହୀ ବ୍ଲକ୍ ନୂଆରମ୍ପାସ ଗ୍ରାମର ସୁବାସଚନ୍ଦ୍ର ପାତ୍ର ଓରଫ ବାଇଡ଼ଙ୍କ ବାବା ନୀରଦପ୍ରଭା ହାସ୍ୟ ବ୍ୟଙ୍ଗ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ଛେନାପଦିସ୍ଥିତ ବିଶ୍ୱତାରିଣୀ ମହିଳା ମହାବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ତରଫରୁ ସମ୍ମାନ ଜନକ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ ଓଡ଼ିଶାର ମାରାତ୍ମକ ବ୍ୟଙ୍ଗ କବି, କଥାକାର ଓ କଳାକାର ବାଇଡ଼ଙ୍କ ବାବା ଓରଫ ସୁବାସଚନ୍ଦ୍ର ପାତ୍ରଙ୍କୁ ପ୍ରଦାନ କରାଯାଇଛି।




ଆକାଶବାଣୀ, ଦୂରଦର୍ଶନ, ମଞ୍ଚ ଓ ସୋସିଆଲ ମିଡିଆରେ ବ୍ୟଙ୍ଗକବି ଓ ଷ୍ଟାଣ୍ଡ ଅପ୍ କମେଡ଼ିଆନ୍ ବାବାଙ୍କ ନିଆରା ହାସ୍ୟବ୍ୟଙ୍ଗ ପରିବେଷଣ ଶୈଳୀ ଦର୍ଶକଙ୍କୁ ବେଶ୍ ଟୋଳି ପାରିଛି। ନକ୍ଷତ୍ର ନ୍ୟୁଜର ପ୍ରାୟୋଜିତ ହାସ୍ୟ କବି ସମ୍ମିଳନୀ, ଜୀ–କଳିଙ୍ଗର 'ଫୁଲ୍ ପଲିଟିକ୍ସ', ଏମ୍‌ବିସି ନ୍ୟୁଜର 'ଉଦ୍ଧବ କେତେ ତୁ ପଚାରୁ' ଏବଂ ଦୂରଦର୍ଶନ ଭୁବନେଶ୍ୱରର ବିଭିନ୍ନ ହାସ୍ୟ ବ୍ୟଙ୍ଗ କାର୍ଯ୍ୟକ୍ରମରେ ସେ ବେଶ୍ ଜନପ୍ରିୟ। ଅଦ୍ୟାବଧି ତାଙ୍କର ୮ଟି ହାସ୍ୟ ବ୍ୟଙ୍ଗ ପୁସ୍ତକ ପ୍ରକାଶ ପାଇଛି। ଓଡ଼ିଶାର ପ୍ରାୟ ୫୦ ପ୍ରତିଷ୍ଠିତ ଅନୁଷ୍ଠାନ ସହ ଆକାଶବାଣୀ କଟକ, ଆକାଶବାଣୀ କେନ୍ଦୁଝର, ଆକାଶବାଣୀ ବାରିପଦା ଓ ଦୂରଦର୍ଶନ, ଭୁବନେଶ୍ୱର ପକ୍ଷରୁ ସେ ପୂର୍ବରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ବାବାଙ୍କ ଫେସବୁକ୍ 'ବ୍ୟଙ୍ଗ-ବଟିକା ଓ ୟୁ-ଟ୍ୟୁବ୍ 'ଏକଦମ୍ ଚୁପ୍' ବ୍ୟଙ୍ଗ ଗରାଖଙ୍କ ପ୍ରୀତି ଲାଭ କରିଛି। ଗତକାଲି ସେ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରାହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଜନାର୍ଦ୍ଦନପୁର-ପାଟଣା ହରିହର ପୀଠରେ ଭଜନ ସନ୍ଧ୍ୟା



ରାମଚନ୍ଦ୍ରପୁର,୨୯ ।୭(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଜନାର୍ଦ୍ଦନପୁର-ପାଟଣା ଗ୍ରାମର ହରିହର ପୀଠରେ ଶ୍ରାବଣ ଦ୍ୱିତୀୟ ସୋମବାର ଅବସରରେ କାଉଡିଆଙ୍କ ଭିଡ଼ ପରିଲକ୍ଷିତ ହେବା ସହ ସନ୍ଧ୍ୟାରେ ଆଞ୍ଚଳିକ କଳାକାରଙ୍କୁ ନେଇ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୀର୍ଘ ୧୦ ବର୍ଷ ଧରି ପ୍ରତି ଶ୍ରାବଣ ସୋମବାର ଏବଂ ସଂକ୍ରାନ୍ତି ଅବସରରେ ଦିଅଁଙ୍କ ବିଶେଷ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ଶ୍ରଦ୍ଧାଳୁ ରବିନ୍ଦ୍ର କୁମାର ସ୍ୱାଇଁଙ୍କ ସଂଯୋଜନାରେ ହରିହର ପୀଠରେ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ସହ ଭଜନ ଅନୁଷ୍ଠିତ ହୋଇଥିଲା। ଜନାର୍ଦ୍ଦନପୁର-ପାଟଣା, ନହଙ୍ଗି, ବେଲସୁନ୍ଦରୀ, ରାମଚନ୍ଦ୍ରପୁର, ରାଇତୋଳା, ଗଡବାନ୍ଧଗୋଡା, ଜରଦା, ବଡପଦନା, ଅଳତି, ପଦନପୁର ସମେତ ବିଭିନ୍ନ ଗ୍ରାମରୁ ପ୍ରାୟ ୫୦ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଘନଶ୍ୟାମ ବୋଇତେଇ, ବିଜୟ ଧଳ,ଉମାକାନ୍ତ ଭୂୟାଁ, ଅଭିମନ୍ୟୁ ବିଶ୍ୱାଳ, ସନ୍ତୋଷ ରାଉତ, ଗୋବିନ୍ଦଚନ୍ଦ୍ର ରାଉତ, ବିରଞ୍ଚି ନାରାୟଣ ସାହୁ, ବିଚିତ୍ରାନନ୍ଦ ବିଶ୍ୱାଳ, ସଂଜୟ ଦାସ, ଆତୁଳ ଚରଣ ନାୟକ, ମନ୍ମଥ ଓଝା, ଦୁର୍ଯୋଧନ ସାହୁ, ଜୟନ୍ତ ଜେନା, ଶଶିଭୂଷଣ ରାଉତ, ବିକଳ ଚରଣ ନାୟକ, ସନ୍ତୋଷ ରାଉତ, ଦୁଖବନ୍ଧୁ ରାଉତ, ଗୋଲକ ସାହୁ ଅଂଶଗ୍ରହଣ କରିଥିଲେ।

## ୭ ଗୋରୁ ଉଦ୍ଧାର; ଗାଡ଼ି ଜବତ



ତୁରୁମୁଙ୍ଗା, ୨୯।୭(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ବାଉଁଶୁଳି ନିକଟରୁ ସୋମବାର ବିଳମ୍ବିତ ରାତିରେ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌ରେ ଗୋଚାଲାଣ କରୁଥିବା ସମୟରେ ଉକ୍ତ ଗାଡ଼ିକୁ ପୁଲିସ ଜବତ କରି ୭ ଗୋରୁଙ୍କୁ ଉଦ୍ଧାର କରିଛି। ଗୋରୁଗୁଡ଼ିକୁ କରଞ୍ଜିଆ ଗୋଶଳାରେ ଛଡ଼ାଯାଇଛି। ଅତି ଦୟନୀୟ ଭାବରେ ଗାଡ଼ିରେ ବାନ୍ଧି ମାଫିଆମାନେ ପଶ୍ଚିମବଙ୍ଗ ଅଞ୍ଚଳକୁ ଚାଲାଣ କରୁଥିବା ବେଳେ ଘଟଣାସ୍ଥଳରୁ ମାଫିଆମାନେ ଫେରାର ହୋଇଯାଇଛନ୍ତି। ଏଏସଆଇ ସୁଜାତା ମହାନ୍ତ ଘଟଣାର ତଦନ୍ତ କରୁଛନ୍ତି।

## ରାଜନଗର ଗୋଶାଳାରେ ଅନିୟମିତତା ଅଭିଯୋଗ

ତୁରୁମୁଙ୍ଗା, ୨୯।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମରେ ଥିବା ସାଇକ୍ରିଷ୍ଣା ସୁଦ୍ଧା ଚାରିଟେବୁଲ ଷ୍ଟ୍ରଟ୍ ଦ୍ୱାରା ପରିଚାଳିତ ନନ୍ଦିନୀ ଗୋଶାଳାରେ ବ୍ୟାପକ ଅନିୟମିତତା ନେଇ ଆରଏସଏସ ପକ୍ଷରୁ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆରଏସଏସ ବରିଷ୍ଠ କାର୍ଯ୍ୟ କର୍ତ୍ତା ମୋଚିରାମ ସାହୁଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟମାନେ ରାଜନଗରରେ ଥିବା ଗୋଶାଳା ବିରୋଧରେ ଅଭିଯୋଗ ଆଣିଛନ୍ତି। ଗୋଶାଳା ରେ ଥିବା ଗାଈଗୋରୁଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଉଥିବା ସହ ଗାଈଗୋରୁଙ୍କୁ ସଠିକ୍ ଯତ୍ନ ନିଆ ଯାଉ ନଥିବାରୁ ଗାଈଗୋରୁ ରୋଗୀଣା ହେଉଛନ୍ତି। ଏଥିସହ ଗୋଶାଳା କର୍ତ୍ତୃପକ୍ଷ ଗାଈଗୋରୁଙ୍କୁ ବିକ୍ରି କରି ଦେଉଥିବା ଅଭିଯୋଗ ଆଣିଛନ୍ତି। ଏନେଇ ଗୋଶାଳା କର୍ତ୍ତୃପକ୍ଷ ଗୋଶାଳା ଗାଇଡଲାଇନ୍ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଥିବା କହିଛନ୍ତି। ତୁରୁମୁଙ୍ଗା ଥାନା ଏଏସ୍‌ଆଇ ଶାୟଦ ସଲିମ ହୁସେନ୍ ଘଟଣାର ତଦନ୍ତ କରୁଛନ୍ତି।

## କାର୍-ଟ୍ରକ୍ ଧକ୍କା

ତୁରୁମୁଙ୍ଗା, ୨୯।୭(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଡାବରଚୁଆ ନିକଟରେ ଏକ ଟ୍ରକ କାରକୁ ଧକ୍କା ଦେଇଛି। କାର ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉଭୟ ଗାଡି କେନ୍ଦୁଝର ପଟକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ କାରରେ ଥିବା ଚମ୍ପୁଆ ଥାନା ହୃଦରାମପୁର ମଧୁସୂଦନ ନାଏକ ଏବଂ ଝିଅ ତୃପ୍ତିପ୍ରଜ୍ଞା ନାଏକ ଅଳ୍ପକେ ବର୍ତ୍ତିଯାଇଛନ୍ତି।

## ଆନନ୍ଦପୁର ଡାକ୍ତରଖାନା ଅଧୀକ୍ଷକଙ୍କ ବଦଳି

ଆନନ୍ଦପୁର,୨୯।୭ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡାକ୍ତର ଧନେଶ୍ୱର ସେଠୀଙ୍କ ନୂଆପଡ଼ା ଜିଲ୍ଲାକୁ ବଦଳି ହୋଇଛି। ସେ ପଦୋନ୍ନତି ପାଇ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଚିଠିରେ ଭେଷଜ ବିଶେଷଜ୍ଞ ଭାବେ କାର୍ଯ୍ୟ କରିବାକୁ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ, ଡାକ୍ତରଖାନାର ଅଧୀକ୍ଷକ ଭାବେ କାହାକୁ ନିଯୁକ୍ତି ଦିଆଯାଇ ନାହିଁ।

## ଟାଟା ଷ୍ଟିଲ୍ ପକ୍ଷରୁ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ




ଯୋଡା, ୨୯।୭(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ, ଭାରତରତ୍ନ ଜାହାଙ୍ଗୀର ରତନଜୀ ଦାଦାଭୋୟେ (ଜେଆରଡି) ଟାଟାଙ୍କ ୧୨୧ତମ ଜୟନ୍ତୀ ମଙ୍ଗଳବାର ଯୋଡାଠାରେ ପାଳନ କରାଯାଇଛି। ଯୋଡା ସେଣ୍ଟ୍ରାଲ ଅଫିସଠାରେ ଆୟୋଜିତ ଏହି ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ଯୋଡାର ମୁଖ୍ୟ ରାଜେଶ କୁମାର ଏହି କିଦମ୍ବନ୍ତୀ ବ୍ୟକ୍ତିତ୍ୱ ତଥା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରର ଜନକଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସମସ୍ତେ ସେହି ପ୍ରବାଦ ପୁରୁଷଙ୍କୁ ସ୍ମରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଯୋଡା ଇଷ୍ଟ ଲୌହ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଛାକୁଣ୍ଡି, ନୀଳାଚଳ ଅଫିସ ଓ ଯୋଡା ଫେରୋ ଆଲଏଜ୍ କାରଖାନାରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଲେଇପଦଓଠାର ଅବସ୍ଥିତ ସ୍ୱଞ୍ଜି କାରଖାନାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମ୍ପାନିର ଅନ୍ୟ କାର୍ଯ୍ୟକ୍ଷେତ୍ରଗୁଡିକରେ ୱାକାଥନ, ଚାରା ରୋପଣ, କୁଇଜ୍ ପ୍ରତିଯୋଗିତା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## କାଳିଆହତା-ରେକୁଟି ରାସ୍ତା ଶୋଚନୀୟ



ତେଲକୋଇ, ୨୯।୭(ସମିସ): ତେଲକୋଇ ବ୍ଲକ ଉପାନ୍ତ କାଳିଆହତାରୁ ରେକୁଟିକୁ ସଂଯୋଗ କରୁଥିବା ରାସ୍ତା ଆଣ୍ଠୁଏ କାଦୁଅ ଯୋଗୁଁ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ଏହି ରାସ୍ତା ବିଭାଗୀୟ ଅବହେଳା ଯୋଗୁଁ ଅଧପନ୍ତରିଆ ହୋଇ ପଡିରହିଥିବା ଅଭିଯୋଗ ହୋଇଛି। ଲୋକେ ଗମନା ଗମନ ରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାଦୁଅ ରାସ୍ତା ଯୋଗୁଁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ସ୍ଥାନୀୟ ଲୋକେ ରାସ୍ତା ସମସ୍ୟାକୁ ନେଇ ଯେତେ ଅଭିଯୋଗ କଲେ ସୁଦ୍ଧା ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନଥିବା ସଙ୍ଗୀନ ଅଭିଯୋଗ ହୋଇଛି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ହଦଗଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ବିଳମ୍ବ

ହାଟଡ଼ିହୀ,୨୯।୭(ସମିସ): ହାଟଡ଼ିହୀ ତଫସିଲଭୁକ୍ତ ଆଦିବାସୀ ବହୁଳ ହଦଗଡ଼ ପଞ୍ଚାୟତର ହଦଗଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ବିଳମ୍ବକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ଏହାକେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଆଦିବାସୀ ଅଞ୍ଚଳ ହଦଗଡ଼ରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନୁମତି ପାଇବା ସହିତ ନୂତନ ଗୃହ ନିର୍ମାଣ ପାଇଁ ଅନୁଦାନ ଯୋଗାଇଦେଇଥିଲେ। ନୂତନ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବାର ମାସ ମାସ ବିତିଯାଇଥିଲେ ବି ଉଦ୍‌ଘାଟନ ହୋଇପାରୁନଥିବା ବେଳେ ଏହା କାର୍ଯ୍ୟକ୍ଷମ ହେଉନାହିଁ। ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉପରେ ହଦଗଡ଼, ବାଙ୍ଗୋର ଓ ଢ଼େଙ୍କା ପଞ୍ଚାୟତର ଲୋକମାନେ ସୁବିଧା ପାଇବେ ବୋଲି ଆଶା କରାଯାଇଥିଲା। ଏହା କାର୍ଯ୍ୟକ୍ଷମ ହେବାରେ ନାଁ ଧରୁ ନଥିବାବେଳେ ନିଯୁକ୍ତ ଆରଆଇ ମଧ୍ୟ ହଦଗଡ଼ ଆସୁନାହାନ୍ତି ବୋଲି ଅଭିଯୋଗ ହେଉଛି। ନିଯୁକ୍ତ ଆରଆଇ ସଢ଼ା ଅଫିସରେ ବସୁଥିବାରୁ ହଦଗଡ଼ ଓ ବାଙ୍ଗାର ପଞ୍ଚାୟତର ଲୋକମାନେ କାର୍ଯ୍ୟ ନିମନ୍ତେ ବାଧ୍ୟ ହୋଇ ୧୫କିମିରୁ ଅଧିକ ସଢ଼ା ଆରଆଇ ଅଫିସକୁ ଆସୁଛନ୍ତି। ବହୁ ସମୟରେ ତାଙ୍କୁ ପାଉ ନଥିବାରୁ ଲୋକମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟାଳୟର ନୂତନ ଗୃହଟିକୁ ଉଦ୍‌ଘାଟନ କରାଗଲେ ଏଭଳି ସମସ୍ୟା ସୃଷ୍ଟି ହେବନାହିଁ ବୋଲି କୁହାଯାଉଛି। ଶୀଘ୍ର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ ଗୃହକୁ କାର୍ଯ୍ୟକ୍ଷମ କରାଇବାକୁ ହଦଗଡ଼ ଓ ବାଙ୍ଗୋର ପଞ୍ଚାୟତର ବାସିନ୍ଦାଙ୍କ ସହ ହଦଗଡ଼ ସରପଞ୍ଚ ନିରୁପମା ନନ୍ଦି, ବାଙ୍ଗାର ସରପଞ୍ଚ ଅଙ୍କିତା ପଡ଼ିଆରୀଙ୍କ ସହ ଅଭୟ ରାଉତ, ବିଜୟାନନ୍ଦ ଉପାଧ୍ୟାୟ, ଚିତ୍ତରଞ୍ଜନ ସାହୁ, ଦୁର୍ଗାଚରଣ ମୁର୍ମୁ, ସୁଶୀଲ ନାଏକ, ବନମାଳି ଶଙ୍ଖୁଆ, ମଦନ ମୋହନ ନନ୍ଦି, ଅଭିମନ୍ୟୁ ନାଏକ, ବସନ୍ତ ପଢ଼ିଆରୀ, ସନ୍ତୋଷ ନାଏକ ଦାବି କରିଛନ୍ତି।



**ଟ୍ରମାକେୟାର ସେଣ୍ଟର ପ୍ରସ୍ତାବରେ ରହିଲା**

## ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ପାଇଁ ରୋଗୀ ହନ୍ତସନ୍ତ

ଆନନ୍ଦପୁର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଟ୍ରମାକେୟାର ସେଣ୍ଟର ଖୋଲାଯିବା ପାଇଁ ବିଭିନ୍ନ ମହଲରେ ଦାବି ହେବାପରେ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ ପ୍ରତିନିଧି ଦଳ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଇତିମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେସିନ ଥିଲେ ମଧ୍ୟ ସମସ୍ତ ରୋଗୀମାନେ ଏହାର ସୁବିଧା ପାଉନାହାନ୍ତି। ଡାକ୍ତରଖାନା ବାହାରେ ଗୋଟିଏ ମାତ୍ର କ୍ଲିନିକରେ ଅଲଟ୍ରାସାଉଣ୍ଡ କରିବାପାଇଁ ରୋଗୀମାନେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଥିବା ଅଲଟ୍ରାସାଉଣ୍ଡ ମେସିନରୁ କେବଳ ପ୍ରସୂତିମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ସୀମିତ ସଂଖ୍ୟକ ପ୍ରସୂତିଙ୍କୁ ସେବା ମିଳୁଥିବାରୁ ଅଧିକାଂଶ ମହିଳା ଘରୋଇ କ୍ଲିନିକରେ ୭୦୦ଟଙ୍କା ଦେଇ ଅଲଟ୍ରାସାଉଣ୍ଡ କରୁଥିବା କହିଛନ୍ତି। ଡାକ୍ତରଙ୍କ ପରାମର୍ଶ ପରେ ସକାଳୁ ଆସି ରୋଗୀମାନେ ଅଲଟ୍ରାସାଉଣ୍ଡ ପାଇଁ ଅପେକ୍ଷା କରୁଛନ୍ତି। ଅନେକ ସମୟରେ କ୍ଲିନିକରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଘଟଗାଁ ବ୍ଲକ୍ ମେଲାଣ ଗ୍ରାମର ସୁଭଦ୍ରା ନାଇକ (୧୮) ଗତକାଲି ଅପରାହ୍ଣ ସାଢେ ୫ଟାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କର ତଳିପେଟରେ ଯନ୍ତ୍ରଣା ହେଉଥିବାରୁ ଡାକ୍ତର ଅଲଟ୍ରାସାଉଣ୍ଡ କରିବାକୁ ପରାମର୍ଶ ଦେଇଥିଲେ। ସେ ଆଜି ଦିନସାରା କ୍ଲିନିକରେ ବସି ବସି ନିରାଶ ହେବା ପରେ ପୁଣି ଡାକ୍ତରଖାନା ଫେରିଥିଲେ। ଏ ସମ୍ପର୍କରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରୋଗୀ କିପରି ସୁବିଧାରେ ଅଲଟ୍ରାସାଉଣ୍ଡ କରିପାରିବେ ସେଥିପାଇଁ ସିଡିଏମ୍‌ଓ ଏବଂ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।



# ମୁଖ୍ୟମନ୍ତ୍ରୀଙ୍କ ଭୋଗରାଇ ଗସ୍ତ ବାତିଲ, ବନ୍ୟା ବିପନ୍ନ ନିରାଶ

ଭୋଗରାଇ/ଚନ୍ଦନେଶ୍ୱର, ୨୯।୭ (ସମିସ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଜି ବନ୍ୟାଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି। ମୁଖ୍ୟମନ୍ତ୍ରୀ ବାଲେଶ୍ୱର ବନ୍ୟାଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ ନେଇ ୨ଦିନ ପୂର୍ବରୁ ଘୋଷଣା ହୋଇଥିଲେ ହେଁ ଆଜି ସକାଳେ ଭୋଗରାଇ ଆସୁଛନ୍ତି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା। ପୂର୍ବାହ୍ନ ୧୦.୩୦ ରେ ହେଲିକପ୍ଟର ଯୋଗେ ଆକାଶ ମାର୍ଗରୁ ବନ୍ୟାଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ ୧୧.୩୦ମିନିଟ ରେ ତାଳସାରି ସ୍ଥିତ ହେଲିପ୍ୟାଡରେ ଅବତରଣ କରିବା ପରେ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଏକ ବନ୍ୟା ସମ୍ବନ୍ଧୀୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ,ଏସ୍‌ପି ସମେତ ସମସ୍ତ ବିଭାଗର ଅଧିକାରୀ, ତହସିଲଦାର, ବିଡିଓ ମାନେ ଏଠାକୁ ଆସି ଅପେକ୍ଷାରେ ରହିଥିଲେ। ମାତ୍ର ଅପରାହ୍ନ ୩ଟାରେ ପାଗ ଖରାପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବାତିଲ ହେଲା ବୋଲି ସୂଚନା ମିଳିଥିଲା। ଫଳରେ ଏଠାକୁ ଆସିଥିବା ପ୍ରଶାସନିକ ଅଧିକାରୀ ମାନଙ୍କର ଅପେକ୍ଷାର ଅନ୍ତ ଘଟିଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ଆସୁଥିବାର ଖବର ପାଇ ଉତ୍ତର ବାଲେଶ୍ୱରବାସୀଙ୍କ ମନରେ ଯେଉଁ ଉତ୍ସୁକତା ବଢିଯାଇଥିଲା ତାହା ପାଣିଫାଟି ଯାଇଛି। କାରଣ ସୁବର୍ଣ୍ଣରେଖା ନଦୀରେ ବର୍ଷ ବର୍ଷ ଧରି ବନ୍ୟା ଆସି ଭୋଗରାଇ ସମେତ ଜଳେଶ୍ୱର, ବାଲିଆପାଳ ଓ ବସ୍ତା ବ୍ଲକର ପ୍ରାୟ ଶତାଧିକ ଗ୍ରାମରେ କ୍ଷୟକ୍ଷତି ହୋଇଆସୁଛି ତା'ର ସ୍ଥାୟୀ ପ୍ରତିକାର ପାଇଁ ଦୀର୍ଘଦିନ ଧରି ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ସେମାନେ ଭାବିଥିଲେ ନୂଆ ସରକାର ଏଥର ଆସିଛି, ଏହାକୁ ମିଶାଇ ଚଳିତ ବର୍ଷ ମଧ୍ୟ ୫ଥର ବନ୍ୟା ଆସିଲାଣି। ମାତ୍ର ବିଭିନ୍ନ ଖାଲୁଅ ଅଞ୍ଚଳରୁ ପାଣି ନିଷ୍କାସନ ହେବାର ନାଁ ଧରୁନାହିଁ। ଲୋକେ ମାସ ମାସ ଧରି ଜଳ ଘେର ମଧ୍ୟରେ ରହୁଛନ୍ତି। ହଜାର ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହେଉଛି। ତେବେ ମୁଖ୍ୟମନ୍ତ୍ରୀ ନିଜେ ଏଠାକୁ ଆସୁଛନ୍ତି ସେ ବିପନ୍ନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଥାନ୍ତେ ଏବଂ ବନ୍ୟାର ସ୍ଥାୟୀ ପ୍ରତିକାର ନେଇ କୌଣସି ଜରୁରୀ ପଦକ୍ଷେପ ନେଇଥାନ୍ତେ। ଏଥିପାଇଁ ସମସ୍ତେ ଆଶାବାଦୀ ରହିଥିଲା ବେଳେ ଅଚାନକ ଭାବେ ଗସ୍ତ ବାତିଲ ହେବା ଫଳରେ ଅଞ୍ଚଳ ବାସୀ ନିରାଶ ହୋଇଥିବା ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଆସୁଛନ୍ତି ବୋଲି ପ୍ରଶାସନ ତରଫରୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଏବଂ ବସ୍ତା ବିଧାୟିକା ସୁବାସିନୀ ଜେନା, ସଦର ବିଧାୟକ ମାନସ ଦତ୍ତ ଏବଂ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମଧ୍ୟ ଏଠାରେ ଆସି ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରଶାସନ ପୁରା ତତ୍ପର ଥିଲେ। ଜେଡ ପ୍ଲସ ସୁରକ୍ଷା ସହିତ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏସପି ରାଜ ପ୍ରସାଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ପହଂଚି ଥିଲେ। ଖାଲି ସେତିକି ନୁହେଁ, ଭୋଗରାଇର କାର୍ଯ୍ୟରତ ସାମ୍ବାଦିକ, ମିଶନଶକ୍ତି ମହିଳା, ଭୋଗରାଇ କୃଷିକ୍ଷେତ୍ର ସୁରକ୍ଷା କୃଷକ ସଂଘ ସହ ବିଭିନ୍ନ ସଂଗଠନ ପକ୍ଷରୁ ଦାବୀ ପତ୍ର ମଧ୍ୟ ପ୍ରଦାନ କରା ଯାଇଥାନ୍ତା। ମାତ୍ର ଦୀର୍ଘ ସମୟର ପ୍ରତୀକ୍ଷା ପରେ ସବୁକିଛି ଫସର ଫାଟିଥିଲା। ତେବେ ହେଲିକେପ୍ଟର ସମସ୍ୟା ଏବଂ ପ୍ରତିକୂଳ ପାଣିପାଗ ପାଇଁ ଏହି ଗସ୍ତ ବାତିଲ ହୋଇଥିବା ବିଧାୟକ ସନ୍ତୋଷ ଖଟୁଆ କହିଛନ୍ତି। ଅପରପକ୍ଷରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅନୁପସ୍ଥିତ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବାତିଲ କରାଯାଇଥିବା ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ଘେରିବା ପାଇଁ ବିରୋଧୀ ଦଳର ୩ ବିଧାୟକଙ୍କ ରଣ କୌଶଳ ପ୍ରସ୍ତୁତି କରିସାରିଥିଲେ ତେଣୁ ହୁଏତ ସାଂସଦ ଶ୍ରୀ ଷଡଙ୍ଗୀଙ୍କ ଅନୁପସ୍ଥିତିରେ ହୁଏତ ବିରୋଧାଭାସ ସୃଷ୍ଟି ହୋଇପାରେ ଏଥିପାଇଁ ହୁଏତ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବାତିଲ ହୋଇଥିବା ସାଧାରଣରେ ଆଲୋଚନା ହେଉଛି।

## ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଲେ ବିଡ଼ିଓ



ଜଳେଶ୍ୱର ବ୍ଲକ, ୨୯।୭(ସମିସ) : ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ଓଲମରା ମହଲସାହିର ପାଣି ଘେରରେ ଥିବା ପରିବାର ଲୋକଙ୍କ ପାଖରେ ପହଞ୍ଚିଲେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ। ବର୍ଷା ଋତୁ ଆସିଲେ ଓଲମରା ଗ୍ରାମପଞ୍ଚାୟତର ବ୍ରହ୍ମାପୁର ଗ୍ରାମର ମହଲସାହିରେ ଲୋକଙ୍କ ସମସ୍ୟା ବଢିବାରେ ଲାଗିଥାଏ। ରାସ୍ତା ଉପରେ ୫ ଫୁଟର ପାଣି ପ୍ରବାହିତ ହୋଇ ଥାଏ ଯାହା ଫଳରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି କୁନି କୁନି ପିଲା ମାନେ ଓ ଗୃହ ପାଳିତ ପଶୁ ପକ୍ଷୀ ଓ ପିଇବା ପାଣିର ସମସ୍ୟା ଉପିଜିଥାଏ। ଯାହାକୁ ନେଇ ଗ୍ରାମ ବାସୀ ମାନେ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଜଣାଇ ଥିଲେ ମଧ୍ୟ କିଛି ସୁଫଳ ମିଳିପାରୁ ନ ଥିଲା। ଏ ନେଇ ଖବର ପ୍ରସାରଣ ପରେ ଜଳେଶ୍ୱର ବିଡ଼ିଓ ଗ୍ରାମରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଡ଼ିଓ ବନ୍ୟା ଅଞ୍ଚଳ ପରିଦର୍ଶନ ସମୟରେ ଓଲମରା ଗ୍ରାମବାସୀ ବିଡ଼ିଓଙ୍କୁ ଯାତାୟାତ ଅସୁବିଧା ହେଉ ଥିବାରୁ ସ୍ଥାୟୀ ପକ୍କା ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ଆନୁମାନିକ ୧୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କଲେ ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରିବ ବୋଲି ଯୁବନେତା ରାସବିହାରୀ ରଣା ଓ ଗ୍ରାମ ବାସୀ ଦାବି କରିଥିଲେ। ବିଡ଼ିଓ ଏ ବାବଦରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଏହି ସମୟରେ ଓଲମରା ଗ୍ରାମ ପଞ୍ଚାୟତର ଯୁବନେତା ରାସବିହାରୀ ରଣା ସମେତ ସତ୍ୟ ନାୟକ ୨ ପାଶୁରାମ ଘଡେଇ, ବିଶ୍ୱଜିତ୍ ଦେହୁରୀ, ସପନ ଭକ୍ତ, ସନାତନ ଘଡେଇ, ମଦନ ପଲେଇ, ଗୋପାଳ ଭକ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାଲେଶ୍ୱର,୨୯।୭(ସମିସ): ଉତ୍କଳ ସାମ୍ବାଦିକ ସଂଘ ଓଡ଼ିଶା ସଭାପତି ବିଭୂତି ଭୂଷଣ କରଙ୍କ ପରାମର୍ଶ କ୍ରମେ ଆଜି ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକଙ୍କ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବିମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ସହ, ପେନସନ ବ୍ୟବସ୍ଥା ତୁରନ୍ତ ପ୍ରଚଳନ କରିବାକୁ, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା, ସାମ୍ବାଦିକଙ୍କ ପରିବାରକୁ ସ୍ୱତନ୍ତ୍ର ଯୋଜନାରେ ଗୃହ ଆବଣ୍ଟନ ଭଳି ପ୍ରମୁଖ ଦାବି ପୂରଣ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ ସହ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ତରଫରୁ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଦାବୀପତ୍ର ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ପ୍ରସାଦ ବାରିକ, ସଂଗଠନ ସମ୍ପାଦକ ଭଗବାନ ଦାସ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତରାୟ, ସଦସ୍ୟ ପ୍ରମୋଦ କୁମାର ଶିଅଳ, ସଂପାଦକ ପ୍ରଶାନ୍ତ କୁମାର ବେହେରା, ବିନୋଦ ବାରିକ, କାର୍ତ୍ତିକ ପୁଥାଳ, ସଞ୍ଜୟ ମହାଳିକ, ସଂଯୁକ୍ତା ରାଣୀ ବେହେରା, ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଦାଂଶୁ ଶେଖର ଦାସଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ତିନି ଛାତ୍ର ଆହତ



ସିମୁଳିଆ, ୨୯।୭ (ସମିସ): ସିମୁଳିଆ ବ୍ଲକ ବରି ପଞ୍ଚାୟତ ବରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ସପ୍ତମ ଶ୍ରେଣୀ ଗୃହର ଛାତରୁ ପ୍ଲାଷ୍ଟର ଖସି ପଡିବାରୁ ତିନି ଜଣ ଛାତ୍ର ଆହତ ହୋଇଛନ୍ତି। ସିମେଣ୍ଟ ଖଣ୍ଡ ଶିକ୍ଷକଙ୍କ ଟେବୁଲ ଉପରେ ପଡିବାରୁ ପିଲାମାନେ ବଡ଼ ଧରଣର ବିପଦରୁ ବର୍ତ୍ତିଯାଇଛନ୍ତି। ଘଟଣା ଘଟିବା ପରେ ଶିକ୍ଷା ବିଭାଗର ଅଧିକାରୀ ମାନେ ବିଦ୍ୟାଳୟ ରେ ପହଁଚି ପରିସ୍ଥିତି ସମ୍ପର୍କ ରେ ଅନୁଧ୍ୟାନ କରିବା ସହିତ କେଉଁ ପରିସ୍ଥିତି ରେ ଘଟଣା ଘଟିଛି ରିପୋର୍ଟ ସଂଗ୍ରହ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ଆହତ ବିଦ୍ୟାର୍ଥୀଙ୍କୁ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଛି। ଆଜି ଏହି ଅଘଟଣ ଘଟିବା ପରେ ବିଧାୟକ ନୂତନ ଶ୍ରେଣୀ ଗୃହ ପାଇଁ ପଦକ୍ଷେପ ନେବେ ବୋଲି ବିଧାୟକ ବିଦ୍ୟାଳୟ ପରିଦର୍ଶନରେ ଯାଇ ପ୍ରତିଶୃତି ଦେଇଛନ୍ତି। ବରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବିଦ୍ୟାଳୟ ର ପ୍ରାର୍ଥନା ଶେଷ ହେବା ପରେ ସପ୍ତମ ଶ୍ରେଣୀ ପିଲାମାନେ ଶ୍ରେଣୀ ଗୃହରେ ବସିଥିଲେ ଏବଂ ଶିକ୍ଷକ ଶିକ୍ଷାଦାନ ଆରମ୍ଭ କରିବା ସମୟରେ ଶ୍ରେଣୀ ଗୃହରୁ ହଠାତ ଫ୍ୟାନ ଝୁଲିଥିବା ସ୍ଥାନରୁ ଛାତ ପ୍ଲାଷ୍ଟର ଖସି ଶିକ୍ଷକଙ୍କ ସମ୍ମୁଖରେ ଥିବା ଟେବୁଲ ରେ ପଡି ପଡ଼ିଥିଲା। ଛାତ ପକ୍କା ଖଣ୍ଡ ଗୁଡିକ ତିନିଜଣ ପିଲାଙ୍କ ଗୋଡ଼ ରେ ବାଜିବା ପରେ ସେମାନେ ଆହତ ହୋଇଥିଲେ। ଅନ୍ୟ ପିଲାମାନେ ଭୟଭୀତ ହୋଇ ଯାଇଥିଲେ। ଘଟଣା ପରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ଦାଶ ଏବଂ ଅନ୍ୟ ଶିକ୍ଷକ ମାନେ ଶ୍ରେଣୀ ରେ ପହଁଚି ଆହତ ପିଲାମାନଙ୍କୁ ଡାକ୍ତରଖାନାକୁ ପଠାଇ ଚିକିତ୍ସା କରାଇଥିଲେ। ବିଦ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷା ବିଭାଗ କୁ ଅବଗତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଏବଂ ବିଆରସିସି ଅଜୟ କୁମାର ପଣ୍ଡା ବିଦ୍ୟାଳୟରେ ପହଁଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଶ୍ରେଣୀ ଗୃହର ଅବସ୍ଥା ବୁଲି ଦେଖିଥିଲେ। ଖବର ପାଇ ସରପଞ୍ଚ ବିମଳ କୁମାର ଲେଙ୍କା, ଶିକ୍ଷା କମିଟିର କର୍ମକର୍ତ୍ତା ବିଦ୍ୟାଳୟ ରେ ପହଁଚି ଘଟଣା ବିଷୟରେ ପଚାରି ବୁଝିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା ମଧ୍ୟ ବିଦ୍ୟାଳୟରେ ପହଁଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବହୁ ପୁରୁଣା ବର୍ଷର ବିପଦପୂର୍ଣ୍ଣ ଶ୍ରେଣୀ ଗୃହ ପାଇଁ ଆଜି ଏଭଳି ଘଟଣା ଘଟିଥିବାର ଜଣାପଡିଛି।

## ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ତରଫରୁ ରନ୍ଧାଖାଦ୍ୟ ବଣ୍ଟନ

ବାଲିଆପାଳ, ୨୯।୭ (ସମିସ): ବାଲିଆପାଳ ବ୍ଲକର ବନ୍ୟା ବିପନ୍ନଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ପକ୍ଷରୁ ରନ୍ଧାଖାଦ୍ୟ ବିତରଣ କରାଯାଇଛି। ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନର ସଭାପତି ଶିବଶଙ୍କର ନାୟକଙ୍କ ନେତୃତ୍ୱରେ ବନ୍ୟା ବିପନ୍ନ ଲୋକମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଫାଉଣ୍ଡେସନ ତରଫରୁ ଆଜି ୨୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଉପସଭାପତି ଜ୍ୟୋତିର୍ମୟୀ ପାତ୍ର, ସଂପାଦକ ସୁଲୋଚନା ଗିରି, କୋଷାଧ୍ୟକ୍ଷ ଜୟଦେବ ମଲ୍ଲିକ, ପଙ୍କଜ କୁମାର ସାହୁ, ତାପସ ଦାସ, ଜିତେନ୍ଦ୍ର ମହାନ୍ତି, ସ୍ୱାଗତ ସାହୁ, ସୁଷମା ଦାସ, ଅଶ୍ୱିନୀ ଦାସ, ସୁମନ ଚଣ୍ଡ, ଆକାଶ ବେହେରା, ଗଜେନ୍ଦ୍ର ବେହେରା, ତପୁ ରାଉଳ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।



# '୧୦୦ ବର୍ଷରେ ଏମିତି ବନ୍ୟା ଦେଖିନୁ'





ବାଲିଆପାଳ, ୨୯।୭ (ସମିସ)

ଇତିହାସ ରଚିଲା ସୁବର୍ଣ୍ଣରେଖା ନଦୀର ବନ୍ୟା। ୧୦୦ ବର୍ଷ ଇତିହାସରେ ଏମିତି ବନ୍ୟା ଦେଖିନାହାନ୍ତି ବାଲିଆପାଳ ବାସୀ। ଦେଢ ମାସ ଧରି ବନ୍ୟାପାଣି ଛାଡିବାର ନାଁ ଧରୁ ନାହିଁ। ଚଳିତ ବର୍ଷ ୪୦ ଦିନ ଭିତରେ ଥରେ କି ଦୁଇଥର ନୁହଁ ପାଞ୍ଚ ପାଞ୍ଚଥର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଛି। ଝାଡଖଣ୍ଡରେ ଲଗାଣ ବର୍ଷା ଏବଂ ଏହାର ଉଦବୃତ୍ତ ବନ୍ୟା ପାଣି ଯୋଗୁଁ ଏମିତି ପରିସ୍ଥିତି ଉପୁଜୁଥିବା ସ୍ଥାନୀ ଅଞ୍ଚଳବାସୀ କହିଛନ୍ତି। ଆଗାରୁ ବନ୍ୟା ଆସିଛି ସତ କିନ୍ତୁ ଏମିତି ନୁହଁ। ବର୍ଷକରେ ସର୍ବାଧିକ ଦୁଇରୁ ତିନିଥର ବନ୍ୟା ଆସିଥାଏ ତାହା ପୁଣି ୧୫ ଦିନ, ମାସେ କିମ୍ବା ଦୁଇମାସ ଅନ୍ତରରେ। ତେବେ ଚଳିତବର୍ଷ ବନ୍ୟା ସବୁ ରେକର୍ଡ ଭାଙ୍ଗି ଦେଇଛି। ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଜୁନ ୨୦ ତାରିଖରେ ଆସିଥିବା ବେଳେ ଜୁନ ୩୦ରେ ଦ୍ୱିତୀୟ ବନ୍ୟା, ଜୁଲାଇ ୮ରେ ତୃତୀୟ ବନ୍ୟା, ଜୁଲାଇ ୧୭ରେ ଚତୁର୍ଥ ଏବଂ ୨୬ରେ ପଞ୍ଚମ ଥର ପାଇଁ ବନ୍ୟା ଆସିଛି। ଗୋଟିଏ ପ୍ରକାର କହିବାକୁ ଗଲେ ବନ୍ୟା ପାଣି ଜୁନ ୨୦ରୁ ଅଦ୍ୟାବଧି ସଂପୂର୍ଣ୍ଣ ଛାଡିନାହିଁ। ଝାଡଖଣ୍ଡର ବନ୍ୟା ପାଣି ପାଇଁ ବାରମ୍ବାର ଲୋକେ ଦୁର୍ଦ୍ଦଶା ଭୋଗୁଥିବାରୁ ଲୋକେ ଏହି ବନ୍ୟା ପାଇଁ ପ୍ରଶାସନକୁ ଦାୟୀ କଲେଣି। ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକ ସର୍ବାଧିକ କ୍ଷତି ହେଉଛି। ଏହା ଫଳରେ କେବଳ ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ ଗ୍ରାମର ୬୦ ହଜାର ଜନସାଧାରଣ ଏବଂ ୨୦ ହଜାରରୁ ଅଧିକ ଗୃହପାଳିତ ପଶୁ ଯନ୍ତ୍ରଣା ଭୋଗୁଛନ୍ତି। ଚାଷ ବାସ ସବୁ କିଛି ଉଜୁଡିଯାଇଛି। ଜୀବନ ଜିବିକା ଉପରେ ପଡିଛି ଏହାର ପ୍ରଭାବ। ଚାଷ ଏବଂ ଦିନ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଥିବା ଲୋକେ ବର୍ଷ ତମାମ ନିଜର ପରିବାର ମୁହଁରେ କିଭଳି ଦାନା ଯୋଗାଇବେ କିପରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ତାଙ୍କର ଆଖିରେ ନିଦ ନାହିଁ। ସରକାରଙ୍କର ଲୋକ ଦେଖାଣିଆ ଚୁଡା ଚାଉଳ ଦରଦ ଲୋକେ ଏବେ ଖୋଜୁନଥିବା କହିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ଲୋକେ ସରକାରଙ୍କୁ ନେହୁରା ହୋଇଛନ୍ତି। ତେବେ ଆଜି ପଞ୍ଚମ ବନ୍ୟାର ଦ୍ୱିତୀୟ ଦିନରେ ମଧ ବନ୍ୟାପାଣି ଅପରିବର୍ତ୍ତୀତ ରହିଛି। ଯଦିବା ଜଳସ୍ତର ରାଜାଘାଟ ଠାରେ ହ୍ରାସ ପାଇଛି ତେବେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକରେ ବନ୍ୟା ପାଣି ଛାଡିବାକୁ ଆହୁରି ଦିନେ ଦୁଇଦିନ ଲାଗିପାରେ ବୋଲି ଅନୁମାନ କରାଯାଉଛି। ଆଜି ମଧ ବନ୍ୟା ପ୍ରଭାବିତ ଅଂଚଳ ଗୁଡିକରେ ଲୋକେ ଘରୁ ବାହାରିବା ପାଇଁ ପାୱାର ବୋଟ ଏବଂ ଦେଶୀ ଡଙ୍ଗା ଉପରେ ନିର୍ଭର କରୁଛନ୍ତି। ଆଜି ସକାଳେ ଅତିରିକ୍ତ ଏସଆରସି ମନିସ ଅଗ୍ରୱାଲ, ଏଡିଏମ ରେଭେନ୍ୟୁ ହେମନ୍ତ କୁମାର ସିଂ, ଏଡିଏମ ମଧୁସ୍ମିତା ସାମନ୍ତରାୟ,ବିଡିଓ ରାଧାରଞ୍ଜନ ଦାସ, ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ପ୍ରମୁଖ ବିଭିନ୍ନ ବନ୍ୟା ଅଂଚଳ ପରିଦର୍ଶନ କରିଥିଲେ। ଆଜି ପ୍ରସାଶନ ପକ୍ଷରୁ ଜାମକୁଣ୍ଡା ପଞ୍ଚାୟତର କୁହ୍ଲାଚଡ, ବଡତାଳପଦା, ଲକପାଳ, ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ, ଚରବସ୍ତ କାଳୁଇ ଗ୍ରାମରେ ଦୁଇ ହଜାରରୁ ଅଧିକ ଲୋକଙ୍କୁ ରନ୍ଧାଖାଦ୍ୟ ବିତରଣ କରାଯାଇଛି। ସେହିପରି ବିଭିନ୍ନ ବନ୍ୟା ଅଂଚଳକୁ ପ୍ରଶାସନ ପକ୍ଷରୁ ୧୦୦ କୁଇଣ୍ଟାଲ ଚୁଡା ଏବଂ ୧୦ କୁଇଣ୍ଟାଲ ଗୁଡ ଯୋଗାଇ ଦିଆଯାଇଥିବା ଯୋଗାଣ ଅଧିକାରୀ ଶ୍ରୀ ରଥ ସୂଚନା ଦେଇଛନ୍ତି। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବ୍ଲକ କାର୍ଯ୍ୟାଳୟରେ ପହଂଚି ବନ୍ୟାର ସମୀକ୍ଷା କରି ଫେରିଛନ୍ତି। ବନ୍ୟା ଛାଡିବା ପରେ ସମସ୍ତ ପ୍ରକାର କ୍ଷୟକ୍ଷତିର ଆକଳନ କରାଯାଇ ସରକାରଙ୍କ ନିୟମ ମୁତାବକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।



- ଦେଢମାସ ଭିତରେ ଆସିଛି ପାଞ୍ଚଥର ବନ୍ୟା
- ବନ୍ୟା ଯନ୍ତ୍ରଣା ଭୋଗୁଛନ୍ତି ୫୦ ଗ୍ରାମର ୬୦ ହଜାର ଲୋକେ

## ଅନନ୍ତପୁର ଡାକ୍ତରଖାନାରେ ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗ

ସୋର,୨୯।୭(ସମିସ): ଖବର ପରିବେଷଣ ପାଇଁ ଯାଇଥିବା ସାମ୍ବାଦିକଙ୍କ ମୋବାଇଲକୁ ଅନନ୍ତପୁର ଡାକ୍ତରଖାନାର ଜଣେ କାର୍ଯ୍ୟରତ ଡାକ୍ତର ଛଡାଇ ନେଇଥିବା ଅଭିଯୋଗ ହୋଇଛି। ସୋର ବ୍ଲକ ଅନନ୍ତପୁରସ୍ଥିତ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିବାଦ ପଛ ଛାଡୁନି। ଗତ କିଛି ମାସ ତଳେ ଏହି ଡାକ୍ତରଖାନାର ଡାକ୍ତର ସୁରକ୍ଷା କର୍ମୀଙ୍କ ହାତରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଭଳି ଘଟଣା ଦେଖିବାକୁ ମିଳିଥିବା ବେଳେ ଗତ ୨୪ ତାରିଖ ରାତିରେ ଟର୍ଚ୍ଚ ଆଲୁଅରେ ରୋଗୀ ସେବା କରୁଥିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଯାହାକୁ ନେଇ କିଛି ଗଣମାଧ୍ୟମରେ ଖବର ପରିବେଷଣ ହୋଇଥିଲା। ଖବର ପ୍ରସାରଣ ପରେ କୌଣସି ପ୍ରଭାବ ପଡିଛିକି ନାହିଁ ଏବଂ ଡାକ୍ତରଖାନାର ଉକ୍ତ ୱାର୍ଡକୁ ବିଦ୍ୟୁତ ସଂଯୋଗ କରାଯାଇଛି କି ନାହିଁ ସେ ବାବଦରେ ଜାଣିବାକୁ ଓ ଡାକ୍ତରଖାନାର ପରିଚାଳକ ଶାଶ୍ୱତ ସାହୁଙ୍କ ମତାମତ ନେବା ପାଇଁ ଅପରାହ୍ଣ ଖବର କାଗଜର ସାମ୍ବାଦିକ ଅଞ୍ଜନ ଦାସ ଅନନ୍ତପୁର ଡାକ୍ତରଖାନାକୁ ଯାଇଥିଲେ। ଏହି ସମୟରେ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଜଣେ ବ୍ୟକ୍ତି ଡାକ୍ତରଖାନାକୁ ଆସିଥିବା ବେଳେ ଡାକ୍ତର ଜଣଙ୍କ ମୋବାଇଲରେ ବ୍ୟସ୍ତ ଥାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଖିବାକୁ ଯାଇ ନ ଥିଲେ। ଏ ବାବଦରେ ସାମ୍ବାଦିକ ଜଣଙ୍କ ଡାକ୍ତର ସାହୁଙ୍କୁ ପଚାରିବାରୁ ସେ ହଠାତ୍ ଉତକ୍ଷିପ୍ତ ହୋଇ ସାମ୍ବାଦିକଙ୍କ ମୋବାଇଲ ଛଡାଇ ନେବା ସହିତ ଜୋରରେ ଗାଳିଗୁଲଜ କରିଥିଲେ। ପରେ ପରେ ଡାକ୍ତରଖାନାର ଅନ୍ୟ କର୍ମଚାରୀ ମାନେ ରୁଣ୍ଡ ହୋଇ ସାମ୍ବାଦିକଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ କାଶୀନାଥ ପଣ୍ଡାଙ୍କୁ ପଚାରିବାରୁ ଡାକ୍ତର ଜଣଙ୍କ ଯାହା କରିଛନ୍ତି ତାହା ସମ୍ପୁର୍ଣ୍ଣ ଭାବେ ଭୁଲ ଏ ବାବଦରେ ମୁଁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଥିଲେ।

## ମଦ ଜବତ, ୪ ଗିରଫ

ଜଳେଶ୍ୱର ବ୍ଲକ, ୨୯।୭ (ସମିସ) : ଜଳେଶ୍ୱର ଅବକାରୀ ବିଭାଗର ଏକ ଟିମ ରାଇବଣିଆ ଅଞ୍ଚଳର ବିଭିନ୍ନ ସ୍ଥାନ ଯଥା ଖୁଆଡ ଅଞ୍ଚଳର ଉପରକୁଣ୍ଡି, ବରଡିହା ଅଞ୍ଚଳର ପଥରଖୋଳ ଓ ରାଇବଣିଆ ଅଞ୍ଚଳର ଗହିରାବନ୍ଧ ଅଞ୍ଚଳରୁ ୪ ଜଣ ମଦ ବେପାରୀମାନଙ୍କୁ ଗିରଫ କରିବା ସହିତ ଏକ ମଟର ସାଇକେଲ ଜବତ କରିବା ସହିତ ୧୦୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏହି ଚଢାଉରେ ଅବକାରୀ ବିଭାଗର ଏସ୍‌ଆଇ ଜୟପ୍ରକାଶ ଦେହୁରିଆ, କନେଷ୍ଟବଳ ବାସୁଦେବ କାମିଲା, ଅନିଲ୍ କୁମାର, ମହିଳା କନେଷ୍ଟବଳ କୁମୁଦିନୀ ସୋ ପ୍ରମୁଖ ଉପସ୍ଥିତ ରହିଥିଲେ।



# ବାଲେଶ୍ୱର ଟାଉନ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୯।୭ (ସମିସ): ବାଲେଶ୍ୱର ଟାଉନ ସାରସ୍ୱତ ସଂଘର ୪୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁଇଦିନ ବ୍ୟାପୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଆସାମ ବଙ୍ଗୀୟ ସାରସ୍ୱତ ମଠର ପୂଜ୍ୟ ମହନ୍ତ ମହାରାଜ ଶ୍ରୀମତ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ପୌରୋହିତ୍ୟ କରିଥିଲେ। ଏଥିସହିତ କଦମକଣ୍ଠା ବିଭାଗୀୟ ଆଶ୍ରମର ଅଧ୍ୟକ୍ଷ ଶ୍ରୀମଦ୍ ସ୍ୱାମୀ ଅବ୍ୟକ୍ତାନନ୍ଦ ସରସ୍ୱତୀ, ଆନନ୍ଦ ନଗର ବିଭାଗୀୟ ଆଶ୍ରମରୁ ଉପଗତ ଶ୍ରୀମଦ୍ ସ୍ୱାମୀ ଅପରୂପାନନ୍ଦ ସରସ୍ୱତୀ କପ୍ତିପଦା ଆଶ୍ରମରୁ ଉପଗତ ଅଧ୍ୟକ୍ଷ ଶ୍ରୀମଦ୍ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଏହି ଉତ୍ସବରେ ଯୋଗଦାନ କରିଥିଲେ। ପ୍ରଥମ ଦିନ ସନ୍ଧ୍ୟାରେ ବିଧାନାନୁଯାୟୀ ଅଧିବାସ ଅନୁଷ୍ଠିତ ହୋଇଥିଲା। ସେହିପରି ୨୭ ତାରିଖ ପ୍ରତ୍ୟୁଷରୁ ସକାଳ ପୂଜା ଓ ଅନ୍ତରଙ୍ଗ ସଭା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଦିନ ୭ ଜଣ ଦୀକ୍ଷାର୍ଥୀଙ୍କ ଦ୍ୱାରା ଦୀକ୍ଷା ଗ୍ରହଣ ହୋଇଥିଲା। ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ପରମହଂସଙ୍କ ଦ୍ୱାରା ଭାରତ ବର୍ଷରେ ସନାତନ ଧର୍ମର ପ୍ରଚାର ପ୍ରସାର, ସତଶିକ୍ଷା ବିସ୍ତାର, ଆଦର୍ଶ ଗୃହସ୍ଥ ଜୀବନ ଗଠନ, ଭାବ ବିନିମୟ ଓ ସଂଘ ଶକ୍ତିର ପ୍ରତିଷ୍ଠା ଆଦି ଲକ୍ଷ୍ୟ ନେଇ ଏହି ସଂଘ ମାନଙ୍କ ଦ୍ୱାରା ଶୃଙ୍ଖଳିତ ଭାବେ ସଂଘାନୁଷ୍ଠାନ ଓ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ। ସର୍ବଶେଷରେ ଆଲୋଚନା ପର୍ଯ୍ୟାଲୋଚନା ଅନୁଶୀଳନ କରାଯାଏ।

# ମୌଳିକ ସୁବିଧାରୁ ବଞ୍ଚିତ ଫକୀରମୋହନ ନଗର

ବାଲେଶ୍ୱର,୨୯।୭ (ସମିସ)

ସହରକୁ ଭିଡ଼ି ରହିଛି ପଞ୍ଚାୟତ। ହେଲେ ପଞ୍ଚାୟତରେ ନା ଭଲ ରାସ୍ତା ଅଛି ନା ନାଳ ନା ଅଛି ଆଲୋକୀକରଣ। ଏମିତିକି ପୁରୁଣା ରାସ୍ତା ଅବସ୍ଥା ବି ଖରାପ ହୋଇଗଲାଣି। ଯାତାୟାତ କରିବା ବି କଷ୍ଟକର ହୋଇପଡୁଛି। ବର୍ଷା ଦିନରେ ତ ଶୋଚନୀୟ ହୋଇପଡୁଛି ରାସ୍ତା ଅବସ୍ଥା। ଯାହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ହେଉଛି ଫକୀରମୋହନ ନଗରର ରାସ୍ତା। ସହରକୁ ଭିଡ଼ି କରି ରହିଥିବା କରଞ୍ଜିଆ ପଞ୍ଚାୟତର ଏହି ରାସ୍ତା। ସହର ସନ୍ନିକଟ ଫକୀରମୋହନ ନଗରର ରାସ୍ତାଘାଟ ଅବସ୍ଥା ନ କହିବା ଭଲ। ଘରୁ ନ ବାହାରିବା ଭଳି ସ୍ଥିତି। ଡବଲ ଇଞ୍ଜିନ ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ ଦୁଇ ହଜାର ପରିବାର ଖୋଜୁଛନ୍ତି ବିକାଶର ଚିତ୍ର। ବାଲେଶ୍ୱର ସହରକୁ ଭିଡ଼ି କରି ରହିଛି ରେମୁଣା ବ୍ଲକର କରଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ ଫକୀରମୋହନ ନଗର। ଏହି ଅଞ୍ଚଳରେ ପ୍ରାୟ ଦୁଇ ହଜାରରୁ ଅଧିକ ଘର ରହିଥିବା ବେଳେ ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ଦୈନିକ ହଜାର ହଜାର ସଂଖ୍ୟାରେ ଲୋକ ସ୍ଥାନୀୟ ଆଇଜି ମାର୍ଗ, ଓଟି ରୋଡକୁ ବାହାରି ଥାଆନ୍ତି। ହେଲେ ଦୀର୍ଘବର୍ଷ ଭିତରେ ଏ ଅଞ୍ଚଳରେ ନା ଭଲ ରାସ୍ତାଟିଏ, ନା ନାଳ ନା ରାସ୍ତା ଆଲୋକ। ଏହି ଅଞ୍ଚଳ ଖୁବ ବିସ୍ତୃତ ହୋଇଥିବା ବେଳେ ଯାହା କିଛି ପଞ୍ଚାୟତ



ରାସ୍ତା ଶୋଚନୀୟ, ଡ୍ରେନେଜ୍ ଓ ଆଲୋକୀକରଣ ବ୍ୟବସ୍ଥା ନାହିଁ

ଅନୁଦାନରେ ରାସ୍ତା, ନାଳ ହୋଇଛି ତାହା ସମୁଦ୍ରକୁ ଶଙ୍ଖେ। ସହର ସନ୍ନିକଟ କେତୋଟି ପଞ୍ଚାୟତ ବାଲେଶ୍ୱର ପୌରପାଳିକାରେ ସାମିଲ ହୋଇ ମହାନଗର ହେବା କଥା ଦୀର୍ଘ ବର୍ଷ ଧରି କେବଳ ଶୁଣିବାକୁ ମିଳୁଛି। ତେବେ ରାସ୍ତା ଘାଟକୁ ନେଇ ଏ ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିତରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି, ଜିଲ୍ଲା ପ୍ରଶାସନ ଏସବୁକୁ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ବିଦ୍ୟାର୍ଥୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ

ବାଲେଶ୍ୱର,୨୯।୭ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପାଠ୍ୟକ୍ରମର ବିଭିନ୍ନ ବିଭାଗରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ତିନିଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ. ନିହାର ରଞ୍ଜନ ରାଉତ, ହଷ୍ଟେଲ ୱାର୍ଡେନ ପ୍ରଫେସର ସୁନୀଲ କୁମାର ପାଢ଼ୀ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟ, ବିତ୍ତ ନିୟନ୍ତ୍ରକ କରନ ସୋରେନ ବିଶ୍ୱବିଦ୍ୟାଳୟର ଅନୁଶାସନ, ଶିକ୍ଷାର ଉତ୍ତମତା ଓ ଦୈନନ୍ଦିନ ଜୀବନରେ ଶୃଙ୍ଖଳା, ସ୍ୱଚ୍ଛତା, ଓ ସାଧନାର ମୂଲ୍ୟ ବିଷୟରେ ଦିଗଦର୍ଶନ ପ୍ରଦାନ କରିଛନ୍ତି। ସମସ୍ତ ବିଭାଗୀୟ ମୁଖ୍ୟ, ସଂଯୋଜକ, ଅଧିକାରୀ, ନିର୍ଦ୍ଦେଶକ, ନିୟନ୍ତ୍ରକ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କ ସହ




ସମସ୍ତ ନବାଗତ ଛାତ୍ରଛାତ୍ରୀ ଦୁଇଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଉପସ୍ଥିତ ରହିଥିଲେ। ଏହି ବୈଠକରେ ନୂତନ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟକୁ ସ୍ୱାଗତ କରିବା ସହ ତିନିଦିନ ବ୍ୟାପି କାର୍ଯ୍ୟକାରଣ କରାଯିବାକୁ ଥିବା ୩୭ଟି ଅଧିବେଶନ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ବିଶ୍ୱବିଦ୍ୟାଳୟର ଉନ୍ନତି ସାଧନ ସହ ବ୍ୟକ୍ତିଗତ ଉନ୍ନତିକୁ ଲକ୍ଷ୍ୟ ନେଇ ଅଗ୍ରସର ହେବା ନେଇ ଉତ୍ସାହିତ କରିଥିଲେ। ଏହି ଇନ୍ଡକସନ୍ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ପାଠ୍ୟକ୍ରମ ପ୍ରଣାଳୀ, ପରୀକ୍ଷା ବ୍ୟବସ୍ଥା, ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସୁଯୋଗର ବିବରଣୀ, ଅନୁସନ୍ଧାନ ଏବଂ ବିକାଶ, ଇନ୍କ୍ୟୁବେସନ, ଗବେଷଣାତ୍ମକ ଅଧ୍ୟୟନର ସବିଶେଷ ସୁବିଧାସୁଯୋଗ ଏବଂ ଉଦ୍ଭାବନ, କ୍ୟାମ୍ପସର ସାମଗ୍ରିକ ସୂଚନା, ଅଭିଯୋଗ ନୀତି ଏବଂ ଆଣ୍ଟି-ରାଗିଂ ସେଲ୍ ସିଷ୍ଟମ୍, ଛାତ୍ରଛାତ୍ରୀଙ୍କ କୃତିତ୍ୱ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଛି। କାର୍ଯ୍ୟକ୍ରମକୁ ଡ. ରାଜଶ୍ରୀ ଦତ୍ତ ପରିଚାଳନା କରିଥିଲେ। ଡ. ବିବେକାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ

ବାଲେଶ୍ୱର,୨୯।୭ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସାଧନା' ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେସନ ସଭାପତି ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶଙ୍କ ନେତୃତ୍ୱରେ କୁରୁଡା ଶିଳ୍ପାଞ୍ଚଳରେ ବିଭିନ୍ନ ଚାରା ପିଜୁଳି, ଆମ୍ବ, ପଣସ, ଚମ୍ପା, ନିମ୍ବ ଆଦି ଚାରାରୋପଣ କରାଯାଇଥିଲା। ଏଥି ସହ ତାର ସୁରକ୍ଷା ପାଇଁ ସୁରକ୍ଷା ବାଡ ଦିଆଯାଇଥିଲା। ଏହାକୁ ରକ୍ଷଣାବେକ୍ଷଣ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଦାୟିତ୍ୱରେ ରଖାଗଲା। ଏହା ସହିତ ବହୁ ଚାରା ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ସମ୍ପାଦିକା ସୁଜାତାରାଣୀ ପଣ୍ଡା ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦିକା ପ୍ରଶାନ୍ତି ପଣ୍ଡା, ପୁଷ୍ପା ମହାନ୍ତଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ।

# ବାଣିଜ୍ୟିକ ଲାଇସେନ୍ସ ଏବଂ ପାର୍କିଂ ଫି' ଉପରେ ଆଲୋଚନା

ବାଲେଶ୍ୱର,୨୯।୭ (ସମିସ): ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ ତଥା ବ୍ୟବସାୟୀ ସଂଘ (ବାଲେଶ୍ୱର ଚ୍ୟାପ୍ଟର)ର ମିଳିତ ଆନୁକୂଲ୍ୟରେ ବାଣିଜ୍ୟ ଲାଇସେନ୍ସ ଏବଂ ପାର୍କିଂ ଫି ଉପରେ ଏକ ଆଲୋଚନା ସ୍ଥାନୀୟ ଶିଳ୍ପାଞ୍ଚଳସ୍ଥିତ ଉଦ୍ୟୋଗ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସଦର ବିଧାୟକ ମାନସ ଦତ୍ତ, ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ବିସିଆଇସି ଅଧ୍ୟକ୍ଷ ସଞ୍ଜୟ ଦାସ ଏବଂ ବ୍ୟବସାୟୀ ସଂଘର ଅଧ୍ୟକ୍ଷ ଭଗବାନ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ଶ୍ରୀଯୁକ୍ତ ଦାସ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ସମ୍ମିଳନୀରେ ବିସିଆଇସି ଏବଂ ବ୍ୟବସାୟୀ ସଂଘର ବହୁତ ସଦସ୍ୟ ଯୋଗ ଦେଇଥିଲେ।



ବାଲେଶ୍ୱରରେ ବ୍ୟବସାୟ କରୁଥିବା ସମସ୍ତ ବ୍ୟବସାୟୀମାନେ ଏହି ବାଣିଜ୍ୟ ଲାଇସେନ୍ସ ନେଇ ଉପୁଜିଥିବା ଦ୍ୱନ୍ଦ୍ୱ ବିଷୟରେ ଉପସ୍ଥିତ ଥିବା ପୌରପାଳିକା ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ପୌରପାଳିକା ଅଧ୍ୟକ୍ଷା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ବିଷୟରେ ବ୍ୟବସାୟୀଙ୍କ ଠାରୁ ମତାମତ ନେଇ ଭବିଷ୍ୟତରେ କେମିତି ଏ ଲାଇସେନ୍ସକୁ ସରଳ କରିହେବ ସେ ବିଷୟରେ କହିଥିଲେ। ବିଧାୟକ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ସେମାନେ କେମିତି ସହଜରେ ଏବଂ ସରଳ ଉପାୟରେ ବ୍ୟବସାୟ କରିପାରିବେ ସେଥିପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ବ୍ୟବସାୟୀ ସଂଘର ଅଧ୍ୟକ୍ଷ ସମସ୍ତ ବ୍ୟବସାୟୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଭବିଷ୍ୟତରେ ବ୍ୟବସାୟୀଙ୍କ ଉନ୍ନତି ପାଇଁ ଏମିତି ଅନେକ ଉନ୍ନତି ମୂଳକ କାର୍ଯ୍ୟକ୍ରମ ବିସିଆଇସିର ସହଯୋଗରେ କରାଯିବାର ପ୍ରତିଶୃତି ମଧ୍ୟ ଦେଇଥିଲେ।

# କେକେଏସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ବାଲେଶ୍ୱର,୨୯।୭ (ସମିସ): କୁନ୍ତଳା କୁମାରୀ ସାବତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ନବାଗତ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସଞ୍ଜୟ କୁମାର ସ ଛାତ୍ରୀମାନେ ଶିକ୍ଷାନୁଷ୍ଠାନର ନିୟମ ମାନିବା ସହିତ ସଂଯମତା ରକ୍ଷା କରିବା ଓ ଶୃଙ୍ଖଳିତ ଭାବେ ଅଧ୍ୟୟନ କରିବା ଲାଗି ପରାମର୍ଶ ଦେଇଥିଲେ। ଡ. ସଞ୍ଜୀବିତା ଦାସ ସରକାରଙ୍କ ଶିକ୍ଷା ସମ୍ପର୍କିତ ନୂଆ ଯୋଜନା ଓ ପାଠ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା କରିବା



ସହିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ୱେବସାଇଟକୁ ଯାଇ ବିଭିନ୍ନ ବିଷୟରେ ତଥ୍ୟ ପାଇପାରିବେ ବୋଲି କହିଥିଲେ। ଡ. ନାରାୟଣ ସୁରଜିତ ବେହେରା ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ବିଷୟରେ ସବିଶେଷ ସୂଚନା ଦେଇଥିଲେ। ଡ. ରେଣୁବାଳା ସୁନ୍ଦରରାୟ ଛାତ୍ରୀମାନେ ନୈତିକ ଶିକ୍ଷା ଗ୍ରହଣ କରିବାକୁ ଗୁରୁତ୍ୱ ଦେଇଥିଲେ। ଡ. ରମାକାନ୍ତ ସାହୁ "ସାଥୀ' ଓ "ଶିକ୍ଷାଜ୍ୟୋତି' ଯୋଜନା ସମ୍ପର୍କରେ ଆଲୋଚନା କରିଥିବା ବେଳେ ଅଧ୍ୟାପିକା ରାଜଶ୍ରୀ ରାଉଳ କ୍ୟାରିୟର କାଉନସେଲିଂ ଜରିଆରେ ସମସ୍ତ ଛାତ୍ରୀ ବିଜ୍ଞାନ ଓ କଳା ଶ୍ରେଣୀର ଆଭାସୀ ପାଠ ପଢ଼ିପାରିବେ ବୋଲି ସୂଚନା ଦେଇଥିଲେ। ଡ. ଶୁଭସ୍ମିତା ସେଠୀ ବିଭିନ୍ନ ଛାତ୍ରବୃତ୍ତି ବିଷୟରେ ସୂଚନା ଦେଇଥିଲେ। ଶେଷରେ ଅଧ୍ୟାପିକା ନେହା ମୁର୍ମୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟରେ କାର୍ଗିଲ ବିଜୟ ଦିବସ ପାଳିତ




ବାଲେଶ୍ୱର,୨୯।୭ (ସମିସ): ରେ' ଅଫ୍ ହୋପସ୍ ପକ୍ଷରୁ ତାଳପଦା ପଞ୍ଚାୟତ ସ୍ଥିତ ଉଚ୍ଚ ବିଦ୍ୟା ମନ୍ଦିରରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓୱାଇଏଟିର ଯୁଗ୍ମ ନିର୍ଦ୍ଦେଶକ ଉମାଶଙ୍କର ନାୟକ, ସ୍ଥାନୀୟ ସରପଞ୍ଚ ହରେନ୍ଦ୍ର ମଲ୍ଲିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ପଟ ପାଲ ଯୋଗଦେଇ ପିଲାମାନଙ୍କୁ ଏହି ଦିନର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ମହିଳା ମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସହିଦ ମାନଙ୍କ ଫଟୋରେ ପୁଷ୍ପ ଅର୍ପଣ କରାଯାଇଥିଲା। ଶେଷରେ ଏକ ରାଲି କରାଯାଇ ଦିବସ ପାଳନକୁ ଶେଷ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂଗଠନ ସଭାପତି ସସ୍ମିତା ମାଝୀ, ସମ୍ପାଦକ ସ୍ୱସ୍ତିକ ଦେ, ଓମକାର ମୋହନ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ର, ଶିକ୍ଷକ ଓ ଅଭିଭାବକ କନଭେନସନ୍

ବାଲେଶ୍ୱର,୨୯।୭ (ସମିସ): ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା, ଦୁଷ୍କର୍ମ ଓ ଅସଦାଚରଣ ବିରୁଦ୍ଧରେ ଏ ଆଇ ଡି ଏସ ଓ ଜିଲ୍ଲା କମିଟି ଉଦ୍ୟମରେ ଆଜି ଉଠା ଜଳସେଚନ କର୍ମଚାରୀ ଭବନରେ




ଛାତ୍ର, ଶିକ୍ଷକ, ଅଭିଭାବକ କନଭେନସନ ଅନୁଷ୍ଠିତ ହୋଇଯାଇଛି। ଏସବୁ ବିରୁଦ୍ଧରେ ଏ ଆଇ ଡି ଏସ ଓ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଲଗାତାର ଆନ୍ଦୋଳନ ଚାଲିଛି। ସଂଗଠନ ଜିଲ୍ଲା ସଭାପତି ହରେକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କନଭେନସନରେ ଫକୀରମୋହନ କଲେଜ ଛାତ୍ରୀ ଜୁଙ୍ଗା ବନରା କାନଭେନସନର ଭିତ୍ତି ପତ୍ର ଉପସ୍ଥାପନ କରିଥିଲେ। ଏହା ଉପରେ ସମଗ୍ର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ପ୍ରତିନିଧି ଶୁଭଲକ୍ଷ୍ମୀ, ସସ୍ମିତା ପଣ୍ଡା, ଶ୍ରୀଜନ ହୋ, ମନୋଜ ପତ୍ର, ଆସମାନ ରାଜ ଓ ଅଭିଭାବକ ନନ୍ଦରାୟ ଚୌଧୁରୀ ସମାଜ କର୍ମୀ ପ୍ରତିମା ପଣ୍ଡା, ଅନ୍ନପୂର୍ଣ୍ଣା ସାହୁ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଂପାଦକ ନିରାକାର ପକ୍ଷଣ୍ଡବ ନାରୀ ମାନଙ୍କ ପ୍ରତି ମଧ୍ୟଯୁଗୀୟ ଦୃଷ୍ଟିଭଙ୍ଗୀକୁ ତୀବ୍ର ସମାଲୋଚନା କରିବା ସହିତ ଦୀର୍ଘସ୍ଥାୟୀ ସାଂସ୍କୃତିକ ଆନ୍ଦୋଳନ ଚଳାଇବାକୁ ଆହ୍ୱାନ ଦେଇଥିଲେ। ଶେଷରେ ମୁଖ୍ୟବକ୍ତା ଏଆଇଡିଏସଓ ଓଡିଶା ରାଜ୍ୟ ପରିଷଦ ସଭାପତି ସୋମନାଥ ବେହେରା ଅଭିଭାଷଣ ରଖିଥିଲେ। ଶେଷରେ ଡ଼ିଏସ ଓ ଜିଲ୍ଲା କମିଟି ଉପସଭାପତି ମନୋଜ ପାତ୍ର ଭବିଷ୍ୟତ କାର୍ଯ୍ୟକ୍ରମ ହିସାବରେ ବ୍ଲକ ସ୍ତରରେ ଆଲୋଚନା ସଭା, କାନଭେନସନର ଆୟୋଜନ କରିବା, ବୁଦ୍ଧିଜୀବୀ ମାନଙ୍କୁ ନେଇ ନଗରୀ କମିଟି ଗଠନ ଓ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଘୋଷଣା କରିଥିଲେ।

 କାର୍‌ରେ ଷ୍ଟଣ୍ଟ ମାରିବା ପଡ଼ିଲା ମହଙ୍ଗା

# କଟିଲା ୧୧ ହଜାର ଟଙ୍କାର ଚାଲାଣ

ବାଲେଶ୍ୱର,୨୯।୭ (ସମିସ): କାରରେ ସିଟ୍ ବେଲଟ ନ ବାନ୍ଧି ଷ୍ଟଣ୍ଟ ମାରିବା ଜଣେ ଯୁବକକୁ ମହଙ୍ଗା ପଡ଼ିଛି। ଜିଲ୍ଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ଉପରେ ଜରିମାନା ବାବଦକୁ ୧୧ହଜାର ଟଙ୍କାର ଚାଲାଣ କଟାଯାଇଛି। ବାଲେଶ୍ୱରର ଜଣେ ଯୁବକ କାରର ଷ୍ଟିୟରିଂ ଛାଡି ରିଲସ ସୁଟିଂ କରିବା ସହ ଷ୍ଟଣ୍ଟ କରୁଥିବା ବେଳେ ଏହାର ଏକ ଭିଡିଓ ଅନ୍ୟ ଜଣେ ଯୁବକ ଉତ୍ତୋଳନ କରି ଜିଲ୍ଲା ଆଂଚଳିକ ପରିବହନ ବିଭାଗ,



ମୁଖ୍ୟମନ୍ତ୍ରୀ ଆଦିଙ୍କୁ ଏକ୍ସରେ ଅଭିଯୋଗ କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ ଜଣେ ଯୁବକ ବାଲେଶ୍ୱର ଏନଏଚରେ ବିନା ସିଟ୍ ବେଲଟରେ ଗୋଟିଏ ହାତ ଛାଡି ସଡକ ସୁରକ୍ଷା ନିୟମକୁ ଉଲ୍ଲଙ୍ଘନ କରିବା ସହ ଅତିଦ୍ରୁତ ଗତିରେ ଗାଡି ଚଳାଉଛି ଏବଂ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲେଖିଥିଲେ। ଏହାର ପ୍ରତିଉତ୍ତରରେ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ୧୧ହଜାର ଟଙ୍କା ଚାଲାଣ କଟାଯାଇଥିବା ଜଣାଯାଇଛି।

# ବଢୁଛି ପରିବେଶ ଅନୁକୂଳ ରାକ୍ଷୀର ଚାହିଦା

ବାଲେଶ୍ୱର,୨୯।୭ (ସମିସ)

ସୁନ୍ଦର ସୁନ୍ଦର ରାକ୍ଷୀ। ଦେଖିଲେ ଆଖି ଲାଖିଯିବ। ଜଣେ ଯେମିତି ଚାହିଁବ ସେମିତି ରାକ୍ଷୀ ପାଇଯିବ। ସେଥିପାଇଁ ତ ଧୀରେ ଧୀରେ ବଢୁଛି ହାତ ତିଆରି ରାକ୍ଷୀର ଚାହିଦା। ବିଶେଷକରି ଏହି ରାକ୍ଷୀପୂର୍ଣ୍ଣମୀକୁ ଦୃଷ୍ଟିରେ ରଖି କିଛି ମହିଳା ସ୍ୱତନ୍ତ୍ର ରାକ୍ଷୀ ତିଆରି କରୁଛନ୍ତି। କଉଡି, ସୂତା, ରଙ୍ଗ, ଷ୍ଟୋନ୍ ଆଦି ବିଭିନ୍ନ ସାମଗ୍ରୀ ବ୍ୟବହାର କରି ନିଜେ ତିଆରି କରୁଛନ୍ତି। ଠାକୁରଙ୍କ ରାକ୍ଷୀଠୁ ଆରମ୍ଭ କରି କୁନି କୁନି ପିଲାଙ୍କ ମନ ଲାଖିବା ପରି ରାକ୍ଷୀ ତିଆରି କରିଛନ୍ତି। ନନ୍ଦିତା ଓ ନିହାରିକାଙ୍କ ପରିବେଶ ଅନୁକୂଳ

**ରାକ୍ଷୀ:** ଫଟୋ ପ୍ରିଣ୍ଟ ରାଖି। ଏଭଳି ଆକର୍ଷଣୀୟ ରାକ୍ଷୀ ଏବେ ଅଧିକ ପସନ୍ଦରେ ରହିଛି। ଭାଇଙ୍କ ସହିତ ବିତେଇଥିବା କିଛି ସ୍ମୃତିକୁ ରାଖିରେ ରଖି ଫଟୋ ଆକାରରେ ସଜାଇ ରାଖିରେ ଭାଇଙ୍କୁ ଗିଫ୍ଟ ଦେବା ପାଇଁ ଏହା ଅଧିକ ପସନ୍ଦ କରୁଥିବା ଜଣାପଡିଛି। ଏହାବ୍ୟତୀତ କେବଳ ଭାଇଙ୍କ ଫଟୋକୁ ରାଖିରେ ଦେଇ ରାକ୍ଷୀ ପ୍ରସ୍ତୁତ ହେଉଛି। ଯାହାକି ବେଶ ଆକର୍ଷଣୀୟ। ଏସବୁ







ରାକ୍ଷୀ ସମ୍ପୂର୍ଣ୍ଣ ହାତ ତିଆରି। ଘରେ ଏଭଳି ଆକର୍ଷଣୀୟ ଓ ଇକୋ ଫ୍ରେଣ୍ଡଲି ରାକ୍ଷୀ ତିଆରି କରି ବେଶ୍ ଚର୍ଚ୍ଚାରେ ରହିଛନ୍ତି ଦୁଇ ସାଙ୍ଗ। ସେମାନେ ହେଲେ ନନ୍ଦିତା ସାହୁ ଓ ନିହାରିକା ମଣ୍ଡଳ। ଦୁଇ ସାଙ୍ଗ ସବୁବେଳେ କିଛି ନିଆରା ହାତ ତିଆରି ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ବିଶେଷକରି ଫଟୋ ରାଖି, ନାମ ରାଖି, ଜଗନ୍ନାଥଙ୍କ ରାଖି, କ୍ରିଷ୍ଣାଙ୍କ ରାଖି ପ୍ରସ୍ତୁତ କରିଛନ୍ତି। ସବୁଠୁ ଅଧିକ ଫଟୋ ରାକ୍ଷୀ ତିଆରି ପାଇଁ ତାଙ୍କୁ ଅର୍ଡର ଆସିଥିବା ଉଭୟ କହିଛନ୍ତି। ଯାହାର ମୂଲ୍ୟ ୬୦ ରୁ ୧୨୦ ଟଙ୍କା ଭିତରେ ରହିଛି। ହାତ ତିଆରି ଠାକୁରଙ୍କ ରାକ୍ଷୀ ୬୦ ଟଙ୍କା ରହିଛି। ଏ ସମସ୍ତ ରାଖି ତିଆରି ପାଇଁ ନନ୍ଦିତା ଓ ନିହାରିକା ସମସ୍ତ ସାମଗ୍ରୀ ନିଜେ କିଣି ଘରେ ପ୍ରସ୍ତୁତ କରୁଛନ୍ତି।

ଚାହିଦାରେ ହାତ ତିଆରି ଜଗନ୍ନାଥଙ୍କ **ରାକ୍ଷୀ:** ବଜାରରେ ମିଳୁଥିବା ରାକ୍ଷୀ ବ୍ୟତୀତ ଏବେ ହାତ ତିଆରି ରାକ୍ଷୀ ବେଶ୍ ଚାହିଦାରେ ରହିଛି। ଏହାକୁ ଦୃଷ୍ଟିରେ ରଖି ଅନୁପମା ଦାସ ମହାପାତ୍ର ହାତ ତିଆରି ବିଭିନ୍ନ ରାକ୍ଷୀ ତିଆରି କରିଛନ୍ତି। ବିଶେଷକରି ଜଗନ୍ନାଥଙ୍କ ରାକ୍ଷୀ, ଷ୍ଟୋନ୍ ରାକ୍ଷୀ, ଛୋଟ ପିଲାଙ୍କ ପାଇଁ କାର୍ଟୁନ ରାକ୍ଷୀ ତିଆରି କରିଛନ୍ତି। ୧୫୦ ଖଣ୍ଡ ରାକ୍ଷୀ ତାଙ୍କୁ ତିଆରି ପାଇଁ ଏଥର ଅର୍ଡର ଆସିଛି। ରାକ୍ଷୀର ମୂଲ୍ୟ ୫୦ ଟଙ୍କା ରହିଛି। ଏକ୍ରେଲିକ୍ କଲର୍ ସହ କଉଡ଼ି, ଷ୍ଟୋନ୍, ରାକ୍ଷୀ ସୂତା ଏବଂ କିଛି କାଠକୁ ବ୍ୟବହାର କରି ରାଖି ତିଆରି ହୋଇଛି ଯାହା ଛିଡିବ ନାହିଁ। 'ସବୁ ଭଉଣୀମାନେ ସୁରକ୍ଷା ପାଇଁ ନିଜ ଭାଇ ହାତରେ ଜଗନ୍ନାଥଙ୍କ ରାକ୍ଷୀ ବାନ୍ଧନ୍ତୁ। ଜଗନ୍ନାଥ ତାଙ୍କୁ ସୁରକ୍ଷା ଦେବେ। ତେବେ ଏହି ରାକ୍ଷୀ ବ୍ୟବହାର ପରେ ନିଜ ପାଖରେ ରଖିପାରିବେ ନଚେତ ଏଣେତେଣେ ନ ଫିଙ୍ଗି ପାଣିରେ ଭସାଇ ଦେବାକୁ ଅନୁପମା କହିଛନ୍ତି।

## ଛାତ୍ରଛାତ୍ରୀଙ୍କ ମଧୁମେହ ନିରୂପଣ ଓ ସଚେତନତା ଶିବିର

ବାଲେଶ୍ୱର,୨୯।୭ (ସମିସ): ସରକାରୀ ଉଚ୍ଚବିଦ୍ୟାଳୟରେ ଲାୟନ୍ସ କ୍ଲବ ମିତ୍ରପୁର ତରଫରୁ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ରକ୍ତଶର୍କରା ତଥା ମଧୁମେହ ନିରୂପଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡାକ୍ତର ପ୍ରକାଶ କୁମାର ମହାପାତ୍ର, ଡାକ୍ତର ଜ୍ୟୋତି ରଞ୍ଜନ ପ୍ରଧାନ ଛୋଟ ପିଲାଙ୍କ କ୍ଷେତ୍ରରେ ବଢୁଥିବା ମଧୁମେହ ରୋଗର ଭୟାବହତା ସମ୍ବନ୍ଧରେ ଅଲୋକପାତ କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ଯୋଗ, ପ୍ରାଣାୟାମ ଓ ଶାରୀରିକ ପରିଶ୍ରମ କରିବାକୁ ସଚେତନ କରିଥିଲେ। ଲାୟନ ଗୋପାଳ ଚନ୍ଦ୍ର ମହାପାତ୍ର, ସଦସ୍ୟା ଲା. ଜୟନ୍ତୀ ମହାପାତ୍ର, ଲା. ପ୍ରଦୀପ୍ତ ପାଣିଗ୍ରାହୀ, ସନ୍ଧ୍ୟାରାଣୀ ମହାପାତ୍ର, ଲା. ରଞ୍ଜନ ବେହେରା, ଲା. ଭାଗବତ ଦାସ ଓ ଲା. ନିତ୍ୟାନନ୍ଦ ମାହାନା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ କୁମାର ରଣାଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଟେକନିସିଆନ ଦିବ୍ୟ ରଞ୍ଜନ ଜେନାଙ୍କ ଦ୍ୱାରା ପିଲାମାନଙ୍କର ରକ୍ତ ସର୍କରା ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ୮୫ ଜଣଙ୍କ ରକ୍ତ ପରୀକ୍ଷା ହୋଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,୨୯।୭ (ସମିସ): ରେମୁଣା ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଏକ ମଣ୍ଡପ ପରିସରରେ ଶିକ୍ଷକ ଶ୍ରୁତିଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବ୍ରହ୍ମାନନ୍ଦ ଦାଶ ଶ୍ରୀ ଜଗନ୍ନାଥଙ୍କ ଜଣାଣ ପରିବେଷର କରିଥିଲେ। ଏଥିରେ ବରିଷ୍ଠ ଡାକ୍ତର ଅନାଦି ଚରଣ ବେହେରା ଯୋଗଦେଇ ଯୋଗ ସହିତ ବରିଷ୍ଠ ବ୍ୟକ୍ତିମାନଙ୍କର ଔଷଧର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପଦେଷ୍ଟା ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ ସଙ୍ଗଠନ ଉପରେ ଆଲୋଚନା କରିବା ସହିତ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ସଂଘର ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରା ଆସନ୍ତା ଅଗଷ୍ଟ ୧୫ର କାର୍ଯ୍ୟକ୍ରମ ସହ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚକ୍ରଧର ଦାସ, ରବିନାରାୟଣ ବେହେରା, ବାସନ୍ତି ଦାସ, ମୁକ୍ତିଲତା ଆଇଚ, ପ୍ରତିମା ମଲ୍ଲିକ, ହରିମୋହନ ମାଝୀ, ଯୋଗେଶ ଚନ୍ଦ୍ର ବେହେରା, ପଦ୍ମଲୋଚନ ପଣ୍ଡା, କୃଷ୍ଣମୋହନ ମହାରାଣା, ସନ୍ତୋଷ ବେହେରା, ଧନେଶ୍ୱର ପାତ୍ର, ମୃତ୍ୟୁଞ୍ଜୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ସହ ସମ୍ପାଦକ ଗୌରାଙ୍ଗ ପଢ଼ିଆରୀ ଧନ୍ୟବାଦ ଦେଇଥିଲେ।

# ପାଣି ମାଡ଼ରେ ଦବିଲା କଣ୍ଟି ଏସ୍‌କେପ୍



ବାରିକପୁର,୨୯ ।୭ (ସମିସ): ଚଳିତବର୍ଷ ବୈତରଣୀ ନଦୀରେ ଦ୍ୱୀତୀୟ ବନ୍ୟା ଜଳ ଆସିବା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକର ୭ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ବିଶେଷ କରି ଧାନ ଓ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଛି । ବ୍ଲକର ଝୁଟଣା ଓ ବନ୍ଧାଳମଢିଆଳୀ ପଞ୍ଚାୟତ ଅଞ୍ଚଳ ବୈତରଣୀ ନଦୀ ପଠାରେ ଥିବା ବେଳେ ବନ୍ୟାଜଳ ପ୍ରଥମେ ଏଠାରେ ପ୍ରବେଶ କରିଥିଲା । ପରେ କଣ୍ଟି ଏସକେପ ଅତିକ୍ରମ କରି ରହଣିଆ, ମାଳଦା, ଶୋଳମପୁର, ନପଙ୍ଗ ଓ କୋରିଗାଁ ପଞ୍ଚାୟତକୁ ବନ୍ୟା ଜଳ ପ୍ରବେଶ କରିଥିଲା । ପ୍ରାୟ ୧୨ ଘଣ୍ଟାରୁ ଅଧିକ ସମୟ ଧରି ଚାରି ଫୁଟର ବନ୍ୟା ଜଳ ଏସକେପ ଉପରେ ପ୍ରବାହିତ ହୋଇଥିଲା । ଫଳରେ ଉଭୟ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି । ପ୍ରାୟ ବର୍ଷେ ହେବ ୨.୮୦ ମିଟର ଦୈର୍ଘ୍ୟ ବିଶିଷ୍ଟ କଣ୍ଟି ଏସକେପ କଂକ୍ରିଟ ନିର୍ମାଣ ହୋଇଥିଲା । କଂକ୍ରିଟକୁ ମଜଭୁତ କରିବା ପାଇଁ ନଦୀ ଓ ଖୋଲା ନାଳ ପାର୍ଶ୍ୱରେ ପଥର ପ୍ୟାକି ହୋଇଥିଲା । ଗୋଟିଏ ପଥର ଉପରେ ଗ୍ରାଉଟିଂ ହୋଇଥିବା ବେଳେ ଅନ୍ୟ ପାର୍ଶ୍ୱରେ ତାରଜାଲି ଦ୍ୱାରା ପଥରକୁ ସୁରକ୍ଷା ଦିଆ ଯାଇଥିଲା । ନିର୍ମାଣ ଦିନଠାରୁ ଏଯାଏଁ ଏସକେପର ମରାମତି ହୋଇ ନାହିଁ । ଫଳରେ ଦୁର୍ବଳ ହୋଇଥିଲା । ତେଣୁ ଚଳିତ ବନ୍ୟାରେ ଅଧିକାଂଶ ପଥର ନିର୍ମାଣ ବାହାରି ଯାଇଥିବା ବେଳେ କେତେକ ସ୍ଥାନରେ ଏହା ଦବି ଯାଇଛି । ସିମେଣ୍ଟ ବାଲି ମିଶ୍ରିତ ଗ୍ରାଉଟିଂ ମଧ୍ୟ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଛି । ଏହାଛଡା ତାରଜାଲି ମଧ୍ୟ ଛିଣ୍ଡି ଯାଇଛି । ବନ୍ୟା ସମୟ ଆହୁରି ଦୁଇ ମାସ ରହିଥିବା ବେଳେ ଏହାକୁ ତୁରନ୍ତ ମରାମତି ଜରୁରୀ ହୋଇଛି ।

# ମହିଳା ସୁରକ୍ଷା ଦାବିରେ ବିଜେଡିର 'ଜିଲ୍ଲାପାଳ ଅଫିସ୍ ଚାଲ'




ଭଦ୍ରକ,୨୯।୭ (ସମିସ): ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ନେତୃତ୍ୱ ଓ ପ୍ରାକ୍ତନ ବିଜୁ ମହିଳା ଜନତା ଦଳର ଭଦ୍ରକ ବ୍ଲକ ସଭାନେତ୍ରୀ ଦେବୀଦତା ମହାନ୍ତିଙ୍କ ସଭାପତିତ୍ୱରେ ବିଜୁ ମହିଳା ଜନତା ଦଳ ତରଫରୁ ଆଜି ଦଳର 'ଭଦ୍ରକ ଜିଲ୍ଲାପାଳ ଅଫିସ୍ ଚାଲ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳେ ଟାଉନ୍ ହଲ୍ ଛକରୁ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ । ସେଠାରେ ଶ୍ରୀମତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟରେ ମହିଳା, ଛାତ୍ରୀ ଓ ଶିଶୁମାନେ ଅସୁରକ୍ଷିତ । ରାଜ୍ୟରେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପ୍ରସଙ୍ଗକୁ ନେଇ ବିଜେଡ଼ି ମହିଳା କର୍ମୀମାନେ ସରକାରଙ୍କୁ ଦାୟୀ କରି ଭାଷଣ ରଖିଥିଲେ । ଓଡ଼ିଶାର ରାଜ୍ୟପାଳଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ମହିଳା ଓ ଛାତ୍ରୀ ମାନଙ୍କ ସୁରକ୍ଷା ଦାବୀରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଊର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍ସି ଦଲାଓ୍ୱାଜି ହବିବ, ପ୍ରାକ୍ତନ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତଲତା ନାୟକ, ବିଜେଡ଼ି ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଭଦ୍ରକ ଟାଉନ୍ ସଭାପତି ଏମ୍‌ଡି ଜକାଉଲ୍ଲା, ସରପଞ୍ଚ ତିଳୋତ୍ତମା ମହାପାତ୍ର, ପଦ୍ମାବତୀ ପୃଷ୍ଟି, ମୀନାରାଣୀ ମହାଲିକ, ଅନସୂୟା ସେଠୀ, ବାସନ୍ତୀ ଜେନା, ସୁଚିସ୍ମିତା ସାହୁ, ଊର୍ମିଳା ଜେନା, ଗୌରୀ ମଲ୍ଲିକ, ରାଜଲକ୍ଷ୍ମୀ ଦାସ, ଜ୍ୟୋସ୍ନା ମଞ୍ଜରୀ ରାଉତ, ନାଜନିନ ଆଲମ, ରିହାନା ବିବି, ବିଶ୍ୱ ନାୟକ, ଯୋଗେନ୍ଦ୍ର ଘଡେଇ, ଅକ୍ଷୟ କୁମାର ମହାନ୍ତି, ରମେଶ ବେହେରା, କ୍ଷୀରୋଦ ଚନ୍ଦ୍ର ଦାସ, ଦିଲ୍ଲୀପ ନାୟକ, ସୁଧାକର ମହାଲିକ, ଜାହିଦ ହବିବ, ପ୍ରିୟବ୍ରତ ନାୟକ, ଫରହାତ୍ ଆଲମ ଖାନ, ସାହୀଦ ଖାନ, ଅଞ୍ଜନ ଜେନା, ମନୋରଞ୍ଜନ ପୁହାଣ, ମେହେବୁବ ଖାନ, ଜାହିରୁଦ୍ଦିନ ଖାନ, ରଘୁନାଥ ପଣ୍ଡା ପ୍ରମୁଖ ବହୁ କର୍ମକର୍ତ୍ତା ଏବଂ କର୍ମୀ ସାମିଲ ହୋଇଥିଲେ ।

**ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ମୁଖ୍ୟ କିରାଣି**

# ଜିଲ୍ଲାପାଳଙ୍କ ଅଫିସରେ ଆତ୍ମହତ୍ୟା କରିବାକୁ ଚେତାବନୀ

ଧାମନଗର/ଦୋବଲ,୨୯ ।୭ (ସମିସ): ଭଦ୍ରକ ଜିଲ୍ଲାପାଳଙ୍କ ଅଫିସରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ସାମନାକୁ ଆସିଛି । ଧାମନଗର ବ୍ଲକର ଜଣେ କାର୍ଯ୍ୟରତ ବରିଷ୍ଠ ତଥା ମୁଖ୍ୟ କିରାଣିଙ୍କୁ ବାରମ୍ବାର ବଦଳି କରି ମାନସିକ ନିର୍ଯାତନା ଅଭିଯୋଗ ଆଣିବା ସହିତ ଜିଲ୍ଲାପାଳଙ୍କ ଅଫିସରେ ଆତ୍ମହତ୍ୟା କରିବାକୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି କଟନ ସିଂ । ବିଭିନ୍ନ ସମୟରେ ତାଙ୍କୁ ଲାଞ୍ଚ ମାଗିବା ଓ ନ ଦେବାରୁ ଏଷ୍ଟାବ୍ଲିସମେଣ୍ଟ ବିଭାଗ ଅଧିକାରୀ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ସେ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ, ଜିଲ୍ଲାପାଳ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିକଟକୁ ଚିଠି ମାଧ୍ୟମରେ ଅଭିଯୋଗ ଜଣାଇଛନ୍ତି । ହେଲେ କୌଣସି ଫଳାଫଳ ପାଇଲେ ନାହିଁ । ସେ ବରିଷ୍ଠ ହୋଇଥିଲେ ସୁଦ୍ଧା ତାଙ୍କୁ ପଦୋନ୍ନତି ଦିଆଯାଉ ନାହିଁ । ସେ କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ସେଥିଲାଗି ତାଙ୍କୁ ହଇରାଣ କରାଯିବା ସହ ପ୍ରମୋସନ ଦିଆଯାଉ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି ।



ଏନେଇ ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ପ୍ରମିଳା ମଲ୍ଲିକଙ୍କୁ ପଚାରିବାରୁ ଶ୍ରୀ ସିଂହଙ୍କ ନାମରେ ମାଳମାଳ ଅଭିଯୋଗ ରହିଛି । ସେଥିପାଇଁ ତାଙ୍କର ପଦୋନ୍ନତି ହେଉନାହିଁ ବୋଲି କହିଛନ୍ତି । ତେବେ ତାଙ୍କ ନାମରେ ଯେଉଁ ଦୁର୍ନୀତି ଅଭିଯୋଗ ଆଣିଛନ୍ତି, ତାହାର କୌଣସ ସତ୍ୟାସତ୍ୟ ନାହିଁ ବୋଲି ଶ୍ରୀ ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ଭଦ୍ରକ,୨୯ ।୭ (ସମିସ): ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନକ୍ରମେ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ଖିଲାରଙ୍କ ନେତୃତ୍ୱରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । କିଛିଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣା କ୍ରମାଗତ ବଢିଚାଲିଛି । ଏହାକୁ ନେଇ ସାରା ରାଜ୍ୟରେ ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ରାଜ୍ୟରେ "ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତାଙ୍କ ସମେତ ୨୫ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ସାମିଲ କରିବା, ୬୦ ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କ ପାଇଁ ପେନ୍‌ସନ ଲାଗୁ କରିବା ଆଦି ଦାବିରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଜିଲାର ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳ ଶ୍ରୀ ରାଉତରାଏ ସହିତ ସଂଘ ପକ୍ଷରୁ ଆଲୋଚନା କରାଯାଇଥିଲା । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରମୋଦ ରାୟ, ନରେନ୍ଦ୍ର ସାମଲ,ଅପୂର୍ବରଞ୍ଜନ ବେହେରା, ଅଶ୍ୱିନୀ ପାଢ଼ୀ, ସାଧନ ଧର, କାଳିପଦ ରାୟ,ସେକ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ସୁଜୟ ପାକଳ, ସଞ୍ଜୟ ଦାସ, ଦୁର୍ଯ୍ୟୋଧନ ଲେଙ୍କା, ଜଗନ୍ନାଥ ବେହେରା, ପୁନିଲ ସାମନ୍ତ, ଅବଦୁଲ ଫିରୋଜ ଖାଁ, ଅଶୋକ ସାହୁ, ସୀତାକାନ୍ତ ବିଶ୍ୱାଳ, କାଁହୁ ଜେନା, ଅଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

**ଜଳଖିଆ ଆଣିବାକୁ ଯାଇ ନାବାଳିକା ନିଖୋଜ**

# ଫାଇଲ ତଳେ ଏତଲା ଚାପିରଖିଛି ପୁଲିସ



ବାସୁଦେବପୁର,୨୯ ।୭ (ସମିସ): ସାରା ଓଡ଼ିଶାରେ ଏବେ ନାରୀ ଅସୁରକ୍ଷିତ । ଗୋଟିଏ ପରେ ଗୋଟିଏ ଘଟଣା ଆସୁଛି ପଦାକୁ । କେଉଁଠି ଅପହରଣ ତ ପୁଣି କେଉଁଠି ନ୍ୟାୟ ପାଇଁ ଗୁହାରି କରି କରି ନିରାଶ ହୋଇ ଆତ୍ମହତ୍ୟା କରୁଛନ୍ତି । ପୁଣି ଏକ ନାବାଳିକା ଅପହରଣ ବାସୁଦେବପୁରରେ ଘଟିଛି । ବାସୁଦେବପୁର ବଜାରକୁ ୧୪ ତାରିଖ ସକାଳେ ଜଳଖିଆ ଆଣିବାକୁ ଯାଇଥିବାବେଳେ ଜଣେ ନାବାଳିକା ନିଖୋଜ ହୋଇଯାଇଛନ୍ତି । ଖୋଜାଖୋଜି କରି ନିରାଶ ହେବା ପରେ ୧୬ ତାରିଖ ବାସୁଦେବପୁର ଥାନାର ଲିଖିତ ଅଭିଯୋଗ ହୋଇଛି । ପୁଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ କରିବା ବଦଳରେ ଫାଇଲ ତଳେ ଚାପି ରଖିଛି ଏତଲା କପି । ବାସୁଦେବପୁର ପୌରପାଳିକାର ଅଟଳ ବିହାରୀ ଛକ ପଦ୍ମାବତୀ ଦାସଙ୍କ ଘର । ସ୍ୱାମୀ ନିରେନ୍ ଦାସଙ୍କ ସହିତ ତାମିଲନାଡୁର ଏକ କମ୍ପାନୀର କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ନିରେନ୍‌ଙ୍କ ଦେହ ଅସୁସ୍ଥ ହେବାରେ ସପରିବାର ଘରକୁ ବାସୁଦେବପୁର ଫେରିଆସିଥିଲେ । ନିରେନଙ୍କ ପରିବାର କହିଲେ ପତ୍ନୀ ପଦ୍ମାବତୀ, ନାବାଳକ ପୁଅ ଓ ନାବାଳିକା ଝିଅ । ନୀରେନ୍‌ଙ୍କ ମୃତ୍ୟୁ ଘଟିବା ପରେ ଭାଙ୍ଗି ପଡିଛି ପରିବାର । ଜୁଲାଇ ୧୪ ତାରିଖରେ ସକାଳେ ନାବାଳିକା ବାସୁଦେବପୁର ବଜାରକୁ ଜଳଖିଆ ଆଣିବାକୁ ଯାଇଥିଲେ । ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ଆରମ୍ଭ ହୋଇଥିଲା ଖୋଜାଖୋଜି । ନାବାଳିକା ଜଣକ ନିଖୋଜ ହେବାର ଦୁଇ ଦିନ ପରେ ୧୬ ତାରିଖ ବାସୁଦେବପୁର ଥାନାର ଲିଖିତ ଏତାଲା କରିଥିଲେ । ନାବାଳିକା ଝିଅଟି ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ । ଝିଅକୁ ନ ପାଇ ବିଧବା ମାଆ ଥାନାକୁ ୫.୬ ଥର ତଦନ୍ତକାରୀ ଅଧିକାରୀଙ୍କୁ ନପାଇ ନିରାଶ ହୋଇ ଫେରିଛନ୍ତି ବୋଲି କହିଛନ୍ତି । ଏ ସମ୍ପର୍କରେ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଯୋଗାଯୋଗ କରିବାରୁ ମୋ ପାଖକୁ ଏହି ଅଭିଯୋଗ ଆସିନାହିଁ । ତୁରନ୍ତ ଘଟଣାର ଅନୁସନ୍ଧାନ କରୁଛି ବୋଲି କହିଛନ୍ତି ।

# ଶିକ୍ଷାବିତ୍ ଡ. କୃଷ୍ଣଚରଣ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୨୯ ।୭ (ସମିସ): ଜଣେ ସୁଖ୍ୟାତ ଲେଖକ ଭାବରେ କେବଳ ନୁହେଁ, ଜଣେ ଗବେଷକ, ସମ୍ପାଦକ ଓ ଶିକ୍ଷାବିତ ଭାବରେ ଡ. କୃଷ୍ଣଚରଣ ବେହେରାଙ୍କ ସ୍ମୃତି ଆଗାମୀ ପିଢି ପାଇଁ ପ୍ରେରଣାର୍ ଉତ୍ସ ବୋଲି ତାଙ୍କ ସ୍ମୃତିସଭାରେ ମତପ୍ରକାଶ ପାଇଛି । ସ୍ମୃତି ସଂସଦର ସଭାପତି ଭାବେ ଡ. ବାସୁଦେବ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଓ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ଓ ପ୍ରେମ ପୃଥିବୀର ସମ୍ପାଦକ କୈଳାସଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଡକ୍ଟର ରାଧାରାଣୀ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସାହିତ୍ୟିକ ତଥା ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ଡ. କୃଷ୍ଣଚରଣ ବେହେରା ସ୍ମୃତି ସମ୍ମାନ ଏବଂ ଗାଳ୍ପିକ ସୁରେଶ ଛୋଟରାୟଙ୍କୁ ଶୁଭକାନ୍ତ ବେହେରା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । କବୟିତ୍ରୀ ଚୈତାଳି ଖିଲାର ଓ ସଂଯୁକ୍ତା ବଳ ମାନପତ୍ର ପାଠ କରିଥିଲେ । ସେହିପରି ଚଳିତ ବର୍ଷ ଓଡ଼ିଆ ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭସ୍ମିତା ବାରିକ ଓ ଶୁଭଲକ୍ଷ୍ମୀ ମଲ୍ଲିକଙ୍କୁ ଅର୍ଥ ରାଶି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । କବି କିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍ୟୋଗୀ ବିକାଶ କର୍ମଶାଳା ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୨୯।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ୧୨ ଦିନିଆ ଉଦ୍ୟୋଗୀ ବିକାଶ କର୍ମଶାଳା ମଙ୍ଗଳବାର ଉଦଯାପିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଅୂଲ୍ୟ କୁମାର ନାୟକ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ଏଥିରେ ପୂର୍ବତନ ସମିତି ସଭ୍ୟ ସୁରେଶ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ପ୍ରତିଭାମାନଙ୍କ ନିକଟରେ ଅର୍ନ୍ତନିହିତ ଗୁଣର ବିକାଶ କରି ଉଦ୍ୟୋଗୀ ଭାବେ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ୧୨ଜଣ ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ରୂପଶ୍ରୀ ପଣ୍ଡା, ଗୀତା ସେଠୀ, ସତ୍ୟଜିତ ମହାପାତ୍ର, ଗୟାଧର ପଣ୍ଡା, ରାଜେଶ ପାଣି, ଗଣେଶ ଜେନା ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



ଦୋବଲ,୨୯ ।୭ (ସମିସ): ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ କୁଣ୍ଡୁ (୭୮)ଙ୍କ ସୋମବାର ବିଳମ୍ବିତ ରାତିରେ ବାର୍ଦ୍ଧକ୍ୟ ଜନିତ ପରଲୋକ ଘଟିଛି । ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ସମସ୍ତଙ୍କ ପ୍ରିୟପାତ୍ର ଥିଲେ । ତାଙ୍କ ବିୟୋଗ ଖବର ପାଇ ଦୋବଲ ସରପଞ୍ଚ ଅଶୋକ ପଣ୍ଡା, ବିଜେଡ଼ି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସମିତିସଭ୍ୟ ସୁଶାନ୍ତ ପଣ୍ଡା, ଆଇନଜୀବୀ ଦେବାଶିଷ ସାମଲ, ରଣଜିତ ମହାନ୍ତି, ଶିକ୍ଷାବିତ ହୃଦାନନ୍ଦ କର, ଭୋଳାନାଥ ସାହୁ, ପ୍ରମୋଦ କୁମାର ନାୟକ, ସଞ୍ଜିତ ସାହୁ, ସାମ୍ବାଦିକ ପ୍ରଦୀପ ମହାପାତ୍ର, ପ୍ରଶାନ୍ତ ସାହୁ, ସମାଜସେବୀ ସେକ୍ ତାଜୁଦିନ, ରତ୍ନାକର ସାହୁ, ଦବିରୁଦ୍ଦିନ୍ ଖାଁ ପ୍ରମୁଖ ଯୋଗଦେଇ ଶୋକ ସନ୍ତପ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ ।

# ବଂଶାବଳୀ ପ୍ରଦାନରେ ବିଳମ୍ବ ଯୋଗୁ ହୋଇପାରୁନି ଚାଷୀ ପଞ୍ଜୀକରଣ

ଭଣ୍ଡାରିପୋଖରୀ,୨୯।୭ (ସମିସ): ଭଣ୍ଡାରିପୋଖରି ବ୍ଲକର ୧୬ଟି ଅନୁମୋଦିତ ମଣ୍ଡିରେ ୨୦୨୫-୨୬ ଖରିଫ ଧାନକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି । ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣର ସମୟସୀମା ୨୫ ଦିନ ଧାର୍ଯ୍ୟ କରାଯାଇଛି । ସେଥିମଧ୍ୟରୁ ୧୧ ଦିନ ଅତିକ୍ରାନ୍ତ ହୋଇଛି । ୨୯ ତାରିଖ ମଙ୍ଗଳବାର ସୁଦ୍ଧା ବ୍ଲକସ୍ତରରେ ମୋଟ ୧୯୦୫ ଚାଷୀ ପଞ୍ଜିକୃତ ହୋଇଛନ୍ତି । ବାଲିପୋଖରୀ ପାକ୍ସ ମଣ୍ଡିରେ ୯୫, ଜଳମଣ୍ଡୁଆ ପାକ୍ସ ମଣ୍ଡିରେ ୨୭୬, ମାଳଦା ପାକ୍ସ ମଣ୍ଡିରେ ଜଣେ, ନାଆମୀ ପାକ୍ସ ମଣ୍ଡିରେ ୧୪୧, ନାରାୟଣପୁର ପାକ୍ସ ମଣ୍ଡିରେ ୧୭୯, ନେରଡା ପାକ୍ସ ମଣ୍ଡିରେ ୭୨, ରହଣିଆ ପାକ୍ସ ମଣ୍ଡିରେ ୩୨୩, ତେସିଙ୍ଗା ପାକ୍ସ ମଣ୍ଡିରେ ୩୯, ଆଦିଶକ୍ତି ଏସ.ଏସ.ଜି. ମଣ୍ଡିରେ ୯୦, ଆସ୍ଥାମନ୍ତ୍ରବାସିନୀ ଏସ.ଏସ.ଜି. ମଣ୍ଡିରେ ୧୮୧, ମା ବଡମ୍ବା ଏସ.ଏସ.ଜି. ମଣ୍ଡିରେ ୭୧, କୋରିଗାଁ ମା' ଦୁର୍ଗା ଏସ.ଏସ.ଜି. ମଣ୍ଡିରେ ୫୭, ବୟାବନାପୁର ମା ଦୁର୍ଗା ଏସ.ଏସ.ଜି. ମଣ୍ଡିରେ ୭୫, ଓମ୍ ବାବାମଣି ଏସ.ଏସ.ଜି. ମଣ୍ଡିରେ ୯୯, ଶକ୍ତିସ୍ୱରୂପା ଏସ.ଏସ.ଜି. ମଣ୍ଡିରେ ୭୯ ଓ ସିରିଡିସାଇ ଏସ.ଏସ.ଜି. ମଣ୍ଡିରେ ୧୨୭ ଚାଷୀ ପଞ୍ଜିକରଣ କରାଯାଇଛି । ୨୦୨୪-୨୫ ବର୍ଷର ପଞ୍ଜୀକରଣ ତୁଳନାରେ ଚଳିତ ବର୍ଷ ଅଦ୍ୟାବଧି ପଞ୍ଜିକରଣ ୧୮ ପ୍ରତିଶ । ଏଭଳି ନୈରାଶ୍ୟଜନକ ପଞ୍ଜିକରଣ ପାଇଁ ପଞ୍ଜିକୃତ ହେବାକୁ ଥିବା ଜମିର ମୃତମାଲିକଙ୍କ ଆଇନଗତ ଉତ୍ତରାଧିକାରୀ ଅଥବା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ବଂଶାବଳୀ ଆବଶ୍ୟକ । ଅଧିକାଂଶ ଚାଷୀ ବଂଶାବଳୀ ଉପରେ ନିର୍ଭରଶୀଳ । ରାଜସ୍ୱ ନିରୀକ୍ଷକମାନେ ଏଥିପାଇଁ ଅମଙ୍ଗ ହେଉଥିଲେ । ମାତ୍ର ଜିଲ୍ଲାପାଳଙ୍କ ପକ୍ଷରୁ ଗତ ୨୩ ତାରିଖରେ ଆଦେଶ ସଂଖ୍ୟା ୪୨୪୯ ଜାରି ହେବାପରେ ରାଜସ୍ୱ ନିରୀକ୍ଷକମାନେ ମନା କରୁ ନ ଥିଲେ ବି କ୍ଷେତ୍ରୀୟସ୍ତରକୁ ଯାଇ ସଠିକ ବଂଶାବଳୀ ପ୍ରସ୍ତୁତ କରି ପ୍ରଦାନ କରିବା ଭଳି କଷ୍ଟକର କାର୍ଯ୍ୟକୁ ସମ୍ପାଦନ କରିବାକୁ ସମୟ ଗଡାଇ ଚାଲୁଥିବା ଦେଖାଯାଇଛି । ସରଳ ଜମିପଟ୍ଟାର ଚାଷୀମାନେ ପଞ୍ଜିକରଣ କରୁଥିବା ବେଳେ ଏହି ବର୍ଗର ଜମିମାଲିକମାନେ ଉତ୍ତରାଧକାରୀ ସାବ୍ୟସ୍ତ ପାଇଁ ବଂଶାବଳୀକୁ ଅପେକ୍ଷା କରିରହିଛନ୍ତି ।

**ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

# ନାହାନ୍ତି ଡାକ୍ତର ଓ ନର୍ସ; ବନ୍ୟାଞ୍ଚଳରେ ସେବା ବିପର୍ଯ୍ୟସ୍ତ

ବାରିକପୁର,୨୯ ।୭ (ସମିସ)

ମଣିଷ ପାଇଁ ଖାଦ୍ୟ, ବାସଗୃହ ଓ ସ୍ୱାସ୍ଥ୍ୟ ହେଉଛି ମୈଳିକ ଆବଶ୍ୟକତା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଠିକ ସ୍ୱାସ୍ଥ୍ୟ ସେବା ବିନା ସାଧାରଣ ଲୋକଟିଏ ନାନାଦି ଯନ୍ତ୍ରଣା ଭୋଗ କରିଥାଏ । ତେଣୁ ଗ୍ରାମାଞ୍ଚଳରେ ଉଚିତ ଚିକିତ୍ସା ଯୋଗାଇ ଦେବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାନ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଲୋକେ ଠିକ୍‌ଭାବେ ସେବା ପାଉନାହାନ୍ତି । ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ବିରୋଳି ଜନଆରୋଗ୍ୟ ମନ୍ଦିର ତଥା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ । ବୈତରଣୀ ନଦୀର କଟିଂ ଏସକେପ ମୁହଁ ତଥା ଗେଙ୍ଗୁଟି ନଦୀର ପଠା ଉପରେ ସ୍ୱାସ୍ଥ୍ୟ କେନ୍ଦ୍ରଟି ଅବସ୍ଥିତ ଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷକରି ବନ୍ୟାପ୍ରବଣ ଅଞ୍ଚଳରେ ଏହି ଡାକ୍ତରଖାନା ରହିଥିବା ବେଳେ ଏଠାକୁ ଦୈନିକ ଶହଶହ ରୋଗୀ ଆସିଥାନ୍ତି । ବିରୋଳି ଗାଁ ସହିତ ଶାସନ, ଜଳହରି, ସାରଣା,ମାଳଦା, ଚତୁର୍ଭୁଜପୁର, ଟାଙ୍ଗୁଆ, ବାହାଣିଆ, ଦାଣ୍ଡକୂଳ, ଟିଖିଲିଆ, ଷଠଗାଁ, ଷୋଳମପୁର ପ୍ରମୁଖ ଗ୍ରାମର ଲୋକେ ଏହି ମେଡିକାଲ ଉପରେ ନିର୍ଭରଶୀଳ । ଏହାଛଡା ପଡୋଶୀ ଧାମନଗର ବ୍ଲକର ଆନନ୍ଦପୁର, କାଞ୍ଜିଆପାଳ, ପାହାଡପୁର ଗ୍ରାମର ମଧ୍ୟ କେତେକ ରୋଗୀ ଆବଶ୍ୟକସ୍ଥଳେ ନିର୍ଭର କରିଥାନ୍ତି । ତେବେ ଏହି କେନ୍ଦ୍ରରେ ଦୀର୍ଘ ବର୍ଷ ହେବ ଡାକ୍ତର ନ ଥିବା ବେଳେ ଷ୍ଟାଫ ନର୍ସ ମଧ୍ୟ କେହି ନାହାନ୍ତି । ସେହିପରି ସ୍ୱାସ୍ଥ୍ୟ କର୍ମୀ, ଡ୍ରେସର, ଫାର୍ମାସିଷ୍ଟ ପଦବୀ ମଧ୍ୟ ଖାଲି ପଡ଼ିଛି । ସାଧାରଣ ଝାଡ଼ାବାନ୍ତି ହେଲେ ଲୋକେ ଯାଜପୁର ମେଡିକାଲ ଯିବାକୁ ବାଧ୍ୟ ହେଉଛନ୍ତି । ଡାକ୍ତର ଓ କର୍ମଚାରୀ ଅଭାବରୁ ବନ୍ୟା ସମୟରେ ରୋଗୀ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି । ଆୟୁଷ ଡାକ୍ତରଙ୍କ ସହିତ ଜଣେ ନିଦାନ ଟେକ୍ନିସିଆନ ଓ ଅନ୍ୟ ଜଣେ କର୍ମଚାରୀଙ୍କୁ ନେଇ କଷ୍ଟେମଷ୍ଟେ ମେଡିକାଲଟି ଚାଲିଛି । ଏହାଛଡା ପ୍ରାଥମିକ ଅର୍ନ୍ତବିଭାଗ ଗୃହ, ପାଚେରୀ, କର୍ମଚାରୀ ଗୃହ ଏଯାଏଁ ନିର୍ମିତ ହୋଇନାହିଁ । ତେଣୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।




**ସେମାନେ ଯାହା କୁହନ୍ତି...**



■ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହିତ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ପଞ୍ଚାୟତ ସମିତି ବୈଠକରେ ଡାକ୍ତର ନିଯୁକ୍ତି ପାଇଁ ଦାବି କରିଛି । ଏହାଛଡା ଅନ୍ୟାନ୍ୟ କର୍ମଚାରୀ ଯୋଗାଇ ଦେବାକୁ ମଧ୍ୟ କୁହାଯାଇଛି । ହେଲେ ଆଜିଯାଏଁ କେହି ଦୃଷ୍ଟି ଦେଉନାହାନ୍ତି ।

-- ପରମାନନ୍ଦ ନାୟକ, ସରପଞ୍ଚ, ଷୋଳମପୁର ପଞ୍ଚାୟତ



■ ୧୫/୨୦ ଖଣ୍ଡଗାଁର ଲୋକେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭରଶୀଳ । ଏବେ କେବଳ ଆୟୁଷ ଡାକ୍ତର ଜଣଙ୍କ ଯେତିକି ସେବା ଯୋଗାଉଛନ୍ତି ସେତିକି । ସାମାନ୍ୟ ଝାଡ଼ାବାନ୍ତି ହେଲେ ଶଯ୍ୟା ନ ଥିବା ଯୋଗୁଁ ଲୋକେ ସାଲାଇନ ପାଇଁ ଯାଜପୁର ଯାଉଛନ୍ତି ।

-ପ୍ରମୋଦ କୁମାର ମିଶ୍ର, ବରିଷ୍ଠ ନାଗରିକ



■ ଡାକ୍ତର ଅଭାବ ଯୋଗୁଁ ଠିକ ସ୍ୱାସ୍ଥ୍ୟ ସେବା ମିଳୁନାହିଁ । ଏପରିକି ବନ୍ୟା ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣ ଇଞ୍ଜେକ୍ସନଟିଏ ଦେବା ପାଇଁ ସେବିକା ଜଣେ ମଧ୍ୟ କେହି ନାହାନ୍ତି । ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଥାଇ ଲାଭ କଣ ।

- ଅଜୟ କୁମାର ଜେନା, ଜନଆରୋଗ୍ୟ ସମିତି ସଭ୍ୟ